ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର,ସୋମବାର, ଅଗଷ୍ଟ ୨୬/୨୦୨୪ (୧୬ ପୃଷ୍ଠା) Bhubaneswar, Monday, August 26/2024 Page 16 ₹ 7.00
୫୦ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 272 ମୂଲ୍ୟ ₹୭/-




# ଯୁବକଙ୍କୁ ଗୋଡ଼ାଇ ହତ୍ୟା

**ଅଶାନ୍ତ ଖୋର୍ଦ୍ଧା**

- ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ
- ସ୍ଥିତି ଅନୁଧ୍ୟାନ କଲେ ଡିଜିପି

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ଅଶାନ୍ତ ହୋଇପଡ଼ିଛି ଖୋର୍ଦ୍ଧା। ଗତ କିଛିଦିନ ହେବ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ରବିବାର ଏହା ଉଗ୍ରରୂପ ଧାରଣ କରିଛି। ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରାଯାଇଥିବା ବେଳେ ଅନ୍ୟ ଜଣେ ଯୁବକ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦ ଓରଫ ସାଜୁ ଏବଂ ଆହତ ହେଲେ ତରାବୋଇର ଏସ୍.କେ ଜାହିର। ପରେ ପରିବାରଲୋକେ ଏବଂ ସମ୍ପର୍କୀୟମାନେ ମେଡିକାଲରୁ ମୃତଦେହ ନେଇ ମୁକୁନ୍ଦପ୍ରସାଦ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ମୁକୁନ୍ଦପ୍ରସାଦର ପୋଡ଼ାସାହି, ଦଧିବାମନ ସାହିରେ ୨୦ରୁ ଊର୍ଦ୍ଧ୍ୱ ବାଇକ୍ ଭାଙ୍ଗିଦେବା ସହ ନିକଟରେ ଥିବା ଗୋଶାଳାରେ ପଶି ଦୁଇଟି ଗାଈଙ୍କୁ ହାଣିଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ଘଉଡ଼ାଇଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଖବରପାଇ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଅବିନାଶ କୁମାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି


ମହମ୍ମଦ ସାଜିଦ

ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ମୁକୁନ୍ଦପ୍ରସାଦ ଅଞ୍ଚଳର ୱାର୍ଡ ନମ୍ବର ୧, ୨, ୩, ୨୧, ୨୨ରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ୧୬୩ ଧାରା ଜାରି କରିଛନ୍ତି। ମେଡିସିନ ଷ୍ଟୋର, ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍ ଦେଇ ସମସ୍ତ ଦୋକାନ ବଜାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଏଡିଜେ(ମୁଖ୍ୟାଳୟ) ଆର୍.କେ ଶର୍ମା, ଏଡିଜେ (ଗୋଇନ୍ଦା ନିର୍ଦ୍ଦେଶକ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି(କେନ୍ଦ୍ରାଞ୍ଚଳ) ସଞ୍ଜୟ କୁମାର, ଡିଆଇଜି ☞ପୃଷ୍ଠା–୯

ଆଜିର ସମ୍ପାଦକୀୟ ଏପାଖ ସେପାଖ ଭାରତ







Honda Motorcycle & Scooter India Pvt. Ltd., Registered O ce: Plot No. 1, Sector - 03, IMT Manesar, Distt. Gurugram, (Haryana) – 122050, India; Website: www.honda2wheelersindia.com; Customer Care: customercare@honda.hmsi.in

Honda Exclusive Authorized Dealerships: BHUBANESWAR: Shivam Honda - 7873024400, 7873024320; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541;Gugnani Honda - 0674-2313716, 06742313812, 7852930865, 9778611111; CUTTACK: Durga Honda - 9114800102\17\121; Utkal Honda - 9439827522, 9437029811, SGBL Honda - 7437010004, 9040433000; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 7809568988, 9090876483; JAJPUR ROAD: TEZ Honda - 7504991301 7504994444;KENDRAPARA: Saisudha Honda - 9178455081/2/3/4; NAYAGRAH: Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; PURI: Shivam Honda - 7735743520, 9040088747; ATHAGARH: Sidhivinayak Honda - 9937060136, 9658080060; BALIAPATNA: Swastik Honda- 9439744817; BALUGOAN: Khimji Honda - 7077726329; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, BADAMBA: Somanath Honda-9438560360, 9937271125; BRAHAMGIRI: Om Sai Honda- 9078953555; CHOUDWAR: Durga Honda - 9114800120; CHANDPUR: Pattnaik Honda - 7978913904; JATNI: PGL Honda - 0674-2492419, 7788001033; JANKIA: PGL Honda- 7788001030; JAGATPUR: Durga Honda - 9114800118; JAJPUR TOWN: Agasti Honda - 9437518600; KHURDA: Gugnani Honda- 7077771911, 9937844533; KUJANG: Kanchan Murali Honda - 9937786824;KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; KONRAK: Konrak Honda- 9777565956; KUAKHIA: Sai Honda - 9938906077; NIMAPADA: Santosh Honda -8917353149; NIALI: Hindustan Honda - 9040091922, 0671-2803355; NARSINGHPUR: Baba Honda - 9438057701; PIPLI: SR Honda-9437129924; PARADEEP: Kanchan Murali Honda - 9040650040; PATTAMUNDAI: Satya Honda - 9439375055; RAHAMA: Navjyoti Honda - 9938339189, 7809568988; RAJSUNAKHALA: NC Honda - 9078583100; SINGHPUR: Ramachandi Honda - 7377688445; SALEPUR: S.N.Honda - 9437439076; , UTTARA: Gugnani Honda- 7852930844.
For Bulk/Institutional enquiries, please write us at: institutionalsales@honda2wheelersindia.com

**ନେପାଳରେ ଭୂସ୍ଖଳନ: ୬ ମୃତ** — ନେପାଳର ବାଗମତୀ ପ୍ରଦେଶରେ ରବିବାର ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି। ମାଟି ଅତଡ଼ା ଖସି ୩ଟି ଘର ପୋତିହୋଇପଡ଼ିଛି। ରାମେଛାପ ଜିଲାର ଡୋରାମ୍ବା ଶୈଲୁଙ୍ଗରେ ଘଟିଥିବା ଏହି ଭୂସ୍ଖଳନରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ଜଣେ ୧୮ ମାସର ଶିଶୁ ଓ ୨ ନାବାଳକ ରହିଛନ୍ତି। ପୋଲିସ ଘଟଣାସ୍ଥଳରୁ ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ଉଦ୍ଧାର କରିଛି।

# ଯୌନ ଶୋଷଣ: ମଲିଉଡ୍‌ରେ ହାଇଚାଇ


ରେବତୀ ସମ୍ପତ


ସିଦ୍ଦିକି



ଥିରୁଭାନନ୍ତପୁରମ୍, ୨୫।୮

ମଲିଉଡ୍ ନାମରେ ପରିଚିତ ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ଯୌନ ଶୋଷଣ କରାଯାଉଛି। ଅନେକ ବର୍ଷ ତଳୁ ଉଠିଥିବା ଏହି ପ୍ରସଙ୍ଗ ସମ୍ପ୍ରତି ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ପରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କେରଳ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରଘଟ କରିଛି ଯେ, ମହିଳା କଳାକାରମାନଙ୍କୁ ଇଣ୍ଡଷ୍ଟ୍ରିରେ ଲଗାତର ଭାବେ ଯୌନ ଶୋଷଣ କରିବା ପାଇଁ ଆପରାଧିକ ନେଟ୍‌ୱର୍କ ଚାଲିଛି। ଅଗଷ୍ଟ ୧୯ରେ ହେମା କମିଟି ରିପୋର୍ଟକୁ ସାର୍ବଜନୀନ କରାଯିବା ପରେ ୨ ଜଣ ହାଇପ୍ରୋଫାଇଲ ସିନେ ହେଭିୱେଟ୍ ବିବାଦୀୟ ହୋଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବଙ୍ଗଳା ଅଭିନେତ୍ରୀ ଶ୍ରୀଲେଖା ମିତ୍ରଙ୍କ ଅଭିଯୋଗକୁ ନେଇ ଜଣାଶୁଣା ନିର୍ଦ୍ଦେଶକ ତଥା ପ୍ରଯୋଜକ ରଞ୍ଜିତ ବାଲାକ୍ରିଷ୍ଣନ୍ କେରଳ ରାଜ୍ୟ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବାବେଳେ ସାଉଥ୍ ଆକ୍ଟ୍ରେସ୍ ରେବତୀ ସମ୍ପତଙ୍କ ଅଭିଯୋଗ କ୍ରମେ ବର୍ଷିଆନ ଅଭିନେତା ସିଦ୍ଦିକି ଆସୋସିଏଶନ୍ ଅଫ୍ ମାଲାୟାଲମ୍ ମୁଭି ଆର୍ଟିଷ୍ଟସ (ଏଏମ୍ଏମ୍ଏ)

## ଇସ୍ତଫା ଦେଲେ ୨ ସିନେ ହେଭିୱେଟ୍

ସାଧାରଣ ସମ୍ପାଦକ ପଦ ଛାଡ଼ିଛନ୍ତି। ଶ୍ରୀଲେଖାଙ୍କ ଅଭିଯୋଗ ହେଲା ୨୦୦୯ରେ 'ପଲେରି ମାଣିକ୍ୟମ୍' ଫିଲ୍ମରେ ଅଭିନୟ ପାଇଁ ସେ କେରଳକୁ ଯାଇ ଅଡିଶନ୍ ଦେଇଥିଲେ। ସେତେବେଳେ ଉକ୍ତ ସିନେମାର ନିର୍ଦ୍ଦେଶକ ରଞ୍ଜିତ ତାଙ୍କୁ ଯୌନ ଶୋଷଣ କରିଥିଲେ। ତେବେ ରଞ୍ଜିତ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।


ଶ୍ରୀଲେଖା ମିତ୍ର


ରଞ୍ଜିତ ବାଲାକ୍ରିଷ୍ଣନ

ଗଣମାଧ୍ୟମକୁ ଏକ ଭଏସ୍ କ୍ଲିପ୍ ଜାରି କରି ରଞ୍ଜିତ କହିଛନ୍ତି, ସେ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ପଦରେ ରହିବା ଦିନଠାରୁ ତାଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର ଚାଲିଥିଲା। ଶ୍ରୀଲେଖା ଆଣିଥିବା ଅଭିଯୋଗ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ଚାଲିଥିବା ଚକ୍ରାନ୍ତର ଏକ ଅଂଶବିଶେଷ। ତେବେ ସେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବେ। ଏଥିପାଇଁ ସଂସ୍କୃତି ମନ୍ତ୍ରୀ ସାଜି ଚେରିଆନ୍‌ଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇ ଦେଇଛନ୍ତି।

ରଞ୍ଜିତଙ୍କ ପୂର୍ବରୁ ସିଦ୍ଦିକି ଏଏମ୍ଏମ୍ଏ ଅଧ୍ୟକ୍ଷ ମୋହନଲାଲଙ୍କ ନିକଟକୁ ନିଜ ଇସ୍ତଫାପତ୍ର ପଠାଇଥିଲେ। ସିଦ୍ଦିକି କହିଛନ୍ତି, ତାଙ୍କ ବିରୋଧରେ ଆଗତ ଅଭିଯୋଗ ଯୋଗୁ ସେ ପଦ ଛାଡ଼ିଛନ୍ତି। ଏହାର ଦିନକ ପୂର୍ବରୁ ରେବତୀ ଅଭିଯୋଗ ଆଣିଥିଲେ ଯେ, ୨୦୧୯ରେ ସିଦ୍ଦିକି ତାଙ୍କୁ ଯୌନ ଶୋଷଣ କରିଥିଲେ। ୨୦୧୬ରେ ରେବତୀଙ୍କୁ ୨୧ ବର୍ଷ ହୋଇଥିବାବେଳେ ସିଦ୍ଦିକି ଏକ ଫେକ୍ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ଫିଲ୍ମ ଉପରେ ଆଲୋଚନା କରିବା ଆଳରେ ଯୋଗାଯୋଗ କରିଥିଲେ। ହୋଟେଲ ମାସ୍କଟକୁ ଡାକି ଘଣ୍ଟାଏ ଧରି ଯୌନ ଉତ୍ପୀଡ଼ନ କରିଥିଲେ। ସାଲିସ ନ କଲେ ଫିଲ୍ମରେ ସୁଯୋଗ ମିଳିବ ନାହିଁ ବୋଲି ସିଦ୍ଦିକି କହିଥିଲେ। ଏଏମ୍ଏମ୍ଏ ସାଧାରଣ ସମ୍ପାଦକ ଥିବା ଏଡାଭେଲା ବାବୁଙ୍କ ବିରୋଧରେ ମଧ୍ୟ ଜଣେ ଜୁନିୟର ଆର୍ଟିଷ୍ଟ ଅନୁରୂପ ଅଭିଯୋଗ ଆଣିଥିଲେ। ୨ ମାସ ତଳେ ଏଡାଭେଲା ଇସ୍ତଫା ପରେ ସିଦ୍ଦିକିଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଥିଲା। ତେବେ ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ପରଠୁ ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯୌନ ଶୋଷଣର ଶିକାର ହୋଇଥିବା ଅନେକ ମହିଳା ଖୋଲାଖୋଲି ଅଭିଯୋଗ କରିବାରେ ଲାଗିଛନ୍ତି।

## ମହିଳା କଳାକାର ଯୌନ ସନ୍ତୁଷ୍ଟି ନ ଦେଲେ ଇଣ୍ଡଷ୍ଟ୍ରିରୁ ବିଦା

### ହେମା କମିଟି ରିପୋର୍ଟ


ଜଷ୍ଟିସ୍ କେ. ହେମା

୨୦୧୭ରେ ଜଣେ ମାଲାୟାଲମ୍ ଅଭିନେତ୍ରୀ ସାଂଘାତିକ ଅଭିଯୋଗ ଆଣିଥିଲେ। ସେ ଯାତ୍ରା କରୁଥିବାବେଳେ ଅଭିନେତା ଦିଲୀପ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଅପହରଣ କରିବା ସହ ଯୌନ ଶୋଷଣ କରିଥିବା ଅଭିନେତ୍ରୀ ଜଣକ କହିଥିଲେ। ଏହି ମାମଲାରେ ପୋଲିସ ଦିଲୀପଙ୍କୁ ଗିରଫ କରିଥିଲା। ୩ ମାସ ପରେ ସେ ଜାମିନରେ ଆସିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ପରେ କେରଳ ସରକାର ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ମହିଳାମାନଙ୍କୁ କରାଯାଉଥିବା ଯୌନ ଶୋଷଣ ଉପରେ ତଦନ୍ତ କରି ସେମାନଙ୍କ ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ ପ୍ରସ୍ତାବ ଦେବା ନିମନ୍ତେ ଉକ୍ତ କମିଟିକୁ କୁହାଯାଇଥିଲା। ତେବେ ହେମା କମିଟି ରିପୋର୍ଟ ଆସିବା ପାଇଁ ୫ ବର୍ଷ ଲାଗିଗଲା।

ରିପୋର୍ଟ ଅନୁସାରେ ଇଣ୍ଡଷ୍ଟ୍ରିରେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଅସାଧୁ ମେଣ୍ଟ ରହିଛି। ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତାମାନେ ମହିଳା କଳାକାରମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କ ଯୌନ ଅନୁଗ୍ରହ ଦାବିକୁ ମନାକଲେ ମିଳିମିଶି ମହିଳା କଳାକାରଙ୍କୁ ଇଣ୍ଡଷ୍ଟ୍ରିରୁ ବାହାର କରିଦେଉଛନ୍ତି। ଏହି ରିପୋର୍ଟ ଆସିବା ପରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ଜଣେ ମହିଳା ଆଇପିଏସ୍ ଅଫିସରଙ୍କ ନେତୃତ୍ୱରେ ଟିମ୍ ଗଠନ କରି ଏହି ସବୁ ଅଭିଯୋଗର ତଦନ୍ତ କରାଯାଉ ବୋଲି ଦାବି କରିଛି। ଭାଜପା ମଧ୍ୟ ରିପୋର୍ଟରେ ଆସିଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ୱିମେନ୍ ଇନ୍ ସିନେମା କଲେକ୍ଟିଭ୍ (ଡବ୍ଲ୍ୟୁସିସି) ରିପୋର୍ଟକୁ ସ୍ୱାଗତ କରିଛି। ଇତିମଧ୍ୟରେ କେରଳ ସରକାର ଏହାର ତଦନ୍ତ ପାଇଁ ୪ ମହିଳା ଆଇପିଏସ୍ ଅଫିସରଙ୍କ ସମେତ ୭ ଜଣିଆ ଟିମ୍ ଗଠନ କରିଛନ୍ତି।

## ଚିରାଗ ଏଲ୍‌ଜେପି(ରାମ ବିଳାସ) ଅଧ୍ୟକ୍ଷ ପୁନଃ ନିର୍ବାଚିତ

ରାଞ୍ଚି, ୨୫।୮ (ପି.ଟି.)

କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କୁ ରବିବାର ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ର ଅଧ୍ୟକ୍ଷ ଭାବେ ୫ ବର୍ଷ ପାଇଁ ପୁନଃ ନିର୍ବାଚିତ କରାଯାଇଛି। ରାଞ୍ଚିରେ ବସିଥିବା ଦଳର ଜାତୀୟ କାର୍ଯ୍ୟକାରିଣୀରେ



ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ଚିରାଗ କହିଛନ୍ତି। ଆଗକୁ ହେବାକୁ ଥିବା ହରିୟାଣା, ଜମ୍ମୁ-କଶ୍ମୀର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ସମ୍ପର୍କରେ ମଧ୍ୟ କାର୍ଯ୍ୟକାରିଣୀରେ ଆଲୋଚନା ହୋଇଥିଲା। ଝାଡ଼ଖଣ୍ଡରେ ତାଙ୍କ ଦଳ ଭାଜପା ସହ ମିଶି କିମ୍ବା ଏକାକୀ ନିର୍ବାଚନ ଲଢ଼ିବ ବୋଲି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ କହିଛନ୍ତି।

## ଟେଲିଗ୍ରାମ ସିଇଓ ପାଭେଲ ଡ୍ୟୁରୋଭ ଗିରଫ

ପ୍ୟାରିସ୍, ୨୫।୮

ଅନ୍‌ଲାଇନ ମେସେଜିଂ ପ୍ଲାଟ୍‌ଫର୍ମ ଟେଲିଗ୍ରାମର ପ୍ରତିଷ୍ଠାତା ତଥା ସିଇଓ ପାଭେଲ ଡ୍ୟୁରୋଭଙ୍କୁ ରବିବାର ପ୍ୟାରିସର ଲେ ବୋର୍ଗେଟ ଏୟାରପୋର୍ଟରୁ ଗିରଫ କରାଯାଇଛି। ବିଭିନ୍ନ ଫ୍ରେଞ୍ଚ୍ ମିଡିଆ ରିପୋର୍ଟ ଅନୁଯାୟୀ, ପାଭେଲ ନିଜ ପ୍ରାଇଭେଟ୍ ଜେଟ୍‌ରେ ଆଜରବଇଜାନରୁ ପ୍ୟାରିସ୍‌ରେ ପହଞ୍ଚିଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଟେଲିଗ୍ରାମ ପ୍ଲାଟ୍‌ଫର୍ମ ଯୋଗେ ଠକେଇ, ଡ୍ରଗ୍ସ ଚାଲାଣ, ସାଇବର ଅପରାଧ ଏବଂ ଆତଙ୍କବାଦଙ୍କୁ ପ୍ରୋତ୍ସାହିତ କରାଯାଉଥିବା ଆଦି ଅଭିଯୋଗରେ ପୂର୍ବରୁ ପ୍ୟାରିସରେ ପାଭେଲଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଥିଲା। ରିପୋର୍ଟ ଅନୁଯାୟୀ, କଣ୍ଟେଣ୍ଟ୍ ମୋଡରେଶନରେ ଟେଲିଗ୍ରାମ ଆପ୍ ବିଫଳ ହୋଇଛି। ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ହାନିକାରକ କଣ୍ଟେଣ୍ଟ୍‌କୁ

### ରୁଷିଆରେ ବିରୋଧ



ହଟାଇବାର ଉକ୍ତ ପ୍ରକ୍ରିୟାକୁ ଟେଲିଗ୍ରାମ ପକ୍ଷରୁ କରାଯାଇ ନ ଥିଲା। ଫଳରେ ଟେଲିଗ୍ରାମ ଆପ୍‌ରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିଲା। ଉକ୍ତ ଘଟଣାକୁ ନେଇ ଫ୍ରାନ୍ସ ପୋଲିସ ପକ୍ଷରୁ କରାଯାଉଥିବା ପ୍ରାରମ୍ଭିକ ତଦନ୍ତ ପାଇଁ ପାଭେଲଙ୍କୁ ଗିରଫ କରାଯାଇଛି ବୋଲି ସ୍ଥାନୀୟ ମିଡିଆ ପ୍ରକାଶ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୧୫ରେ ପ୍ୟାରିସ ଆକ୍ରମଣ ପାଇଁ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍ ନିଜ ବାର୍ତ୍ତା ପହଞ୍ଚାଇବାକୁ ଟେଲିଗ୍ରାମର ବ୍ୟବହାର କରିଥିଲା। ତେବେ ପାଭେଲଙ୍କ ଗିରଫଦାରିକୁ ନେଇ ଟେଲିଗ୍ରାମ କିମ୍ବା ଫ୍ରାନ୍ସ ସରକାର ଓ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଅନ୍ୟପକ୍ଷରେ, ପାଭେଲଙ୍କ ଗିରଫଦାରିକୁ ନେଇ କିଛି ରୁଷୀୟ ନେତା ଓ କୂଟନୀତିଜ୍ଞ ସମାଲୋଚନା କରିଛନ୍ତି। ରୁଷୀୟ ବ୍ଲଗର୍ସମାନେ ଫ୍ରାନ୍ସ ଦୂତାବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ରୁଷିଆରେ ଜନ୍ମିତ ପାଭେଲ ଏବଂ ତାଙ୍କ ଭାଇ ନିକୋଲାଇ ଡ୍ୟୁରୋଭ ୨୦୧୩ରେ ଟେଲିଗ୍ରାମ ଆରମ୍ଭ କରିଥିଲେ। ଲଞ୍ଚ୍ ହେବାର ୧୧ ବର୍ଷ ମଧ୍ୟରେ ଏହି ମେସେଜିଂ ଆପ୍‌କୁ ୧୦୦ କୋଟିରୁ ଅଧିକ ଥର ଡାଉନଲୋଡ କରାଯାଇଛି। ବିଶ୍ୱ ଯୋଗାଯୋଗରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

## ଆର୍.ଜି. କର ହସ୍ପିଟାଲ ଅନିୟମିତତା: ପୂର୍ବତନ ଅଧ୍ୟକ୍ଷଙ୍କ ଘରେ ସିବିଆଇ ଚଢ଼ାଉ

କୋଲକାତା, ୨୫।୮

କୋଲକାତା ଆର୍.ଜି. କର ହସ୍ପିଟାଲରେ ଆର୍ଥିକ ଅନିୟମିତତା ଅଭିଯୋଗ ପରେ ସିବିଆଇ ରବିବାର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷ, ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ତଥା ଉପାଧ୍ୟକ୍ଷ ସଞ୍ଜୟ ବଶିଷ୍ଠ ଏବଂ ଅନ୍ୟ ୧୩ ଜଣଙ୍କ ଘରେ ଚଢ଼ାଉ କରିଥିଲା। ହସ୍ପିଟାଲକୁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ସପ୍ଲାୟରମାନଙ୍କ ଘର ଓ ଅଫିସ୍‌ରେ ମଧ୍ୟ ତଲାସି କରାଯାଇଛି। ସିବିଆଇର ୭ ଜଣିଆ ଟିମ୍ ଆର୍ଥିକ ଅନିୟମିତତା ସମ୍ପର୍କରେ ସନ୍ଦୀପ୍‌ଙ୍କୁ ଦୀର୍ଘ ସମୟ ଜେରା କରିଥିଲା। ଏଥିସହିତ ଅନ୍ୟ ଏକ ଟିମ୍ ହସ୍ପିଟାଲରେ ଥିବା ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରିଥିଲା। ଅନ୍ୟ ସିବିଆଇ ଅଫିସରମାନେ ବଶିଷ୍ଠ ଓ ଅନ୍ୟମାନଙ୍କୁ ଆର୍ଥିକ ଅନିୟମିତତା ସମ୍ପର୍କରେ ପଚରାଉଚରା ଚଳାଇଥିଲେ।

## ସଞ୍ଜୟ ରାୟଙ୍କ ପଲିଗ୍ରାଫ୍ ଟେଷ୍ଟ ଶେଷ

କୋଲକାତା, ୨୫।୮

କୋଲକାତା ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କ ପଲିଗ୍ରାଫ୍ ଟେଷ୍ଟ କରାଇଛି। ସେ ରହିଥିବା କୋଲକାତାର ପ୍ରେସିଡେନ୍ସି ଜେଲରେ ଏହି ମିଛଧରା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଅନ୍ୟ ୨ ଜଣଙ୍କର ମଧ୍ୟ ଲାଏ ଡିଟେକ୍ଟର ଟେଷ୍ଟ ରବିବାର କରାଯାଇଛି। ଶନିବାର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ୍ ସନ୍ଦୀପ୍ ଘୋଷଙ୍କ ସମେତ ୪ ଜଣଙ୍କର ଏହି ପରୀକ୍ଷା ହୋଇଥିଲା। ସଞ୍ଜୟ, ସନ୍ଦୀପ୍‌ଙ୍କ ସମେତ ୭ ଜଣଙ୍କ ପଲିଗ୍ରାଫ ପରୀକ୍ଷା ପାଇଁ ସିବିଆଇ ଅଦାଲତଙ୍କ ଅନୁମତି ଲୋଡ଼ିଥିଲା। ଉକ୍ତ ପରୀକ୍ଷା ରିପୋର୍ଟ କୋର୍ଟରେ ପ୍ରମାଣ ଭାବେ ଗ୍ରହଣୀୟ ହୋଇ ନ ଥିଲେ ମଧ୍ୟ ତଦନ୍ତକୁ ଆଗେଇ ନେବାରେ ଏହା ସହାୟକ ହେବ।



ଗତ ୯ ତାରିଖ ବିଳମ୍ବିତ ରାତିରେ ହସ୍ପିଟାଲର ସେମିନାର ହଲ୍‌ରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର କରାଯାଇଥିଲା। ତାଙ୍କ ମୃତଦେହ ନିକଟରୁ ଅଭିଯୁକ୍ତ ସଞ୍ଜୟଙ୍କ ବ୍ଲୁଟୁଥ୍ ଡିଭାଇସ୍ ମିଳିଥିଲା। ସିଭିକ ଭଲ୍ୟୁଣ୍ଟିୟର ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ ଘଟଣା ଦିନ ବିଳମ୍ବିତ ରାତିରେ ସେମିନାର ହଲ୍‌ରେ ପ୍ରବେଶ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିବା ପରେ କୋଲକାତା ପୋଲିସ ୧୦ ତାରିଖରେ ତାଙ୍କୁ ଗିରଫ କରିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବକୁ ନେଇ ଜୋର୍‌ଦାର ବିକ୍ଷୋଭ ହେବା ପରେ କୋଲକାତା ହାଇକୋର୍ଟ ୧୩ ତାରିଖରେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଭୂତ ଛଡ଼ାଇବା ନାଁରେ ଯୁବକଙ୍କୁ ପିଟି ମାରିଦେଲେ

ଗୁରୁଦାସପୁର, ୨୫।୮

ପଞ୍ଜାବର ଗୁରୁଦାସପୁର ଜିଲାରେ ଜଣେ ୩୦ ବର୍ଷୀୟ ଯୁବକଙ୍କ ଶରୀରରୁ ଭୂତ ଛଡ଼ାଇବାକୁ ଯାଇ ପାଦ୍ରୀ ଓ ଅନ୍ୟ ୮ ଜଣ ତାଙ୍କୁ ପିଟି ମାରିଦେଇଛନ୍ତି। ମୃତକ ସାମୁଏଲ୍ ମସିହ ଜଣେ ଦିନ ମଜୁରିଆ। କିଛିଦିନ ହେଲା ତାଙ୍କ ହାବଭାବରେ ପରିବର୍ତ୍ତନ ସହ ସେ ମୂର୍ଚ୍ଛା ଯାଉଥିଲେ। ତାଙ୍କର ଏଭଳି ଅବସ୍ଥାରେ ଚିନ୍ତିତ ପରିବାର ପାଦ୍ରୀ ଜାକୋବ ମସିହଙ୍କୁ ଜଣାଇଥିଲେ। ସାମୁଏଲଙ୍କ ଶରୀରରେ ଭୂତ ସବାର ହୋଇଥିବାରୁ ଏହାକୁ ଛଡ଼ାଇବାକୁ ପଡ଼ିବ ବୋଲି ପାଦ୍ରୀ କହିଥିଲେ। ପାଦ୍ରୀ ଓ ତାଙ୍କ ସହ ଥିବା ୮ ଜଣ ମିଶି ସାମୁଏଲ୍‌ଙ୍କୁ ନିର୍ଧୂମ ପିଟିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ରାଜନୈତିକ ପୃଷ୍ଠଭୂମି ନ ଥିବା ଯୁବକ ରାଜନୀତିକୁ ଆସିଲେ ଗଣତନ୍ତ୍ର ସୁଦୃଢ଼ ହେବ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ରାଜନୈତିକ ପୃଷ୍ଠଭୂମି ନ ଥିବା ଯୁବକମାନେ ରାଜନୀତିକୁ ଆସିଲେ ଦେଶର ଗଣତନ୍ତ୍ର ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି। ସେ ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ଅବସରରେ ମଧ୍ୟ ରାଜନୈତିକ ପୃଷ୍ଠଭୂମି ନ ଥିବା ଲକ୍ଷେ ଯୁବକଙ୍କୁ ରାଜନୀତିରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଅଗଣିତ ଲୋକେ ସାମିଲ ହୋଇଥିଲେ, ଯାହାଙ୍କର ରାଜନୈତିକ ପୃଷ୍ଠଭୂମି ନ ଥିଲା। ସେମାନେ ଦେଶର ସ୍ୱାଧୀନତା ପାଇଁ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଥିଲେ। ସମ୍ପ୍ରତି ଆମକୁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାକୁ ହେଲେ ପୁଣିଥରେ ସେହିଭଳି ଭାବନା ଜାଗ୍ରତ କରିବାକୁ ହେବ। ବହୁସଂଖ୍ୟାରେ ଯୁବ ଉଦ୍ୟୋଗୀ ଷ୍ଟାର୍ଟ-ଅପ୍ ସ୍ଥାପନ କରି ଦେଶର ବିକାଶ ଧାରାରେ ନିଜକୁ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଛନ୍ତି। ଚନ୍ଦ୍ରପୃଷ୍ଠରେ ମହାକାଶ ଯାନର ସଫଳ ଅବତରଣର ସ୍ମୃତିକୁ ମନେପକାଇବା ପାଇଁ ଅଗଷ୍ଟ ୨୩ରେ ଭାରତ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରିଛି। ପରିବେଶର ଉନ୍ନତି ପାଇଁ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ମୋଦି ପ୍ରଶଂସା କରିଛନ୍ତି।

## ୧୯,୩୪୦ ଫୁଟ୍ ଉଚ୍ଚ ଗିରିଶୃଙ୍ଗରେ ୫ ବର୍ଷର ଶିଶୁ

### ପଞ୍ଜାବର ତେଗ୍‌ବୀର ସିଂ ଏସିଆର ସର୍ବକନିଷ୍ଠ ପର୍ବତାରୋହୀ

ଚଣ୍ଡିଗଡ଼, ୨୫।୮

ପଞ୍ଜାବ ରୋପାର ଅଞ୍ଚଳର ୫ ବର୍ଷୀୟ ତେଗ୍‌ବୀର ସିଂ ମାଉଣ୍ଟ କିଲିମଞ୍ଜାରୋ ଆରୋହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ଏସିଆର ସର୍ବକନିଷ୍ଠ ପର୍ବତାରୋହୀ ହେବାର ଗୌରବ ଲାଭ କରିଛନ୍ତି। ତାଞ୍ଜାନିଆରେ ଅବସ୍ଥିତ ୧୯,୩୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ କିଲିମଞ୍ଜାରୋ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ। ଅଗଷ୍ଟ ୧୮ରେ ତେଗ୍‌ବୀର ପର୍ବତାରୋହଣ ଆରମ୍ଭ କରି ୨୩ରେ ପର୍ବତନର ସର୍ବୋଚ୍ଚ ଶୃଙ୍ଗ ଉହୁରୁଠାରେ ପହଞ୍ଚିଥିଲେ। ଉକ୍ତ ଗିରିଶୃଙ୍ଗରେ ଅମ୍ଳଜାନ ପରିମାଣ ବହୁତ କମ୍ ରହିବା ସହ ବିଯୁକ୍ତ ୧୦ ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଥାଏ। ତେଣୁ ସ୍ୱାସ୍ଥ୍ୟଗତ ସମସ୍ୟାର ମୁକାବିଲା ପାଇଁ ଦୀର୍ଘ ପ୍ରସ୍ତୁତି ଆବଶ୍ୟକ ପଡ଼ିଥାଏ। ଏସବୁ ଚ୍ୟାଲେଞ୍ଜକୁ ଏଡ଼ାଇଯାଇ ତେଗ୍‌ବୀର ଗିରିଶୃଙ୍ଗର ଶିଖରରେ ପହଞ୍ଚିବାରେ ସଫଳ ହୋଇଛନ୍ତି। ରୋପାରର ଶିୱଲିକ୍ ପବ୍ଲିକ ସ୍କୁଲର ପ୍ରଥମ ଷ୍ଟାଣ୍ଡାର୍ଡ ଛାତ୍ର ତେଗ୍‌ବୀର ତାଞ୍ଜାନିଆ ନ୍ୟାଶନାଲ ପାର୍କସ ଏବଂ କିଲିମଞ୍ଜାରୋ ନ୍ୟାଶନାଲ ପାର୍କ କର୍ତ୍ତୃପକ୍ଷଙ୍କଠାରୁ ପର୍ବତାରୋହଣ ସାର୍ଟିଫିକେଟ ହାସଲ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର,ସୋମବାର, ଅଗଷ୍ଟ ୨୬/୨୦୨୪ | Bhubaneswar, Monday, August 26/2024 | ପୃଷ୍ଠା-୧



## ମୁଶଫିକର ପ୍ଲେୟର ଅଫ୍ ଦି ମ୍ୟାଚ
ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ବାଂଲାଦେଶର ମୁଶଫିକର ରହିମ। ୧୨

୧୧ ## ୫୦୦ କୋଟି କ୍ଲବରେ 'ସ୍ତ୍ରୀ ୨'
ଅଭିନେତ୍ରୀ ଶ୍ରଦ୍ଧା କପୁର ଓ ଅଭିନେତା ରାଜକୁମାର ରାଓଙ୍କ 'ସ୍ତ୍ରୀ ୨' ଚଳଚ୍ଚିତ୍ର ଶନିବାର ସୁଦ୍ଧା ବିଶ୍ୱବ୍ୟାପୀ ୫୦୫ କୋଟି ଟଙ୍କାର ବ୍ୟବସାୟ କରିଛି।



# ମଧ୍ୟପ୍ରାଚ୍ୟରେ ଘମାଘୋଟ ଲଢ଼େଇ
## ଇସ୍ରାଏଲ-ହେଜବୋଲ୍ଲା ପରସ୍ପରକୁ ଅନେକ ଶହ ରକେଟ ମାଡ଼ କଲେ

**ଜେରୁଜେଲମ୍,୨୫।୮**

ଲେବାନନ୍‌ର ଆତଙ୍କବାଦୀ ସଙ୍ଗଠନ ହେଜବୋଲ୍ଲା ଏବଂ ଇସ୍ରାଏଲ ରବିବାର ପରସ୍ପର ଉପରେ ବଡ଼ ଧରଣର ସାମରିକ ଆକ୍ରମଣ ଘୋଷଣା କରିଛନ୍ତି। ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଇସ୍ରାଏଲୀ ସେନାଘାଟିଗୁଡ଼ିକୁ ଟାର୍ଗେଟ କରି ୩୨୦ରୁ ଉର୍ଦ୍ଧ୍ୱ କାତ୍ୟୁଶା ରକେଟ ମାଡ଼ କରିଛି। ଅନ୍ୟପକ୍ଷେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଏନେଇ ଆଗୁଆ ସୂଚନା ପାଇ ଦକ୍ଷିଣ ଲେବାନନ୍‌ରେ ଥିବା ହେଜବୋଲ୍ଲାର ଅନେକ ଆଡ୍ଡାକୁ ଉଡ଼ାଇ ଦେଇଛି। ଇସ୍ରାଏଲୀ ନାଗରିକମାନଙ୍କ ପ୍ରତି ତତ୍କାଳ ବିପଦ ଆଶଙ୍କା କରି ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ଇସ୍ରାଏଲୀ ବାୟୁସେନାର ଶତାଧିକ ଯୁଦ୍ଧବିମାନ ଜରିଆରେ ଅନେକ ଶହ ରକେଟ ଛଡ଼ାଯାଇଥିବା ଆଇଡିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଆଇଡିଏଫ୍ ଆକ୍ରମଣରେ ଲେବାନନ୍‌ରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ। ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ-ହମାସ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଗତ ୧୧ ମାସ ମଧ୍ୟରେ ଏହା ହେଉଛି ପରସ୍ପର ଉପରେ ସବୁଠୁ ବଡ଼ ରକେଟ ଆକ୍ରମଣ, ଯାହାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଇସ୍ରାଏଲ୍ ଏବଂ ଲେବାନନ୍ ସ୍ଥିତି ଉପରେ ରାଷ୍ଟ୍ରପତି ଜୋ ବାଇଡେନ୍ ଅନୁଧ୍ୟାନ କରୁଥିବା ଆମେରିକା ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦେଶରେ ରବିବାର ସ୍ଥାନୀୟ ସମୟ ସକାଳ ୬ଟା (ଭାରତୀୟ ସମୟ ପୂର୍ବାହ୍ନ ୮ଟା ୩୦ ମିନିଟ)ରୁ ୪୮ ଘଣ୍ଟିଆ ଏମର୍ଜେନ୍ସି ଜାରି କରିଛନ୍ତି।

ଗତ ଜୁଲାଇ ଶେଷ ଭାଗରେ ଇସ୍ରାଏଲ୍ ଆକ୍ରମଣରେ ହେଜବୋଲ୍ଲା ସହପ୍ରତିଷ୍ଠାତା ତଥା ବରିଷ୍ଠ କମାଣ୍ଡର ଫୁଆଦ୍ ଶୁକ୍‌ର ନିହତ ହୋଇଥିଲେ। ଏହାର ଜବାବ ଦେବା ପାଇଁ ପ୍ରସ୍ତୁତି ☞ପୃଷ୍ଠା-୯



### ଦେଶରେ ୪୮ ଘଣ୍ଟିଆ ଏମର୍ଜେନ୍ସି ଜାରି କଲେ ନେତାନ୍ୟାହୁ



ଇସ୍ରାଏଲର ରକେଟ ମାଡ଼ ପରେ ଦକ୍ଷିଣ ଲେବାନନ୍‌ର ଖାଇମ୍ ସହରସ୍ଥିତ ହେଜବୋଲ୍ଲାର ଏକ କ୍ୟାମ୍ପ୍‌ରୁ ଧୂଆଁ ବାହାରୁଛି (ବାମ)। ହେଜବୋଲ୍ଲା ପକ୍ଷରୁ ରବିବାର ଛଡ଼ାଯାଇଥିବା ଏକ ରକେଟ୍‌କୁ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍)ର ଆଇରନ୍ ଡୋମ୍ ପ୍ରତିହତ କରିଛି।

# ଜେଲ ଭିତରେ ଡି ବ୍ରଦର୍ସଙ୍କ ସ୍ମାର୍ଟଫୋନ୍

**ବଲାଙ୍ଗୀର,୨୫।୮ (ବୀରେନ୍ଦ୍ର କୁମାର ଖାଙ୍କର)**

ବଲାଙ୍ଗୀର ଜିଲା କାରାଗାରରୁ ଗତ ଶୁକ୍ରବାର ଜବତ ହୋଇଥିବା ସ୍ମାର୍ଟଫୋନ୍‌ଟି କୁଖ୍ୟାତ ଗ୍ୟାଙ୍ଗଷ୍ଟର ଡି' ବ୍ରଦର ତଥା ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ମିଳିଥିବା ଜଣାପଡିଛି। ଏହାକୁ ହଇଚଇ ସୃଷ୍ଟି ହୋଇଛି। ସୁଶାନ୍ତ ରହୁଥିବା ସେଲ୍ ଭିତରକୁ କିଭଳି ମୋବାଇଲ ଫୋନ୍ ଆସିଲା ଏବଂ ଉକ୍ତ ଫୋନ୍‌ରେ ଧଳସାମନ୍ତ କ'ଣ ସବୁ କାରବାର କରିଛନ୍ତି ସେନେଇ ତଦନ୍ତ ଆରମ୍ଭ ହୋଇଛି ବୋଲି ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରୀ ରବିବାର ଖବରଦାତା ସମ୍ମିଳନୀରେ ଉତ୍ତର ରଖିଛନ୍ତି। ୨୦୧୮ରେ ଭୁବନେଶ୍ୱର ଝାରପଡ଼ା ଜେଲରୁ ବଲାଙ୍ଗୀର ଜେଲକୁ ସୁଶାନ୍ତ ଧଳସାମନ୍ତଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଝାରପଡା ଜେଲରୁ ଆପରାଧିକ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ଧଳସାମନ୍ତଙ୍କୁ ସୁରକ୍ଷା ଦୃଷ୍ଟିରୁ ବଲାଙ୍ଗୀର ଜେଲକୁ ଅଣାଯାଇଥିଲା। ଗତ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ବଲାଙ୍ଗୀର ଏସ୍‌ପି ଖିଲାରି ୯ ବରିଷ୍ଠ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ବଲାଙ୍ଗୀର ଜିଲା କାରାଗାର ଭିତରେ ଚଢ଼ାଉ କରିଥିଲେ। ଜେଲର ୧୨ଟି ସେଲ୍, ରନ୍ଧାଘର, ଲାଟିନ୍, ଗାଧୁଆଘର ଓ ଅନ୍ୟ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଚଢ଼ାଉ ବେଳେ ଜେଲ ଭିତରୁ ବିଡ଼ି, ସିଗାରେଟ୍, ଭାଙ୍ଗ ଭଳି ନିଶାଦ୍ରବ୍ୟ, ଦୁଇଟି ଲାଇଟର ଏବଂ ଏକ ଟ୍ରିମର ଜବତ ହୋଇଥିବା ସୂଚନା ଦେଇଥିଲେ। ସେହିଦିନ ଅପରାହ୍ଣରେ

### ଫୋନ୍‌ରୁ ଆପରାଧିକ କାର୍ଯ୍ୟ ଚଳାଇଥିବା ସନ୍ଦେହ

ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ଆସି ଘଟଣାର ସମୀକ୍ଷା କରିଥିଲେ। ଏହାପରେ ଜିଲା କାରାଗାର ଭିତରୁ ଏକ ମୋବାଇଲ ଫୋନ୍ ଜବତ ହୋଇଥିବା ସୂଚନା ଦିଆଯାଇଥିଲା। କେଉଁ ସେଲ୍‌ରୁ ଫୋନ ଜବତ ହୋଇଥିଲା ସେଦିନ କୁହାଯାଇ ନ ଥିଲା। ରବିବାର ସୁଶାନ୍ତ ଧଳସାମନ୍ତ ରହୁଥିବା ସେଲ୍‌ରୁ ଉକ୍ତ ସ୍ମାର୍ଟଫୋନ୍ ଜବତ ହୋଇଥିବା କୁହାଯାଇଛି। ବଲାଙ୍ଗୀର ଜେଲ୍ ଅଧୀକ୍ଷକ ସର୍ବେଶ୍ୱର ସାହୁ ଉକ୍ତ ସ୍ମାର୍ଟଫୋନ ଜବତ କରି ହସ୍ତାନ୍ତର କରିଥିବା ଏବଂ ଏନେଇ ବଲାଙ୍ଗୀର ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି। ସ୍ମାର୍ଟଫୋନ ଜବତ ସମୟରେ ଧଳସାମନ୍ତ ଉକ୍ତ ସେଲ୍‌ରେ ନ ଥିଲେ ଏବଂ ଚିକିତ୍ସା ପାଇଁ ତାଙ୍କୁ କଟକ ବଡମେଡିକାଲକୁ ନିଆଯାଇଥିବା ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି। ବଲାଙ୍ଗୀର ଜିଲା କାରାଗାରରେ ଅନେକ କୁଖ୍ୟାତ ଅପରାଧୀ ରହିଛନ୍ତି। ସେଠାରୁ ସ୍ମାର୍ଟଫୋନ୍, ଟ୍ରିମର, ଲାଇଟର, ବିଡ଼ି, ସିଗାରେଟ ଓ ନିଶାଦ୍ରବ୍ୟ ମିଳିବା ଘଟଣା ଆଲୋଡ଼ନ ଖେଳାଇବା ସହ ଜେଲ୍ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧଳସାମନ୍ତଙ୍କ ସେଲ୍‌ରୁ ସ୍ମାର୍ଟଫୋନ୍ ମିଳିବା ଘଟଣାରେ ଜେଲ୍ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି।

# ୟୁପିଏସ୍ କେନ୍ଦ୍ର ସରକାରଙ୍କ ୟୁଟର୍ନ ପେନ୍‌ସନ ସ୍କିମ୍: କଂଗ୍ରେସ

**ନୂଆଦିଲ୍ଲୀ,୨୫।୮ (ପି.ଟି.)**

କେନ୍ଦ୍ର ସରକାର କର୍ମଚାରୀମାନଙ୍କ ପାଇଁ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍) ଘୋଷଣା କରିବା ପରେ କଂଗ୍ରେସ ଏହାକୁ ମୋଦି ସରକାରଙ୍କ ୟୁଟର୍ନ ପେନ୍‌ସନ ସ୍କିମ୍ ବୋଲି କହିଛି। ନ୍ୟାଶନାଲ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍) ଅଧୀନରେ ଯେଉଁମାନେ ୨୦୦୪ରୁ ନିଯୁକ୍ତିରେ ଯୋଗ ଦେଇଛନ୍ତି, ସେମାନଙ୍କୁ ମୂଳ ଦରମାର ୫୦ ପ୍ରତିଶତ ସୁନିଶ୍ଚିତ ପେନ୍‌ସନକୁ କେନ୍ଦ୍ର କ୍ୟାବିନେଟ ଶନିବାର ଅନୁମୋଦନ କରିଥିଲା। ଆଗକୁ ହରିୟାଣା ଏବଂ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଥିବାରୁ ସରକାରୀ କର୍ମଚାରୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ୟୁପିଏସ୍‌ର 'ୟୁ' ମୋଦି ସରକାରଙ୍କ ୟୁଟର୍ନ ବୋଲି କହିଛନ୍ତି। ଜୁନ୍ ୪ ପରେ ଲୋକଙ୍କ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ଅହଂକାରର



ମଲ୍ଲିକାର୍ଜୁନ ଖାର୍ଗେ

କ୍ଷମତା ଉପରେ ଭାରି ପଡ଼ିଛି। ସେଥିପାଇଁ ବଜେଟରେ ଦୀର୍ଘମିଆଦୀ ପୁଞ୍ଜି ଲାଭ ବା ଇଣ୍ଡେକ୍ସେଶନକୁ ଫେରାଇ ନିଆଯାଇଛି। ୱକ୍‌ଫ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଥିବାବେଳେ ପ୍ରସାରଣ ବିଲ୍ ଏବଂ ଲାଟେରାଲ ଏଣ୍ଟ୍ରିକୁ ପ୍ରତ୍ୟାହାର କରିନିଆଯାଇଥିବା ଖାର୍ଗେ କହିଛନ୍ତି। ଆମେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ଏହି ସ୍ୱେଚ୍ଛାଚାରୀ ସରକାରଙ୍କଠାରୁ ୧୪୦ କୋଟି ଭାରତୀୟଙ୍କୁ ସୁରକ୍ଷା ଦେବୁ ବୋଲି ଖାର୍ଗେ ଏକ୍ସ'ରେ ଲେଖିଛନ୍ତି।

# ୧୭ରେ ମୋଦି ବାଣ୍ଟିବେ ପ୍ରଥମ ସୁଭଦ୍ରା କିସ୍ତି

**ଭୁବନେଶ୍ୱର,୨୫।୮ (ଅନିଲ ଦାସ)**

ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବେ। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଥିବାରୁ ସେହିଦିନଠାରୁ ଓଡ଼ିଶା ସରକାରଙ୍କ ତରଫରୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ବର୍ଷକୁ ମହିଳାମାନଙ୍କୁ ରାଖୀ ପୂର୍ଣ୍ଣିମା ଏବଂ ଆନ୍ତର୍ଜାତିକ ମହିଳା ଦିବସରେ ୨ଟି କିସ୍ତି ବାବଦରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ସେହି ଅନୁସାରେ ରାଜ୍ୟ ସରକାର ଏହି ଯୋଜନାରେ ରାଖୀ ପୂର୍ଣ୍ଣିମା ପ୍ରଥମ କିସ୍ତି ବାବଦକୁ ଯୋଗ୍ୟ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ପ୍ରଦାନ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ 'ସୁଭଦ୍ରା' ଯୋଜନା ଗାଇଡ୍‌ଲାଇନ ଅଗଷ୍ଟ ୨୨ ତାରିଖରେ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଗଷ୍ଟ ୨୩ରେ ବିଧାନସଭାରେ ଘୋଷଣା



ନରେନ୍ଦ୍ର ମୋଦି

କରିଥିଲେ। 'ସୁଭଦ୍ରା' ଯୋଜନାରୁ ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଏବଂ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୂର୍ଦ୍ଧ୍ୱ ସହାୟତା ଅଥବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସୁଭଦ୍ରା ଯୋଜନା ପାଇଁ ସେ ଯୋଗ୍ୟ ବିବେଚିତ ହେବେନାହିଁ।

ରାଜ୍ୟର ୨୧ ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳାମାନେ ଏହି ଟଙ୍କା ପାଇପାରିବେ। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏ ହାତଖର୍ଚ୍ଚ ଚଳିତ ଆର୍ଥିକବର୍ଷରୁ ପାଇବେ। ୫ ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ୫୦ ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ୍) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ଡିବିଟି ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ। ସେହିପରି ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ☞ପୃଷ୍ଠା-୯

# ମହିଳା ବିରୋଧୀ ଅପରାଧ ଅକ୍ଷମଣୀୟ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୫।୮**

ମହିଳାମାନଙ୍କ ବିରୋଧରେ ଅପରାଧ ଅକ୍ଷମଣୀୟ ଏବଂ ଯେକୌଣସି ସ୍ତରରେ ଅବହେଳାକୁ ନିନ୍ଦା କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। କୋଲକାତା ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଏବଂ ମହାରାଷ୍ଟ୍ର ବଦଲାପୁରରେ ୨ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଘଟଣାକୁ ନେଇ ବିକ୍ଷୋଭ ଜୋର୍‌ଦାର ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଅପରାଧୀ ଯିଏ ହୁଅନ୍ତୁ ନା କାହିଁକି ସେମାନଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ସହଯୋଗ କରୁଥିବା ଲୋକମାନଙ୍କୁ ମଧ୍ୟ ଛଡ଼ାଯିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ରର ଜଳଗାଁଓଠାରେ ଲକ୍ଷପତି ଦିଦି ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି। ମହିଳାଙ୍କ ପ୍ରତି ଅତ୍ୟାଚାର ରୋକିବା ଦିଗରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ଏକାଠି ଛିଡ଼ାହେବେ। ଭାରତୀୟ ସମାଜରୁ ଏଭଳି ମାନସିକତାର ବିନାଶ ଦ୍ୱାରା ହିଁ ମହିଳାଙ୍କ ପ୍ରତି ଅତ୍ୟାଚାର ରୋକାଯାଇପାରିବ ବୋଲି ମୋଦି କହିଛନ୍ତି।

ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ପୀଡ଼ିତା ମହିଳାମାନେ ଘରେ ରହି ଇ-ଏଫଆଇଆର୍ ଦାଏର କରିବା ବ୍ୟବସ୍ଥା ରହିଛି। ପୂର୍ବରୁ ଥାନାକୁ ଯାଇ ଅଭିଯୋଗ କଲେ ମଧ୍ୟ ଠିକ୍ ସମୟରେ ଏତଲା ଦାଏର ହେଉ ନ ଥିଲା ଏବଂ ମାମଲାଗୁଡ଼ିକର ଶୁଣାଣି ନ ହୋଇ ଦୀର୍ଘଦିନ ପଡ଼ିରହୁଥିଲା। ବିଏନ୍‌ଏସ୍‌ରେ ସେସବୁ ସମସ୍ୟା ନାହିଁ। ଯଦି ପୀଡ଼ିତା ଥାନାକୁ ଯିବା ପାଇଁ ନ ଚାହାନ୍ତି, ତେବେ ସେ ଘରୁ ଇ-ଏଫ୍‌ଆଇଆର ଦାଏର କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ବରିଷ୍ଠ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୫।୮ (ସତ୍ୟଜିତ୍ ରାଉତ)**

ସ୍ତନ କର୍କଟ ଚିକିତ୍ସା ପାଇଁ ମେଡିସିନ ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ର ବରିଷ୍ଠ ବୈଜ୍ଞାନିକ ଡ. ସନ୍ଦୀପ ମିଶ୍ର (୫୮)ଙ୍କ ମୃତ୍ୟୁ ହୋଇଛି। ସତ୍ୟନଗର ପ୍ଲଟ୍ ନଂ. ୧୨୦(ବି)ସ୍ଥିତ ବାସଭବନରେ ଶନିବାର ରାତି ପ୍ରାୟ ୧୦ଟା ୩୦ରେ ସନ୍ଦୀପ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଏନେଇ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ମେଡିକୋ ଲିଗାଲ କେସ୍ (ଏମ୍‌ଏଲ୍‌ସି) ଆଧାରରେ ଖାରବେଳନଗର ଥାନା ପକ୍ଷରୁ ରବିବାର ଏକ ଅପମୃତ୍ୟୁ ମାମଲା (ନଂ.୪୩/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସନ୍ଦୀପଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଭଉଣୀ ଓ ପରିବାରର ଅନ୍ୟ ସଦସ୍ୟମାନେ



ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି। ସନ୍ଦୀପ ଆତ୍ମହତ୍ୟା କରିଛନ୍ତି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ତେବେ ଏହାକୁ ପରିବାର ଲୋକ ଖଣ୍ଡନ କରିଛନ୍ତି।

ସନ୍ଦୀପଙ୍କ ଶାଳୀ ଦେଇଥିବା ବୟାନ ଅନୁଯାୟୀ, ଶନିବାର ☞ପୃଷ୍ଠା-୯

# ଓଡ଼ିଶାର ତନ୍‌ଭିଙ୍କୁ ବିରଳ ସଫଳତା
### ଏସିଆନ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଜିତିଲେ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ସ୍ତରୀୟ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରସ୍ତୁତ ହେଉଥିବାବେଳେ ଓଡ଼ିଶାର ତନଭି ପତ୍ରୀ ଏକ ବିରଳ ସଫଳତା ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ମାତ୍ର ୧୩ ବର୍ଷ ବୟସରେ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇଯାଇଛନ୍ତି। ଚାଇନାର ଚେଙ୍ଗଡୁଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ଏହି ପ୍ରତିଭାସମ୍ପନ୍ନ ବାଳିକା ରବିବାର ଅନୁଷ୍ଠିତ ଫାଇନାଲରେ ଭିଏତ୍‌ନାମର ଦ୍ୱିତୀୟ ସିଡ୍ ଥି ଥୁ ହୁୟେନ ଏନ୍‌ଗୁୟେନଙ୍କୁ ୨୨-୨୦, ୨୧-୧୧ରେ ପରାସ୍ତ କରିଛନ୍ତି। ଏନ୍‌ଗୁୟେନଙ୍କୁ ହରାଇବା ପାଇଁ ତନଭି ମାତ୍ର ୩୪ ମିନିଟ୍ ସମୟ ନେଇଥିଲେ। ଓଡ଼ିଶାର ପ୍ରଥମ ଏବଂ ଭାରତର ଭାରତର ତୃତୀୟ ଖେଳାଳିଭାବେ ସେ ୧୫ ବର୍ଷରୁ କମ୍ ବର୍ଗରେ ଜୁନିୟର ଏସିଆ ମହିଳା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ହୋଇଛନ୍ତି। ୨୦୧୭ରେ ସାମିୟା ଇମାନ ଫାରୁକି ଓ ୨୦୧୯ରେ ତସନିମ ମୀର ପୂର୍ବରୁ ଏହି ସଫଳତା ପାଇଥିଲେ।

ତନଭିଙ୍କ ଘର ହେଉଛି ବାଲେଶ୍ୱର ଜିଲା ମାର୍କୋଣାର ନୟାପଲ୍ଲୀରେ। ତାଙ୍କ କ୍ୟାରିୟର ଚାଇନାରୁ ହିଁ ଆରମ୍ଭ ହୋଇଥିଲା। ତାଙ୍କ ମା' ଶୈଳବାଳା ପଣ୍ଡା ଓ ବାପା ରବିନାରାୟଣ ପତ୍ରୀ ସଫ୍ଟୱେର ପ୍ରଫେଶନାଲ ଭାବେ ଚାଇନାରେ କାର୍ଯ୍ୟରତ ଥିଲେ। କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ରେ ସେମାନେ ଭାରତ ଆସିଥିଲେ। ଦେଶକୁ ଫେରିବାପରେ ତନଭି ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ



ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଚାଇନାରେ ସେ ଜିଆଙ୍ଗ ୟଙ୍ଗ୍ ୟି'ଙ୍କଠାରୁ ଟ୍ରେନିଂ ନେଉଥିଲେ। ତେଣୁ ପରିବେଶ ସହିତ ଅଭ୍ୟସ୍ତ ହୋଇଥିବା ଭେନ୍ୟୁରେ ସେ ଚମତ୍କାର ପ୍ରଦର୍ଶନ କରି କ୍ୟାରିୟରର ଏହି ଶ୍ରେଷ୍ଠ ସଫଳତା ଲାଭ କରିଛନ୍ତି।

ତନଭି ୨୦୧୭-୧୮ରୁ ଚାଇନାରେ ୮ ବର୍ଷରୁ କମ୍ ବର୍ଗରୁ ବିଭିନ୍ନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନିଜ ପ୍ରତିଭା ଦେଖାଇଛନ୍ତି। ୨୦୧୯ ପର୍ଯ୍ୟନ୍ତ ସେ ସେଠାରେ ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ପାଖାପାଖି ୯ଟିରେ ଚାମ୍ପିୟନ ଏବଂ ଗୋଟିଏରେ ରନରଅପ୍ ହୋଇଛନ୍ତି। ଓଡ଼ିଶା ଆସିବାପରେ କୋଭିଡ୍ ପାଇଁ କିଛି ବର୍ଷର ବ୍ରେକ୍ ପରେ ୨୦୨୧ରୁ ସେ ରାଜ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏବଂ ସିନିୟର ବର୍ଗ ପ୍ରତିଯୋଗିତାଗୁଡ଼ିକରେ ଭାଗନେଇ ଚମତ୍କାରିତା ଦେଖାଇଛନ୍ତି। ଅର୍ଥାତ୍ ଏବେ ମାତ୍ର ୧୩ ବର୍ଷ ହୋଇଥିଲେ ହେଁ ସେ ତାଙ୍କଠାରୁ ବୟସରେ ବହୁ ବଡ଼ ଖେଳାଳିଙ୍କୁ ସେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ରାଜ୍ୟରେ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରେ ସେ ଅଧ ଡଜନରୁ ଉର୍ଦ୍ଧ୍ୱ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ସାରିଛନ୍ତି। ଜାତୀୟ ସ୍ତରରେ ମଧ୍ୟ ସେ ଖୁବ୍ ସଫଳତା ଲାଭ କରିଛନ୍ତି। ୨୦୨୨ରେ ମୁମ୍ବାଇ ଓ ଲକ୍ଷ୍ନୌ, ୨୦୨୩ରେ ଓଡ଼ିଶାର ବଲାଙ୍ଗୀରରେ ଅନୁଷ୍ଠିତ ୩୫ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ, ୨୦୨୪ରେ ଗୋଆ ଓ ତେଲଙ୍ଗାନାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ସେ ପ୍ରଭାବୀ ପ୍ରଦର୍ଶନ କରି ଚାମ୍ପିୟନ ହୋଇଛନ୍ତି।

ଚଳିତବର୍ଷ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ ତନଭି। ସେ ଗତ ମାର୍ଚ୍ଚରେ ନେଦରଲାଣ୍ଡ୍ସର ହର୍ଲେମରେ ଅନୁଷ୍ଠିତ ଡଚ୍ ଅନ୍ତର୍ଜାତୀୟ ଏବଂ ଜର୍ମାନୀର ବର୍ଲିନ୍‌ରେ ଆୟୋଜିତ ଜର୍ମାନୀ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ☞ପୃଷ୍ଠା-୯

**ଆଜିର ମନ୍ତବ୍ୟ**

"ବିକଶିତ ଭାରତ ସ୍ୱପ୍ନ ଦିଗରେ ଦେଶ ଆଗକୁ ବଢ଼ୁଥିବାବେଳେ ସମସ୍ତଙ୍କୁ ସରଳ ଓ ସୁଲଭ ନ୍ୟାୟର ଗ୍ୟାରେଣ୍ଟି ଗୁରୁତ୍ୱପୂର୍ଣ୍ଣ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ, ସ୍ଥାନ: ବାଲିଅନ୍ତା ବଜାର ନିକଟ ଶ୍ରୀନିକୁଞ୍ଜବିହାରୀ ମନ୍ଦିର ପରିସର, ପାରିବାସୁଦେଇପୁର ଶ୍ରୀନୃସିଂହନାଥ ଓ ତ୍ରିବିକ୍ରମ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତିନ୍ୟାସ ପକ୍ଷରୁ ଗଣଦୌଡ଼, ସ୍ଥାନ: ରାମ ମନ୍ଦିର ଛକ, ସମୟ: ସକାଳ ୭ଟା।
- ପ୍ରଭୁଜି ଇଂଲିଶ ମିଡିୟମ୍ ପକ୍ଷରୁ ବାଂଲାଦେଶରେ ହିନ୍ଦୁଙ୍କୁ ହିଂସା ଏବଂ କୋଲକାତା ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ରାଲି, ସ୍ଥାନ: ସ୍କୁଲ ପରିସରରୁ, ଭିଏସ୍ଏସ୍ ନଗର, ସମୟ: ସକାଳ ୭ଟା।
- ନ୍ୟାଶନାଲ ସ୍ପେଶ ଡେ ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଭୁଜି ଇଂଲିଶ ମିଡିୟମ୍ ସ୍କୁଲରେ ଜନ୍ମାଷ୍ଟମୀ ପାଳନ ଓ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଜନ୍ମୋତ୍ସବ, ସ୍ଥାନ: ସ୍କୁଲ ପରିସର, ଭିଏସ୍ଏସ୍ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଝୁଞ୍ଜୁନୁ ଫାଉଣ୍ଡେଶନ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ଜିକେସିଏମ୍ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର–ଉତ୍କଳ ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ପାଳନ, ସ୍ଥାନ: ପଥରଗାଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜନ୍ମଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ଶ୍ୟାମା ଶ୍ୟାମ ଧାମ, ସମୟ: ସନ୍ଧ୍ୟା ୬ଟା।
- ୪୭ତମ ଜାତୀୟ ବର୍ଷା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଡ. ରବି ନାରାୟଣ ଦାଶଙ୍କ ଷୋଡ଼ଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ନ ୬ଟା।

## କଟକ

- ଜନ୍ମାଷ୍ଟମୀ ଓ ଦଧିହାଣ୍ଡି ଭଗ୍ନ ଉତ୍ସବ, ସ୍ଥାନ: ଶଙ୍ଖାମେରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ବଡ଼ମ୍ବା, ସମୟ: ସକାଳ ୮ଟା।

## ପୁରୀ

- ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ଭଜନ ପରିବେଷଣ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ : ସନ୍ଧ୍ୟା ୬ଟା।
- ପ୍ରଭୁ ଶ୍ରୀ ଗୋପନାଥ ଦେବଙ୍କ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣ ଗୋପୀନାଥ ପାଟଣା,ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ପାରମ୍ପରିକ ଦେବନୀତି ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମ ବିଧି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ନିଶାର୍ଦ୍ଧ
- ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା ୩୦।
- ଶିଶୁ କିଶୋର ସାହିତ୍ୟ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ପୁରୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୯ଟା।
- ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମ ଜାଗରଣ ସମନ୍ୱୟ ସମିତି ପୁରୀ ଜିଲା ଶାଖା ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ପାଳନ, ସ୍ଥାନ: ପୁରୀ ହାତୀ ଆଖଡ଼ା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ସନାତନ ଜାଗରଣ ମୋର୍ଚ୍ଚା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ଅତିଥି ହେରିଟେଜ ସମ୍ମିଳନୀ କକ୍ଷ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା, ସମୟ: ସକାଳ ୮ଟା ୩୦।
- .ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ସକାଳ ୮ଟା ୩୦।
- .ବାଲାଜୀ ସେବା ଟ୍ରଷ୍ଟ ପକ୍ଷରୁ ସିଦ୍ଧମହାବୀରଙ୍କ ପୀଠରେ ଜନ୍ମାଷ୍ଟମୀ ଅବସରରେ ୧୩ତମ ହନୁମାନ ଚାଳିଶା ପାଠ ଓ ଭଜନ ସମାରୋହ, ସ୍ଥାନ: ଆନ୍ଧ୍ର ବ୍ୟାଙ୍କ ଗଳି, ଜଟଣୀ, ସମୟ: ସକାଳ ୯ଟା।
- .ଗୁରୁକୃପା କୁଟୀର ପକ୍ଷରୁ ଅଭିରାମ ପରମହଂସ ଦେବ ଓ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ପାଳନ, ସ୍ଥାନ: ଗୁରୁକୃପା କୁଟୀର, ଶ୍ରୀହରିବିହାର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- .ବିକାଶ ପରିଷଦ ଶିଶୁ ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ପାଳନ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା, ସ୍ଥାନ: ଜଟଣୀ ନିକଟ ହରିରାଜପୁର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ବେଦ ପ୍ରଚାର ଅଭିଯାନ ଓ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ମଧୁପୁରା ବେଦ ମନ୍ଦିର ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ବେଶ ପ୍ରତିଯୋଗିତା, ସ୍ଥାନ: ନଟାପଡ଼ା ଛକ ସରସ୍ୱତୀ ଶିଶୁମନ୍ଦିର, ଖଇରା,ସମୟ:ସକାଳ ୭ଟା
- ସତ୍ୟ ନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା ଷ୍ଟେଶନ ବଜାର, ସମୟ:ଦିବସ ବ୍ୟାପୀ।
- ରାଧାକୃଷ୍ଣ ମନ୍ଦିର ଟ୍ରଷ୍ଟ ପକ୍ଷରୁ ରାଧା କୃଷ୍ଣ ବେଶ ପ୍ରତିଯୋଗିତା, ସ୍ଥାନ: ମହାମଦାବାଦ, ଶ୍ରୀଜଙ୍ଗ, ସମୟ: ଅପରାହ୍ନ ୨ଟା ୩୦।
- ଜନ୍ମାଷ୍ଟମୀ ଉତ୍ସବ ଓ ରାଧା କୃଷ୍ଣ ବେଶ ପ୍ରତିଯୋଗିତା, ସ୍ଥାନ: କ୍ଷୀରୋଦ ବିହାର ସରସ୍ୱତୀ ଶିଶୁମନ୍ଦିର, ବାଲିଆପାଳ, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ଅବସରରେ ନାମ ସଂକୀର୍ତ୍ତନ ପରିକ୍ରମା ଓ ହରି କଥା, ସ୍ଥାନ ବାଲିଆପାଳ ରାଧା ମଦନ ମୋହନ ମନ୍ଦିର, ସମୟ: ଅପରାହ୍ନ ୪ଟାରୁ ପରିକ୍ରମା, ସନ୍ଧ୍ୟା ୬ଟାରୁ ମଧ୍ୟରାତ୍ର ଯାଏ ନାମ ସଂକୀର୍ତ୍ତନ ଓ ହରିକଥା।

## ଭଦ୍ରକ

- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ବାଳିନଗର ରାଧାକୃଷ୍ଣ ମନ୍ଦିର, ବାସୁଦେବପୁର, ସମୟ: ସକାଳ ୭ଟା।
- ଇସ୍କନ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଅଭିଷେକ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ସକାଳ ୯ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ କୃଷ୍ଣ ସମାବେଶ, ସ୍ଥାନ: ଶିଶୁବିହାର ଶିକ୍ଷାନୁଷ୍ଠାନ, ବାସୁଦେବପୁର, ସମୟ: ସକାଳ ୯ଟା।
- ଯୁବ ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ପୂଜାର୍ଚ୍ଚନା, ସ୍ଥାନ: ଯାଦବ ଭବନ, ଚୁନିଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱହିନ୍ଦୁ ପରିଷଦର ସ୍ଥାପନ ଦିବସ, ସ୍ଥାନ: ନରିପୁର କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ, ସ୍ଥାନ: ନରିପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଯୁବ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ଓ ଆଲୋଚନାଚକ୍ର, ସ୍ଥାନ: ଟାଉନହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଶ୍ରୀଚୈତନ୍ୟ ଆଶ୍ରମ, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟ, ସମୟ: ସନ୍ଧ୍ୟା ୭ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ବାଲଗୋପାଳ ମନ୍ଦିର, ଭଦ୍ରକ, ସମୟ: ରାତି ୮ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ମହତାବନଗର ମଙ୍ଗଳା ମନ୍ଦିର, ଭଦ୍ରକ, ସମୟ: ରାତି ୮ଟା।

## କେନ୍ଦୁଝର

- ରାଧାକୃଷ୍ଣଙ୍କ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ, ସ୍ଥାନ: ନୀଳାପୁର, କପୁଣ୍ଡି, ହାଟଡିହୀ, ସମୟ: ସକାଳ ୭ ଟା।
- ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ହାଟଡ଼ିହୀ, କାନପୁର, ହାଟଡ଼ିହୀ, ସମୟ: ସକାଳ ୮ ଟା।
- ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନ ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର ରାମ ମନ୍ଦିର, ସମୟ: ପୂର୍ବାହ୍ନ ୯ ଟା ୩୦।
- ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନ ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ଅବସରରେ ସଭା, ସ୍ଥାନ: କେନ୍ଦୁଝର ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।
- ସତ୍ୟ ସାଇ ସମିତି ତରଫରୁ ଭଜନ ଏବଂ ସତସଙ୍ଗ, ସ୍ଥାନ: ମରେିଗାଁ, ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ହରିହର ମନ୍ଦିର, ବଡବିଲ, ରାଧା ମାଧବ ମନ୍ଦିର, ଶ୍ରୀରାମ ମନ୍ଦିର, ନ୍ୟୁ ମାର୍କେଟ, ବଡବିଲ, କେନ୍ଦୁଝର, ସମୟ: ରାତି ୧୨ଟା।

## ମୟୂରଭଞ୍ଜ

- ଜନ୍ମାଷ୍ଟମୀ ପାଇଁ ବେଶ ପ୍ରତିଯୋଗିତା, ସ୍ଥାନ: ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୯ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ଣ୍ଣେଶ୍ୱର କମିଟି ପକ୍ଷରୁ ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀମା ଅରବିନ୍ଦ ବିଦ୍ୟାଳୟ ପକ୍ଷରୁ ଯୋଗ ଅଭ୍ୟାସ, ସ୍ଥାନ: ଉଦଳା କଲେଜ ରୋଡ୍ ଅରବିନ୍ଦ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଜନ୍ମାଷ୍ଟମୀ ପୂଜା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମାର୍କେଟସାହି,ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ଲାଞ୍ଜିପଲ୍ଲୀ ଇସ୍କନ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ବୁଗୁଡ଼ା, କତକଲା,ସମୟ:ପୂର୍ବାହ୍ନ ୧୧ଟା।
- ଜନ୍ମାଷ୍ଟମୀ ଉତ୍ସବ, ବୁଗୁଡ଼ା ଶ୍ରୀଗୋପୀନାଥ ମନ୍ଦିର,ସମୟ: ମଧ୍ୟାହ୍ନ ୧୨ଟା।
- ବନ ସୁରକ୍ଷା ସମିତି ନୂତନ ଗୃହ ଉଦ୍‌ଘାଟନ,ସ୍ଥାନ: ବୁଗୁଡ଼ା, କତକଲା, ସମୟ:ମଧ୍ୟାହ୍ନ ୧୨ଟା।
- ବୁଦ୍ଧଖୋଲ ଉନ୍ନୟନ ସମିତିର ବୈଠକ,ସ୍ଥାନ: ବୁଗୁଡ଼ା, ବୁଦ୍ଧଖୋଲ ଅତିଥି ଭବନ,ସମୟ: ଅପରାହ୍ନ ୨ଟା।
- କବାଡ଼ି ଟୁର୍ନାମେଣ୍ଟର ଉଦ୍‌ଯାପନ ଉତ୍ସବ,ସ୍ଥାନ: ବୁଗୁଡ଼ା,ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦ ମିନଟ।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମଷ୍ଟମୀ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୫ଟା।

## ଅନୁଗୋଳ

- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କ ଆଠମଲ୍ଲିକ ଗସ୍ତ, ସ୍ଥାନ: ବନମାଳିପୁର, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା

- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ବେହେରା ସାହି, ଟିକିରି, ସମୟ: ସନ୍ଧ୍ୟା ୬ ଟାରୁ ଆରମ୍ଭ।
- ରାମ ଚରିତ ମାନସ ଜ୍ଞାନ ଯଜ୍ଞ (ବାଲ କାଣ୍ଡ), ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୭ ଟାରୁ ୮.୩୦।
- ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ରାମ ମନ୍ଦିର, ହାଟ ମୁନିଗୁଡ଼ା, ସମୟ: ସକାଳ ୯ଟାରୁ ରାତି ୯ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ଇନ୍ଦ୍ରା ନଗରସ୍ଥିତ ଇସ୍କନ କେନ୍ଦ୍ର, ସମୟ: ସକାଳ ୯ ଟାରୁ ଆରମ୍ଭ।
- ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଗୀତା ଭବନ ସନ୍ତାନ ଗୋପାଳ ମନ୍ଦିର, ମୁନିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସାଦ ବଣ୍ଟନ, ସ୍ଥାନ: ଗୌରାଙ୍ଗ ମନ୍ଦିର, କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର

- ଜନ୍ମାଷ୍ଟମୀ ପୂଜା, ସ୍ଥାନ: ନବରଙ୍ଗପୁର ଚୈତନ୍ୟ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପୂଜା, ସ୍ଥାନ: ହାତୀ ଲାଇନ ରାଧାକୃଷ୍ଣ ମନ୍ଦିର, କୋରାପୁଟ, ସମୟ: ସକାଳ ୭ ଟା।
- କୃଷ୍ଣ ଜନ୍ମଉତ୍ସବ ପୂଜା, ସ୍ଥାନ: ହାତୀ ଲାଇନ ରାଧାକୃଷ୍ଣ ମନ୍ଦିର, ସମୟ: ରାତି ୧୨ ଟା।

## ଜଗତ୍‌ସିଂହପୁର

- ରାଧାକୃଷ୍ଣ ଗୋ'ରସ ସମିତି ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ମାଉସୀ ମା' ମନ୍ଦିର ପାଖ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ରକ୍ତଦାନ ଶିବିର, ସ୍ଥାନ: ସଦର ଥାନା, ଶ୍ୟାମସୁନ୍ଦରପୁର ଗଡା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୯ଟା।
- ସବରେଜିଷ୍ଟର କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ–ତହସିଲ ପରିସର, ଛତା, ଡେରାବିଶ, ସମୟ:ପୂର୍ବାହ୍ନ ୧୦ଟା।
- ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଧର୍ମରକ୍ଷା ଦିବସ ପାଳନ, ସ୍ଥାନ: ଭାରତୀ ମନ୍ଦିର, ଜ୍ଞାନପୀଠ ଛକ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଇଚ୍ଛାପୁର, ଚାଟରାପାଟଣା, କପାଳେଶ୍ୱର, ଜମଧର, କେନ୍ଦ୍ରାପଡ଼ା, ଶ୍ରୀଦଧିବାମନଜୀଉ ମନ୍ଦିର, ଡେରାବିଶ, ବେଡାରୀ, ଗରଦପୁର, ବାସୁଦେବ ମନ୍ଦିର, ବଳରାମପୁର, ଓଳାଭର ଜଗନ୍ନାଥ ମନ୍ଦିର, ଗୋପୀନାଥ ମନ୍ଦିର, ବଡ଼ାଗର, ଅଭୟ ନୃସିଂହନାଥ ମନ୍ଦିର, ଗଞ୍ଜା, ପଣ୍ଡିଆପଲ୍ଲୀ, ଗୋପାଳଜୀଉ ମଠ, ଗିରିଆ, ଗୋପାଳଜୀଉ ମନ୍ଦିର, କନିକା ରାଜବାଟି, ରାଜକନିକା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଆନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘ ପକ୍ଷରୁ କୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ଲାଖବିନ୍ଧା ପଡ଼ିଆ ଯାଜପୁର, ସମୟ: ସକାଳ ୮ଟା।
- ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ଇସ୍କନ ମନ୍ଦିର, ସମୟ: ସକାଳ ୭ଟା।
- ବର୍ଷା–ବରଣ ସମାରୋହ, ସ୍ଥାନ: ରାମବାଗ, ତଳିଆ ଶ୍ରୀଶ୍ରୀ ଗୋବିନ୍ଦଜୀଉ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍ଏଚ୍ ୨୦ ସର୍ଭିସ ରୋଡ ପ୍ରଶସ୍ତୀକରଣ ବିରୋଧୀ ଜନ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଯାଜପୁର ଟାଉନ କ୍ରାନିୟମ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ମନ୍ଦିରରେ ଜନ୍ମାଷ୍ଟମୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ପୀଠ ଓ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ:ସକାଳ ୮ଟା
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାନ:ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ବିହାର ମନ୍ଦିର ଓ ପାଠାଗାର, ସମୟ:ପୂର୍ବାହ୍ନ ୧୧ଟା।
- ଗୋପାଳ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପର୍ବ, ସ୍ଥାନ:ବଳରାମ ପ୍ରସାଦ, ସମୟ:ସକାଳ ୮ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକ୍ କୋମଣ୍ଡର ସଚ୍ଚିଦାନନ୍ଦ ସେବାଶ୍ରମ, ସମୟ:ସନ୍ଧ୍ୟା ୬ଟା।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ:ନୟାଗଡ଼ ପୁରୁଣା ସହରର ଗୋପୀନାଥ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।

## ସମ୍ବଲପୁର

- କାହ୍ନା ତୁ ଫେରିଆ କାର୍ଯ୍ୟକ୍ରମ, ସ୍ଥାନ : ଭୀମଭୋଇ ପାର୍କ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ସକାଳ ୮ଟା।
- ରାଧାକୃଷ୍ଣ ବେଶ ପ୍ରତିଯୋଗୀତା, ସ୍ଥାନ : ସିଦ୍ଧେଶ୍ୱର ବେର୍ଣ୍ଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ସକାଳ ୮ଟା ୩୦।
- ଗୁରୁ ଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ : ସହଯୋଗନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ରାତି ୭ଟା ୩୦।
- ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ରାଧାମାଧବ ମନ୍ଦିର, ସମୟ : ରାତି ୭ଟା ୩୦।
- ଶ୍ରୀକୃଷ୍ଣ ଜନ୍ମ ଓ ଜନ୍ମାଷ୍ଟମୀ ପୂଜାର୍ଚ୍ଚନା, ସ୍ଥାନ : ସାକ୍ଷୀପଡା ରାଧାମଦନ ଗୋପାଳ ମନ୍ଦିର, ସମୟ : ରାତି ୮ଟା।

## ବଲାଙ୍ଗୀର

- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପୂଜନୋତ୍ସବ,ସ୍ଥାନ: ରାଧାକୃଷ୍ଣ ମନ୍ଦିର, ତେଲିଗୋଠପଡା, ବଲାଙ୍ଗୀରସମୟ: ସକାଳ ୬ଟାରୁ।
- ଜନ୍ମାଷ୍ଟମୀ ଉତ୍ସବ ପାଳନ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୯ଟା।
- ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଜନ୍ମବାର୍ଷିକୀ ଉତ୍ସବ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ୧୦ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ବ୍ୟାସ ପୂଜା ମହାମହୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଗୋକର୍ଣ୍ଣେଶ୍ୱରପଡାସ୍ଥିତ ଗୋକର୍ଣ୍ଣେଶ୍ୱରପଡା ଇସ୍କନ୍ ମନ୍ଦିର, ସମୟ: ସକାଳ ୯ଟା।
- ରାଧା, କୃଷ୍ଣ ଓ ବଳରାମ ବେଶ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ବୀରମହାରାଜପୁର, ସମୟ: ସକାଳ ୯ଟା୩୦।
- ରାଧା କୃଷ୍ଣ,ବଳରାମ ବେଶରେ ନଗର ପରିକ୍ରମା, ସ୍ଥାନ:ସୁବଳୟା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଏବଂ ଶ୍ରୀ ପ୍ରଭୁପାଦ ବ୍ୟାସପୂଜା, ସ୍ଥାନ: ଇସ୍କନ, ସାଇ ଶ୍ରଦ୍ଧା ମଣ୍ଡପ ପଛପଟ, ଆଶାକିରନ ଛକ, ବରଗଡ଼, ସମୟ: ଭୋର୍ ୪ଟା ୩୦।
- ଲରମ୍ବା କଲେଜର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ପରିସର, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ପାୱାର ଅଫ୍ ଦିବ୍ୟାଙ୍ଗ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ, ସ୍ଥାନ: ସିଭିଲଟାଉନଶିପ୍ ତ୍ରିଶକ୍ତିଧାମ, ସମୟ: ସକାଳ ୬ଟା ୩୦।
- ନୀଳାଦ୍ରିବିହାରୀ ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।
- ଇଏସ୍ଆଇ ହସ୍ପିଟାଲ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଉରକେଲା ଆଇଟିଆଇ ରୋଡ୍, ସମୟ: ଅପରାହ୍ନ ୩ଟା।
- ଶ୍ରୀକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜନାଷ୍ଟମୀ, ସ୍ଥାନ: ଉଦିତନଗର, ସମୟ: ସନ୍ଧ୍ୟା ୬ଟା।
- ଦେବେନ୍ଦ୍ର ଦାଶଙ୍କ ପ୍ରଥମ ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ, ତିଲେଇବନି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଆୟୁଷ୍ମାନ ଆରୋଗ୍ୟ ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ କଳାହାଣ୍ଡି ଯାଦବ ସମାଜ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡ଼େନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ ଟା ସନ୍ଧ୍ୟା ୭ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପୂଜା, ସ୍ଥାନ: ବୋଡ଼େନ ବ୍ଲକ ପାତାଳ ଗଙ୍ଗା ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୮ଟା।
- ଯାଦବ ସମାଜ ନୂଆପଡ଼ା ପକ୍ଷରୁ କୃଷ୍ଣ ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଏନ୍ଏସି କଲ୍ୟାଣ ମଣ୍ଡପ, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ,ସ୍ଥାନ: କୋମନା ବ୍ଲକ ତରବୋଡ଼, ସମୟ: ରାତ୍ରି ୮ଟା।

## ବୌଦ୍ଧ

- ମଦନମୋହନ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ କଳସ ଶୋଭାଯାତ୍ରା,
- ସ୍ଥାନ: ମଦନମୋହନ ମନ୍ଦିର ପରିସର, ବୌଦ୍ଧ, ସମୟ: ସକାଳ ୭ଟା।
- ଘଣ୍ଟାପଡାରେ ଜନ୍ମାଷ୍ଟମୀ ପାଳନ, ସ୍ଥାନ: ଶ୍ରୀରଘୁନାଥ ମଣ୍ଡପ, ଶ୍ରୀରାମମଣ୍ଡପ, ବାବା କଳେକେଶ୍ୱର ମଣ୍ଡପ , କଣ୍ଟାମାଳ, ସମୟ: ସକାଳ ୯ଟା।
- ବୌଦ୍ଧ ମଗଧାଗଉଡ ସମାଜର ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ:ଖଲିଆବଗିଚା ହନୁମାନ ମଣ୍ଡପ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆଧ୍ୟାତ୍ମିକ ଗ୍ରହ ଶନିଶ୍ଚରଙ୍କ ରାଶି ପ୍ରତି ଦୃଷ୍ଟି ହେତୁ ମନରେ ଈଶ୍ୱରୀୟ ଭାବନା ଜାଗ୍ରତ ହୋଇପାରେ। ଆତ୍ମୀୟ, ବନ୍ଧୁ ପରିଜନ, ପଡୋଶୀଙ୍କୁ ନେଇ ମିଳନପର୍ବ ଅନୁଷ୍ଠିତ ହେବ। ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଅଭିଳାଷ ପୂରଣ ଦିଗରେ ଅନୁଧାବିତ ହୋଇପାରନ୍ତି। ପୂର୍ବରୁ ରହିଥିବା ପ୍ରତିରୋଧ ବ୍ୟବସାୟକୁ ବିଶୃଙ୍ଖଳିତ କରିପାରେ।

**ବୃଷ** – ରାଶିରେ ଉଚ୍ଚସ୍ଥ ଚନ୍ଦ୍ରଙ୍କ ଯୋଗୁ ଯାହା ଚାହୁଁଥିଲେ ଆଜି ତାହା ପାଇବା କାରଣରୁ ମନ ପ୍ରଫୁଲ୍ଲ ରହିବ। କୃଷି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନଶିପ୍, ସାହିତ୍ୟ, ସାମ୍ବାଦିକତାରୁ ଖୁସି ରହିବେ। ସାମାଜିକ ସ୍ତରରେ ବିବାଦୀୟ ଘଟଣାରୁ ଦୂରେଇ ରହିବା ଭଲ ହେବ। ଅର୍ଥ ସଙ୍କଟ ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ।

**ମିଥୁନ** – ଦ୍ୱିତୀୟସ୍ଥ ବୁଧ ପ୍ରଭାବରେ ଶାରୀରିକ ସୁସ୍ଥତା, ସମ୍ପର୍କୀୟଙ୍କ ସମାଦର, ଆକସ୍ମିକ ଅର୍ଥପ୍ରାପ୍ତି ଦିନଟିକୁ ହର୍ଷଣ ମୁଖର କରାଇବ। ସହକର୍ମୀଙ୍କ ସହଯୋଗର ପ୍ରତିଶ୍ରୁତି ମନକୁ ହାଲୁକା କରିବ। ଖଳଲୋକଙ୍କ ହାବୁଡରେ ପଡ଼ିବେ, ମାତ୍ର କିଛି ଅସୁବିଧା ହେବନାହିଁ। ବ୍ୟବସାୟରେ ଉନ୍ନତି ହେବ, କିନ୍ତୁ ଋଣ ପରିଶୋଧ ପାଇଁ ଚିନ୍ତା ବଢିଯିବ।

**କର୍କଟ** – ଧନ ସ୍ଥାନରେ ସ୍ୱଗୃହୀ ରବିଙ୍କ ଯୋଗୁ ସ୍ୱାସ୍ଥ୍ୟ, ପରିବାର ଓ କର୍ମକ୍ଷେତ୍ର ଶାନ୍ତି ସନ୍ତୋଷର ଭିତ୍ତିଭୂମି ପାଲଟି ଯିବ। ସାମାଜିକ ସ୍ତରରେ ଆପଣଙ୍କ କୃତୀ ଓ କୃତିତ୍ୱର ଭାବମୂର୍ତ୍ତି ବହୁଚର୍ଚ୍ଚିତ ହୋଇପାରେ। ଆଜି ଯାହା ଯେମିତି ପାଇବେ ସେମିତି ଖର୍ଚ୍ଚ ମଧ୍ୟ କରିବାକୁ ବାଧ୍ୟ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ।

**ସିଂହ** – କର୍ମକ୍ଷେତ୍ରରେ ଏକାଧିକ ଗ୍ରହଜନିତ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବ। ଯାହାଫଳରେ ଆପଣ ବନ୍ଧୁମାନଙ୍କ ସହ ଆନନ୍ଦକୁ ପୂର୍ଣ୍ଣ ଉପଭୋଗ କରିପାରିବେ ନାହିଁ। ପାରିବାରିକ ଅବ୍ୟବସ୍ଥା, ପଡୋଶିନୀଙ୍କ ଆକ୍ଷେପୋକ୍ତି ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ। ଅବଶ୍ୟ ଭାଇଚାରାର ମଧୁରାନୁଭୂତି ସାୟାହ୍ନେ ମନକୁ ଆହ୍ଲାଦିତ କରିବ।

**କନ୍ୟା** – କର୍ମାଧିପ ରାଶିରେ ଗୁରୁଙ୍କ ଦୃଷ୍ଟିପଥରେ ଥିବାରୁ ଦିନଟି ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଆପଣେଇ ନେଇପାରନ୍ତି। ଆଇନ ଅଦାଲତରୁ ସୁଫଳ ପାଇବେ। ଅସ୍ଥିରତା ସାଙ୍ଗକୁ ଖର୍ଚ୍ଚ ବୃଦ୍ଧି ପାଇବ। ପ୍ରଶାସନିକ ସ୍ତରରେ, ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି।

**ତୁଳା** – ଆଜି ଅଷ୍ଟମଚନ୍ଦ୍ର ପ୍ରଭାବରେ କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ସମସ୍ୟା, ବାଣିଜ୍ୟେ ପ୍ରତିବନ୍ଧକ ଯୋଗୁ ବ୍ୟସ୍ତ ରହିବେ। କିନ୍ତୁ ଚିତ୍ରା ନକ୍ଷତ୍ରର ସମସ୍ୟା ସୁଧୁରିଯାଇପାରେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟାରମ୍ଭ ସକାଶେ ସକାଳୁ ବନ୍ଧୁ ଗହଣରେ ଖୁସିଗପର ଆସର ଜମାଇ ପାରନ୍ତି। ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବା ସହ ପାରିବାରିକ କ୍ଷେତ୍ର ଭଲ ରହିବ।

**ବିଛା** – ରାଶିକୁ ଚନ୍ଦ୍ର, ମଙ୍ଗଳଙ୍କ ଦୃଷ୍ଟି କାରଣରୁ ମାନସିକ ସ୍ଥିତି ଭଲ ରହିବ। ଅନୁରାଧା ନକ୍ଷତ୍ରର ମନରେ ଅହେତୁକ ଚିନ୍ତା ଓ କଳ୍ପନା ମାନସିକ ସ୍ଥିତିକୁ ବିଗାଡିପାରେ। ଆଜି ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା ସକାଶେ ମନ ବଳାଇପାରନ୍ତି। ଆର୍ଥିକ ସ୍ଥିତି ଉନ୍ନତ ରହିବା ସହ ପାରିବାରିକ, ସାମାଜିକ ଓ ବ୍ୟବସାୟିକ ପରିସ୍ଥିତି ମନ୍ଦ ହେବନାହିଁ।

**ଧନୁ** – ଦୁଃସ୍ଥାନସ୍ଥ ବୃହସ୍ପତି ପରିବାର ଓ କର୍ମକ୍ଷେତ୍ରକୁ ନିୟନ୍ତ୍ରଣରେ ରଖିବ। ଅତୀତର କୌଣସି ବିବାଦୀୟ ଘଟଣାର ପୁନର୍ବିଚାର କରି ଅନୁତପ୍ତ ହୋଇପାରନ୍ତି। ମୂଳା ନକ୍ଷତ୍ର ପାଇଁ ସମସ୍ୟାର ଅନ୍ତ ଘଟିବ ଏବଂ ସ୍ଥଗିତ କାମକୁ ଅଗ୍ରଗାମୀ କରାଇବାରେ ସମର୍ଥ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇଲେ ମଧ୍ୟ ଅର୍ଥ ସଙ୍କଟ ପୂର୍ବ ଭଳି ରହିବ ନାହିଁ।

**ମକର** – ଆଜିର ଗ୍ରହସ୍ଥିତି ଆପଣଙ୍କ ସକାଶେ ଶୁଭ ଓ ସୁଖଦର ପରିଚାୟକ ହୋଇପାରେ। କୋଣ ଭାବସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଅଦେଖା ବନ୍ଧୁଙ୍କ ଦେଖା ମିଳିବ ଓ ଦୂରେଇ ଯାଇଥିବା ବନ୍ଧୁଟି ପାଖେଇ ଆସିବ। ଧନିଷ୍ଠା ନକ୍ଷତ୍ରର ପରିବାରରେ ଝଗଡା ଉପୁଜିପାରେ। ଅଫିସ୍ କାମରେ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କାମଟି ଶେଷ କରିବେ।

**କୁମ୍ଭ** – ଯେତେ ମନଧରି କାମ କଲେ ମଧ୍ୟ ଅବୁଝା ବନ୍ଧୁଙ୍କୁ ବୁଝାଇବା ସହଜ ହେବନାହିଁ। ଏଥିପାଇଁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ବନ୍ଧୁ ପରିଜନଙ୍କ ସାହାଯ୍ୟ ନେବା ଭଲ ହେବ। ଜଣେ ସହକର୍ମୀଙ୍କ ସାହାଯ୍ୟରେ ଆର୍ଥିକ ଅନଟନକୁ ଦୂରେବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ମନ କଥାକୁ ମନରେ ରଖି ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି।

**ମୀନ** – ଆଜି କର୍ମକ୍ଷେତ୍ରରେ କିଛି ସମସ୍ୟା ହେତୁ ଟେନ୍‌ସନ ବଢିଯିବ, ମାତ୍ର କିଛି ଅସୁବିଧା ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟିହେବାର ଆଶଙ୍କା ରହିଛି। ରେଡିମେଡ୍ ବ୍ୟବସାୟୀ, ଦୋକାନୀ, ହୋଟେଲ ମାଲିକମାନେ ଆଜି ଭଲ କାରବାର ହେତୁ ବହୁତ ଖୁସି ରହିବେ।

ଆଜି ସର୍ବସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସୋମବାର, ଅଗଷ୍ଟ ୨୬ ତାରିଖ, ମଦର ଟେରେସା ଜୟନ୍ତୀ, ରାଶି ନକ୍ଷତ୍ର– କୃତ୍ତିକା/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୩ ଗତେ, ଘ.୦୭।୦୭ ମଧ୍ୟେ, ଘ.୧୦।୩୩ ଗତେ, ଘ. ୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୭ ଗତେ, ଘ.୦୮।୪୦ ମଧ୍ୟେ ରାହୁ କାଳ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଛାତ୍ରୀ ହର୍ଷିତା



ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି

**ଜୟପୁର ,୨୫।୮(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ପ୍ରକାଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନ ପାଇଛନ୍ତି। ସେ କୃଷିଭିତ୍ତିକ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ଦେଶୀ ଧାନ, ମାଣ୍ଡିଆ, ସୁଆଁ ବିହନ ସଂଗ୍ରହ, ସଂରକ୍ଷଣ କରୁଛନ୍ତି। ସେ ୨୬୦ ପ୍ରକାରର ଦେଶୀ ଧାନ, ମାଣ୍ଡିଆ, ସଂଗ୍ରହ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏହାପରେ ତାଙ୍କ ପାଖକୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ଆସୁଛି। ପ୍ରକାଶ ଯେ, ଏଥିସହ ସେ ପରିବେଶର ସୁରକ୍ଷା, ବାଳିକା ଶିକ୍ଷା, ଦେଶ, ବିଦେଶର ୨୦୦୦ରୁ ଅଧିକ ପ୍ରାଚୀନ ମୁଦ୍ରା, ନୋଟ୍, ୪୦ରୁ ଊର୍ଦ୍ଧ୍ୱ ଦେଶର ଡାକଟିକେଟ, ପୋଷ୍ଟ କାର୍ଡ ସଂଗ୍ରହ ସହ ଜୈବ ବିବିଧତାର ସୁରକ୍ଷା ଉପରେ ସଚେତନ କରି ଆସୁଛନ୍ତି। ଜାତୀୟ, ଅନ୍ତର୍ଜାତୀୟ କର୍ମଶାଳାରେ ଭାଗ ନେଇ ସଂଗୃହୀତ ଜିନିଷ ପ୍ରଦର୍ଶନ କରି ରାଷ୍ଟ୍ରପତି, ରାଜ୍ୟ ସରକାରଙ୍କ କୃଷି ମନ୍ତ୍ରାଳୟ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

# ରାସ୍ତାରେ ଅଧିଆ ପଡ଼ି ରାଜସ୍ଥାନରୁ ପୁରୀ ଯାତ୍ରା

**କାମାକ୍ଷାନଗର ୨୫।୮ (ସୁଧୀର କୁମାର ପରିଡା)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ସାନ୍ନିଧ୍ୟ ଟିକେ ପାଇବାକୁ ସୁଦୂର ରାଜସ୍ଥାନରୁ ବାହାରି ରାସ୍ତାରେ ଅଧିଆ ପଡ଼ି ପୁରୀ ଅଭିମୁଖେ ବାହାରିଛନ୍ତି ଜଣେ ଭକ୍ତ। ଏଭଳି ଜଣେ ଭକ୍ତଙ୍କୁ ରବିବାର ଦେଖିବାକୁ ମିଳିଛି କାମାକ୍ଷାନଗର ଉପଖଣ୍ଡ ପରଜଙ୍ଗ ବ୍ଲକ ବାଗିହାପୁର ରାସ୍ତାରେ। ରାଜସ୍ଥାନର ସବାଇ ମାଧପୁରର ହରି ସିଂହ ମାଲି ୨୦୨୩ ଜାନୁଆରୀ ଶେଷ ସପ୍ତାହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ଆଶା ନେଇ ପୁରୀ ଅଭିମୁଖେ ବାହାରିଛନ୍ତି। ନିଜ ମନସ୍କାମନା ପୂରଣ କରିବାକୁ ସେ କୌଣସି ଗାଡ଼ିରେ ନ ଆସି ରାସ୍ତାରେ ଅଧିଆ ପଡ଼ି ଚାଲିଛନ୍ତି। ଦୀର୍ଘ ୧୬ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସେ ଥକି ପଡ଼ିନାହାନ୍ତି। ଯେତେ ଦିନ ଲାଗୁ ପଛେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ଆଶୀର୍ବାଦ ପାଇବାକୁ ମନ ବଳାଇଛନ୍ତି। ଦୁଇ ତିନୋଟି ରାଜ୍ୟ ଓ କେତେକ ଜିଲା ଅତିକ୍ରମ କରି ରବିବାର ପହଞ୍ଚିଛନ୍ତି ଢେଙ୍କାନାଳ ଜିଲା ବାଗିହାପୁରଠାରେ। ଯେଉଁଠି ରାତି ହୁଏ ସେଠାରେ ରୁହନ୍ତି ଓ ଶ୍ରଦ୍ଧାଳୁ ଯାହା ଦିଅନ୍ତି ତାହା ଖାଇ ପୁଣି ପରଦିନ ସେମିତି ଅଧିଆ ପଡ଼ି ଯାତ୍ରା କରିଥାନ୍ତି ବୋଲି କହିଛନ୍ତି।


୨୦୨୩ ଜାନୁଆରୀ ଶେଷ ସପ୍ତାହରେ ବାହାରିଥିଲେ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ରବିବାର ଯୁବ ପରିବେଶବିତ୍‌ଙ୍କ ସହ ଭାବ ଆଦାନ ପ୍ରଦାନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

# ଚାଷୀଙ୍କୁ ମିଳୁନି ଭଡ଼ାରେ କୃଷି ଯନ୍ତ୍ରପାତି

## ନାମକୁ ମାତ୍ର କୃଷି ସେବାକେନ୍ଦ୍ର

ଯାଜପୁର,୨୫।୮ (ହର୍ଷବର୍ଦ୍ଧନ ବେହେରା)

ପଞ୍ଚାୟତସ୍ତରରେ କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଭଡ଼ା ସୂତ୍ରରେ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ସରକାର କୃଷି ସେବାକେନ୍ଦ୍ରର ବ୍ୟବସ୍ଥା କରିଛନ୍ତି। ପ୍ରତି କୃଷି ସେବାକେନ୍ଦ୍ରରେ ଟ୍ରାକ୍ଟର, ପାୱାର ଟିଲର, ଧାନ କଟାଯନ୍ତ୍ର, ଧାନ ଅମଳ, ଧାନ ରୁଆ, ସିଞ୍ଚନ ଯନ୍ତ୍ର, ଚକ୍ରି ଲଙ୍ଗଳ, ପାଣି ପମ୍ପ ଓ ମଞ୍ଜି ବୁଣା ଯନ୍ତ୍ର ଇତ୍ୟାଦି ରହିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ୨୦୧୩-୧୪ଠାରୁ ୨୦୨୪ ଜାନୁଆରୀ ସୁଦ୍ଧା ରାଜ୍ୟରେ ୨,୭୯୫ କୃଷି ସେବାକେନ୍ଦ୍ର ସ୍ଥାପନ ହୋଇଛି ବୋଲି ସରକାରୀ ଭାବେ କୁହାଯାଉଛି। ଫସଲର ଉତ୍ପାଦନ ବ୍ୟୟ ହ୍ରାସ କରିବାକୁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ବିଡ଼ମ୍ବନା ଯେ, ଏହି ଯୋଜନାକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଗ୍ରାମାଞ୍ଚଳରେ ଅଧିକାଂଶ ଚାଷୀ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଭଡ଼ାରେ ମିଳୁଥିବା ବିଷୟ ଜାଣି ପାରିନାହାନ୍ତି। ଚାଷୀମାନେ ଚାଷ ସମୟରେ ବେସରକାରୀସ୍ତରରେ ବିଭିନ୍ନ କୃଷି ଯନ୍ତ୍ରପାତି ଭଡ଼ା ସୂତ୍ରରେ ନେଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବିଭାଗୀୟସ୍ତରରେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ସହ କୃଷି ସେବାକେନ୍ଦ୍ର କେବଳ କାଗଜକଲମରେ ଚାଲିଛି ବୋଲି ଅଭିଯୋଗ ହୋଇଛି। ଫଳରେ ଫସଲର ବିକ୍ରି ମୂଲ୍ୟ ତୁଳନାରେ ଖର୍ଚ୍ଚ ଅଧିକ ରହୁଥିବା ଯୋଗୁ ଚାଷୀ କ୍ଷତି ସହୁଛନ୍ତି।

ରାଜ୍ୟରେ ବିଭିନ୍ନ କୃଷି ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ଯୋଜନା ଓ ଋଣ ପ୍ରଦାନରେ ସବ୍‌ସିଡି ଥିବାରୁ ଚାଷୀଙ୍କଠାରୁ ପ୍ରଥମେ ୮ ରୁ ୧୦ ହଜାର ଟଙ୍କା ନିଆଯାଉଛି, ନ ହେଲେ କୌଣସି ଋଣ ଓ କୃଷି ଯନ୍ତ୍ରପାତି ଦିଆଯିବ ନାହିଁ ବୋଲି ଧମକ ଦିଆଯାଉଥିବା ଅଭିଯୋଗ ହେଉଛି। କୌଣସି ପରିସ୍ଥିତିରେ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)/ଲାର୍ଜ ଏରିଆ ମଲ୍‌ଟିପରପୋଜ୍ ସୋସାଇଟି (ଲାମ୍ପ୍ସ)ର ସମ୍ପାଦକ କିମ୍ବା ପରିଚାଳନା ନିର୍ଦ୍ଦେଶକ ଋଣ ପାସ୍‌ବୁକ୍ କିମ୍ବା ଚେକ୍‌ବୁକ୍ ନିଜ ପାଖରେ ରଖିବେ ନାହିଁ କିମ୍ବା ଏହାର ବ୍ୟବହାର କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହାବାଦ୍ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଭଡ଼ା ସୂତ୍ରରେ ଚାଷୀକୁ ଯୋଗାଇଦେବା ପାଇଁ ହୋଇଥିବା ଯୋଜନା ଏଯାଏ ସଫଳ ହୋଇ ପାରିନାହିଁ। ଫଳରେ ଚାଷୀ ୨୦୨୩-୨୪ ବର୍ଷରେ ସାଧାରଣ ଧାନ ଚାଷ ପାଇଁ କୁଇଣ୍ଟାଲ ପିଛା ୧୯୫୫ ଟଙ୍କା ଖର୍ଚ୍ଚ କରିଥିବାବେଳେ ୨୧୮୩ ଟଙ୍କାରେ ବିକ୍ରି କରିଛନ୍ତି। ଏହାବାଦ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ କୁଇଣ୍ଟାଲ ପିଛା ୧୮୦୦ ଟଙ୍କା ପର୍ଯ୍ୟନ୍ତ ଦଲାଲଙ୍କ ନିକଟରେ ବିକ୍ରି କରିଥିବା ନଜିର ରହିଛି। ଏହା ପୂର୍ବରୁ ଧାନ ଚାଷ ପାଇଁ ୨୦୧୯-୨୦ରେ କୁଇଣ୍ଟାଲ ପିଛା ୧୨୦୮ ଟଙ୍କା, ୨୦୨୦-୨୧ରେ ୧୨୪୫ ଟଙ୍କା, ୨୦୨୧-୨୨ରେ ୧୨୯୩ ଟଙ୍କା, ୨୦୨୨-୨୩ରେ ୧୩୬୦ ଟଙ୍କା ଆଦି ଖର୍ଚ୍ଚ ବଢ଼ିଚାଲିଛି। ଏହାବାଦ୍ ଯଅ ୨୧୨୦ ଟଙ୍କା, ବାଜରା ୧୩୭୧ ଟଙ୍କା, ମକା ୧୩୯୪ ଟଙ୍କା, ରାଗି ୨୫୬୪ ଟଙ୍କା, ମୁଗ ୫୭୦୫ ଟଙ୍କା, ସୋୟାବିନ ୩୦୨୯ ଟଙ୍କା, କପା ୪୪୧୧ ଟଙ୍କା କୁଇଣ୍ଟାଲ ପିଛା ଖର୍ଚ୍ଚ ହେଉଛି। ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ ଚାଷୀ ଉପଯୁକ୍ତ ଭାବେ ଲାଭ ପାଇ ପାରି ନଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ସୁଧୁରି ପାରୁନାହିଁ। ଯାଜପୁର ଜିଲା କୋରେଇ ଅଞ୍ଚଳର ଚାଷୀ ଦାମୋଦର ଦାସ, ସୁଦାମ ଚରଣ ସାହୁ, ଯୋଗେନ୍ଦ୍ର ସାହୁ, ଅନୁରୋଧ ସ୍ୱାଇଁ, ଜ୍ୟୋତିରଞ୍ଜନ ମହାନ୍ତି ପ୍ରମୁଖ କୁହନ୍ତି, କୃଷି ସେବାକେନ୍ଦ୍ର କ'ଣ ଏଯାଏ ସେମାନେ ଜାଣି ନାହାନ୍ତି। ସୁଲଭ ମୂଲ୍ୟରେ ସରକାରୀ କୃଷି ଯନ୍ତ୍ରପାତି ଭଡ଼ାରେ ମିଳେ ବୋଲି ଆପଣଙ୍କଠାରୁ ଶୁଣିବାକୁ ପାଉଛୁ। ବେସରକାରୀ ଭାବେ ଟ୍ରାକ୍ଟର ଘଣ୍ଟା ପ୍ରତି ୧୨୦୦ ଟଙ୍କା, ଧାନ କଟା ଯନ୍ତ୍ର ୨୨୦୦ ଟଙ୍କା ଭଡ଼ାରେ ଆଣି ଚାଷ କରୁଛୁ ବୋଲି ସେମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ବେଣୁଧର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ଏଯାଏ କୃଷି ସେବାକେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନ୍ୟପକ୍ଷରେ ଯାଜପୁର ଜିଲାରେ ୨୨ଟି କୃଷି ସେବାକେନ୍ଦ୍ର ପ୍ରତିଷ୍ଠା ହୋଇଥିବା କୃଷି ବିଭାଗ ପକ୍ଷରୁ ଦର୍ଶାଯାଉଛି। ଏଭଳିସ୍ଥିତିରେ କୃଷକମାନଙ୍କୁ ଯୋଜନାକୁ ନେଇ ଦୀର୍ଘଦିନ ହେଲା ସରକାର ଭୁଆଁ ବୁଲାଉଥିବା ଅଭିଯୋଗ ହେଉଛି।

# ଆଜି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧ ଦିବସ

ଫୁଲବାଣୀ/ତୁମୁଡିବନ୍ଧ,୨୫।୮ (ରାକେଶ କୁମାର ରାଉତ/ ଦୀପକ ପରାସେଠ)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧସ୍ଥିତ ଜଲେଶପେଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମଠାରେ ସୋମବାର ପାଳନ ହେବ ଜନ୍ମାଷ୍ଟମୀ ଓ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଷୋଡ଼ଶତମ ଶ୍ରାଦ୍ଧ ବାର୍ଷିକୀ। ଏଥିପାଇଁ ତୁମୁଡିବନ୍ଧର ଜଲେଶପେଟା ଆଶ୍ରମରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ବାର୍ଷିକୀ ନେଇ ଜଲେଶପେଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମର ଅନ୍ତେବାସୀ ଆଶ୍ରମ ପରିସରକୁ ପରିଚ୍ଛନ୍ନତା କରିବା ସହ ସ୍ୱାମିଜୀଙ୍କ ବଳିଦାନ କକ୍ଷ, ପ୍ରତିମୂର୍ତ୍ତି, ଯଜ୍ଞ ମଣ୍ଡପ ସମେତ ପ୍ରତିଟି ସ୍ଥାନକୁ ମଧ୍ୟ ସୁସଜ୍ଜିତ କରିଛନ୍ତି। ଜଲେଶପେଟା ଆଶ୍ରମରେ ବହୁ ସାଧୁ ସନ୍ଥଙ୍କ ସମାଗମ ହେବା ସହ ସ୍ୱାମିଜୀଙ୍କ ଅନୁଗାମୀ ମଧ୍ୟ ଜନ୍ମାଷ୍ଟମୀ ଓ ବଳିଦାନ ଦିବସରେ ସାମିଲ ହେବେ। ପଞ୍ଚାୟତିରାଜ, ଗ୍ରାମୀଣ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାଏକ, ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବେ। ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ ତୁମୁଡ଼ିବନ୍ଧ ଜଲେଶପେଟା ଆଶ୍ରମରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ରତ୍ନଭଣ୍ଡାର ଯାଞ୍ଚ ପାଇଁ ଏଏସ୍‌ଆଇକୁ ଅନୁମତି

## ଅଳଙ୍କାର ସୁରକ୍ଷିତ ନେଇ ପୁରୁଣା ଓ ନୂଆ ତାଲିକା ଯାଞ୍ଚ ହେବ

ପୁରୀ,୨୫।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ସହ ସମସ୍ତ ଅଳଙ୍କାର ଗଣତିମଣତି ହେବ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଭିତର ଓ ବାହାର ରତ୍ନଭଣ୍ଡାର ଯାଞ୍ଚ କରିବ। ଏଥିପାଇଁ ରାଜ୍ୟ ସରକାର ଅନୁରୋଧ କରିଥିବାବେଳେ ଏଏସ୍‌ଆଇକୁ ଅନୁମତି ମିଳିଛି। ଖୁବ୍‌ଶୀଘ୍ର ଏଏସ୍‌ଆଇର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ରତ୍ନଭଣ୍ଡାର ଯାଞ୍ଚ କରିବେ। ଭିତର ରତ୍ନଭଣ୍ଡାରରେ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ରହିଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ମଧ୍ୟ ଯାଞ୍ଚ କରାଯିବ। ସେହିପରି ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ସୁରକ୍ଷିତ ଭାବେ ରହିଛି କି ନାହିଁ, ସେ ନେଇ ପୁରୁଣା ଓ ବର୍ତ୍ତମାନର ତାଲିକା ଯାଞ୍ଚ କରାଯିବ। ଏହାପରେ ସବୁ ସ୍ପଷ୍ଟ ହୋଇପାରିବ। ରତ୍ନଭଣ୍ଡାରର ଆବଶ୍ୟକ ମରାମତି ଓ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ ବୋଲି ରବିବାର ଶ୍ରୀମନ୍ଦିର ପରିଦର୍ଶନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କୁ ମନ୍ଦିର ନିକଟରେ ସେବାୟତ ଓ ଦଳୀୟକର୍ମୀ ସ୍ୱାଗତ କରିଥିଲେ। ପ୍ରଧାନ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହଙ୍କ ସମେତ ଭିତରବେଢ଼ାରେ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି କିଛି ସମୟ ବିତାଇବା ପରେ ପ୍ରସ୍ଥାନ କରିଥିଲେ। ଏହାପରେ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ, ଭାଗ୍ୟରେ ଥିବାରୁ ମହାପ୍ରଭୁଙ୍କର ଭଲରେ ଦର୍ଶନ ମିଳିଲା। ଓଡ଼ିଶାରେ ବର୍ତ୍ତମାନ ଭାଜପା ସରକାର ଗଠନ କରିଛି। ଭାଜପା ଜନସାଧାରଣଙ୍କୁ ଦେଇଥିବା କଥା ପୂରଣ କରିବା ସହ ଧୀରେ ଧୀରେ ସବୁ ଦାୟିତ୍ୱକୁ ପୂରା କରିବା ଆରମ୍ଭ କରିଛି। ଓଡ଼ିଶାର ମାତୃ ଶକ୍ତିକୁ ସଶକ୍ତୀକରଣ କରିବା ପାଇଁ ନିର୍ବାଚନ ସମୟରେ ସୁଭଦ୍ରା ଯୋଜନା ଲାଗୁ କରିବା ନେଇ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ମହିଳାଙ୍କୁ ଦେବା ପାଇଁ ଆମେ ଦାୟିତ୍ୱ ନେଇଥିଲୁ। ଓଡ଼ିଶାବାସୀ ଏହାକୁ ଭରସା କରିଥିଲେ। ଆଗାମୀ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ। ଏହି ଅବସରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଲକ୍ଷ୍ୟ ରହିଛି ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବେ। ଓଡ଼ିଶାରେ ମହିଳାଙ୍କ ଉନ୍ନତି ତଥା ଗ୍ରାମାଞ୍ଚଳ ମହିଳାଙ୍କ ସଶକ୍ତୀକରଣ ସକାଶେ ସୁଭଦ୍ରା ଯୋଜନା କରାଯାଇଛି। ଏହାଦ୍ୱାରା ଗାଁର ମଧ୍ୟ ବିକାଶ ହୋଇପାରିବ। ଅନେକ ପ୍ରତିଶ୍ରୁତି ଓ ଦାୟିତ୍ୱ ପାଳନ କରିବାର ଅଛି। ତେବେ ପୁରୀ ଯୋଗୁ ଆମେ ସମସ୍ତେ ଏବଂ ଆମ ମହାପ୍ରଭୁଙ୍କ ଯୋଗୁ ଆମେ ସମସ୍ତେ। ତେଣୁ ମହାପ୍ରଭୁଙ୍କ ମହିମା ଆହୁରି ବଢ଼ୁ। ପୁରୀକୁ ବିଶ୍ୱର ଅନ୍ୟତମ ପ୍ରମୁଖ ଅତ୍ୟାଧୁନିକ ଓ ଆଧ୍ୟାତ୍ମିକ ସହର ଭାବେ ଗଢିବା ପାଇଁ ଯାହା ଦରକାର ତାହା କରିବାକୁ ଆମ ସରକାର ବଦ୍ଧପରିକର। ଭାଜପା ଗତ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ପାଳନ କରିଛି। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଛି। ଯାଞ୍ଚ ଓ ମରାମତି ସକାଶେ ରତ୍ନଭଣ୍ଡାର ଖୋଲାଯାଇଛି। ଏଏସ୍‌ଆଇ ଖୁବ୍‌ଶୀଘ୍ର ଯାଞ୍ଚ କାର୍ଯ୍ୟ ଆରମ୍ଭ କରିବ। ଭାରତୀୟ ବୈଷୟିକ ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ କୋଠାବାଡ଼ି ଗବେଷଣା ଗବେଷଣା ସଂସ୍ଥା ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ ହେବ। ରତ୍ନଅଳଙ୍କାର ଗଣତି କରାଯାଇ ସବୁ ଠିକ୍ ଅଛି କି ନାହିଁ ତାହା ଦେଖାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ୨ ଦିନ ଅତିପ୍ରବଳ ବର୍ଷା

ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)



ବାଲାଂଦେଶ ଓ ଆଖପାଖ ଅଞ୍ଚଳରେ ରବିବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ ଉତ୍ତର ଦିଗରେ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡ ଦେଇ ଗତି କରିବ। ସେହିପରି ମନସୁନ୍ ଟ୍ରଫ୍ ଲାଇନ୍ ବଙ୍ଗୋପସାଗରର ଦକ୍ଷିଣ-ପୂର୍ବରୁ ଉତ୍ତର-ପୂର୍ବ ଦିଗରେ ବ୍ୟାପିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିଛି। ଆସନ୍ତା ୨ ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଉକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଅନ୍ୟପଟେ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ମାଲକାନଗିରି ଓ କୋରାପୁଟ ଆଦି ଜିଲାରେ ୭ରୁ ୧୧ ସେମି ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ମଧ୍ୟ ୪ ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ପ୍ରବଳ ବର୍ଷା ନେଇ ୧୩ ଜିଲାକୁ ୟେଲୋ ୱାର୍ନିଂ ରହିଛି।

# ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ | ହୀରାକୁଦ ଜଳଭଣ୍ଡାରର ଖୋଲିଲା ଆଉ ୬ ଗେଟ୍

ସମ୍ବଲପୁର,୨୫।୮ (ପ୍ରମୋଦ ବହିଦାର)



ଉପର ମୁଣ୍ଡରେ ବର୍ଷା ଜାରିରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ଜଳଭଣ୍ଡାରର ଅଧିକ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ତେବେ ଏହି ୬ଟି ଗେଟ୍‌କୁ ମିଶାଇ ବର୍ତ୍ତମାନ ଜଳଭଣ୍ଡାରର ମୋଟ ୨୦ଟି ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରିରହିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨ଫୁଟ୍‌ରେ ପହଞ୍ଚିଛି। ସନ୍ଧ୍ୟା ସାଢ଼େ ୬ଟାରେ ହସ୍ତଗତ ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୨୬ ହଜାର ୮୭୯ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୨୦ସ୍ଲୁଇସ୍ ଗେଟ୍ ଓ ବିଭିନ୍ନ କେନାଲ ମାଧ୍ୟମରେ ପ୍ରତି ସେକେଣ୍ଡରେ ମୋଟ୍ ୩ ଲକ୍ଷ ୫୪ ହଜାର ୪୯୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୧୪.୦୭ ମିଲିମିଟର ଓ ତଳମୁଣ୍ଡରେ ୯.୩୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ୪ ଫାର୍ମରୁ ମରାଗଲା ୫ ହଜାର କୁକୁଡ଼ା

## କୁକୁଡ଼ା ଫାର୍ମ ଚୟନକୁ ନେଇ ଚାଷୀ ଅସନ୍ତୋଷ

ପିପିଲି,୨୫।୮ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର)



### ପିପିଲିରେ ବାର୍ଡ ଫ୍ଲୁ ଆତଙ୍କ

ପୁରୀ ଜିଲା ପିପିଲି ବ୍ଲକରେ ବାର୍ଡ ଫ୍ଲୁ ହେବା ପରେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁକୁଡ଼ା ମରା ଅଭିଯାନର ଦ୍ୱିତୀୟ ଦିନରେ ଆବଲପୁର, ପୋଡଙ୍ଗ, ଜନାର୍ଦ୍ଦନପୁର, ରାୟଗରପୁର, ସହଜପୁର, ଆଲିସ, ବାଲିଗାଁ, ଓଡସମୁଡ଼ି, ନୂଆଗୋଡି ଅଞ୍ଚଳର ପ୍ରାୟ ୫୪ଟି ଫାର୍ମ ଚିହ୍ନଟ କରାଯାଇଛି। ଏଥିରୁ ରାପିଡ୍ ରେସକ୍ୟୁ ଟିମ୍ ୪ଟି ଫାର୍ମରୁ ପ୍ରାୟ ୫ ହଜାର କୁକୁଡ଼ା ମାରିଛି। ଏହି ଅଭିଯାନକୁ ପ୍ରାୟ ୧୫ ଦିନ ସମୟ ଲାଗିବ ବୋଲି ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। କୁକୁଡ଼ା ମରାଯିବା ପରେ ସମସ୍ତ ଫାର୍ମକୁ ସାନିଟାଇଜେସନ କରାଯିବ। ପରେ ଫାର୍ମଗୁଡିକୁ ଜଉମୁଦ ସିଲ କରାଯାଇ ଚାବିକୁ ବିଡିଓଙ୍କ ପାଖରେ ରଖାଯିବ। ତେବେ ସୋମବାରଠାରୁ କୁକୁଡ଼ା ମରା ବାବଦ କ୍ଷତିପୂରଣ ଦିଆଯିବ। ୬ ସପ୍ତାହ ମଧ୍ୟରେ ଥିବା କୁକୁଡ଼ା ବାବଦକୁ ୨୦ ଟଙ୍କା ଏବଂ ୬ ସପ୍ତାହରୁ ଅଧିକ ଦିନର କୁକୁଡ଼ା ପାଇଁ ୯୦ ଟଙ୍କା ହିସାବରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ତେବେ ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ଗ୍ରାମ ପଞ୍ଚାୟତର ଦିନଉଧାରଣପୁରରେ ବାର୍ଡ ଫ୍ଲୁ ହୋଇଥିବା ଆଶଙ୍କା କରି ସେଠାରୁ ନମୁନା ସଂଗ୍ରହ କରାଯାଇ ରବିବାର ଭୋପାଳ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପଟେ କୁକୁଡ଼ା ମରା ଅଭିଯାନ ରୋକିବାକୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ପୁରୀ ଅତିରିକ୍ତ ପ୍ରାଣି ସମ୍ପଦ ଅଧିକାରୀ ବିଶ୍ୱରଞ୍ଜନ ବେହେରା, ରାଜ୍ୟ ପୋଲଟ୍ରି ଫାର୍ମସ ଡେଭେଲପମେଣ୍ଟ ଫୋରମ ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ାଙ୍କ ମଧ୍ୟରେ ଦୀର୍ଘ ସମୟ ଦୁର୍ଗାଦାଶପୁର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। କେତେଗୁଡ଼ିଏ ପ୍ରସ୍ତାବର ସନ୍ତୋଷ ଜନକ ସିଦ୍ଧାନ୍ତ ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏବଂ କୁକୁଡ଼ା ମରା ଅଭିଯାନ ହୋଇଥିଲା। ସାତଶଙ୍ଖଠାରୁ ଉତ୍ତରା ପର୍ଯ୍ୟନ୍ତ ପ୍ରାୟ ଦେଢ଼ଶହ ଫାର୍ମରୁ ୫ ଲକ୍ଷ କୁକୁଡ଼ା ମରିଥିବା ସୂଚନା ମିଳିଛି। ସମସ୍ତ ଫାର୍ମକୁ ଯାଞ୍ଚ କରି ବିଶୋଧନ ଏବଂ ତାଲିକା ଭୁକ୍ତ କରିବାକୁ ଏଡିଭିଓ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ତ ଫାର୍ମ ରୋଗ ପ୍ରତିରୋଧ ପାଇଁ ଭିତର ଏବଂ ବାହାର ବିଶୋଧନ କରାଯିବ। ପ୍ରଥମେ ଆୱାରନେସ କ୍ୟାମ୍ପ ମାଧ୍ୟମରେ କୁକୁଡ଼ା ଚାଷୀଙ୍କୁ ସଚେତନତା କରାଯିବ ବୋଲି ବେହେରା କହିଛନ୍ତି। ପିପିଲିରେ ବାର୍ଡ ଫ୍ଲୁ ହୋଇଥିଲାବେଳେ କେଉଁ ଆଧାରକୁ ଭିତ୍ତିକରି ସଂକ୍ରମିତ ଫାର୍ମ ଚୟନ କରାଯାଇଛି ବୋଲି ଚାଷୀ ପ୍ରଶ୍ନ ଉଠାଇଥିଲେ। ସେପଟେ ଚାଷୀ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରା ନ ଗଲେ ବରଦାସ୍ତ କରାଯିବ ନାହିଁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

ପିପିଲିରେ ଦେଢ଼ଶହରୁ ଅଧିକ ଫାର୍ମ ଥିଲାବେଳେ କିଭଳି ପିପିଲି ତେଇଶିପୁର ଅଞ୍ଚଳରେ ୫୪ଟି ଫାର୍ମକୁ ସଂକ୍ରମିତ ଘୋଷଣା କରାଯାଇ ଅନ୍ୟ ଫାର୍ମକୁ ଛାଡ଼ି ଦିଆଗଲା ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି। ଗତ ଜୁନ୍‌ଠାରୁ ପିପିଲି ଜଗନାଥପୁରଠାରୁ ଉତ୍ତରା, ସାତଶଙ୍ଖ, କଣ୍ଟି ଅଞ୍ଚଳରେ ୧୫୦ରୁ ଉର୍ଦ୍ଧ୍ୱ କୁକୁଡ଼ା ଫାର୍ମ ରହିଥିଲାବେଳେ କେବଳ ୫୪ଟି ଫାର୍ମ ଚିହ୍ନଟ ପରେ ଚାଷୀ ପ୍ରତିକ୍ରିୟାଶୀଳ ହୋଇଛନ୍ତି। କେବଳ ପିପିଲି ନୁହେଁ ଡେଲାଙ୍ଗରେ ପ୍ରାୟ ଶହେ ଫାର୍ମ ଓ ସତ୍ୟବାଦୀରେ ୮୦ଟି ଫାର୍ମରେ କୁକୁଡ଼ା ବାର୍ଡ ଫ୍ଲୁରେ ସଂକ୍ରମିତ ହୋଇଥିଲାବେଳେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏଗୁଡ଼ିକୁ କ'ଣ ପାଇଁ ବାଦ୍ ଦିଆଯାଇଛି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି। ଏଥିସହ ଚାଷୀ ଚୟନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେପଟେ କୁକୁଡ଼ା ମାରିବା ସମୟରେ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଦାବି କରିଛନ୍ତି। ଅନ୍ୟପଟେ ପିପିଲି, ଡେଲାଙ୍ଗ, ସତ୍ୟବାଦୀ ଅଞ୍ଚଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବାକୁ ରାଜ୍ୟ ସମ୍ପାଦକ ପରିଡ଼ା କହିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ଚାଷୀ କହିଛନ୍ତି। ଆବଲପୁର ଅଞ୍ଚଳରେ ୫୪ଟି ଫାର୍ମକୁ ସଫା କରିବା ସହିତ ଯେଉଁ ଫାର୍ମରେ କୁକୁଡ଼ା ଥିବ ତାକୁ ମରାଯିବ। ଏସବୁ କାର୍ଯ୍ୟକ୍ରମ ଚାଷୀଙ୍କ ସହିତ ଆଲୋଚନା କରି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସୋମବାର ପୁଣିଥରେ ଚାଷୀଙ୍କୁ ନେଇ ବୈଠକ ହେବ ବୋଲି ସୂଚନା ରହିଛି।

# ପୁଣି ଜଣେ ଡେଙ୍ଗୁ ଆକ୍ରାନ୍ତ ମୃତ

କୋରାପୁଟ / ନାରାୟଣପାଟଣା, ୨୫।୮ (ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକରେ ଡେଙ୍ଗୁ ଆତଙ୍କ। ରବିବାର ଏହି ଅଞ୍ଚଳର ଜଣେ ଆକ୍ରାନ୍ତଙ୍କ ବିଶାଖାପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ନାରାୟଣପାଟଣା ବସ୍‌ଷ୍ଟାଣ୍ଡ ଅଞ୍ଚଳର ବ୍ୟବସାୟ ବି. ଶିବାଜୀ। ୩ଦିନ ମଧ୍ୟରେ ନାରାୟଣପାଟଣା ଅଞ୍ଚଳରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ ବି. ଶିବାଜୀଙ୍କୁ ପ୍ରାୟ ୩ ଦିନ ତଳେ ଜର ହୋଇଥିଲା। ସେ ପାର୍ବତୀପୁରମ୍ ଯାଇ ଟେଷ୍ଟ କରିବା ପରେ ଡେଙ୍ଗୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହା ପରେ ସେ ଔଷଧ ନେଇ ଘରକୁ ଆସିଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଗୁରୁତର ଅବସ୍ଥାରେ ସ୍ୱତନ୍ତ୍ର ଗାଡ଼ିରେ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସକାଳେ ତାଙ୍କ ପେଟ୍‌ଲେଟ କମିଯିବାରୁ ବି. ଶିବାଜୀଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତେବେ ଅପରାହ୍ନରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଗତ ୨୩ ତାରିଖରେ ବାଉରୀ ସାହିର ଏ .ସରସ୍ୱତୀଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଛି। ଏନେଇ କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଖପାତ୍ର ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କୁ ପଚାରିବାରୁ ଆନ୍ଧ୍ରରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି। ଡେଙ୍ଗୁ କିମ୍ବା ଅନ୍ୟ କୌଣସି କାରଣରୁ ସେମାନଙ୍କ ମୃତ୍ୟୁ ହୋଇଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।



# ଏପାଖ ସେପାଖ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ ସପ୍ତାହ ତଳେ ରୁଷିଆ ଗସ୍ତ କରି ସେଠାକାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଥିଲେ। ସେତେବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିରି ଜେଲନ୍‌ସ୍କି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଥିଲେ। ୨୩ ଅଗଷ୍ଟରେ ଜେଲନ୍‌ସ୍କି ଓ ମୋଦିଙ୍କ କିଭ୍‌ଠାରେ କରମର୍ଦ୍ଦନ ଓ ଆଲିଙ୍ଗନ କରିବାର ଦୃଶ୍ୟ ଭାରତ ଦେଖିଲା। ଏହା ପରେ ଭାରତୀୟ ଗଣମାଧ୍ୟମରେ କୁହାଗଲା ଯେ, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ମୋଦିଙ୍କ ବଡ଼ ପଦକ୍ଷେପ। କିନ୍ତୁ ମନେହେଲା ଉଭୟ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସନ୍ତୁଳନତା ବଜାୟ ରଖିବା ଲାଗି ମୋଦି କେବଳ ଗସ୍ତକୁ ଗୁରୁତ୍ୱ ଦେଇଛନ୍ତି। କାରଣ ଯୁଦ୍ଧରେ ରୁଷିଆର ଭଙ୍ଗା ପଡ଼ିଆସୁଥିବା ବେଳେ କୁର୍ସକରେ ୟୁକ୍ରେନ ଜୁଆର ସୃଷ୍ଟି କରିଦେଲାଣି।

୨୪ ଫେବୃଆରୀ ୨୦୨୨ରେ ରୁଷିଆ ପ୍ରଥମେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ସେତେବେଳେ ଆଲୋଚନା ହୋଇଥିଲା ଖୁବ୍ କମ୍ ଦିନ ମଧ୍ୟରେ ୟୁକ୍ରେନ୍ ଡରିଯାଇ ରୁଷିଆ ପାଖରେ ଆତ୍ମସମର୍ପଣ କରିବ। କିନ୍ତୁ ହାସ୍ୟ ଅଭିନେତାରୁ ରାଷ୍ଟ୍ରପତି ହୋଇଥିବା ଜେଲନ୍‌ସ୍କି ନିଜ ଜିଦ୍‌ରେ ଅଟଳ ରହିଲେ। ସମସ୍ତେ ଭାବିଥିଲେ ଜେଲନ୍‌ସ୍କି ଦେଶ ଛାଡ଼ି ପଳାଇବେ। ଏପରିକି ଆମେରିକା ଓ ଅନ୍ୟ କେତେକ ପାଶ୍ଚାତ୍ୟ ରାଷ୍ଟ୍ର ତାଙ୍କ ପଳାୟନ ପାଇଁ ପଥ ସୁଗମ କରିଥିଲେ। କିନ୍ତୁ ସେ ଦେଶବାସୀଙ୍କୁ ତ୍ୟାଗ କଲେ ନାହିଁ। କଳେବଳେ କୌଶଳେ ରୁଷିଆ ଆକ୍ରମଣକୁ ପ୍ରତିହତ କରିଚାଲିଛନ୍ତି। ଦୀର୍ଘ ଦୁଇବର୍ଷ ପରେ ସମୟ ଏମିତି ଆସି ପହଞ୍ଚିଲା ଯେ, ରୁଷିଆର କୁର୍ସକ ଅଞ୍ଚଳକୁ ୟୁକ୍ରେନ୍ ସେନା ମାଡ଼ି ବସିବାରେ ସକ୍ଷମ ହେଲାଣି। ଏପରିକି ଏହି ମାସରେ ୟୁକ୍ରେନ୍ ସେନା ବହୁ ରୁଷୀୟ ସୈନ୍ୟଙ୍କୁ ଧରି ନେଇଥିବା ବେଳେ ଅନେକ ଯୁବ ସୈନିକ କୌଣସି ପ୍ରତିବାଦ ନ ଜଣାଇ ଆତ୍ମସମର୍ପଣ କରି ଦେଉଥିବା ଖବର ପଦାକୁ ଆସିଛି। ଏଥିସହିତ ୟୁକ୍ରେନର ଅନେକ ଡ୍ରୋନ୍ ଆକ୍ରମଣ ଫଳରେ ରୁଷିଆ ରାଜଧାନୀ ମସ୍କୋରେ ଅଳ୍ପ କିଛି କ୍ଷତି ଘଟିଥିବାର ଆମେରିକୀୟ ଗଣମାଧ୍ୟମରୁ ଶୁଣିବାକୁ ମିଳେ। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ କରିବା ପରେ ରୁଷିଆ ଅର୍ଥନୀତି ଦୁର୍ବଳ ହୋଇ ଚାଲିଛି। ଏଥିରୁ ଏହା ବୁଝିବାକୁ ହେବ ଯେ, ରୁଷିଆ ସେନା ବାଧ୍ୟବାଧକତାରେ ଯୁଦ୍ଧ କ୍ଷେତ୍ରକୁ ଆସୁଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍ ନିଜକୁ ଦୃଢ଼ ରଖିପାରି ଥିବାରୁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସାହାଯ୍ୟ ଦେବା ପାଇଁ ଆଗଭର ହୋଇଛନ୍ତି।

> **ଭାରତ ଶକ୍ତିଶାଳୀ କୂଟନୈତିକ ନେତୃତ୍ୱ ନେଇ ସେତେବେଳେ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଏକ ସନ୍ତୁଳିତ ସମ୍ପର୍କ ସ୍ଥାପନ କରିବାର ଥିଲା। କିନ୍ତୁ ତାହା ନ ହୋଇଲା। ସେଥିପାଇଁ ଆଜି ଭାରତକୁ ଏପାଖ ସେପାଖ ହେବାକୁ ପଡୁଛି।**

ମୋଦିଙ୍କ ୟୁକ୍ରେନ୍ ଗସ୍ତ ଏମିତି ସମୟରେ ହୋଇଥିବା କୁହାଯାଉଛି ଯେତେବେଳେ ୟୁକ୍ରେନ ଯୁଦ୍ଧର ସଫଳତା ଦେଖୁଛି ଓ କୁର୍ସକ ଅଞ୍ଚଳ ନିଜ ଅକ୍ତିଆରକୁ କରିନେଇଛି। ଏଠାରେ ମନେପଡ଼େ ଜୁଲାଇ ୮ରେ ଭାରତର ପ୍ରଧାନମନ୍ତ୍ରୀଙ୍କ ମସ୍କୋ ଗସ୍ତ ସମୟରେ କିଭ୍‌ର ଏକ ଶିଶୁ ଚିକିତ୍ସାଳୟ ଉପରେ ରୁଷିଆର ଆକ୍ରମଣ ହୋଇଥିଲା। ସେଥିରେ ଅନେକ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ତାହା ହେଉଛି ପ୍ରଥମଥର ଯେତେବେଳେ ମୋଦି ରୁଷିଆର ଆକ୍ରମଣକୁ ନାପସନ୍ଦ କରିଥିଲେ। ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ମତରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ଜାତିସଂଘରେ ଏ ନେଇ ଯେତେ ଆଲୋଚନା ଓ ଭୋଟ ନିଆଯାଇଛି ସେଥିରେ ଭାରତ ନିଜକୁ ସବୁବେଳେ ଦୂରେଇ ରଖିଛି। ତାହା ପ୍ରମାଣ କରୁଛି ଭାରତର ବହିର୍ବ୍ୟାପାର ନୀତିରେ କିଛି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ରହିଯାଉଛି, ଯେଉଁଥିପାଇଁ କୌଣସି ସ୍ୱଷ୍ଟ ଦୀର୍ଘମିଆଦୀ ଆଭିମୁଖ୍ୟ ରଖିବା କଷ୍ଟକର ହେଉଛି। ରୁଷିଆ ଦୀର୍ଘବର୍ଷ ଧରି ଭାରତର ବନ୍ଧୁ ରହିଆସିଥିବାରୁ ତା' ପ୍ରତି ଦୁର୍ବଳତା ରହିବା ସ୍ୱାଭାବିକ। କିନ୍ତୁ ସ୍ଥଳବିଶେଷରେ ଯୁଦ୍ଧପ୍ରବଣ ମାନସିକତାକୁ ରୋକିବା ଲାଗି ଭାରତ ନିରପେକ୍ଷ ନିଷ୍ପତ୍ତି ନେବାର ଥିଲା। ଯେହେତୁ ଭାରତର ବୈଦେଶିକ ନୀତି ସ୍ୱଷ୍ଟ ରହୁ ନାହିଁ, ଏହା କେବଳ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ପଦକ୍ଷେପ ନେଉଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପ୍ରାରମ୍ଭରେ ପାଶ୍ଚାତ୍ୟ ରାଷ୍ଟ୍ର ମସ୍କୋ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଇଥିବା ବେଳେ ଭାରତ ପାଇଁ ନୂଆ ସୁଯୋଗ ମିଳିଥିଲା। ଗୋଟିଏ ପଟେ ରୁଷିଆ ଅର୍ଥ ଆବଶ୍ୟକ କରୁଥିବା ବେଳେ ଭାରତ ସହଯୋଗ କରିବାକୁ ଆଗେଇ ଆସିଥିଲା। ଫଳରେ ଶସ୍ତାରେ ରୁଷିଆଠାରୁ ଭାରତ ତେଲ ପାଇପାରିଲା। କିନ୍ତୁ ତାହାର ଲାଭ ଭାରତରେ ଥିବା ପେଟ୍ରୋଲପମ୍ପ୍‌ରେ ଦେଖିବାକୁ ମିଳିଲା ନାହିଁ। ଅର୍ଥାତ୍ ଗତ ଦୁଇ ବର୍ଷ ଧରି ସାଧାରଣ ଭାରତୀୟ ଗ୍ରାହକ ପାଇଁ ପେଟ୍ରୋଲ କିମ୍ବା ଡିଜେଲ ଦର ହ୍ରାସ କରାଯାଇ ନ ଥିଲା। କେବଳ ଭାରତର ମୁଷ୍ଟିମେୟ ଶିଳ୍ପପତି ଏହି ପରିସ୍ଥିତିରେ ବିପୁଳ ଲାଭ ଉଠାଇ ପାରୁଛନ୍ତି। ଭାରତ ପକ୍ଷରୁ ସେତେବେଳେ ନିଆଯାଇଥିବା ପଦକ୍ଷେପ ପାଶ୍ଚାତ୍ୟକୁ କ୍ରୋଧିତ କରିଥିଲା। ଏଭଳି ସ୍ଥଳେ ଭାରତ ଶକ୍ତିଶାଳୀ କୂଟନୈତିକ ନେତୃତ୍ୱ ନେଇ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଏକ ସନ୍ତୁଳିତ ସମ୍ପର୍କ ସ୍ଥାପନ କରିବାର ଥିଲା। କିନ୍ତୁ ତାହା ନ ହୋଇଲା। ସେଥିପାଇଁ ଆଜି ଭାରତକୁ ଏପାଖ ସେପାଖ ହେବାକୁ ପଡୁଛି।

# ବୃକ୍ଷର ତଳେ ନରହରି



ଡ.ପ୍ରଫୁଲ୍ଲ କୁମାର ସାହୁ

ମହାଭାରତୀୟ ଦର୍ଶନରେ ଅବତାରବାଦର ଅନ୍ୟତମ ଚରିତ୍ର ଭଗବାନ ଶ୍ରୀକୃଷ୍ଣ। ତାଙ୍କ ଲୌକିକ ଓ ଅଲୌକିକ ଲୀଳାର ପ୍ରଥମ ଉଦ୍‌ଗାତା ମହର୍ଷି ବ୍ୟାସଦେବ। ଶ୍ରୀମଦ୍ଭାଗବତ ତାଙ୍କ ତପୋଲବ୍ଧ ଅନୁଭବର ଏକ ବାଙ୍ମୟ ପରିପ୍ରକାଶ। ବିଶ୍ୱପ୍ରେମ, ବିଶ୍ୱଧର୍ମ ଓ ବିଶ୍ୱ ମାନବିକତାର ମହୋଦଧି ଶ୍ରୀମଦ୍ଭାଗବତ। ଆତ୍ମ ଉପଲବ୍ଧି ଓ ଆତ୍ମ ସାକ୍ଷାତକାରର ଗ୍ରନ୍ଥ। ଜ୍ଞାନର ଗଙ୍ଗା ଓ ଅମୃତର ଭଣ୍ଡାର। ମାତ୍ର ବ୍ୟାସକୃତ ଏହି ମହାପୁରାଣର ଦାର୍ଶନିକ ତତ୍ତ୍ୱକୁ ମନ୍ଥନ କରିବା ସାଧାରଣ ଜନତାଙ୍କ ପକ୍ଷରେ ଏକ ଦୁରୂହ ବ୍ୟାପାର। ଏହି କାରଣରୁ ସଂସ୍କୃତ ଭାଗବତ ଚର୍ଚ୍ଚାର ଦୁଆରବନ୍ଧ ମାଡିପାରୁ ନ ଥିଲେ ଲକ୍ଷ ଲକ୍ଷ ଅପାଠୁଆ ଓଡ଼ିଆ। ସେମାନଙ୍କ ଅସହାୟତାକୁ ଅନୁଭବ କରି ମୂଳ ଭାଗବତର ସରଳ ଭାବାନୁବାଦ ପାଇଁ ଆଗେଇ ଆସିଲେ ଭକ୍ତକବି ଜଗନ୍ନାଥ ଦାସ। କବିଙ୍କ ନିଷ୍ଠାପର ଉଦ୍ୟମ ତଥା ଭକ୍ତି, ଶକ୍ତି, ପ୍ରଜ୍ଞା ଓ ସର୍ଜନଶୀଳ ପ୍ରତିଭା ବଳରେ ଏକ ଆନୁବାଦିକ ବିସ୍ମୟ ଉଭା ହେଲା ଅଦ୍ୱିତୀୟ ତତ୍ତ୍ୱମୟ ଗ୍ରନ୍ଥ ଓଡ଼ିଆ ଭାଗବତ। ଅନ୍ଧାର ଭବବନ୍ଧ ଅପସାରଣ ନ୍ୟାୟରେ ତାହା ଖୋଲିଦେଲା ଲକ୍ଷ ଲକ୍ଷ ନିରକ୍ଷର ଜନତାଙ୍କ ଆଖି। ଆଧ୍ୟାତ୍ମିକତାର ଏକ ଅଦ୍ଭୁତ ଉଲ୍ଲାସ ମଧ୍ୟରେ ବିଶାଳ ଉତ୍କଳ ଖଣ୍ଡରେ ଦକ୍ଷିଣରୁ ଉତ୍ତର ଯାଏ ପ୍ରବାହିତ ହେଲା ଭାଗବତର ଭାବନା। ଓଡ଼ିଶାର ଘରେ ଘରେ ପ୍ରତିଷ୍ଠା ହେଲା ଭାଗବତ ଗାଦି। ଗାଁ ଗାଁରେ ଗଢି ଉଠିଲା ଭାଗବତଟୁଙ୍ଗି, ଯେଉଁଠି ସଞ୍ଜ ନଇଁଲେ ଭାଗବତ ଗୋସେଇଁଙ୍କ କଣ୍ଠରୁ ଭାସିଆସେ- 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'-ଆଦି ପଦ ପଂକ୍ତିର ସୁଲଳିତ ଆବୃତ୍ତି। ଭାଗବତର ନବାକ୍ଷରୀ ବୃତ୍ତ ବା ଗୁଜ୍ଜରୀ ରାଗର ଅନୁରଣନ ଶ୍ରୋତାକୁ ଏତେ ସମ୍ମୋହିତ କଲା ଯେ ନିରକ୍ଷର ଜନତା ବି ଶୁଣି ଶୁଣି ମନେରଖିଲା ଭାଗବତର ଅମୃତ ବାଣୀ। ଭାଗବତଟୁଙ୍ଗି ନିର୍ବାହ କଲା ଗାଁ ପାଠାଗାର, ରାତ୍ରି ଶିକ୍ଷାଦାନ କେନ୍ଦ୍ର, ଆଧ୍ୟାତ୍ମିକ ଆଲୋଚନା ସ୍ଥଳ ତଥା ଲୋକ ନ୍ୟାୟାଳୟର ଭୂମିକା। ଦଣ୍ଡ, କ୍ଷମା ଓ ଜରିମାନା ଆଦି ସବୁକିଛି ନିର୍ଣ୍ଣୟ ହେଲା ଭାଗବତ ଗୋସେଇଁଙ୍କ ନାଁରେ। ସେଠାରେ ତୁଳସୀପତ୍ର ଛୁଇଁ ମିଛ କହିବାକୁ ସାହସ କରିବ ବା କିଏ ? ତେଣୁ ଭାଗବତଟୁଙ୍ଗି ପାଲଟିଗଲା ଲୋକଙ୍କ ଆସ୍ଥା ଓ ବିଶ୍ୱାସର ସ୍ଥଳ। ସାମାଜିକ ସଂହତି ତଥା ଶାନ୍ତି ଓ ସମର୍ପଣର ପବିତ୍ର ପୀଠ।

ଭାରତୀୟ ସଂସ୍କୃତିରେ ଯାହା ମୂଳ ବା ମୂଲ୍ୟବାନ ତାହା ହିଁ ଭାଗବତର ସାର ସଂଗ୍ରହ। ତା'ର ପ୍ରତ୍ୟେକଟି ପଦ ଓ ପାଦରେ ନିହିତ ମୁନିଋଷିମାନଙ୍କ ସୂକ୍ଷ୍ମତମ ଚିନ୍ତାର ନିର୍ଯ୍ୟାସ, ଯାହା ଶୁଦ୍ଧ ଜୀବନବୋଧର ଏକ ଏକ ମନ୍ତ୍ର। ମୁକ୍ତିର ମହୋୖଷଧି। ଏହି ବିଶ୍ୱାସ ନେଇ ମଣିଷର ଶେଷଶଯ୍ୟା ପାଖରେ ପଢାଯାଏ



ଭାଗବତ। ପୁଅ ଅକ୍ଷର ନ ଶିଖିଲେ ମା' ବାପାଙ୍କ ମୃତ୍ୟୁଶଯ୍ୟା ପାଖରେ ଭାଗବତ ପଢିବ କେମିତି? ଶାଶୁ ଶ୍ୱଶୁରଙ୍କୁ ଭାଗବତ ଅଧ୍ୟାୟେ ପଢି କେମିତି ଶୁଣେଇବ ବୋହୂ? ଖାସ ଏଇ କାରଣରୁ ପିଲାଙ୍କୁ ପାଠ ପଢାଇବାକୁ ବ୍ୟାକୁଳ ହେଲେ ସବୁ ମା' ବାପା। ଗାଁ ଗାଁରେ ଖୋଲିଲା ଚାଟଶାଳୀ। ଆରମ୍ଭ ହେଲା ମାଟିବଂଶ ଅବଧାନ ପରମ୍ପରା। ନାରୀ ଶିକ୍ଷାର ପ୍ରସାର ସାଙ୍ଗକୁ ବଢିଲା ସାକ୍ଷରତା ହାର। ତଥ୍ୟ କହେ ଏକଦା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଟପି ଯାଇଥିଲା ଓଡ଼ିଶାର ସାକ୍ଷରତା ହାର। ପ୍ରାୟତଃ ପଚାଶ ଷାଠିଏ ବର୍ଷ ତଳେ ପ୍ରତିଦିନ ଭାଗବତ ପଢିବା ଓ ଶୁଣିବା ଥିଲା ଅନେକ ଲୋକଙ୍କ ଅଭ୍ୟାସ। ତେଣୁ ଆଧ୍ୟାତ୍ମିକ ଜ୍ଞାନର ବିକାଶ ସହିତ ଲୋକଙ୍କ ଭିତରେ ପ୍ରକାଶ ପାଇଥିଲା ସତ୍ୟ, ଧର୍ମ, ନ୍ୟାୟ ଓ ପରୋପକାର ପ୍ରତି ନିଷ୍ଠା। ସେବା, ତ୍ୟାଗ, ନୈତିକ ଭାବନାରେ ମହକିଉଠିଥିଲା ଗ୍ରାମ୍ୟ ପରିବେଶ।

ଭାଗବତରେ ଜୀବନ ନିର୍ଯ୍ୟାସର ଗହନ ତତ୍ତ୍ୱ ଯେତେ ଥାଉନା କାହିଁକି ମୂଳ କଥାଟି ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣ। ପୌରାଣିକ କଥାବସ୍ତୁ ଅନୁସାରେ ପ୍ରବଳ ପ୍ରତାପୀ ମହାରାଜା କଂସ ଥିଲା ମାନବିକତାର ଶତ୍ରୁ। ତା'ର ଅତ୍ୟାଚାରରେ ଥରହର ହେଉଥିଲା ମଥୁରା କଟକ। ରାଜକର୍ମଚାରୀଙ୍କ ଶୋଷଣ କଷଣରେ ଅତିଷ୍ଠ ହୋଇ ତ୍ରାହି ତ୍ରାହି ଡାକୁଥିଲେ ପ୍ରଜାକୁଳ। ମୁନିଋଷିମାନଙ୍କ ଯଜ୍ଞ ଧ୍ୱଂସ କରିବା ସହିତ ପଶୁପକ୍ଷୀମାନଙ୍କୁ ନିର୍ମମ ଭାବରେ ହତ୍ୟା କରୁଥିଲେ କଂସର ଅନୁଚରମାନେ। ଏଭଳି ଏକ ଅନ୍ଧାରୀ ଶାସନର ଅବସାନ ନିମନ୍ତେ ଆବଶ୍ୟକ ଥିଲା ନୂତନ ରାଜଶକ୍ତିର ଅଭ୍ୟୁଦୟ। ସମୟର ଏ ଆହ୍ୱାନକୁ ସ୍ୱୀକାର କଲେ ଭଗବାନ ଶ୍ରୀକୃଷ୍ଣ। ଅନ୍ଧକାରର ବୁକୁଚିରି ପ୍ରତୀୟମାନ ହେଲା ବିପ୍ଳବର ବହ୍ନିମାନ ରୂପ। କଂସର କାରାଗାର ଭିତରେ ମା'ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମଗ୍ରହଣ କଲେ ଭଗବାନ ଶ୍ରୀକୃଷ୍ଣ। ''ଆକାଶେ ଉଦେ ନିଶାକର। ଦେବକୀ ଉଦରୁ ବାହାର।।''

କୃଷ୍ଣଙ୍କ ଜନ୍ମ ଯେତିକି ରହସ୍ୟମୟ, ତାଙ୍କର କାର୍ଯ୍ୟକଳାପ ତତୋଧିକ ସଂଘର୍ଷପୂର୍ଣ୍ଣ। ସେ ଯେତିକି ଦେବତା ନ ଥିଲେ, ତତୋଧିକ ଥିଲେ ମାନବୀୟ ଚେତନାର ବାର୍ତ୍ତାବହ। ମଣିଷ ପ୍ରତି ତାଙ୍କର ଯେତିକି ଭଲ ପାଇବା ଥିଲା ତତୋଧିକ ଭଲ ପାଇବା ଥିଲା ପ୍ରକୃତି ଓ ପରିବେଶ ପ୍ରତି। ତାଙ୍କ ଦୃଷ୍ଟିରେ ପ୍ରକୃତି ଉପରେ ମାନବୀୟ ଅତ୍ୟାଚାର ଏକ ପାଶବିକ ଆଚରଣ। ତେଣୁ ପ୍ରଦୂଷଣକାରୀ ତତ୍ତ୍ୱ ବିରୋଧରେ ତାଙ୍କର ପଦକ୍ଷେପ ଥିଲା କଠୋର ଓ ଦୃଷ୍ଟାନ୍ତମୂଳକ, ଯାହା ପରିବେଶ ସୁରକ୍ଷା ଦିଗରେ ସର୍ବାଧିକ ଅନୁକରଣୀୟ। ସେ କେବଳ କର୍ମଯୋଗର ପ୍ରବକ୍ତା ନ ଥିଲେ, ବରଂ ଥିଲେ ପ୍ରକୃତି ଉପାସନାର ପ୍ରତୀକ ଓ ତା'ର ସୁରକ୍ଷାର ପ୍ରବର୍ତ୍ତକ। ପାହାଡ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। ଚିର ମୌନମୁଦ୍ରାରେ ଦଣ୍ଡାୟମାନ ପାହାଡଗୁଡିକ କେବଳ କିଛି ପଥର ମାଟି ଗୋଡି ଓ ବୃକ୍ଷରାଜିର ସମାହାର ନୁହେଁ କି ନୈସର୍ଗିକ ଶୋଭାରାଜିର ଗନ୍ତାଘର ନୁହେଁ, ତା' ଦେହରେ ରହିଛି ମାନବୀୟ ଜୀବନସତ୍ତା। ପାହାଡ ଆମ ଜୀବନ ଜୀବିକାର ଆଧାର। ପାହାଡରୁ ସୃଷ୍ଟିହୁଏ ଝରଣା। ଝରଣାରୁ ନଦୀ। ସେହି ନଦୀ କୂଳରେ ଗଢିଉଠେ ଜନବସତି। କେବଳ ପାନୀୟ ଜଳ ଯୋଗାଣ କି କୃଷିର ବିକାଶ ପାଇଁ ନୁହେଁ, ପାହାଡ ଦେହରୁ ଝରୁଥିବା ଝରଣା ଉପରେ ନିର୍ଭର କରି ବଞ୍ଚିଛନ୍ତି ଅନେକ ପ୍ରଜାତିର ପ୍ରାଣୀ। ଏହି ଦୃଷ୍ଟିରୁ ଗୋପବାସୀଙ୍କ ପାଇଁ ଇନ୍ଦ୍ର ପୂଜାଠାରୁ ଅଧିକ ମହତ୍ତ୍ୱ ରଖେ ଗୋବର୍ଦ୍ଧନ ଉପାସନା। ତେଣୁ ଇନ୍ଦ୍ର ପୂଜା ବଦଳରେ ଗିରି ଗୋବର୍ଦ୍ଧନ ପୂଜିବାକୁ ପରାମର୍ଶ ଦେଇ ସେ କହିଛନ୍ତି-''ପୂଜିବା ଗୋବର୍ଦ୍ଧନ ଶିରେ,ଯେ ଇନ୍ଦ୍ର ଯଜ୍ଞର ସମ୍ଭାରେ। ଦ୍ୱିଗୁଣ କରି ବଳି ଭୋଜା, ସୁଖେ କରିବା ଗିରିପୂଜା।''

ମଣିଷ ସମେତ ସମଗ୍ର ଜୀବଜଗତ ପାଇଁ ନଦୀ ହେଉଛି ପ୍ରକୃତିର ବଡ ଉପହାର। ପ୍ରତ୍ୟକ୍ଷ ହେଉ କି ପରୋକ୍ଷ ହେଉ ନଦୀ ଉପରେ ସମସ୍ତେ ନିର୍ଭରଶୀଳ। ଅଥଚ ମଣିଷର ଅତ୍ୟାଚାରରେ ଦେଶର ନଦୀ ଏବେ ପ୍ରଦୂଷିତ। ଏହି ପରିପ୍ରେକ୍ଷୀରେ ଏକ ଅନୁକରଣୀୟ ବାର୍ତ୍ତା ବହନ କରେ ଯମୁନା ନଦୀ ସହିତ ଶ୍ରୀକୃଷ୍ଣଙ୍କର ଆତ୍ମୀୟତା ତଥା କାଳୀୟନାଗର ଅତ୍ୟାଚାରରୁ କାଳିନ୍ଦୀ ହ୍ରଦକୁ ପ୍ରଦୂଷଣ ମୁକ୍ତ କରିବାର ପ୍ରତିବଦ୍ଧତା।

ପରିବେଶ କହିଲେ ଆଗେ ଆଖି ଆଗକୁ ଆସେ ବୃକ୍ଷ। ମଣିଷର ସ୍ଥିତି,ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଓତପ୍ରୋତ ଭାବେ ଜଡିତ। ପ୍ରାଣ ସଂଚାର ପାଇଁ ବାୟୁଠାରୁ ଖାଦ୍ୟବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ। ତ୍ୟାଗ ହେଉଛି ବୃକ୍ଷର ଧର୍ମ। ପ୍ରସଙ୍ଗ କ୍ରମେ ବୃକ୍ଷକୁ ଗୁରୁ ଭାବରେ ଗ୍ରହଣ କରିଥିବା ଅବଧୂତ କହିଛନ୍ତି-''ଧନ୍ୟ ଜୀବନ ଏ ଜଗତେ,ଯେ ପ୍ରାଣ ଧରେ ପ୍ରାଣୀ ହିତେ। ଧନ୍ୟ ଜୀବନ ଧନ୍ୟ ତାର, ଦୁର୍ଲ୍ଲଭ କର୍ମ ଏ ବେଭାର। ଏହା ମୁଁ ବୃକ୍ଷଙ୍କର ସ୍ଥାନେ, ଶିଖିଲି ପର୍ବତ ଗହନେ।'' ଅର୍ଥାତ୍ ବୃକ୍ଷ ସଦୃଶ ଯିଏ ପରୋପକାର ପାଇଁ ଜୀବନ ବଞ୍ଚେ, ସାର୍ଥକ ହୋଇଯାଏ ତା'ର ମାନବ ଜୀବନ। ଗୋ-ସମ୍ପଦର ସମୃଦ୍ଧି ହିଁ ପରିବେଶ ସୁରକ୍ଷାର ଏକ ପ୍ରମୁଖ ଅଙ୍ଗ। ତେଣୁ ଗୋ-ସମ୍ପଦର ଯତ୍ନ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି ଶ୍ରୀକୃଷ୍ଣ। ''ଗୋରୁ ଗୋପାଳ ଘେନି ସଙ୍ଗେ, ମିଳିଲେ ଯମୁନାର ଲାଗେ। ଶୀତଳ ଜଳ ପାନ କରି, ବୃକ୍ଷର ତଳେ ନରହରି।'' ଅତଏବ ପରିବେଶ ସୁରକ୍ଷା ଦିଗରେ ଭାଗବତ ବାଣୀର ପ୍ରାସଙ୍ଗିକତା ସର୍ବକାଳୀନ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ସଙ୍ଗଦୋଷ



ହରେକୃଷ୍ଣ ଦାସ

ଅଗ୍ରପୂଜିତ ଅଗ୍ନିଦେବ ଅତି ଉଚ୍ଚ ସମ୍ମାନର ଅଧିକାରୀ ହୋଇଥିଲେ ବି କମାରଶାଳରେ ତାଙ୍କର ମାନମର୍ଯ୍ୟାଦାର ହାନି ହେଉଥିବା ଅନୁଭବ କରି ବିଷଣ୍ଣ ହୃଦୟରେ ଏହାର କାରଣ ଖୋଜିବାରୁ ଜାଣିପାରିଲେ ଯେ ତାଙ୍କ ମାନହାନିର ଏକମାତ୍ର କାରଣ ହେଉଛି ତାଙ୍କର ନୀଚସଂସର୍ଗ। ଲୁହାସହ ସଂଯୁକ୍ତ ହୋଇ ରହିବା କାରଣରୁ ଅଗ୍ନିଦେବଙ୍କୁ ଭୀଷଣ ପ୍ରହାର ଭୋଗିବାକୁ ପଡ଼ିଥାଏ। ଯାର ଅର୍ଥ ମଧ୍ୟ ଏୟା ଯେ ଉଦ୍ଦେଶ୍ୟ ଯାହା ବି ହେଇଥାଉନା କାହିଁକି ଯଦି ଦୁର୍ଜନର ସାନ୍ନିଧ ଲାଭ କରାଯାଏ ତେବେ ପ୍ରତି ମୁହୂର୍ତ୍ତରେ ଅପମାନିତ ହେବାର ଆଶଙ୍କା ଥାଏ। ତେଣୁ ଦୁର୍ଜନ ସଙ୍ଗ ପରିହାର କରିବା ପାଇଁ ଆମକୁ ଉପଦେଶ ଦିଆଯାଇଛି।

ତା' ସତ୍ତ୍ୱେ ଏ କଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ସଙ୍ଗଦୋଷରୁ ମାନହାନିର ଆଶଙ୍କା ଥିଲେ ମଧ୍ୟ ଅନ୍ତଃକରଣରୁ ସାଧୁତା ଆଚରଣ କରୁଥିବା ଲୋକ ସଙ୍ଗଦୋଷ କାରଣରୁ ନିଜର ମୌଳିକ ଚରିତ୍ର ହରାଇ ନ ଥାନ୍ତି। ନିଜ ଦେହରେ ବିଷଧର ସାପ ଗୁଡେଇ ହେଇ ରହିଥିଲେ ବି ଚନ୍ଦନ ଗଛ ଯେମିତି ବିଷର ଜ୍ୱଳନ ଆହରଣ ନ କରି ନିଜର ସୁବାସ ଅକ୍ଷୁଣ୍ଣ ରଖିଥାଏ ସାଧୁ ଲୋକ ଠିକ୍ ସେହିପରି ଦୁର୍ଜନ ସଂସର୍ଗ ସତ୍ତ୍ୱେ ନିଜର ସୁଗୁଣ ନଷ୍ଟ ହେବାକୁ ଦିଏନାହିଁ। ଏଇ କଥାଟି ବୁଝାଇବାକୁ ଯାଇ କୁହାଯାଇଛି ଯେ ''ବିକୃତିଂ ନୈବ ଗଚ୍ଛନ୍ତି ସଙ୍ଗଦୋଷେଣ ସାଧବ, ଆବେଷ୍ଟିତଂ ମହାସର୍ପୈଶ୍ଚନ୍ଦନଂ ନ ବିଷାୟତେ।'' ଏବଂ ସମାନ ଅର୍ଥରେ କବି ରହିମ ଦାସ କହିଛନ୍ତି ଯେ ''ଯୋ ରହିମ ଉତ୍ତମ ପ୍ରକୃତି, କା କରୀ ସକତ କୁସଙ୍ଗ। ଚନ୍ଦନ ବିଷ ବ୍ୟାପେ ନହିଁ, ଲିପଟ ରହତ ଭୁଜଙ୍ଗ।''

ଏମିତି ଏକ ସାରଗର୍ଭକ ଭାଷଣ ଦେଇସାରି ମଞ୍ଚରୁ ଓହ୍ଲାଇ ଆସି ମିଶ୍ରବାବୁ ନିଜର ଫୋନ ଧରି ବସିପଡିଲେ ତ ମୁଁ ମୋର ସନ୍ଦେହ ଓ ପ୍ରଶ୍ନଗୁଡିକ ଧରି ତାଙ୍କ ପାଖରେ ପହଞ୍ଚିଗଲି। ପଚାରିଲି,'ଆଜ୍ଞା, ସତରେ କ'ଣ ସଙ୍ଗଦୋଷର କୁପ୍ରଭାବରୁ ନିଜକୁ ବଞ୍ଚେଇ ରଖିପାରିବା ?' ଟିକିଏ ହସିଦେଇ ମିଶ୍ରବାବୁ କହିଲେ, ''ତମମାନଙ୍କ ଭଳିଆ ସାଧାରଣ ଲୋକଙ୍କ ସାଧ ବାହାର କଥା ଇଏ। ଏଥିପାଇଁ ଦୃଢ ଇଚ୍ଛାଶକ୍ତି ଆବଶ୍ୟକ। ଚରିତ୍ରରେ ସ୍ଥିର ରହିପାରିବା ଏତେ ସହଜ କଥା ନୁହେଁ। କାହାପ୍ରତି ଅନ୍ଧ ଭଲପାଇବା କି ଅନ୍ଧ ସମର୍ଥନ ରଖିବା ଉଚିତ ନୁହେଁ। ଧୃତରାଷ୍ଟ୍ର, ଭୀଷ୍ମ, କର୍ଣ୍ଣ ଇତ୍ୟାଦିଙ୍କ ଅବସ୍ଥା ଯାହା ହେଲା ତା' କେବଳ ସେମାନଙ୍କ ସଙ୍ଗଦୋଷ ପ୍ରଭାବରୁ ହିଁ ହେଲା। ଆମ ସାଧାରଣ ଜୀବନରେ ମଧ୍ୟ ସମାନ କଥା ଘଟେ। ହେଇ ଦେଖୁନ ରାମବାବୁଙ୍କ ପୁଅ କଥା। ଏତେ ଝିଅରେ ପୁଅଟେ ହେଲା ବୋଲି ତାକୁ ତା' ମା'ବାପା ଏମିତି ଆଦର ଯତ୍ନରେ ବଡ଼ଉଥିଲେ ସତେ ଯେମିତି ତାଙ୍କ ଚଉଦ ପୁରୁଷ ଉଦ୍ଧାର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ତାଙ୍କ କୋଳରେ ଜନ୍ମ ନେଇଛନ୍ତି। ପିଲାଟା ମଧ୍ୟ ମା'ବାପାଙ୍କର ଅତି ଆଜ୍ଞାଧୀନ ହୋଇ ସେମାନଙ୍କୁ ବହୁତ ଭଲପାଉଥିଲା। କିନ୍ତୁ



ବାହାଘର ପରେ ଗୋଟେ ଦୁଷ୍ଟ ସ୍ତ୍ରୀ ହାବୁଡ଼ରେ ପଡ଼ି ଏତେ ଭଲପିଲାଟା ଏମିତି ଖରାପ ହେଇଗଲା ଯେ ଏବେ ସେ ମା'ବାପାଙ୍କୁ ପଚାରୁନି!''

''ହେଲେ ମଣିଷ ତ ଆଉ ଗଛ ନୁହେଁ ନା। ସାପ ଗୁଡେଇ ହେଇ ରହିଲେ ଚନ୍ଦନ ଗଛ କଥା ଛାଡନ୍ତୁ ଚାକୁଣ୍ଡା ଗଛ ବି ବିଷାକ୍ତ ହେବନି। ତେଣୁ ଗଛର ଉଦାହରଣ ଛାଡି ମଣିଷ କଥା କୁହନ୍ତୁ।''

''ତା ଠିକ୍। ଚନ୍ଦନ ଗଛ କେବଳ ଏକ ଆଖ୍ୟାନ ମାତ୍ର। କିନ୍ତୁ ମଣିଷ ନିଜର ଚରିତ୍ର ଓ ପ୍ରକୃତିଗତ ଦୁର୍ବଳତା କାରଣରୁ ଅନେକ ଦୁଷ୍ଟଙ୍କ ପ୍ରତି ଆନୁଗତ୍ୟ ଓ ବନ୍ଧୁତା ରଖିବା ଯୋଗୁ ଅପମାନିତ ହୋଇଚାଲିଥାଏ ; ଏମିତି କି ବିନାଶ ଆଡ଼କୁ ମଧ୍ୟ ଟାଣିହେଇଯାଏ। ଦୁର୍ଯ୍ୟୋଧନ ସହ ମିତ୍ରତା ପାଳନ କରି ଅଧର୍ମ କରୁଛି ବୋଲି ଜାଣି ସୁଦ୍ଧା ତା'ଠାରୁ ନିଜକୁ ଦୂରେଇ ରଖି ନ ପାରିବା ହିଁ କର୍ଣ୍ଣର ଅପମାନ ଓ ପତନର କାରଣ ଥିଲା। ଠିକ୍ ସେମିତି କୌରବ ସିଂହାସନ ପ୍ରତି ଅନ୍ଧ ଆନୁଗତ୍ୟ ହେତୁ ଅଧର୍ମକୁ ବିରୋଧ ନ କରିବା ଯୋଗୁ ଭୀଷ୍ମ ଭର୍ତ୍ସନା ସହିବାକୁ ବାଧ୍ୟ ହୋଇଥିଲେ ଏବଂ ଗୋଟେ କଷ୍ଟଦାୟକ ମୃତ୍ୟୁଶଯ୍ୟା କରିଥିଲେ। ଏମାନେ ଅଳ୍ପ କିଛି ଉଦାହରଣ ମାତ୍ର। ଏମାନଙ୍କ ଭଳି ଅସଂଖ୍ୟ ଲୋକ ବର୍ତ୍ତମାନ ଆମ ଚାରିପାଖରେ ଅଛନ୍ତି। ସେଇ ରାମବାବୁଙ୍କ କଥା ଦେଖୁନ। ତାଙ୍କ ଅଫିସ୍‌ର ସବୁ ଷ୍ଟାଫ୍‌ଙ୍କ ଅସନ୍ତୋଷ ସତ୍ତ୍ୱେ ଗୋଟେ ସଂସ୍କାରହୀନ ତଥା ଅପେକ୍ଷାକୃତ ନୂଆ କର୍ମଚାରୀ ସହ ସେ ଏମିତି ଯୋଡିହୋଇ ତା'ର ସବୁ ଉଦ୍ଧତପଣିଆକୁ ସମର୍ଥନ କରି ତାକୁ ଏମିତି ଉପରମୁହାଁ କରିଛନ୍ତି ଯେ କେବଳ ଏଇ କାରଣରୁ ଅନେକ ଥର ଅପଦସ୍ଥ ହେଲେଣି ବୋଲି ମନଦୁଃଖରେ ମତେ କେତେଥର କହିଲେଣି, ତଥାପି କୋଉ ସ୍ୱାର୍ଥରେ କେଜାଣି, ତା'ଠାରୁ ଡୋର ଛିଡେଇ ପାରୁନାହାନ୍ତି। ତାଙ୍କର ଅପମାନ ଭୋଗିବାଟା ଅଗ୍ନିଦେବଙ୍କ ଅବସ୍ଥା ସହ ସମାନ ନୁହଁ କି?''

''କିନ୍ତୁ ନଷ୍ଟ ହେବାର ପ୍ରବଣତା ଯଦି ଭିତରେ ନ ଥାଏ ତେବେ କାହାର ପ୍ରଭାବରେ କ'ଣ ଜଣେ ନଷ୍ଟ ହେଇଯିବ?''

''ହଁ, ସେକଥା ଠିକ୍। କିନ୍ତୁ କହିଲି ନା, ଚରିତ୍ରରେ ସେତିକି ଦୃଢ଼ତା ନ ଥିଲେ ଜଣେ କୁସଙ୍ଗ ପ୍ରଭାବରୁ ନିଜକୁ ସୁରକ୍ଷିତ ରଖିପାରିବନି।''

ଏତିକି କହିଛନ୍ତି କି ନାହିଁ ମିଶ୍ରବାବୁଙ୍କ ସ୍ତ୍ରୀଙ୍କର ଫୋନ ଆସିଲା। ଚଢ଼ା ଗଳାରେ ଜେରା କଲା ଭଳି ସେ ପଚାରିଲେ, ''ତମକୁ ମେସେଜ ଦେଇଥିଲି ଯେ ତମ ମା'ବାପାଙ୍କୁ ଦେଖିବାକୁ ଯିବାକୁ ମୋ ପାଖରେ ଆଜି ଟାଇମ ନାହିଁ। ତାଙ୍କୁ କୁହ ଯେ ତମେ ମତେ ଆଜି ହସ୍ପିଟାଲ ନେଇ ଯାଉଛ, ତେଣୁ ଆଜି ଗାଁକୁ ଯାଇହେବନି। ମୋର ପାର୍ଟିକୁ ଯିବାରେ ଡେରି ହେଲାଣି, ମୁଁ ଯାଉଛି। କ'ଣ ଶୁଭିଲା ନା ନାହିଁ?'' ମୋ ସାମ୍ନାରେ ଏସବୁ ଘଟୁଥିବାରୁ ଲଜ୍ଜାରେ ଝାଉଁଳି ପଡିଥିବା ମିଶ୍ରବାବୁ ଥରହର କଣ୍ଠରେ ଜବାବ ଦେଲେ, ''ହଁ, ତମେ ଯାଅ। ମୁଁ ଜଣେଇ ଦେଉଛି ଯେ ମୁଁ ଆଜି ଦିନତମାମ ହସ୍ପିଟାଲ କାମରେ ବ୍ୟସ୍ତ ରହିବି।''

ମିଶ୍ରବାବୁ ମୁହଁଟେକି ମତେ ଆଉ ଚାହିଁପାରିଲେନି। ଆଉ ମୁଁ ଭାବୁଥିଲି ତାଙ୍କ ଚନ୍ଦନ ଗଛ ଉପାଖ୍ୟାନ।

**ଅଧ୍ୟାପକ, ଇଂଲିଶ ବିଭାଗ**
**ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ନିଷ୍ଠା ଓ କଠିନ ପରିଶ୍ରମ ସଫଳତାର ବାଟ କଢ଼ାଇନିଏ, ଯାହା ଇଞ୍ଜିନିୟର ଗୌରବ ପଚୌରୀଙ୍କ ଜୀବନରେ ଦେଖାଯାଇଛି। ଗୌରବଙ୍କ ବୟସ ୩୦। ସେ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସରକାରୀ ଚାକିରି କରିବା ଲାଗି ଦିଲ୍ଲୀରେ ପ୍ରସ୍ତୁତି ଚଳାଇଥିଲେ। ହେଲେ ଏଥିରେ ଅସଫଳ ହେଲେ। ପରେ ସେ ରାଜସ୍ଥାନ ଫେରି ଆସି ମୋତି ଚାଷ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜଣେ ଇଞ୍ଜିନିୟରଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶ ୱାଟର ଆକ୍ୱାକଲଚର, ଓଡ଼ିଶାରୁ ୫ ଦିନ ପ୍ରଶିକ୍ଷଣ ନେବା ପରେ ମୋତି ଚାଷ ଆରମ୍ଭ କରିଥିଲେ। ପ୍ରଥମେ ୧୫୦ ଫୁଟ ଲମ୍ବ ଓ ୮୦ ଫୁଟ ଚଉଡ଼ାର ଏକ ପୋଖରୀ ଖୋଳି ସେଥିରେ ୧.୫ ଲକ୍ଷ ଶାମୁକା ଛାଡ଼ିଥିଲେ। ଏଥିରେ ଗୌରବ ୨୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ୨୧ ମାସ ପରେ ଶାମୁକାରୁ ପାଇଥିବା ମୋତି ବିକ୍ରି କରି ସେ ୧.୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଖର୍ଚ୍ଚ ବାଦ୍ ଗୌରବ ୮୦ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଏହି ଚାଷରେ ସେ ଅନେକ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଅଗଷ୍ଟ ୧୯୭୫**

- ବାଲେଶ୍ୱର ଓ କଟକ ଜିଲାର ବହୁତ ଗ୍ରାମ ପାଣି ଘେରରେ ରହିଥିବାରୁ ଭାରତୀୟ ବିମାନ ବାହିନୀ ପକ୍ଷରୁ ରିଲିଫ ସାହାଯ୍ୟ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଛି।
- ବାଂଲାଦେଶର ରାଷ୍ଟ୍ରପତି ଖଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ନେତୃତ୍ୱରେ ଗଠିତ ନୂତନ ସରକାରଙ୍କୁ ଜୋର୍ଡାନର ସ୍ୱୀକୃତି ପ୍ରଦାନ।
- ଜାତିର ସ୍ୱାର୍ଥ ବିରୋଧରେ ସମ୍ବାଦପତ୍ରଗୁଡ଼ିକ ସମ୍ବାଦ ପ୍ରକାଶ କରୁଥିବା ଅଭିଯୋଗରେ ନେପାଳରେ ୩ଟି ସମ୍ବାଦପତ୍ର ବେଆଇନ ଘୋଷିତ ହୋଇଛି।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | 5 |
| 3 | | | 4 | 7 | | | | |
| | | | | 1 | | | | 2 |
| | 8 | | 3 | | | 5 | | |
| 7 | | | | | | | | 9 |
| | | | 9 | | 4 | | 3 | |
| 4 | | 8 | | | 2 | 7 | | |
| | 5 | | | | | | 9 | |
| | 9 | | 8 | 3 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 3 | 2 | 1 | 5 | 6 | 9 | 8 |
| 6 | 9 | 8 | 3 | 7 | 4 | 5 | 1 | 2 |
| 5 | 1 | 2 | 6 | 9 | 8 | 7 | 3 | 4 |
| 1 | 6 | 9 | 8 | 3 | 7 | 4 | 2 | 5 |
| 7 | 2 | 4 | 5 | 6 | 9 | 1 | 8 | 3 |
| 3 | 8 | 5 | 4 | 2 | 1 | 9 | 7 | 6 |
| 2 | 5 | 7 | 9 | 4 | 3 | 8 | 6 | 1 |
| 9 | 4 | 6 | 1 | 8 | 2 | 3 | 5 | 7 |
| 8 | 3 | 1 | 7 | 5 | 6 | 2 | 4 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଯତ୍ନଶୀଳ ହେଉ

ମହାଶୟ,
ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଅଗଷ୍ଟ ମାସ ୧୭ ତାରିଖ ଦିନ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଇଂରାଜୀ ସଂକ୍ଷେପଣ ଓଟିଇଟି ଅନୁଷ୍ଠିତ ହୋଇଯାଇଛି । ପ୍ରତିଥର ଭଳି ଏଥର ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ ନିମନ୍ତେ ଅନେକ ସମ୍ବେଦନଶୀଳ କଥା ସବୁ ଶୁଣିବାକୁ ମିଳୁଛି । ହେଲେ ଚିରାଚରିତ ଢଙ୍ଗରେ ପରିଷଦ ତରଫରୁ ଘଟଣାଟିକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରାଯାଇଛି । ଗୁଜବ ଏମିତି ମଧ୍ୟ ଶୁଣିବାକୁ ମିଳୁଛି ଯେ, ଉତ୍ତର ସୂତ୍ରମାନଙ୍କୁ କଲମ ଖାତା ନେଇ ଲେଖି ଆଣିବାକୁ ପଡୁଛି ମୋଟା ଅଙ୍କର ଅର୍ଥ ପ୍ରଦାନ କରି । ପରୀକ୍ଷା ତାରିଖ ବଢ଼ିବା ସହ ଏହି ଦେୟର ପରିମାଣ କମୁଛି । ସେଥିଲାଗି ଗୁଜବ ସୃଷ୍ଟିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବା ଉଚିତ । ସାମାଜିକ ଗଣମାଧ୍ୟମରେ ମଧ୍ୟ ଉପଯୁକ୍ତ ଅଙ୍କୁଶ ଲଗାଇବା ଏକ ଦାୟିତ୍ୱଶୀଳ ପରିଚାଳନା ବ୍ୟବସ୍ଥାର ବିଶେଷତ୍ୱ । ଲୋକଙ୍କ ମନରେ ସଂଶୟ ଆସିବା ପୂର୍ବରୁ ପରିଷଦ ନିଜର ଚରିତ୍ରରେ ଗୁଜବର କାଦୁଅ ପଡ଼ିବାକୁ ନ ଦେବା ନିମିତ୍ତ ଯତ୍ନଶୀଳ ହେବା ଜରୁରୀ ହୋଇପଡ଼ିଛି ।

**-ଅରୁଣ କୁମାର ତ୍ରିପାଠୀ, ଜୟପୁର**

## ଚିରନ୍ତନୀ

ଉଠିନି ହସି ରବି ରକତ ରାଗେ,
ନୟନେ କିପାଁ ତବ ଲୋତକ ଜାଗେ !
ଉଷାର ପରଶରେ ଜୋଛନା ବିରସ ଯେ
ପ୍ରଭାତୀ ତାରା ମୁଖେ ତୁଷାର ଲାଗେ
ନୟନେ ତବ କିପାଁ ଲୋତକ ଜାଗେ ?
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୀମାନ୍ତରୁ ୪ ଆଇଇଡି ଜବତ

ରାଉରକେଲା,(ସଙ୍ଗୀତା ଜେନା): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ରବିବାର ୪ଟି ଆଇଇଡି ଜବତ ହୋଇଥିବା ସିଆରପିଏଫ୍ ପକ୍ଷରୁ ସୂଚନା ମିଳିଛି। ସୀମାନ୍ତ ଟୋଣ୍ଟୋ ଗୋଇଲକେରା ଥାନା ସୀମାବର୍ତ୍ତୀ ଜିମକିଇକ୍ରା, ମୁରୁଙ୍ଗବୁରା, ହୁସିପି ନିକଟରେ ଥିବା ଜଙ୍ଗଲିଆ କ୍ଷେତ୍ରରୁ ସୁରକ୍ଷାବଳଙ୍କ ପାଇଁ ଖଞ୍ଜା ହୋଇଥିବା ଉକ୍ତ ଆଇଇଡି ଠାବ କରାଯାଇଥିଲା। ୫ କେଜି ଓଜନ ବିଶିଷ୍ଟ ଆଇଇଡିଗୁଡ଼ିକୁ ବମ୍ ନିରୋଧକ ସ୍କ୍ୱାଡ୍ ସହଯୋଗରେ ନଷ୍ଟ କରାଯାଇଛି।

## ଆନ୍ତଃରାଜ୍ୟ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ

# ରାଜସ୍ଥାନରୁ ୪ ଗିରଫ

### ମୁଖ୍ୟ ଅଭିଯୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

- ବଲାଙ୍ଗୀରର ପ୍ରତିଷ୍ଠିତ ଡାକ୍ତରଙ୍କଠାରୁ ଠକି ନେଇଛନ୍ତି ୭୬ ଲକ୍ଷ ଟଙ୍କା
- ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୬୦ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କଲା ପୋଲିସ

ବଲାଙ୍ଗୀର,୨୫।୮
(ବୀରେନ୍ଦ୍ର କୁମାର ଝାଙ୍କର)


ଗିରଫ ଅଭିଯୁକ୍ତଙ୍କ ସହ ବଲାଙ୍ଗୀର ସାଇବର ପୋଲିସ ଟିମ୍ ଓ ଜବତ ୫ ମୋବାଇଲ ଫୋନ୍।

ସାରା ଦେଶରେ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ଜାଲ ବିଛାଇ ବିପୁଳ ପରିମାଣର ଟଙ୍କା ଠକି ନେଇଥିବା ଏକ ଆନ୍ତଃରାଜ୍ୟ ଠକ ଦଳର ୪ ଜଣଙ୍କୁ ବଲାଙ୍ଗୀର ପୋଲିସ ରାଜସ୍ଥାନରୁ ଗିରଫ କରିଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଜଣେ ପ୍ରତିଷ୍ଠିତ ଡାକ୍ତର ଏହି ଅନ୍‌ଲାଇନ୍ ଠକାମିର ଶିକାର ହୋଇ ୭୬ ଲକ୍ଷ ଟଙ୍କା ହରାଇଛନ୍ତି। ବଲାଙ୍ଗୀର ସାଇବର ପୋଲିସ ଥାନାରେ ଏନେଇ ଅଭିଯୋଗ ହେଲା ପରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଡି. ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ରାଜସ୍ଥାନ ଯାଇ ସେଠାରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୫ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ପ୍ରମାଣ ଜବତ କରିଛନ୍ତି। ବଲାଙ୍ଗୀର ପୋଲିସ ଏହି ଅନ୍‌ଲାଇନ୍ ଠକ ଦଳଙ୍କ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୬୦ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ରବିବାର ଏସ୍‌ପି ଖିଲାରୀ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ରାଜସ୍ଥାନର ଚୁରୁ ଏବଂ ଗଙ୍ଗାନଗର ଜିଲାରୁ ଗିରଫ ୪ ଅଭିଯୁକ୍ତ ବିକାଶ ପାରେଖ (୩୧), ପୱାନ ସିଂ (୩୦), ବିଜୟ ରାୟ ଶର୍ମା (୩୩) ଏବଂ ହର୍ଷିତ ଚୌହାନ (୨୧)ଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏହି ଆନ୍ତଃରାଜ୍ୟ ଅନ୍‌ଲାଇନ୍ ଟ୍ରେଡିଂ ଠକେଇକୁ ପରିଚାଳନା କରୁଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବିକାଶ ପାରେଖ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୋଲି ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି। ସମଗ୍ର ଦେଶରେ ବିଛାଇ ଥିବା ଏହି ଅନ୍‌ଲାଇନ୍ ଟ୍ରେଡିଂ ଠକେଇ କାରବାରରେ ଅଭିଯୁକ୍ତମାନେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ଆରାମଦାୟକ ଜୀବନ ବିତାଉଥିଲେ ବୋଲି ଏସ୍‌ପି ସୂଚନା ଦେଇଥିଲେ।

ଗତ ଏପ୍ରିଲ ମାସରେ ଟଙ୍କା ବହୁଗୁଣିତ ହେବାର ଏକ ମୋବାଇଲ ଲିଙ୍କ୍ ପାଇବା ପରେ ବଲାଙ୍ଗୀରର ସମ୍ପୃକ୍ତ ପ୍ରତିଷ୍ଠିତ ଡାକ୍ତର ଜଣକ ଏଥିରେ ୭୬ ଲକ୍ଷ ଟଙ୍କା ଲଗାଇ ଦେଇଥିଲେ। ପରେ ସେ ଏକ ବଡଧରଣର ଠକାମିର ଶିକାର ହୋଇଥିବା ଜାଣିବା ପରେ ବଲାଙ୍ଗୀର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ସ୍ଥାନୀୟ ସାଇବର ଥାନାରେ ମାମଲା (୨୧/୨୦୨୪) ରୁଜୁ କରି ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ଇଣ୍ଟରନେଟ୍‌ରେ ନିଜ ପରିଚୟ ଗୋପନ ପାଇଁ ଭର୍ଚ୍ଚୁଆଲ ମୋବାଇଲ ନମ୍ବର ଏବଂ ଭିପିଏନ୍ ସର୍ଭିସ ବ୍ୟବହାର କରୁଥିଲେ। ତଦନ୍ତ ଆରମ୍ଭ କରାଯିବା ପରେ ରାଜସ୍ଥାନରୁ ଏହି ଠକେଇ ନେଟୱାର୍କ ପରିଚାଳିତ ହେଉଥିବା ଜଣାପଡିଥିଲା। ଅଭିଯୁକ୍ତମାନେ ଉଚ୍ଚଶିକ୍ଷିତ ଓ ଅତି ସତର୍କତାର ସହ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ମୋବାଇଲ, ଟେଲିଗ୍ରାମ୍, ହ୍ୱାଟସ୍‌ଆପ୍ ଜରିଆରେ ଅନ୍‌ଲାଇନ୍ ଠକେଇ କରୁଥିବା ସ୍ପଷ୍ଟ ହୋଇଥିଲା। ଲୋକଙ୍କୁ ଠକିବା ପାଇଁ ଅଭିଯୁକ୍ତମାନେ ଅନ୍‌ଲାଇନ୍‌ରେ ଜାଲ ଡୋମେନ୍ ଏବଂ କ୍ରିପ୍ଟୋ ଟ୍ରେଡିଂ ପ୍ଲାଟଫର୍ମ ତିଆରି କରି ଟେଲିଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ଜରିଆରେ ଲୋକଙ୍କ ପାଖକୁ ପଠାଉଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବଲାଙ୍ଗୀରର ସ୍ୱତନ୍ତ୍ର ସାଇବର ପୋଲିସ ଟିମ୍ ରାଜସ୍ଥାନ ଗସ୍ତରେ ଯାଇ ସେଠାକାର ଚୁରୁ ଏବଂ ଗଙ୍ଗାନଗର ଜିଲା ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏହି ଅନ୍‌ଲାଇନ୍ ଟ୍ରେଡିଂ ଠକେଇରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି। ଏହି ଅନ୍‌ଲାଇନ୍ ଠକେଇ ନେଟୱାର୍କର ପର୍ଦ୍ଦାଫାଶ କରିବା ପାଇଁ ବଲାଙ୍ଗୀର ସାଇବର ପୋଲିସ ଟିମ୍‌କୁ ଦୀର୍ଘ ୪ ମାସ ପରିଶ୍ରମ କରିବାକୁ ପଡିଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ଖିଲାରୀଙ୍କ ସହ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ସାଇବର ଟିମ୍ ଇନ୍ସପେକ୍ଟର ଅଲେଖ ଗର୍ଡିଆ, ଭାରତୀ ନାଏକ, ମନୋଜ କୁମାର ମୁଣ୍ଡା, ଅବିନାଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଟଙ୍କା ବହୁଗୁଣିତ କରିବା ଲୋଭରେ ଏଭଳି ଅନ୍‌ଲାଇନ୍ ଠକେଇରେ ପଡନ୍ତୁ ନାହିଁ ବୋଲି ଏସ୍‌ପି ଖିଲାରୀ ଜନସାଧାରଣଙ୍କୁ ସଚେତନ କରିଛନ୍ତି।

# ନକଲି ଆପ୍‌ରେ ଫସାଇ ଲୁଟୁଛନ୍ତି ସାଇବର ଠକ

### ୬ ମାସରେ ଠକି ନେଇଛନ୍ତି ୨୫ କୋଟି

ଭୁବନେଶ୍ୱର,୨୫।୮
(ସୂର୍ଯ୍ୟକାନ୍ତ ବେହେରା)

ନକଲି ଆପ୍ ସାଇବର ଅପରାଧୀଙ୍କ ଅସ୍ତ୍ର ପାଲଟିଛି। ନକଲି ଆପ୍ଲିକେଶନ ବନାଇ ଲୋକଙ୍କୁ ଜାଲରେ ଫସାଉଛନ୍ତି। ଡାଟାବେସ ଜରିଆରେ ମୋବାଇଲ ନମ୍ବର ସଂଗ୍ରହ କରିବା ସହ ଲୋକଙ୍କ ରୁଚି ଓ ଆବଶ୍ୟକତାକୁ ପରଖି ଲୋଭନୀୟ ମେସେଜ୍ ମାଧ୍ୟମରେ ନକଲି ଆପ୍‌ର ଲିଙ୍କ୍ ପଠାଉଛନ୍ତି। ଉକ୍ତ ଲିଙ୍କ୍‌କୁ ଖୋଲି ନକଲି ଆପ୍‌କୁ ଡାଉନ୍‌ଲୋଡ୍ କରିବା ମାତ୍ରେ ଲୋକେ ଫସିଯାଉଛନ୍ତି। କେତେବେଳେ ମୋବାଇଲକୁ ହ୍ୟାକ୍ କରି ତ ଆଉ କେତେବେଳେ ବ୍ଲାକମେଲିଂ ଜରିଆରେ ସର୍ବସ୍ୱାନ୍ତ କରିଦେଉଛନ୍ତି। କାହାକୁ ଟ୍ରେଡିଂରେ ନିବେଶ ନାଁରେ ତ ପୁଣି କାହାକୁ ଲୋନ୍ ଆପ୍‌ରେ ଲୁଟୁଛନ୍ତି। ପାର୍ଟଟାଇମ୍ ଚାକିରି, ବିଟ୍ କଏନ, ଅନ୍‌ଲାଇନ୍ ଶପିଂ, ଅନ୍‌ଲାଇନ୍ ଡେଲିଭରି ସଂସ୍ଥା କିମ୍ବା କୋରିୟର ସଂସ୍ଥା ନାଁରେ ଏବେ ଶହ ଶହ ନକଲି ଆପ୍ ସକ୍ରିୟ ରହିଛି। ପ୍ରତିଦିନ ନ୍ୟାଶନାଲ ସାଇବର କ୍ରାଇମ୍ ପୋର୍ଟାଲରେ ଏଭଳି ନକଲି ଆପ୍ ଠକେଇକୁ ନେଇ ଶହ ଶହ ଅଭିଯୋଗ ଆସୁଛି। ପୁଣି ସାଇବର ଥାନାକୁ ଆସୁଥିବା ମାମଲାରୁ ଅଧାରୁ ଅଧିକ ଏହି ନକଲି ଆପ୍‌ଜନିତ ବୋଲି ଜଣାପଡିଛି। ପୁଣି ଆପଲ ଆପ୍ ଷ୍ଟୋର୍ ଓ ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ମାଳ ମାଳ ନକଲି ଆପ୍ ଖୋଲାଯାଇଛି। ସାଇବର ଅପରାଧୀମାନେ ଜାଲ୍ ତଥ୍ୟ ଦେଇ ନକଲି ଆପ୍ ଖୋଲିଥିବାରୁ ପୋଲିସ ହେଉ ଅବା ଅନ୍ୟ କୌଣସି ତଦନ୍ତକାରୀ ସଂସ୍ଥା ତଦନ୍ତବେଳେ ସେମାନଙ୍କ ସୁରାକ ପାଇପାରୁନାହାନ୍ତି। ଫଳରେ ସାଇବର ଅପରାଧ କମିବା ପରିବର୍ତ୍ତେ ବଢ଼ିଚାଲିଛି। ନକଲି ଆପ୍ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବର୍ଗର ଲୋକଙ୍କୁ ଫସାଇ ସାଇବର ଅପରାଧୀମାନେ ଗତ ୬ ମାସ ମଧ୍ୟରେ ୨୫ କୋଟିରୁ ଅଧିକ ଟଙ୍କା ଲୁଟି ନେଇଥିବା ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ ହୋଇଥିବା ଏସିପି ଅଞ୍ଜନା ଗୁରୁ ସୂଚନା ଦେଇଛନ୍ତି।

### ଠକେଇରୁ ବର୍ତ୍ତିବାକୁ ଉପାୟ ବତାଇଲେ ବିଶେଷଜ୍ଞ

ନକଲି ଆପ୍‌ରୁ ଲୋକେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁ କେତେକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବୈଧ ୱେବ୍‌ସାଇଟ୍ କିମ୍ବା ଅନୁମତିପ୍ରାପ୍ତ ଆପ୍ ଷ୍ଟୋର( ପ୍ଲେ ଷ୍ଟୋର, ଆପଲ ଷ୍ଟୋର୍) ଭଳି ଭରସାଯୋଗ୍ୟ ଉତ୍ସରୁ ହିଁ ଟ୍ରେଡିଂ କିମ୍ବା ଅନ୍ୟ ଆପ୍‌ଗୁଡିକ ଡାଉନ୍‌ଲୋଡ୍ କରନ୍ତୁ। ଏହାପୂର୍ବରୁ ସତର୍କତାର ସହ ଠିକ୍ ଯାଞ୍ଚ କରନ୍ତୁ। ଏପିକେ ଫାଇଲ୍ ଅର୍ଥାତ୍ ଆଣ୍ଡ୍ରଏଡ୍ ପ୍ୟାକେଜ ମୋଡ୍‌ରେ ଆପ୍ ଡାଉନ୍‌ଲୋଡ୍ ପାଇଁ ଲିଙ୍କ୍ ସହ ଅଫର ଆସୁଥିଲେ ଦୂରେଇ ରୁହନ୍ତୁ। ଅଜଣା ଉତ୍ସ ଜରିଆରେ ଲିଙ୍କ୍ ଆସୁଥିଲେ ଆଦୌ ଡାଉନ୍‌ଲୋଡ୍ କରନ୍ତୁନାହିଁ। ବିଭିନ୍ନ ୱେବ୍‌ସାଇଟ୍, ଅନ୍‌ଲାଇନ ବିଜ୍ଞାପନ, ସୋସିଆଲ ମିଡିଆ ପୋଷ୍ଟରେ ପଠାଯାଉଥିବା ଆପ୍, ପ୍ଲେ ଷ୍ଟୋର୍‌ରେ ଥିବା କିଛି ଅନାବନା ଆପ୍‌କୁ ମଧ୍ୟ ଡାଉନଲୋଡ୍ କରନ୍ତୁ ନାହିଁ। ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ, ପୂର୍ବରୁ ଲୋକମାନେ ଦେଇଥିବା ମତ ଓ ମନ୍ତବ୍ୟକୁ ଧ୍ୟାନ ଦିଅନ୍ତୁ। ଡେଭଲପରଙ୍କ ୱେବ୍‌ସାଇଟକୁ ଯାଇ ଆପ୍ ସମ୍ପର୍କିତ ତଥ୍ୟ ଯାଞ୍ଚ କରନ୍ତୁ ଓ ଆପ୍‌ର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। କୌଣସି ଆପ୍ ଚଳାଇବା ପାଇଁ କେବଳ ଆବଶ୍ୟକ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରି, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ଅନୁମତି ଦିଅନ୍ତୁ ନାହିଁ। ମୋବାଇଲରେ ପେଡ୍ ଆଣ୍ଟି ଭାଇରସ ସଫ୍ଟୱେର ବ୍ୟବହାର କରନ୍ତୁ, ଯାହା ସାଇବର ଆକ୍ରମଣରୁ ମୋବାଇଲକୁ ସୁରକ୍ଷା ଦେବ। ବିଭିନ୍ନ ଆକାଉଣ୍ଟ ପାଇଁ ଅଲଗା ଅଲଗା ଶକ୍ତିଶାଳୀ ସ୍ୱତନ୍ତ୍ର ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଏବଂ ନିୟମିତ ବ୍ୟବଧାନରେ ସେଗୁଡ଼ିକୁ ପରିବର୍ତ୍ତନ କରନ୍ତୁ। ଯଦି ଆପଣ ଏକ ନକଲି ଆପ୍ ଡାଉନ୍‌ଲୋଡ୍ କରିଦେଇଛନ୍ତି, ତେବେ ଆପ୍‌କୁ ତୁରନ୍ତ ଅନ୍‌ଇନ୍‌ଷ୍ଟଲ୍ କରନ୍ତୁ। କୌଣସି ଆକାଉଣ୍ଟର ଗୋପନୀୟତା କିମ୍ବା ସୁରକ୍ଷା ଭଙ୍ଗ ହୋଇଥିବା ଅନୁଭବ କରୁଛନ୍ତି, ତେବେ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ କରନ୍ତୁ। ବ୍ୟାଙ୍କ ଓ ଅନ୍‌ଲାଇନ୍ ଆକାଉଣ୍ଟ ଉପରେ ନଜର ରଖନ୍ତୁ। ସନ୍ଦିଗ୍ଧ ଆପ୍ ସମ୍ପର୍କରେ ତୁରନ୍ତ ଥାନାରେ ରିପୋର୍ଟ କରନ୍ତୁ।

# ମହିଳାଙ୍କୁ ଅପହରଣ, ବଳାତ୍କାର: ଯୁବକ ଗିରଫ

ପାଟଣା,୨୫।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ପୋଲିସ ରବିବାର ଜଣେ ମହିଳାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା କରଞ୍ଜିଆ ଗ୍ରାମ ୱାର୍ଡ ନମ୍ବର ୧୩ ନିଉଣ୍ଟି ସାହିର କାହ୍ନା ଗ୍ରହାଚାର୍ଯ୍ୟ(୨୪)।

ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୦ରେ ପାଟଣା ଥାନା ଭାଲିଆଡିହା ଗ୍ରାମର କେତେଜଣ ମହିଳା କାହ୍ନାଙ୍କ କାର୍‌କୁ ଭଡ଼ାରେ ନେଇ ମୟୂରଭଞ୍ଜ ଜିଲା ବିଷୋୟୀକୁ ଆଦିବାସୀ ମେଳା ଦେଖିବାକୁ ଯାଇଥିଲେ। ମେଳାରୁ ଫେରିବା ସମୟରେ ଜଣଙ୍କୁ ଛାଡ଼ି ସମସ୍ତ ମହିଳା ଓହ୍ଲାଇଥିଲେ। ଉକ୍ତ ମହିଳାଙ୍କ ଘର ଗାଁର ଶେଷ ମୁଣ୍ଡରେ ଥିବାରୁ ତାଙ୍କୁ ଘର ନିକଟକୁ ଛାଡ଼ିବାକୁ କାହ୍ନା ଯାଇଥିଲେ। କିନ୍ତୁ ସେ ମହିଳାଙ୍କୁ ଘରେ ନ ଛାଡ଼ି କରଞ୍ଜିଆକୁ ନେଇ ଏକ ଘରେ ୪ ଦିନ ରଖି ବଳାତ୍କାର କରିଥିଲେ। ମହିଳା ଜଣକ ଘରକୁ ଆସି ସ୍ୱାମୀଙ୍କୁ କହିବା ପରେ ଏ ନେଇ ମହିଳା ପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କାହ୍ନାଙ୍କୁ କରଞ୍ଜିଆରୁ ଗିରଫ କରି କୋର୍ଟଚାଲାଣ କରିବା ସହ ତାଙ୍କ କାର୍‌କୁ ଜବତ କରିଥିବା ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି। ରବିବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ଘଟଗାଁ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ କହିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୮୨/୨୪) ରୁଜୁ ହୋଇଛି।

# ହରିଣ ଶିଙ୍ଗ, ଛାଲ ଜବତ: ୨ ଗିରଫ


ବନ କର୍ମଚାରୀଙ୍କ ଦ୍ୱାରା ଗିରଫ ୨ ଅଭିଯୁକ୍ତ ଓ ଜବତ ହରିଣ ଶିଙ୍ଗ, ଛାଲ।

ଖଇରା/ଔପଦା,୨୫।୮
(ଉତ୍କଳବନ୍ଧୁ ପଣ୍ଡା/ଧରିତ୍ରୀ ପଣ୍ଡା)

### କେନ୍ଦ୍ରୀୟ ଗୋଇନ୍ଦା ଟିମ୍‌ର ଚଢ଼ାଉ

ବାଲେଶ୍ୱର ଜିଲା ସୋର ରେଞ୍ଜ ଖଇରା ଥାନା ଅଧୀନ ଦିଘି ତେନ୍ତୁଳି ଓ ଚକାପଦା ଗ୍ରାମରୁ ୨ଟି ହରିଣ ଶିଙ୍ଗ, ଗୋଟିଏ ଛାଲ ଓ କସ୍ତୁରୀ ମୃଗ ନାଭି ଜବତ କରାଯାଇଛି। କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଓ ବନ ବିଭାଗ ମିଳିତ ଭାବେ ଶନିବାର ରାତିରେ ଚଢ଼ାଉ କରିଥିଲେ। ଏହି ର୍‍ୟାକେଟରେ ସମ୍ପୃକ୍ତ ଥିବା ଚିନ୍ତାମଣି ପୃଷ୍ଟି ଓ ସନ୍ତୋଷ ମହାନ୍ତିଙ୍କୁ ଗିରଫ କରାଯାଇଛି। ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦ ଓ ରେଞ୍ଜର ମନୋରଞ୍ଜନ ନାଇକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

# ସିମ୍‌ବକ୍ସ ନେଟୱାର୍କ: ଜେଲ୍ ଫେରିଲେ ରାଜୁ ମଣ୍ଡଳ

ଭୁବନେଶ୍ୱର,୨୫।୮ (ସତ୍ୟଜିତ୍ ରାଉତ)

### ମାଷ୍ଟରମାଇଣ୍ଡ୍ ଆଶାଦ୍ଦୁରଙ୍କୁ ଧରିବାକୁ ଇଣ୍ଟରପୋଲ୍‌ର ଉଦ୍ୟମ

ସିମ୍‌ବକ୍ସ ନେଟୱାର୍କ ମାମଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାରଠାରୁ ୨ଦିନିଆ ରିମାଣ୍ଡରେ ଆସିଥିବା ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କଠାରୁ କମିଶନରେଟ୍ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ରିମାଣ୍ଡ ଶେଷ ହୋଇଥିବାରୁ ଲକ୍ଷ୍ମୀସାଗର ଥାନା ପୋଲିସ ତାଙ୍କୁ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ଆବଶ୍ୟକ ପଡିଲେ ରାଜୁଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯାଇ ଅଧିକ ଜେରା କରାଯିବ ବୋଲି ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି। ଅନ୍ୟପକ୍ଷରେ ଏହି ଆତଙ୍କୀ ର୍‍ୟାକେଟର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ବାଂଲାଦେଶର ଆଶାଦ୍ଦୁର ଜମାନ୍‌ଙ୍କୁ ଧରିବାକୁ ଇଣ୍ଟରପୋଲ୍ ପ୍ରୟାସ କରୁଥିବା ଜଣାପଡିଛି। ଇତିମଧ୍ୟରେ ବହୁ ବିଳମ୍ବ ହୋଇଯାଇଥିବାରୁ ସେ ବାଂଲାଦେଶରେ ଲୁଚିଛନ୍ତି ନା ଦେଶ ବାହାରକୁ ପଳାଇ ଯାଇଛନ୍ତି ସେନେଇ ଅଧିକ ତନାଘନା ଚାଲିଛି। ଏପଟେ ଜବତ ସିମ୍‌ଗୁଡିକର ସିଡିଆର୍ ରିପୋର୍ଟ ଆସିବା ପରେ ଏଥିରେ କିଛି ନୂଆ ତଥ୍ୟ ମିଳିବ ବୋଲି ପୋଲିସ ଆଶା ରଖିଛି। ଉଲ୍ଲେଖଯୋଗ୍ୟ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ କୋଠା (ଖାନ୍ ମଞ୍ଜିଲ)ରେ ଅଗଷ୍ଟ ୧୬ରେ ସ୍ପେଶାଲ ସ୍କ୍ୱାଡ୍ ଓ ଲକ୍ଷ୍ମୀସାଗର ଥାନା ପୋଲିସର ମିଳିତ ଟିମ୍ ଚଢ଼ାଉ କରି ରାଜୁଙ୍କୁ ଗିରଫ କରିଥିଲା। ପରେ କଟକ ଏବଂ ରାଞ୍ଚିରେ ଏହି ନେଟୱାର୍କର ଗୁମର ଖୋଲିବା ଆରମ୍ଭ ହୋଇଥିଲା। ତିନି ସ୍ଥାନରୁ ବହୁ ପରିମାଣର ସନ୍ଦିଗ୍ଧ ସିମ୍‌ବକ୍ସ ମିଳିଥିଲା। ଅଭିଯୁକ୍ତମାନେ ଘରଭଡ଼ା ନେଇ ସିମ୍‌ବକ୍ସ ମାଧ୍ୟମରେ ଆତଙ୍କୀ ର୍‍ୟାକେଟ ଚଳାଇଥିଲେ। ସିମ୍‌ବକ୍ସ ଜରିଆରେ ପାକିସ୍ତାନ, ଚାଇନା ଓ ମଧ୍ୟପ୍ରାଚ୍ୟ ଦେଶରୁ କଲ୍ ଆସିଥିବା ଯାଞ୍ଚବେଳେ ଜଣାପଡିବା ପରେ ଘଟଣାର ଗୁରୁତ୍ୱ ଆହୁରି ବଢ଼ିଯାଇଥିଲା।

# ଘରେ ପଶି ମହିଳାଙ୍କୁ ବଳାତ୍କାର

ଭାପୁର,୨୫।୮
(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ନିମାଣୀ ପଞ୍ଚାୟତରେ ଏକ ବଳାତ୍କାର ଘଟଣା ଘଟିଛି। ଘରେ କେହି ନ ଥିବା ସୁଯୋଗ ନେଇ ଜଣେ ଯୁବକ ମହିଳାଙ୍କ ମୁହଁ ବନ୍ଦ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତା ମହିଳା ଫତେଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ଶନିବାର ରାତି ୮ଟା ବେଳେ ସେ ଘରେ ରୋଷେଇ କରୁଥିଲେ। ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ବାଦଭୂଇଁ ଗ୍ରାମର ଶିବ ଜେନା (୨୫) ଘରେ ପଶି ମୋ ପାଟିକୁ ଏକ ଅଠାଯୁକ୍ତ ଟେପ୍‌ରେ ବନ୍ଦ କରି ବଳାତ୍କାର କରିଥିଲେ। ମହିଳାଙ୍କ ଶାଶୁ ଏହାଦେଖି ପାଟି କରିବାରୁ ଶିବ ଧକ୍କା ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଯୁବକ ଫେରାର ବେଳେ ଏ କଥା କାହାକୁ କହିଲେ ଭିଡିଓ ଭାଇରାଲ କରିଦେବି ବୋଲି ଧମକ ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ମହିଳାଙ୍କୁ ଡାକ୍ତରୀମାଇନା କରିଛି। ଏନେଇ ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ା କହିଛନ୍ତି, ମହିଳାଙ୍କ ଅଭିଯୋଗ ଅନୁଯାୟୀ ଏକ ମାମଲା ରୁଜୁହୋଇଛି। ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

# ପୋଲିସ ସୂଚନାଦାତା ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ମାଲକାନଗିରି, ୨୫।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ଲାଛା ପୁନେମ (୬୦)।

ସୂଚନା ଅନୁଯାୟୀ, ବସ୍ତର ଡିଭିଜନ ଗାଙ୍ଗାଲୁର ପୋଲିସ ଥାନା ଅଧୀନ ଗାଜତାପାରା ଗ୍ରାମର ଲାଛାଙ୍କୁ ଶନିବାର ରାତିରେ ଏକ ଧାରୁଆ ଅସ୍ତ୍ରରେ ମାଓବାଦୀମାନେ ହତ୍ୟା କରିଥିବା ଜଣାପଡ଼ିଛି। ହତ୍ୟାପରେ ମୃତଦେହ ନିକଟରେ ଏକ ପୋଷ୍ଟର ଫିଙ୍ଗି ଯାଇଥିଲେ। ଏଥିରେ ଉଲ୍ଲେଖ ରହିଛି, ପୋଲିସ ସୂଚନାଦାତା କାର୍ଯ୍ୟ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଛି। ଲାଛାଙ୍କୁ ବାରମ୍ବାର ପ୍ରଜାକୋର୍ଟରେ ବୁଝାଇବା ସତ୍ତ୍ୱେ ସେ ପୋଲିସ ସହ ଯୋଗାଯୋଗ ରଖିଥିବା ଏବଂ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିଲେ ବୋଲି ଉଲ୍ଲେଖ ରହିଛି। ଘଟଣାପରେ ପୁସନାର ଗ୍ରାମ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

# ନୟାଗଡ଼ର ୪ ଜେଲରେ ଚଢ଼ାଉ

## ବିଭିନ୍ନ ମାଦକ ଦ୍ରବ୍ୟ ଜବତ, ପୋଲିସର ତଦନ୍ତ ଜାରି



ନୟାଗଡ଼/ରଣପୁର/ଦଶପଲ୍ଲା/ଖଣ୍ଡପଡ଼ା,୨୫।୮ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ/ପ୍ରକାଶ କୁମାର ପାଣି/ ଅଜୟ କୁମାର ମହାରଣା)

ରବିବାର ସକାଳେ ନୟାଗଡ଼ ଜିଲା ଜେଲ ସମେତ ଜିଲାର ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା ସବ୍‌ଜେଲରେ ମାଜିଷ୍ଟ୍ରେଟ ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ମାଦକଦ୍ରବ୍ୟ ଜବତ କରାଯାଇଛି। ଜେଲ ଭିତରକୁ ମାଦକ ଦ୍ରବ୍ୟ ନେବା ନିଷେଧ ଥିବାବେଳେ ଜିଲାର ସମସ୍ତ ଜେଲ ଭିତରେ ମାଦକ ଦ୍ରବ୍ୟ ଜବତ ପରେ ତଦନ୍ତ ପାଇଁ ଦାବି ହୋଇଛି। ନୟାଗଡ଼ ଜିଲା ଜେଲରୁ ଖଇନି ୨୯୧ ପ୍ୟାକେଟ, ଗୁଟ୍‌ଖା ୮୪ଟି , ବିଡି ୧୫ ପ୍ୟାକେଟ, ସିଗାରେଟ ୨ନଂ, ନେଲ କଟର ୨ଟା, ଚାମଚ ୨ଟା ଓ ୧୪୭୩ ଟଙ୍କା ଜବତ ହୋଇଛି। ସେହିପରି ଦଶପଲ୍ଲା ସବ୍‌ଜେଲରୁ ଖଇନି ୨୪ପ୍ୟାକେଟ, ଗୁଟ୍‌ଖା ୧୧ଟି, ବିଡି ୨୬ଟି , ସିଗାରେଟ ୨ନଂ, ନେଲ କଟର ୨ଟି, ପ୍ଲାଷ୍ଟିକ ରେଜର ୧, ଛୁଞ୍ଚି ୪ଟି, ୪୨୨ ଟଙ୍କା ଜବତ ହୋଇଛି। ଖଣ୍ଡପଡ଼ା ସବ୍‌ଜେଲରୁ ମହାବୀର ଖଇନି ୧ ପ୍ୟାକେଟ, ସଫଲ ଗୁଟ୍‌ଖା ୬ ପ୍ୟାକେଟ, ବିଡି ୧୦ନଂ, ସଫଲ ପତି ୪ ପ୍ୟାକେଟ, ନାସ ଡବା ୪ ପ୍ୟାକେଟ ଜବତ ହୋଇଥିବାବେଳେ ରଣପୁର ସବ୍‌ଜେଲରୁ ମହାବୀର ଖଇନି ୧୯ ପ୍ୟାକେଟ, ସଫଲ ଗୁଟ୍‌ଖା ୪ ପ୍ୟାକେଟ, ବିଡି ୪ପ୍ୟାକେଟ, ରେଜର ୧ଟା, ପେନସିଲ ୧ଟା, ଆଇରନ ଜବତ ହୋଇଛି।

# ହଷ୍ଟେଲ୍‌ରେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

- ରାସ୍ତାରେ ମୃତଦେହ ରଖି ଧାରଣା
- କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀକଲେ ପରିବାର ଲୋକେ
- ୱାର୍ଡେନ ବହିଷ୍କୃତ, ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ସୁପାରିସ

ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଳ)/ ଖୁଣ୍ଟା (ଦେବରଞ୍ଜନ ବେହେରା),୨୫।୮

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଖୁଣ୍ଟା କସ୍ତୁରବା ବାଳିକା ଛାତ୍ରୀନିବାସରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଙ୍କ ପରିବାର ଓ ସ୍ଥାନୀୟ ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ହଷ୍ଟେଲର ୱାର୍ଡେନ ମିନତି ମହାପାତ୍ରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ଖୁଣ୍ଟା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତଥା ସୁପରିଣ୍ଟେଣ୍ଡେଣ୍ଟ ଗାୟତ୍ରୀ ସେଠୀଙ୍କୁ ଚାକିରିରୁ ନିଲମ୍ବନ ପାଇଁ ଜିଲା ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ସୁପାରିସ କରିଛନ୍ତି।

ସୂଚନା ଅନୁଯାୟୀ, ଖୁଣ୍ଟା ବ୍ଲକ୍ ଅଧୀନ କୁସୁମଘାଟି ଗ୍ରାମର ପ୍ରଭାକର ବେହେରାଙ୍କ ଝିଅ ମଧୁସ୍ମିତା(୧୧) ଖୁଣ୍ଟା କସ୍ତୁରବା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅନ୍ତେବାସିନୀଭାବେ ରହି ପଢୁଥିଲେ। ସେ ରାଖୀପୂର୍ଣ୍ଣିମାରେ ଘରକୁ ଯାଇଥିବା ବେଳେ ଅଗଷ୍ଟ ୨୧ରେ ହଷ୍ଟେଲକୁ ଫେରିଥିଲେ। ୨୨ ତାରିଖଠାରୁ ମଧୁସ୍ମିତା ଅସୁସ୍ଥତା ଅନୁଭବ କରୁଥିଲେ। ଶନିବାର ସକାଳେ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ସନ୍ଧ୍ୟା ସମୟରେ ପେଟ ଯନ୍ତ୍ରଣା ବଢ଼ିବାରୁ ଦାୟିତ୍ୱରେ ଥିବା ୱାର୍ଡେନ ମିନତି ମହାପାତ୍ର ଅସୁସ୍ଥ ଥିବା ସମ୍ପର୍କରେ ମଧୁସ୍ମିତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ। ଖବରପାଇ ଛାତ୍ରୀଙ୍କ ଅଭିଭାବକ ବିଦ୍ୟାଳୟରେ ପହଞ୍ଚିଥିଲେ। ମାତ୍ର କର୍ତ୍ତୃପକ୍ଷ ମଧୁସ୍ମିତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଏକ ଚେୟାରରେ ବସାଇଥିବା ପରିବାର ଲୋକେ ଦେଖିଥିଲେ। ବିଳମ୍ବିତ ରାତିରେ ବିଦ୍ୟାଳୟ ପକ୍ଷରୁ ମଧୁସ୍ମିତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦେହ ଖରାପ ସତ୍ତ୍ୱେ ହଷ୍ଟେଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନ ନେଇ ବିଳମ୍ବ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ରବିବାର ମୃତ୍ୟୁକୁ ନେଇ ଚିକିତ୍ସାକେନ୍ଦ୍ର ପରିସରରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉଦଳା-ବାରିପଦାର ୧୯ ନଂ. ରାଜ୍ୟ ରାଜପଥର ପୁରୁଣାପାଣି ଛକଠାରେ ଛାତ୍ରୀଙ୍କ ମୃତଦେହ ରଖି ପରିବାର ଓ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ, ହଷ୍ଟେଲ ୱାର୍ଡେନ ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ମୃତ ଛାତ୍ରୀଙ୍କ ପରିବାରର ଜଣକୁ ଚାକିରି ପ୍ରଦାନ ପାଇଁ ଦାବି କରିଥିଲେ। ଘଟଣାସ୍ଥଳରେ ଖୁଣ୍ଟା ପୋଲିସ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଗୋପବନ୍ଧୁ ନଗର ବିଡିଓ କରୁଣାକର ଧିନ୍ଦା ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ଅତିରିକ୍ତ ଜିଲାପାଳ ପ୍ରତୀକ ପଣ୍ଡା, ଉପ ଜିଲାପାଳ ସୁକାନ୍ତ ବାରିକ, କପ୍ତିପଦା ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଗୋପବନ୍ଧୁ ନଗର ଓ ଖୁଣ୍ଟା ବିଡିଓ କରୁଣାକର ଧିନ୍ଦା ଓ ଗୌରାଙ୍ଗ ଚରଣ ଘୋଷଙ୍କ ସମେତ ଖୁଣ୍ଟା ଓ ଗୋପବନ୍ଧୁ ନଗର ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ରେଡ୍‌କ୍ରସ ଓ ବିଦ୍ୟାଳୟ ପକ୍ଷରୁ ୨୦ ହଜାର, ଜିଲା ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ସହ ପରିବାରର ଜଣଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଚାକିରି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉଦଳା ପଠାଇ ତଦନ୍ତ କରୁଥିବା ଜଣାପଡ଼ିଛି।

# ଡେରାସରେ ଭୋଜିବେଳେ ଗଣ୍ଡଗୋଳରୁ ଅପହରଣ ଉଦ୍ୟମ

ବାରଙ୍ଗ,୨୫।୮ (ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଡେରାସରେ ବଣଭୋଜିକୁ ନେଇ ରବିବାର ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏହାପରେଗୋଟିଏ ଗୋଷ୍ଠୀର ଯୁବକମାନେ ଅନ୍ୟ ଏକ ଗୋଷ୍ଠୀର ୪ଜଣ ଯୁବକଙ୍କୁ ଏକ କାର୍‌ରେ ଅପହରଣ କରି ନେଉଥିବାବେଳେ ମେଣ୍ଢାଶାଳ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିଛନ୍ତି। ଅପହରଣକାରୀମାନେ ଖସି ପଳାଇଥିବାବେଳେ ଗ୍ରାମବାସୀ କାର୍ ଓ ଉଦ୍ଧାର ୪ ଯୁବକଙ୍କୁ ମେଣ୍ଢାଶାଳ ଫାଣ୍ଡିରେ ଜିମା ଦେଇଛନ୍ତି। ଏହାକୁ ନେଇ ଗଣ୍ଡଗୋଳ ବଢ଼ିବାର ଆଶଙ୍କା କରି ପୋଲିସ ମେଣ୍ଢାଶାଳ ବଜାରରେ ଫ୍ଲାଗମାର୍ଚ୍ଚ କରିଛି। ମିଳିଥିବା ସୂଚନା ଅନୁଯାୟୀ,ରବିବାର ଡେରାସରେ ମେଣ୍ଢାଶାଳ ଗ୍ରାମର ବିପନ ଶତପଥୀ ଓ ତାଙ୍କ ସହଯୋଗୀମାନେ ଭୋଜି କରୁଥିଲେ। ଏମାନଙ୍କ ପାଖରେ ପିତାପଲ୍ଲୀ କୁମାରବସ୍ତର କେତେଜଣ ଯୁବକ ମଧ୍ୟ ଭୋଜି କରୁଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ମାରଧର ହୋଇଥିଲା। କୁମାରବସ୍ତର ଯୁବକମାନେ ମେଣ୍ଢାଶାଳର ବିପନ ଶତପଥୀ ଓ ତାଙ୍କ ସହଯୋଗୀଙ୍କୁ କାର୍‌ରେ ଅପହରଣ କରି ନେଇଯାଉଥିବା ଖବରପାଇ ମେଣ୍ଢାଶାଳ ଗ୍ରାମର କେତେଜଣ ଯୁବକ କାର୍‌କୁ ପିଛା କରି ପାଣିଓରା ପାଖରେ କାର୍‌କୁ ଅଟକାଇ ସେମାନଙ୍କୁ ଉଦ୍ଧାର କରିଥିଲେ।

# ଆକର୍ଷଣ ସାଜିବ ଜନଜାତିଙ୍କ କଳା, ସଂସ୍କୃତି ଆଧାରିତ ତୋରଣ

## ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା କମିଟି

ଜଟଣୀ,୨୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ଚଳିତ ବର୍ଷ ଓଡ଼ିଶାର ଜନଜାତିଙ୍କ କଳା, ସଂସ୍କୃତି ଓ ଜୀବନଶୈଳୀ ଆଧାରିତ ୩୦ଫୁଟ ଉଚ୍ଚର ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ବ୍ରିଟିଶ ଶାସନ ସମୟରେ ଜଟଣୀରେ ରେଲୱେର ସାମ୍ପ୍ରସାରଣ ହେବା ପରେ ଏଠାରେ ବ୍ୟବସାୟୀ ସୀତାରାମ ବାବୁ କେତେଜଣ ବ୍ୟବସାୟୀଙ୍କୁ ନେଇ ବିଘ୍ନରାଜଙ୍କ ପୂଜା ଆରମ୍ଭ କରିଥିବା ଲୋକଶ୍ରୁତିରୁ ଜଣାଯାଏ। ସୀତାରାମ ବାବୁଙ୍କ ସ୍ମୃତିକୁ ବହନକରି ଏହି ସ୍ଥାନ ତଥା ବ୍ୟବସାୟୀ ସଂଘର ନାମ ରଖାଯାଇଛି। ପରବର୍ତ୍ତୀ ସମୟରେ ବହୁ ବ୍ୟବସାୟୀଙ୍କ ସହଯୋଗରେ ଗଣେଶ ପୂଜା ପାଳନ ହୋଇଆସୁଥିବା ବେଳେ ଏବେ ଅନୁଷ୍ଠାନର ଯୁବପିଢ଼ି ଦାୟିତ୍ୱ ନେଇ ପୂଜାକୁ ବେଶ ଆକର୍ଷଣୀୟ କରୁଛନ୍ତି। ଚଳିତବର୍ଷ ୧୩ ଫୁଟର ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବାକୁ ଥିବା ବେଳେ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି କମିଟି ପକ୍ଷରୁ ଆକଳନ କରାଯାଇଛି। ଏହି ମଣ୍ଡପରେ ବିଘ୍ନରାଜଙ୍କ ସହିତ ମା'ଲକ୍ଷ୍ମୀ ଓ ଦେବୀ ସରସ୍ୱତୀ ପୂଜା ପାଇଆସୁଛନ୍ତି। ୧୧ ଦିନ ଧରି ବ୍ୟବସାୟୀ ଓ ମାନସିକଧାରୀଙ୍କ ଦ୍ୱାରା ଠାକୁରଙ୍କ ନିକଟରେ ଭୋଗଲାଗି ହୋଇଥାଏ। ମଣ୍ଡପରେ ଭଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ଅନନ୍ତ ବ୍ରତକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ।


ତୋରଣର ନକଲ।

### ଏମାନେ ଯାହା କୁହନ୍ତି...



“ଚଳିତବର୍ଷ ଓଡ଼ିଶାର ଜନଜାତିଙ୍କ ଜୀବନଶୈଳୀ, କଳା, ସଂସ୍କୃତି ଓ ପରମ୍ପରା ଥିମକୁ ନେଇ ତୋରଣ ନିର୍ମାଣ କରାଯିବ। ଯାହାକି ଦର୍ଶକଙ୍କୁ ଆକୃଷ୍ଟ କରିବ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆନନ୍ଦରେ ସମସ୍ତେ ପୂଜା ପାଳନ କରିବା ପାଇଁ ଅନୁରୋଧ କରୁଛି।

**– ରମେଶ ଚନ୍ଦ୍ର ମହାପାତ୍ର, ସଭାପତି, ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା କମିଟି**



“ଗତ ବର୍ଷ ତୁଳନାରେ ଏବର୍ଷ ଅଧିକ ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ପୂଜା ସମୟରେ ଟ୍ରାଫିକ ସମସ୍ୟା ଉପୁଜିଥାଏ। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ।

**– ଗିରିଶ ଚନ୍ଦ୍ର ମହାରଣା, ସମ୍ପାଦକ, ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା କମିଟି**

# ଠିକ୍ ଅକ୍ଷର ଲେଖିପାରୁ ନ ଥିବା ବିଦ୍ୟାର୍ଥୀଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉ

ବୋଲଗଡ଼,୨୫।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ନୂଆସାହି ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀଙ୍କ ଆବାହକତ୍ୱରେ ୯ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ସରକାରୀ ଉଚ୍ଚ ବିଦ୍ୟାଳୟ ବୋଲଗଡ଼ର ସମ୍ମିଳନୀ କକ୍ଷରେ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ ମୁଖ୍ୟ ଅତିଥି, ବୋଲଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ, ସଁପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଶ୍ରେଣୀର ଆୟୋଜନ କରି ଛାତ୍ରୀଛାତ୍ରଙ୍କୁ ନବୋଦୟ, ଆଦର୍ଶ, ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (ଏନ୍‌ଏମ୍‌ଏମ୍‌ଏସ୍) ପାଇଁ ପ୍ରସ୍ତୁତ କରାଇବା ଏବଂ ଠିକ୍ ଭାବେ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଅକ୍ଷର ଲେଖି ପାରୁ ନ ଥିବା ବିଦ୍ୟାର୍ଥୀଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଶିକ୍ଷାଦାନ ବେଳେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା, ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ୨୦ଟି ଏଫ୍‌ଏଲ୍‌ଏନ ପୁସ୍ତକ ଓ ୧୯ଟି ଗଣିତ କଳିକା ଆନ୍ଦୋଳନ ପୁସ୍ତିକାର ସଦୁପଯୋଗ କରିବା, ଅକ୍ଷରା ଫାଉଣ୍ଡେଶନ ଦ୍ୱାରା ପ୍ରସ୍ତୁତ ମାଗଣା ଖେଳଭିତ୍ତିକ ଗଣିତ ଆପ୍ ମୋବାଇଲରେ ଦେଖି ପିଲାଙ୍କୁ ଶିଖାଇବାକୁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ, ଶେଖ ଉମର ଫାରୁକ, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ବଳିୟାରସିଂହ, ଶିକ୍ଷକ ରବୀନ୍ଦ୍ର କୁମାର ରାଉତରାୟ, ଶରତ କୁମାର ପୃଷ୍ଟି, ଭାସ୍କର ଚନ୍ଦ୍ର ଦାଶ, ଶିକ୍ଷୟିତ୍ରୀ ମୀରାମଞ୍ଜରୀ ଦାଶ, ଇନ୍ଦୁମତୀ ଚୌଧୁରୀ, ସୌଦାମିନୀ ସୁବୁଦ୍ଧି, କନକଲତା ଦେଈ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଗୌର ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

ଜଟଣୀ, ୨୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣୀଙ୍କ ୧୭ତମ ପୁଣ୍ୟ ସ୍ମୃତି ଦିବସ ପାଳନ କରାଯାଇଛି। ଏହି ଦିବସଟିକୁ ବିଶ୍ୱ ବନ୍ଧୁତ୍ୱ ଦିବସଭାବେ ପାଳନ କରାଯାଇଆସୁଛି। ରାଜଯୋଗିନୀ ଦାଦି ୨୦୦୭ ଅଗଷ୍ଟ ୨୫ରେ ଦେହତ୍ୟାଗ କରିଥିଲେ। ରବିବାର ଦାଦିଙ୍କ ପୁଣ୍ୟତିଥିରେ ସ୍ଥାନୀୟ ବଡ଼ବଜାରସ୍ଥ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ସମାଜର ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦାଦିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦାଦି ପ୍ରକାଶମଣୀ ନିଜ ଜୀବନ କାଳରେ ବହୁ ଦେଶ ଭ୍ରମଣ କରି ଲକ୍ଷ ଲକ୍ଷ ବ୍ୟକ୍ତିଙ୍କୁ ଈଶ୍ୱରୀୟ ମାର୍ଗରେ ଆସିବା ପାଇଁ ଅନୁପ୍ରାଣିତ କରିବା ସହିତ ଅନେକଙ୍କୁ ବିଶିଷ୍ଟ ବ୍ୟକ୍ତି ଭାରତର ଆଧ୍ୟାତ୍ମିକତା ବିଷୟରେ ଅବଗତ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଜ୍ୟୋତି ପରିଚାଳନା କରିଥିଲେ।

### ପୂର୍ବତନ ସରପଞ୍ଚ ପ୍ରମିଳା ସୁବୁଦ୍ଧିଙ୍କ ବିୟୋଗ

ବେଗୁନିଆ,୨୫।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମିଳା ସୁବୁଦ୍ଧି(୬୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ମହିଳାଭାବେ ପରିଚିତ ଥିଲେ। ଏଥିସହ ସେ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ କୃଷ୍ଣ ପ୍ରସାଦ ମୁଖାଗ୍ନି ଦେଇଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବରିଷ୍ଠ କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଜନ୍ମାଷ୍ଟମୀ ଉପଲକ୍ଷେ ପ୍ରତିଯୋଗିତା, ବନ୍ଦାପନା କାର୍ଯ୍ୟକ୍ରମ

ବାଣପୁର,୨୫।୮ (ଦଲୀପ କୁମାର ସ୍ୱାଇଁ)

ସୋମବାର ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀ। ଏହି ଉପଲକ୍ଷେ ରବିବାର ନାରୁଣୀ ସ୍ଥିତ ଏକ ଇଂଲିଶ ମିଡିୟମ ସ୍କୁଲରେ ବିଭିନ୍ନ ବେଶ୍ ପ୍ରତିଯୋଗିତା ଓ ବନ୍ଦାପନା ଉତ୍ସବ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସୁରେଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଶ୍ରୀକୃଷ୍ଣ, ବଳରାମ, ମାତା ଯଶୋଦା, ରାଧାରାଣୀଙ୍କ ସମେତ ବିଭିନ୍ନ ପୌରାଣିକ ଚରିତ୍ରକୁ ନେଇ ବେଶ ପରିପାଟୀରେ ସୁସଜ୍ଜିତ ହୋଇଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ ବେଶଧାରୀ ଛାତ୍ରୀଛାତ୍ରମାନେ ନଗର ପରିକ୍ରମା କରି ଶିକ୍ଷାନୁଷ୍ଠାନକୁ ଫେରିଥିଲେ। ଶ୍ରୀକୃଷ୍ଣ ବଳରାମଙ୍କୁ ଚନ୍ଦନ ଟିପା ଲଗାଯାଇ ବନ୍ଦାପନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ବିଚାରକଭାବେ ପ୍ରଦୋଷ କୁମାର ଦାସ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଉପାଧ୍ୟକ୍ଷା ମୋନାଲି ହୋତାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଲକ୍ଷପତି ଦିଦି କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୫।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହିକ୍ରମରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ନେଇ ଆୟୋଜନ କରାଯାଇଥିଲା। ବ୍ଲକ ଅଧୀନ ୨୧ଟି ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। କୃଷ୍ଣପ୍ରସାଦ ବ୍ଲକର ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇଙ୍କ ଅଧ୍ୟକ୍ଷତାରେ ପିଟିଜିପୁର ସରପଞ୍ଚ ଇଂ.ମଳୟ ଜେନା, ଉତ୍ତମ ତରେଇ, ନବ କିଶୋର ଜେନା, ଅମିତାଭ ବିଶ୍ୱାଳ, ଉମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର




ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ତାଲୁକ ଆଇନ ପ୍ରାଧିକରଣ ସେବା ପକ୍ଷରୁ ନନ୍ଦପୁର ପଞ୍ଚାୟତ ଅଫିସ ପରିସରରେ ଖୋର୍ଦ୍ଧା କୋର୍ଟର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଇନ ସଚେତନତା ଶିବିରରେ ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ରାଜେଶ ରୋଶନ ନନ୍ଦ, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଖୋର୍ଦ୍ଧା ବ୍ଲକ ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର, ବିକ୍ରମ କେଶରୀ ଚମ୍ପତି, ଶିବ ପ୍ରସାଦ ତ୍ରିପାଠୀ, ସରପଞ୍ଚ ବିପ୍ଳବ ବଳିୟାରସିଂହ ଅତିଥି ଭାବେ ଯୋଗଦେଇଥିଲେ। ତାଲୁକ ଆଇନ ସେବା ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମ୍ପାଦକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ଉକ୍ତ ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମାଜ ମଙ୍ଗଳ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସିଙ୍ଗଲ ୱିଣ୍ଡୋରେ ମିଳିବ ଗଣେଶ ପୂଜା ଅନୁମତି

ଜଟଣୀ,୨୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ସେପ୍ଟେମ୍ବର ୭ରେ ଗଣେଶ ପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଣେଶ ପୂଜା ଓ ଭସାଣି ଉତ୍ସବକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ଜଟଣୀ ନଗରପାଳ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ଜଟଣୀ ଅତିରିକ୍ତ ତହସିଲଦାର, ଜୋନ-୩ ଏସିପି, ପୂର୍ବତନ ନଗରପାଳ ତଥା ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟି ଏବଂ କ୍ଲବର ସଭାପତି, ସମ୍ପାଦକ ଯୋଗଦେଇ ଗଣେଶ ପୂଜା ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଚଳିତବର୍ଷ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଜଟଣୀ ଥାନା ପକ୍ଷରୁ ଗଣେଶ ପୂଜା ଏବଂ ଭସାଣି ପାଇଁ ଅନୁମତିପତ୍ର ପ୍ରଦାନ କରାଯିବ। ସେହିପରି ତୋରଣ ଏବଂ ପେଣ୍ଡାଲ ପାଇଁ ପିଡବ୍ଲୁଡିରୁ ସୁରକ୍ଷା ପ୍ରମାଣପତ୍ର ନେବେ। ସମସ୍ତ ପୂଜା ମଣ୍ଡପ ଏବଂ ମିନାବଜାରରେ ସିସିଟିଭି କ୍ୟାମେରା ଲଗାଇବେ। ଭସାଣି ଶୋଭାଯାତ୍ରାରେ ଡିଜେ ବଜାଇବାକୁ ବାରଣ କରାଯାଇଥିବା ବେଳେ ପାରମ୍ପରିକ ବାଦ୍ୟରେ ହେବ ଶୋଭାଯାତ୍ରା। ସେହିପରି ଅଶ୍ଳୀଳ ନୃତ୍ୟ, ପୋଷ୍ଟର ପ୍ରଦର୍ଶନ, ନିଶା ସେବନ, ଆତସବାଜି ନ ଫୁଟାଇବା ପାଇଁ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ଅନୁରୋଧ କରାଯାଇଛି। ଚଳିତ ବର୍ଷ ୬୦ଟି ମେଢ଼ ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ଥିବାବେଳେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ। ପୂଜା ସମୟରେ ଜନସମାଗମକୁ ଦୃଷ୍ଟିରେ ରଖି ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପୋଲିସ ଫୋର୍ସ ନିୟୋଜିତ ହେବେ। ପୋଲିସ ସହାୟତା ପ୍ରଦାନ ପାଇଁ ଥାନା ପରିସରରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ ସହିତ ସମସ୍ତ ଜରୁରିକାଳୀନ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ ବଳିୟାରସିଂ ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳାରେ ପୂଜା ପରିଚାଳନା କରିବା ପାଇଁ ନିବେଦନ କରାଯାଇଛି।


ବୈଠକରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଉଛନ୍ତି।

**କମିଶନରେଟ ପୋଲିସର ପ୍ରସ୍ତୁତି ବୈଠକ**

- ପ୍ରତି ମଣ୍ଡପରେ ଲାଗିବ ସିସିଟିଭି କ୍ୟାମେରା
- ଭସାଣିରେ ଡିଜେ ନ ବଜାଇବାକୁ ନିଷ୍ପତ୍ତି

# ଶ୍ରୀଅରବିନ୍ଦ ନୂତନ ଯୁଗର ଦ୍ରଷ୍ଟା, ପ୍ରବକ୍ତା ଓ ମାର୍ଗଦର୍ଶକ

## ଶ୍ରୀଅରବିନ୍ଦ ସାହିତ୍ୟ ପାଠଚକ୍ରର ଷଷ୍ଠ ବାର୍ଷିକ ଅଧିବେଶନ

ଜଟଣୀ, ୨୫।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେତଙ୍ଗ କଲୋନୀସ୍ଥିତ ମାତୃଭବନ ପରିସରରେ ଶ୍ରୀଅରବିନ୍ଦ ସାହିତ୍ୟ ପାଠଚକ୍ରର ଷଷ୍ଠ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଗୀତାରାଣୀ ରଥଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ରଶ୍ମିରେଖା ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଇଂଲିଶ ପ୍ରଫେସର ଡ.ଗୋଲକ ବିହାରୀ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ କାବ୍ୟକୃତି ଓ କାବ୍ୟତ୍ୱ ସମ୍ପର୍କରେ ଆଲୋଚନା କରି କହିଥିଲେ, ଶ୍ରୀଅରବିନ୍ଦ ନୂତନ ଯୁଗର ଦ୍ରଷ୍ଟା, ପ୍ରବକ୍ତା ଓ ମାର୍ଗଦର୍ଶକ। ବିଷ୍ଣୁପଦ ଦାଶ ସ୍ୱକୀୟ ମନ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ସାହିତ୍ୟ ପାଠଚକ୍ରର ଇତିବୃତ୍ତ ବିଷୟରେ କହିଥିଲେ। ଶେଷରେ ଟ୍ରଷ୍ଟର ସମ୍ପାଦକ ମାତୃପ୍ରସାଦ ପାଣି ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜାତୀୟ ମହାକାଶ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜଳ ବିଭାଜିକା ପ୍ରକଳ୍ପ ସହାୟତାରେ ବେଗୁନିଆ ବ୍ଲକ ଗୋଡିସାହି ଗୋଡି ଶଙ୍କର୍ଷଣ ଉଚ୍ଚ ବିଦ୍ୟାପୀଠ ଠାରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବେଗୁନିଆ ବ୍ଲକ ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ଜଳବିଭାଜିକା ଉନ୍ନୟନ ସଦସ୍ୟ ସୁଜାତା ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମହାକାଶ ବିଜ୍ଞାନ ଏବଂ ବୈଜ୍ଞାନିକମାନଙ୍କ ସଫଳତା ବିଷୟରେ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ ବିଜ୍ଞାନ ଶିକ୍ଷକ ଲଳିତ ମୋହନ ବଡ଼ଜେନା ଛାତ୍ରୀଛାତ୍ରମାନଙ୍କୁ ଭାରତର ମହାକାଶ ଯାତ୍ରା ଏବଂ ଛାତ୍ରାବସ୍ଥାରୁ କିପରି ମହାକାଶ ବିଜ୍ଞାନ ଉପରେ ଜ୍ଞାନ ଆହରଣ କରାଯାଇପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାଣୀ ମହାରଥା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାକାଶ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ୬୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଗ୍ନିଗୋଳ ଜଳବିଭାଜିକାର ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ ପରିଚାଳନା କରିଥିଲେ।

# ବଣିକ ସଂଘ ପକ୍ଷରୁ ୧୨ଘଣ୍ଟିଆ ବଜାର ବନ୍ଦ

ନିରାକାରପୁର,୨୫।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ବଣିକ ସଂଘ ପକ୍ଷରୁ ରବିବାର ୧୨ଘଣ୍ଟିଆ ବଜାର ବନ୍ଦ କରାଯାଇଥିଲା। ଏହି ବଣିକ ସଂଘ ୧୯୯୫ ମସିହାରୁ ଚାଲୁ ରହିଥିବା ବେଳେ ୨୦୦୨ମସିହାରେ ସଂଘ ପକ୍ଷରୁ ସରକାରୀ ସ୍ତରରେ ଏହାକୁ ପଞ୍ଜୀକରଣ କରାଯାଇଥିଲା। ତେବେ ଗତ କିଛିବର୍ଷ ତଳେ ଏହାର ସମ୍ପାଦକଙ୍କ ଦେହାନ୍ତ ହୋଇଥିଲା। ସେବେଠାରୁ ସଂଘ ଏକପ୍ରକାର କାର୍ଯ୍ୟକାରୀ କରୁ ନ ଥିଲା। ଏହାକୁ ପୁନର୍ବାର ସୁଦୃଢ଼ କରିବା ପାଇଁ ଉକ୍ତ ବଣିକ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା। ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ପରେ ସ୍ଥାନୀୟ ତଳ ବଜାରଠାରେ ଥିବା ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଏକ ବୈଠକ ହୋଇଥିଲା। ଏଥିରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିବା ବେଳେ ଏହାର ନୀତି ଆଦର୍ଶ ଉପରେ ନୂତନ କର୍ମକର୍ତ୍ତାମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଏନେଇ ସଂଘର ନୂତନ ଉପସଭାପତି ସାଗର ବାରିକ କହିଛନ୍ତି, ଅଞ୍ଚଳର ବିକାଶ ପାଇଁ ସଂଘକୁ ପୁର୍ନଗଠନ କରାଯାଇଛି। ବଜାର ବନ୍ଦ ପାଇଁ ଦୁଃଖିତ। ସେହିପରି ବ୍ୟବସାୟୀ ବଳରାମ ବାରିକ କହିଛନ୍ତି, ପୂର୍ବ ସମ୍ପାଦକଙ୍କ ଦେହାନ୍ତ ପରେ ସଂଘ ଏକପ୍ରକାର କାର୍ଯ୍ୟକାରୀ କରୁ ନ ଥିଲା। ଏହାର ପୁଣି ପୁର୍ନଗଠନ କରାଯାଇଛି।


ବଜାର ବନ୍ଦ ରହିଥିବାରୁ ରାସ୍ତା ଶୂନଶାନ ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୮।୨୦୨୪

| ୫,୭୨,୪୫୪ ଟଙ୍କା | |
|---|---|
| ସୁନା | ୨.୩୮୦ ଗ୍ରାମ୍ |
| ରୁପା | ୭୯.୬୦୦ ଗ୍ରାମ୍ |

## ବ୍ୟାଙ୍କରେ ଅଗ୍ନିକାଣ୍ଡ

### ପୋଡ଼ିଗଲା କମ୍ପ୍ୟୁଟର, ଆସବାବପତ୍ର

କଟକ ସଦର,୨୫।୮
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁରସ୍ଥିତ ୟୁନିୟନ୍ ବ୍ୟାଙ୍କରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କମ୍ପ୍ୟୁଟର, ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସମେତ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଶନିବାର ଓ ରବିବାର ଛୁଟି ଥିବାରୁ କର୍ମଚାରୀମାନେ ବ୍ୟାଙ୍କରେ ନ ଥିଲେ। ରବିବାର ହଠାତ୍ ବ୍ୟାଙ୍କ କୋଠାରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ରଘୁନାଥପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀ ଅନୁମାନ କରିଛନ୍ତି। ଖବରପାଇ ବ୍ୟାଙ୍କ ଶାଖା ପରିଚାଳକ ଓ ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ଚନ୍ଦକା ମହାବିଦ୍ୟାଳୟ ଉନ୍ନତୀକରଣ ନିମନ୍ତେ ବୈଠକ

ବାରଙ୍ଗ,୨୫।୮ (ଲିଙ୍ଗରାଜ ରାଉତ)

ଚନ୍ଦକା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଉନ୍ନତୀକରଣ ପାଇଁ ମହାବିଦ୍ୟାଳୟ ସଭାଗୃହରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶରତ ସୁନ୍ଦରାୟ ଅଧକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ଓ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ମହାବିଦ୍ୟାଳୟର ଜମି ସୀମା ବିବାଦ, ସିଟ୍ ସଂଖ୍ୟା ବୃଦ୍ଧି, ନୂତନ ଅନର୍ସସିଟ ଖୋଲିବା, ମହାବିଦ୍ୟାଳୟ ପ୍ରାଚୀର ନିର୍ମାଣ ଏବଂ ମହାବିଦ୍ୟାଳୟ ପରିସରର ରାସ୍ତା କଂକ୍ରିଟ କରିବା ଇତ୍ୟାଦି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ସମସ୍ତ ବିଷୟ ସମ୍ପର୍କରେ ଅବଗତ ହୋଇ ପର୍ଯ୍ୟାୟକ୍ରମେ ଏଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ପରିସରରେ ଥିବା ରାସ୍ତାକୁ କଂକ୍ରିଟ କରିବାକୁ ଅନୁଦାନ ଦିଆଯିବ ବୋଲି ଘୋଷଣା କରିଥିଲେ। ମହାବିଦ୍ୟାଳୟକୁ ମିଳିଥିବା ୧୫ ଏକର ଜାଗାର ସୀମା ବିବାଦ ସମସ୍ୟାକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଚନ୍ଦକା, ଦାରୁଠେଙ୍ଗ, ଅନ୍ଧାରୁଆ, କଣ୍ଟାବାଡ଼ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଯୋଗ ଦେଇଥିଲେ। ୪ ପଞ୍ଚାୟତର ନେତୃସ୍ଥାନୀୟ ବ୍ୟକ୍ତିମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ।

# ଭିତରକନିକା ଜାତୀୟ ଉଦ୍ୟାନକୁ ୫୦ବର୍ଷ

### ବିଶ୍ୱର ପ୍ରଥମ ବଉଳା କୁମ୍ଭୀର କୃତ୍ରିମ ପ୍ରଜନନ କେନ୍ଦ୍ର



ରାଜନଗର, ୨୫।୮
(ଭାସ୍କର ରାଉତରାୟ)

ପ୍ରକୃତିର ଗନ୍ତାଘର ସୌନ୍ଦର୍ଯ୍ୟର ଅନନ୍ୟ ଗୌରବ ଗାଥା ପ୍ରକୃତିରାଣୀ ଭିତରକନିକା ଜାତୀୟ ଉଦ୍ୟାନ ଏବେ ୫୦ ବର୍ଷରେ ପାଦ ଥାପିଛି। ଏହି ସୁଦୀର୍ଘ ସମୟ ଭିତରେ ଭିତରକନିକା ଜାତୀୟ ଉଦ୍ୟାନ ବିଭିନ୍ନ କ୍ଷେତ୍ରରେ ଅଜସ୍ର ସ୍ମୃତି ସାଉଁଟି ସାରିଛି। ଜାତୀୟ ଉଦ୍ୟାନର ଅସଂଖ୍ୟ ଘଟଣାବଳୀ ମଧ୍ୟ ଭିତରକନିକା ଛାତି ଭିତରେ ଅଲିଭା ସବୁଜ ହସ୍ତାକ୍ଷର ଲେଖା ସରିଛି। ୧୯୭୫ ମସିହା କଥା, ଆମେରିକାର ୱାଶିଂଟନ ଡିସି ସହରରେ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ କର୍ମଶାଳାରେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ବଂଶ ହ୍ରାସ ପାଇଁ ଉଦ୍‌ବେଗ ପ୍ରକାଶ ପାଇବା ସହ ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଡ. ଏଚ୍.ଆର୍.ବଷ୍ଟାର୍ଡଙ୍କୁ ଏହାର କାରଣ ସମ୍ପର୍କରେ ଜାଣିବାକୁ ଦାୟିତ୍ୱ ଦିଆଗଲା। ସେ ଭିତରକନିକା ଘଞ୍ଚ ଅରଣ୍ୟରେ ପାଦ ରଖି ବିଶ୍ୱର ସର୍ବପ୍ରଥମ ବଉଳା କୁମ୍ଭୀରର କୃତ୍ରିମ ପ୍ରଜନନ କେନ୍ଦ୍ର ସ୍ଥାପନ କରିଥିଲେ। ସେହିବର୍ଷ ଜୁଲାଇରେ ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀର ସଙ୍ଗମ ସ୍ଥଳରେ ଥିବା ଭିତରକନିକାର କାଳିଭଞ୍ଜଡିଆ ଦ୍ୱୀପରୁ ଗୋଟିଏ କୁମ୍ଭୀର ବସାରୁ ୪୮ଟି ଅଣ୍ଡା ସଂଗ୍ରହ କରି କୃତ୍ରିମ ଉପାୟରେ ହେନ୍ତାଳ ଓ ଖରଖରି ପତ୍ର ସଂଗ୍ରହ କରି କୁମ୍ଭୀର ବସା ନିର୍ମାଣ କରି ସେଥିରେ ସେହି ଅଣ୍ଡାଗୁଡିକ ରଖିଥିଲେ। ୬୦ଦିନ ପରେ ସେହି ଅଣ୍ଡାଗୁଡିକରୁ ୨୪ଟି ଛୁଆ ଜନ୍ମ ନେଇଥିଲେ। ସେଥିମଧ୍ୟରୁ ଶଙ୍ଖ ଭଳି ଧଳା ଦେଖାଯାଉଥିବା ଶାବକ କୁମ୍ଭୀରର ସ୍ୱତନ୍ତ୍ର ଭାବେ ଯତ୍ନ ନେଇଥିଲେ। ପରବର୍ତ୍ତୀ ସମୟରେ ତା'ର ରୂପ ଲାବଣ୍ୟକୁ ଦେଖି ତା'ର ନାମ ଗୋରୀ ଦିଆଯାଇଥିଲା। ସେହି ଗୋରୀ ମା' କୁମ୍ଭୀରଟି ଆରମ୍ଭରୁ ଆବଦ୍ଧ ପୁଷ୍କରିଣୀ ମଧ୍ୟରେ ନିଃସଙ୍ଗ ଜୀବନ ବିତାଉଛି। ଏବେ ଗୋରୀ ଯୌବନର ଅପରାହ୍ନରେ ପାଦ ଦେଇଥିଲେ ବି ମା'ହେବାର ସୌଭାଗ୍ୟ ତା' ଭାଗ୍ୟ ଆକାଶରେ ଜୁଟିନି। ଦେଶ ବିଦେଶରୁ ଆସୁଥିବା ଆଗନ୍ତୁକ ପର୍ଯ୍ୟଟକ ହୁଅନ୍ତୁ ବା ପ୍ରାଣୀ ବୈଜ୍ଞାନିକ, ଗବେଷକ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି ନିରିମାଖୀ ଗୋରୀ। ଗୋରୀକୁ ଆବିଷ୍କାର କରି ସାରା ଜଗତରେ କୁମ୍ଭୀର ମଣିଷ ଭାବେ ପରିଚିତ ଡ. ଏଚ୍. ଆର. ବଷ୍ଟାର୍ଡ ଏବେ ୯୦ ବର୍ଷରେ ପାଦ ଦେଇଥିବା ବେଳେ ୨୦୧୯ ମସିହାରେ ଭିତରକନିକା ଗସ୍ତରେ ଆସି ଗୋରୀ ସହିତ କୁମ୍ଭୀର ପ୍ରଜନନ କେନ୍ଦ୍ର ପରିଦର୍ଶନ କରି ଆନନ୍ଦିତ ହୋଇଥିଲେ।

### କୁମ୍ଭୀର-ମଣିଷ ଲଢ଼େଇର କେବେ ହେବ ଅନ୍ତ

ସମୟର ବିବର୍ତ୍ତମାନରେ ଏବେ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ୧୮୧୧ ହୋଇ ସାରିଲାଣି। ସୀମିତ ଜଳରାଶିରେ ସେମାନଙ୍କ ବାସସ୍ଥାନ ସଙ୍କୁଚିତ ହୋଇଯିବାରୁ ସେମାନେ ଅନେକ ସମୟରେ ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ନଦୀଗୁଡ଼ିକରେ ପ୍ରବେଶ କରି ନଈକୂଳିଆ ଗାଁଗୁଡିକରେ ଆତଙ୍କ ସୃଷ୍ଟି କରୁଛନ୍ତି। ଗଭୀର ପାଣି ଭିତରେ ଆତ୍ମଗୋପନ କରି ନଦୀ ଉପରେ ନିର୍ଭର କରି ଆସୁଥିବା ଲୋକଙ୍କୁ ଝାମ୍ପି ନେଇ ଖାଉଛନ୍ତି। ଅନେକ ସମୟରେ କୁମ୍ଭୀର ଓ ମଣିଷ ମଧ୍ୟରେ ଲଢେଇ ଦେଖିବାକୁ ମିଳିଥାଏ। କେଉଁଠି କୁମ୍ଭୀର ମଣିଷକୁ ଝାମ୍ପି ନେଇ ଯାଉଥିବା ବେଳେ ତ କେଉଁଠି ମଣିଷ କୁମ୍ଭୀର ସହିତ ଲଢେଇ କରି ନିଜ ଜୀବନ ବଞ୍ଚାଇ ପାରିଥାଏ। ତେବେ ମଣିଷ-କୁମ୍ଭୀର ଲଢେଇର ଶେଷ କେବେ ହେବ, ତାହା କିଏ କହିବ। ଏହାକୁ ନେଇ ଜାତୀୟ ସ୍ତରରେ ବିତର୍କ ଜାରି ରହିଛି।



### ବଉଳା କୁମ୍ଭୀର ନ ଥିଲେ ହେନ୍ତାଳ ବଣ ନ ଥାନ୍ତା

ବଙ୍ଗୋପସାଗର ତଟବର୍ତ୍ତୀ ପ୍ରାଚୀର ଭାବେ ଉଭା ହୋଇଥିବା ଭିତରକନିକାର ହେନ୍ତାଳ ବଣ ୨୦ଦଶକ ପରଠୁଁ ଉପକୂଳବର୍ତ୍ତୀ ବିଶେଷ କରି କେନ୍ଦ୍ରାପଡ଼ା ଜିଲାକୁ ବିଭିନ୍ନ ପ୍ରାକୃତିକ ସାମୁଦ୍ରିକ ଝଡ଼କୁ ସାମ୍ନା କରି ମଣିଷମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରି ଆସୁଛି। ସାମୁଦ୍ରିକ ଜୁଆରର ଲୁଣା ପାଣି ଓ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ମିଠା ପାଣିର ସଂଯୋଗରେ ହିଁ ବିଶ୍ୱବିଦିତ ଲୁଣା ଜଙ୍ଗଲ ତିଷ୍ଠି ରହିଛି। ଅପରପକ୍ଷେ ଏହି ନଦୀଗୁଡିକରେ ବଉଳା କୁମ୍ଭୀରମାନେ ବସବାସ କରୁଥିବାରୁ ସେମାନଙ୍କ ଆକ୍ରମଣ ଭୟରେ କେହି ଜଙ୍ଗଲ କାଟିବାକୁ ସାହାସ କରି ପାରୁନାହାନ୍ତି। ଯେମିତି ମହାବଳ ବାଘ ପାଇଁ ଶିମିଳିପାଳ ସୁରକ୍ଷିତ, ବଉଳା କୁମ୍ଭୀର ପାଇଁ ଭିତରକନିକାର ହେନ୍ତାଳବଣ ସୁରକ୍ଷିତ ବୋଲି ଭାରତର ବିଶିଷ୍ଟ କୁମ୍ଭୀର ବିଶାରଦ ଡ. ସୁଧାକର କର କହିଛନ୍ତି।

# ପ୍ରମାଣପତ୍ର ପାଇଲେ ଲକ୍ଷପତି ଦିଦି



ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାରଙ୍ଗ,୨୫।୮ (ଲିଙ୍ଗରାଜ ରାଉତ)

ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମିଶନଶକ୍ତି ମହିଳାଙ୍କ ମଧ୍ୟରେ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ରବିବାର କଟକ ଜିଲାର ୧୪ଟି ବ୍ଲକରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାରଙ୍ଗ ବ୍ଲକ ସଭାଗୃହ ପରିସରରେ ବ୍ଲକ ମିଶନଶକ୍ତି ମହିଳାଙ୍କୁ ନେଇ ଏହି ସଭା ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସହ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମରେ ବାରଙ୍ଗ ବିଡିଓ ଧର୍ମରଞ୍ଜନ ପଣ୍ଡା, ବ୍ଲକ ଅଧକ୍ଷା ସାବିତ୍ରୀ ଦଳାଇ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ସମସ୍ତ ସରପଞ୍ଚମାନେ ଯୋଗଦେଇଥିଲେ। ମିଶନ ଶକ୍ତି କର୍ମକର୍ତ୍ତାଙ୍କ ମଧ୍ୟରେ ଯେଉଁ ମହିଳାମାନେ ଲକ୍ଷପତି ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୪୧ ଜଣଙ୍କୁ ବାରଙ୍ଗ ବ୍ଲକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ଏମ୍‌ବିକେ, ସିଆର୍‌ପିର ଯେଉଁ ମହିଳାମାନେ ଋଣ ନେଇ ଭଲ ବ୍ୟବସାୟ କରି ଲକ୍ଷପତି ହୋଇପାରିଛନ୍ତି, ସେମାନଙ୍କୁ ଉପସ୍ଥିତ ଅତିଥି ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୬ଟି ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ଏମ୍‌ବିକେ, ସିଆର୍‌ପି ଏବଂ ଅନ୍ୟ ମହିଳାମାନେ ଉପସ୍ଥିତ ଥିଲେ।

## ସମୁଦ୍ରରେ ଫସିଲା ୨ ମାଛଧରା ବୋଟ୍

ଅସ୍ତରଙ୍ଗ,୨୫।୮
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡ଼ ଜେଟି ନିକଟରୁ ୨ ଦିନ ତଳେ ୨ଟି ବୋଟ ମାଛ ଧରିବାକୁ ଯାଇ ଦେବୀ ମୁହାଣରେ ଇଞ୍ଜିନ ଖରାପ ହେବାରୁ ସମୁଦ୍ରରେ ବୋଟ ସହ ୧୨ ଜଣ ମତ୍ସ୍ୟଜୀବୀ ଫସି ରହିଛନ୍ତି।

ସୂଚନା ମୁତାବକ, ବଙ୍ଗୋପସାଗରରେ ଲଘୁଚାପ ହେତୁ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ ରହିଛି। ଏହା ସତ୍ତ୍ୱେ ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡ଼ ଜେଟି ନିକଟରୁ ୨ ଦିନ ତଳେ ମା' କାଳୀ ଓ ମା' ପାର୍ବତୀ ନାମକ ୨ଟି ବୋଟ ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲେ। ମା' ପାର୍ବତୀ ବୋଟ ଡ୍ରାଇଭର ବସନ୍ତ ନାୟକଙ୍କ କହିବା ମୁତାବକ, ଶନିବାର ସକାଳ ୯ଟାରୁ ବୋଟ ଇଞ୍ଜିନ ଖରାପ ହେବାରୁ ଦେବୀ ମୁହାଣରୁ ୩ କିଲୋମିଟର ଦୂରରେ ରହିଛି। ଅନ୍ୟପଟେ ମା' କାଳୀ ବୋଟ ମାଲିକ ପ୍ରଶାନ୍ତ ଶୁକ୍ଲାଙ୍କ କହିବା ଅନୁଯାୟୀ, ବୋଟର ଇଞ୍ଜିନ ଖରାପ ହେତୁ ସେମାନେ ଦେବୀ ମୁହାଣଠାରୁ ୨ କିଲୋମିଟର ଦୂରରେ ଫସି ରହିଛନ୍ତି। ମା' ପାର୍ବତୀ ବୋଟ ମଧ୍ୟରେ ବସନ୍ତ ନାୟକଙ୍କ ସମେତ ଅଜୟ ମହାନ୍ତି, ରମେଶ ମହାନ୍ତି, ବୁଦ୍ଧେଶ୍ୱର ଦଳାଇ, ପ୍ରଭାସ ଚନ୍ଦ୍ର ସିଲ, ଶିବ ପରିଡ଼ା ରହିଛନ୍ତି। ମା' କାଳୀ ବୋଟରେ ଥିବା କର୍ମଚାରୀଙ୍କ ନାମ ମିଳି ପାରିନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଅସ୍ତରଙ୍ଗ ନିକଟ ନୂଆଗଡ଼ ସାମୁଦ୍ରିକ ଥାନାରେ ଥିବା ସ୍ପିଡି ବୋଟ୍‌ଟି ୨୦୦୮ମସିହାର ହୋଇଥିବାବେଳେ ତାହାର ଓଜନ ୧୨ ଟନ୍। ଯାହା ସମୁଦ୍ର ମଧ୍ୟକୁ ଯିବାର କ୍ଷମତା ୨୦ ଟନ୍‌ଠାରୁ କମ୍। ୩୦ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଫସିଥିବା ୨ ବୋଟ୍ ଉଦ୍ଧାର ହୋଇପାରି ନାହିଁ। ପାରାଦ୍ୱୀପ କୋଷ୍ଟ ଗାର୍ଡ ପହଞ୍ଚିଲେ ୨ ବୋଟ୍ ସହ କର୍ମଚାରୀ ଉଦ୍ଧାର ହେବେ ବୋଲି ସୂଚନା ମିଳିଛି।

## ବିକିପୁର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ



ପୁରୁଣା ଭୁବନେଶ୍ୱର,୨୫।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଇଟିପୁର ପଞ୍ଚାୟତର ବିକିପୁର ଦଣ୍ଡାର ଉଭୟ ପାର୍ଶ୍ୱରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ କୁମାର ପୁରୋହିତଙ୍କ ସମେତ ଲକ୍ଷ୍ମୀଧର ପ୍ରଧାନ, ପ୍ରଶାନ୍ତ ମିଶ୍ର, ବିଷ୍ଣୁ ବିଶ୍ୱାଳ, ପ୍ରତାପ ଜେନା, ଅକ୍ଷୟ ବରାଳ, ସୁରସେନ ସ୍ୱାଇଁ, ଗଙ୍ଗାଧର ପ୍ରଧାନ, ସନାତନ ବରାଳ, ସୁମନ୍ତ ସୁବୁଦ୍ଧି, ପ୍ରଶାନ୍ତ ବେହେରା, ଲିଙ୍ଗରାଜ ଜେନା, ଶରତ ବିଶ୍ୱାଳ, ହେମନ୍ତ ସାହୁ, ପ୍ରଦ୍ୟୁମ୍ନ ଜେନା, ପ୍ରକାଶ ସ୍ୱାଇଁ, ଲିଙ୍ଗରାଜ ସାହୁ, ଅଶ୍ୱିନୀ ସାହୁ, ରାଜେନ୍ଦ୍ର ସାହୁ, ଆଲୋକ ସାହୁ, ସରୋଜ ଦାଶ, ରଘୁନାଥ ସ୍ୱାଇଁ, ବସନ୍ତ ସ୍ୱାଇଁ, ବସନ୍ତ ମହାରଣା, ଦିଲ୍ଲୀପ ମଲ୍ଲିକ, ହରିହର, ସୋମନାଥ, ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ମା'କଲ୍ୟାଣୀ ଯୁବକ ସଂଘର ସଦସ୍ୟ, ବିକିପୁର ଏବଂ ଜୟପୁର ଗ୍ରାମର ଅନେକ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିଲେ।

## ନନ୍ଦନକାନନକୁ ଆସିଲା ଉଦ୍ଧାର ଚଉଶିଙ୍ଗା

ବାରଙ୍ଗ,୨୫।୮ (ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ରବିବାର ଏକ ଚଉଶିଙ୍ଗା ଉଦ୍ଧାର ହୋଇ ଆସିଛି। ଅନ୍ୟପଟେ ନନ୍ଦନକାନନରେ ୨ ଚଉଶିଙ୍ଗାର ଜନ୍ମ ହୋଇଥିବାବେଳେ ଆଉ ଗୋଟିଏର ମୃତ୍ୟୁ ହୋଇଛି।

ସୁନ୍ଦରଗଡ଼ ଡିଭିଜନରୁ ଏକ ୫ ବର୍ଷୀୟ ଅଣ୍ଡିରା ଚଉଶିଙ୍ଗାକୁ ଉଦ୍ଧାର କରି ସେଠାକାର ବନବିଭାଗ ନନ୍ଦନକାନନକୁ ହସ୍ତାନ୍ତର କରିଛି। ଉଦ୍ଧାର ଚଉଶିଙ୍ଗା ନନ୍ଦନକାନନକୁ ଆସିବା ପରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା ସହ ଅନୁଧ୍ୟାନ ପାଇଁ ଡାକ୍ତରଙ୍କ ନଜରବନ୍ଦୀରେ କ୍ୱାରେନଟାଇନରେ ରଖାଯାଇଛି।

### ଆଉ ଦୁଇଙ୍କ ଜନ୍ମ, ଗୋଟେ ମୃତ

ଲାଳନପାଳନ କେନ୍ଦ୍ରରେ ଆସି ଦୀର୍ଘଦିନ ଧରି ରହିଥିବା ଏକ ମାଇ ଚଉଶିଙ୍ଗା ରବିବାର ୨ଟି ଛୁଆକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ତୃଣଭୋଜି ସଫାରିରେ ଥିବା ୨ ଅଣ୍ଡିରା ଚଉଶିଙ୍ଗାଙ୍କ ମଧ୍ୟରେ ମାଡ଼ଗୋଳ ଘଟି ଗୋଟିଏ ୩ ବର୍ଷ ବୟସ୍କ ଅଣ୍ଡିରା ଚଉଶିଙ୍ଗାଟି ଅସୁସ୍ଥ ହୋଇପଡ଼ିଥିଲା। ଶନିବାର ଦାୟିତ୍ୱରେ ଥିବା କର୍ମଚାରୀ ଏହି ଘଟଣା ଦେଖିବା ପରେ ଡାକ୍ତର ସହ ପ୍ରାଣୀ ବିଭାଗକୁ ଖବର ଦେଇଥିଲେ। ଶନିବାର ତା'ର ଚିକିତ୍ସା ଆରମ୍ଭ କରାଯାଇଥିବାବେଳେ ରବିବାର ସେ ମରିପଡ଼ିଥିବା କର୍ମଚାରୀ ଦେଖିଥିଲେ।

## ନାଗପୁର ଗଲା ସାଇବର ଥାନା ପୋଲିସ

### ଅନ୍‌ଲାଇନ୍ ଟ୍ରେଡିଂରେ ୨୩ ଲକ୍ଷ ଠକେଇ ଘଟଣା

କଟକ,୨୫।୮ (କାର୍ତ୍ତିକ ସାହୁ)

କଟକ ସିଡିଏ ସେକ୍ଟର-୨ ଅଞ୍ଚଳରେ ୨୩ ଲକ୍ଷ ଟଙ୍କାର ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ମାମଲାରେ କଟକ ସାଇବର୍ ଥାନା ପୋଲିସ ମହାରାଷ୍ଟ୍ରର ନାଗପୁର ଅଭିମୁଖେ ରବିବାର ଯାଇଛି। ସେଠାକାର ସାଇବର୍ ଅପରାଧୀ ଏହି ଠକେଇ କରିଥିବା ନେଇ ସାଇବର ଥାନା ପୋଲିସ ପ୍ରମାଣ ପାଇଛି। ସବ୍‌ଇନ୍ସପେକ୍ଟର ଡି. ସାହୁଙ୍କ ନେତୃତ୍ୱରେ ୪ ଜଣ ଅଧିକାରୀ ଉକ୍ତ ଟିମ୍‌ରେ ସାମିଲ ଅଛନ୍ତି। ପୋଲିସ ଟିମ୍ ନାଗପୁରରେ ସୋମବାର ପହଞ୍ଚିବା ପରେ ସେଠାକାର ପୋଲିସ ସହାୟତାରେ ଚଢ଼ାଉ କରାଯିବା ଯୋଜନା ଥିବା ଆଇଆଇସି ରଶ୍ମିତା ଜେନା କହିଛନ୍ତି।

ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୨ ଅଞ୍ଚଳର ଜଣେ ଠିକାଦାର ସାଇବର ଠକେଇର ଶିକାର ହୋଇଛନ୍ତି। ଅନ୍‌ଲାଇନ୍ ଟ୍ରେଡିଂରେ ଭଲ ସୁଧ ମିଳିବାର ଲୋଭ ଦେଖାଇ ସାଇବର ଅପରାଧୀ ତାଙ୍କୁ ଫସାଇ ବିଭିନ୍ନ ପର୍ଯ୍ୟାୟରେ ୨୩ଲକ୍ଷ ଟଙ୍କା ଠକିନେଇଛନ୍ତି। ଠିକାଦାର ଜଣକ ଗତ ମାର୍ଚ୍ଚ ୮ରେ କଟକ ସାଇବର ଥାନାରେ ଏତଲା ଦେବା ପରେ ଏକ ମାମଲା(ନଂ.୨୫/୨୪) ରୁଜୁ ହୋଇଥିଲା।

## ଭାଗବତ ସପ୍ତାହ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଆଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ପୁରୁଣା ଭୁବନେଶ୍ୱର,୨୫।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗି ଉନ୍ନୟନ ପରିଷଦ ପକ୍ଷରୁ ଷଡ଼ବିଂଶତମ ବାର୍ଷିକ ଶ୍ରମଦ ଭାଗବତ ପାରାୟଣ ସପ୍ତାହ ପ୍ରବଚନ ଓ ମହାଯଜ୍ଞ କାର୍ଯ୍ୟକ୍ରମ ରବିବାର ଆରମ୍ଭ ହୋଇଛି। ସକାଳେ ପରିଷଦର ସଦସ୍ୟମାନେ କଳସ ଯାତ୍ରାରେ ଯାଇ ବିନ୍ଦୁସାଗର ପୁଷ୍କରିଣୀରୁ ବିଧିପୂର୍ବକ ଜଳ ଆଣିବା ପରେ ଦାରୁବିଗ୍ରହଙ୍କୁ ପ୍ରତିଷ୍ଠା କରାଯାଇଥିଲା। ପ୍ରତ୍ୟହ ବିଧି ଅନୁଯାୟୀ ଭାଗବତ ପରାୟଣ ସହିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ କର୍ପୋରେଟର ଶିବନରାୟଣ ରାୟ, ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଚିତ୍ରସେନ ବିଶୋଇ, ସୁଧାଂଶୁ ଶେଖର ହରିଚନ୍ଦନ, ଗଣେଶ ପ୍ରଧାନ, ନୀଳମାଧ ନନ୍ଦ, ରବି ନାରାୟଣ ଦାସ, ପ୍ରମୋଦ କୁମାର ଖୁଣ୍ଟିଆ, ବିଶ୍ୱ ରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

# ଫରାସୀ ପଣ୍ୟ ଜାହାଜର ଦୁର୍ଘଟଣାକୁ ୧୯୨ବର୍ଷ

### ମାଦଳି-ହୁକିଟୋଲା ମୁହାଣ

### ଜାହାଜ ଚଳାଚଳ ପାଇଁ ନିର୍ମାଣ ହୋଇଛି ବତିଘର

ମହାକାଳପଡ଼ା,୨୫।୮
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଙ୍ଗୋପସାଗର ପୂର୍ବତଟ ହୁକିଟୋଲା-ମାଦଳି ମୁହାଣ ଅନତି ଦୂରର ବାଲି ଢିପ ଯୋଗୁ ୧୮୩୨ ମସିହାରେ ଫରାସୀ ନିର୍ମିତ ପଣ୍ୟ ବୋଝେଇ ଜାହାଜର ଦୁର୍ଘଟଣା ଘଟିଥିଲା। ଏହାକୁ ଏବେ ୧୯୨ ବର୍ଷ ବିତିଛି। ସୂଚନା ଅନୁସାରେ, ବ୍ରିଟିଶ ଶାସକ ଏହି ପଣ୍ୟ ବୋଝେଇ ଜାହାଜରେ ସମୁଦ୍ର ପଥଦେଇ କୋଲକାତାର ହଳଦିଆ ବନ୍ଦରକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ନେଇ ମଝି ସମୁଦ୍ରରେ ଯାଉଥିଲା। ସାମୁଦ୍ରିକ ପ୍ରତିକୂଳ ପାଗ ଯୋଗୁ ଜାହାଜ ଦିଗହରା ହୋଇ ବାଲୁକା ଢିପକୂଳରେ ଭାରସାମ୍ୟ ହରାଇ ଫସି ଯାଇଥିଲା। ପରେ ସାମୁଦ୍ରିକ ଝଡ଼ ପ୍ରଭାବରେ ପାଣିରେ ଧୀରେ ଧୀରେ ଜାହାଜ ବୁଡ଼ି ଯାଇଥିବା କୁହାଯାଉଛି। ପରେ ଜାହାଜର ନାବିକମାନେ ବାଧ୍ୟ ହୋଇ ସମୁଦ୍ର କୂଳରେ ଥିବା ବାଲୁକା ପାହାଡ଼କୁ ଅନୁସନ୍ଧାନ କରିଥିଲେ। ଅନ୍ୟ ବୋଟ ଯୋଗେ ନିକଟରେ ଥିବା ବାଲି ପାହାଡ଼ ଆଇଲାଣ୍ଡରେ ପହଞ୍ଚି ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ସମୟରେ ବ୍ରିଟିଶ ଶାସକ ଜାଣିବା ପରେ ନାବିକମାନଙ୍କୁ ଉଦ୍ଧାର କରିଥିଲେ। ଯେଉଁ ସ୍ଥାନରୁ ନାବିକମାନଙ୍କୁ ଉଦ୍ଧାର କରିଥିଲେ ଉକ୍ତ ଆଇଲାଣ୍ଡ ବା ଫଲ୍ସ ପଏଣ୍ଟ ସ୍ଥାନଟି ଘଞ୍ଚ ଜଙ୍ଗଲ ମଧ୍ୟରେ ଥିଲା। ସେହି ସ୍ଥାନଟିକୁ ବ୍ରିଟିଶ ଶାସକମାନେ ସୁରକ୍ଷିତ ମଣି ସମୁଦ୍ରରେ ଯାତାୟାତ କରୁଥିବା ଜାହାଜର ଦିଗ ନିର୍ଣ୍ଣୟ ସୁରକ୍ଷା ପାଇଁ ବତିଘର ୧୮୩୬ରୁ ୧୮୩୮ ମଧ୍ୟରେ ଲାଇଟ୍ ହାଉସ୍ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ସେହିଦିନଠାରୁ ସମୁଦ୍ରରେ ଜାହାଜ ଯାତାୟାତ ଓ ଦିଗ ନିର୍ଣ୍ଣୟ ପାଇଁ ବୃହତ୍ ଉଜ୍ଜ୍ୱଳ ଆଲୋକ ୧୩୮ ଫୁଟ୍ ଉଚ୍ଚରେ ଅବସ୍ଥାପିତ କରାଯାଇଥିଲା। ଦେଶ ସ୍ୱାଧୀନ ପରେ ରକ୍ଷଣାବେକ୍ଷଣ ଅଭାବରୁ ଜାହାଜରୁ ବହୁ ମୂଲ୍ୟବନ ଯନ୍ତ୍ରାଂଶକୁ ଅସାଧୁ ବ୍ୟବସାୟୀ, ଜଳଦସ୍ୟୁମାନେ ବୋଟରେ ଆସି ନେଇଗଲେ। ଅଦ୍ୟାବଧି ଉକ୍ତ ଜାହାଜର ମଙ୍ଗ ଦୃଶ୍ୟମାନ ହେଉଛି। ଏହି ମୁହାଣ ପଥ ଦେଇ ସ୍ଥାନୀୟ ମତ୍ସ୍ୟଜୀବୀ ବୋଟରେ ଯାତାୟାତ ବେଳେ ସାମୁଦ୍ରିକ ଜୁଆର ଜାଣି ନ ପାରି ମଙ୍ଗରେ ବାଡେଇ ହୋଇ ଦୁର୍ଘଟଣା ହେଉଥିବା ମହାକାଳପଡ଼ା ଜମ୍ବୁ ଅଞ୍ଚଳର ଶକ୍ତିପଦ ମିର୍ଦ୍ଧା, ଶଙ୍କର ମଣ୍ଡଳ, ଗୁରୁପଦ ମଣ୍ଡଳ, ଗୌରହରି ଦାସ, ଫନି ମଣ୍ଡଳ, ହରେକୃଷ୍ଣ ମାନ୍ନା, ରାସ ବିହାରୀ ଦାସ ପ୍ରମୁଖ କହିଛନ୍ତି। ଦୁର୍ଘଟଣା ହୋଇଥିବା ଅଞ୍ଚଳଟି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଅବସ୍ଥିତ ଥିବାରୁ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ଅପରପକ୍ଷରେ ୨୦୦୯-୧୦ରେ ଆନ୍ତର୍ଜାତିକ ସମୁଦ୍ର ବୁଡାଳି ସବୀର ବକ୍ସ ଏହି ଜାହାଜ ବୁଡିବା ସମ୍ପର୍କରେ ସବିଶେଷ ତଥ୍ୟ ଅନୁସନ୍ଧାନ ଓ ସଂଗ୍ରହ କରିବାକୁ ଯାଇଥିଲେ। ବନ ବିଭାଗର ବିନାନୁମତିରେ ବେଆଇନ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ପ୍ରବେଶ କରି ଥିବାରୁ ସେ ସଂକ୍ରାନ୍ତରେ ତତ୍କାଳୀନ ମହାକାଳପଡ଼ା ରେଞ୍ଜ ଅଧିକାରୀ ମିହିର କୁମାର ପଟ୍ଟନାୟକ ବୁଡାଳୀ ବକ୍ସଙ୍କ ନାମରେ ମାମଲା ରୁଜୁ କରିଥିଲେ। ବତିଘର ଲାଇଟ୍ ହାଉସ୍ ନିର୍ମାଣ ପରେ ସମୁଦ୍ରରେ ବହୁସଂଖ୍ୟାରେ ଜାହାଜ ଯାତାୟାତରେ ସୁବିଧା ହେଉଛି। ମାଦଳି ମୁହାଣରେ ଦୁର୍ଘଟଣା ହୋଇଥିବା ଜାହାଜର ମଙ୍ଗ ଏବେ ଦୃଶ୍ୟମାନ ହେଉଥିବା ବତିଘର ଓ ହୁକିଟୋଲାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ କହିଛନ୍ତି। ଫରାସୀ ନିର୍ମିତ ଜାହାଜ ଦୁର୍ଘଟଣା ହେବାର କାରଣ ଖୋଜାଗଲେ ଅନେକ ଐତିହାସିକ ତଥ୍ୟ ପ୍ରକାଶ ପାଇପାରନ୍ତା ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳୀ କହିଛନ୍ତି।



ହୁକିଟୋଲା-ମାଦଳି ମୁହାଣ ଅନତି ଦୂରର ବୁଡି ରହିଥିବା ଫରାସୀ ଜାହାଜର ମଙ୍ଗ ଦୃଶ୍ୟମାନ ହେଉଛି।

# ଶ୍ରୀକୃଷ୍ଣ ଜନ୍ମୋତ୍ସବ ଉଦ୍‌ଘାଟିତ

## ଆଜି ସୁବର୍ଣ୍ଣ ଗହଣାରେ ସଜେଇ ହେବେ ପ୍ରଭୁ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୫।୮
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)


ରାଧାକୃଷ୍ଣ ବେଶଧାରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ୩ ଦିନ ବ୍ୟାପି ଶ୍ରୀକୃଷ୍ଣ ଜନ୍ମୋତ୍ସବ-୨୦୨୪ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ଅଧିବାସୀ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପ୍ରଥମ ଥର ପାଇଁ ଶ୍ରୀସାକ୍ଷୀଗୋପାଳ ଠାକୁର ଓ ମା’ ଶ୍ରୀରାଧାରାଣୀ ସୋମବାର ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ଅଁଳାନବମୀ ଓ ବଡ ଏକାଦଶୀ ତିଥିରେ ଆଭୂଷଣ ହେଉଥିବା ପାରମ୍ପରିକ ସୁବର୍ଣ୍ଣ ଅଳଙ୍କାର ପରିଧାନ କରି ନଟବର ବେଶରେ ଶୋଭାପାଇବେ। ସେବାୟତ ସଂଘର ଅନୁରୋଧକ୍ରମେ ରାଜ୍ୟ ଦେବୋତ୍ତର କମିଶନର ଏହି ଆଦେଶ ପ୍ରଦାନ କରିଛନ୍ତି। ତଦନୁଯାୟୀ ରିଜର୍ଭ ଭଣ୍ଡାରରୁ ଅଳଙ୍କାର ବାହାର କରାଯାଇ ପାଳିଆ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି। ଯଜ୍ଞ ମଣ୍ଡପ ସଂସ୍କାର, ଘଟ ସ୍ଥାପନ, ଅଙ୍କୁରାରୋପଣ, ଧ୍ୱଜାବନ୍ଧନ, ନବଗ୍ରହ ପୂଜା କରାଯାଇଥିଲା। ସନ୍ଧ୍ୟାରେ ସାକ୍ଷୀଗୋପାଳ ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦ, ବରିଷ୍ଠ ସେବାୟତ ବିଶ୍ୱନାଥ ମହାପାତ୍ର, ରମାକାନ୍ତ ମହାପାତ୍ର, ଜୟକୃଷ୍ଣ ମହାପାତ୍ର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳ ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ, ଜଣାଣ ଓ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟ ସଙ୍ଗୀତ ଓ ଗୀତିନାଟ୍ୟ ଶ୍ରୀକୃଷ୍ଣ ଜନ୍ମ ବେଶ ଚିତ୍ତାକର୍ଷକ ହୋଇଥିଲା। ଭାଗବତ ପାଠ କମିଟି ସଦସ୍ୟ ଓ ଶ୍ରଦ୍ଧାଳୁମାନେ ସକାଳୁ ମନ୍ଦିର ପରିସର ସଫେଇ କରିଥିଲେ। ଅପରାହ୍ନରେ ମନ୍ଦିରରେ ଆକର୍ଷଣୀୟ ଫୁଲ ଓ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ସୋମବାର ଯଜ୍ଞ ପୂର୍ଣ୍ଣାହୁତି, ସୋନାମଧନ୍ୟ କଣ୍ଠଶିଳ୍ପୀଙ୍କ ଭଜନ ପରିବେଷଣ ସାଙ୍ଗକୁ ନିଶାର୍ଦ୍ଧରେ ଶ୍ରୀକୃଷ୍ଣଙ୍କ ଜନ୍ମବିଧି ଦେବନୀତି ଓ ଦୋଳାୟମାନ ଶିଶୁ କୃଷ୍ଣଙ୍କ ଦର୍ଶନ ପୂଜାର୍ଚ୍ଚନା ପାଇଁ ଜନ ସମାଗମ ବୃଦ୍ଧି ପାଇବ।


ଜନ୍ମାଷ୍ଟମୀ ଉପଲକ୍ଷେ ରବିବାର ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ପୁରୀର ସିଦ୍ଧ ବକୁଳ ମଠ ପରିସରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଶିଶୁମାନେ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୮।୨୦୨୪

| | |
|---|---|
| ୫,୭୨,୪୫୪ ଟଙ୍କା | |
| ସୁନା | ୨.୩୮୦ ଗ୍ରାମ୍ |
| ରୁପା | ୭୯.୬୦୦ ଗ୍ରାମ୍ |

## ସଂକ୍ଷେପରେ

### ମଦ୍ୟପାନ କରି ଗାଡ଼ି ଚଳାଉଥିବା ଯୁବ ଡାକ୍ତରଙ୍କୁ ଧରିଲା ପୋଲିସ

ବଳଙ୍ଗା,୨୫।୮(କେଦାରେଶ୍ୱର ନନ୍ଦ)

ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଶନିବାର ବିଳମ୍ବିତ ରାତିରେ ଦଳଭାଣପୁର ଛକରେ ଏକ କାର୍‌କୁ ଜବତ କରିବା ସଙ୍ଗେ ସଙ୍ଗେ ଚାଳକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସମ୍ବଲପୁର ଭୀମସାର ଜେମ୍‌ସ ହଷ୍ଟେଲର ଯୁବ ଡାକ୍ତର ସୌରଭ କୁମାର ଭୋଇ। ସୂଚନା ମୁତାବକ, ବଳଙ୍ଗା ପୋଲିସ ପକ୍ଷରୁ ଥାନା ଏଏସ୍‌ଆଇ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଶନିବାର ବିଳମ୍ବିତ ରାତିରେ ପିପିଲି ନିମାପଡ଼ା ରାସ୍ତାର ଦଳଭାଣପୁର ଛକରେ ପାଟ୍ରୋଲିଂ କରୁଥିଲା। ରାତି ପ୍ରାୟ ୩ଟା ସମୟରେ ସୌରଭ ତାଙ୍କ କାର୍(ଓଡି ୩୩ ଏପି ୬୬୭୭)ରେ ପିପିଲି ପଟୁ ନିମାପଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିବାବେଳେ ପୋଲିସ୍ ଟିମ ତାଙ୍କ ଅଟକାଇ ଯାଞ୍ଚ କରିବାରେ ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ପରେ ଏଏସ୍‌ଆଇ ତାଙ୍କ କାର୍‌କୁ ଜବତ କରି ଥାନାକୁ ଆଣିଥିଲେ। ରବିବାର ଅପରାହ୍ନରେ ପୋଲିସ ତାଙ୍କୁ ନୋଟିସ୍ ଦେଇ ଛାଡ଼ିଥିବା ଜଣାପଡ଼ିଛି।

### ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୫।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଗତ ୨୨ ତାରିଖରେ ଅପହରଣ କରାଯାଇଥିବା ଅପହୃତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ସ୍ଥାନୀୟ ଥାନା ଅଧୀନ ତେରୁଣ୍ଡିଆ ଗ୍ରାମର କାହ୍ନା ଦଳେଇଙ୍କ ନାମରେ ୨୬୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କାହ୍ନା ତାଙ୍କ ସାଙ୍ଗମାନଙ୍କ ସହାୟତାରେ ନାବାଳିକାଙ୍କୁ ବଳପୂର୍ବକ କେଉଁଆଡ଼େ ନେଇଯାଇଛନ୍ତି। ଗତ କିଛି ଦିନ ପୂର୍ବରୁ କାହ୍ନା ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ସହ ବାଟରେ ହଇରାଣ କରୁଥିବା ଅପହୃତାଙ୍କ ବାପା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ତୁରନ୍ତ ଝିଅଙ୍କୁ ଉଦ୍ଧାର କରିବାକୁ ପୋଲିସ ପାଖରେ ଅପହୃତାଙ୍କ ବାପା ଅନୁରୋଧ କରିଛନ୍ତି।

# ବିଧାୟକଙ୍କୁ ଭେଟିଲା ସାକ୍ଷୀଗୋପାଳ ବ୍ୟବସାୟୀ ପ୍ରତିନିଧି ଦଳ

ସାକ୍ଷୀଗୋପାଳ,୨୫।୮
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ପ୍ରସ୍ତାବିତ ରେଳ ଓଭର ବ୍ରିଜ ନିର୍ମାଣରେ ପ୍ରଭାବିତ ହେଉଥିବା ସାକ୍ଷୀଗୋପାଳ ବ୍ୟବସାୟୀ ସଂଘର ପ୍ରତିନିଧି ଦଳ ଶନିବାର ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଭେଟି ପ୍ରଭାବିତଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରିଛି। ଏହି ରେଳ ପ୍ରକଳ୍ପ ନିମନ୍ତେ ଗତ ୨୦ ତାରିଖରେ ପୁରୀରେ କରାଯାଇଥିବା ଏକ୍ସପର୍ଟ କମିଟିରେ ବ୍ୟବସାୟୀ ସଂଘ ସଭାପତି ଓ ସମ୍ପାଦକଙ୍କୁ ସାମିଲ କରାଯାଇ ନ ଥିଲା। ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା ଓ ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର ଏହାକୁ ଅଗଣତନ୍ତ୍ରିକ ବୋଲି କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାଥାଉ କି, ରେଳ ଓଭର ବ୍ରିଜ୍ ନିମନ୍ତେ ‘ଲାଇଫ ଏକାଡେମୀ ଅଫ୍ ଭୋକେଶନାଲ ଷ୍ଟଡିଜ୍’ ନାମକ ଏକ ସ୍ୱାଧୀନ ଗବେଷଣା ସଂସ୍ଥା ପକ୍ଷରୁ କରାଯାଇଥିବା ସାମାଜିକ ପ୍ରଭାବ ଓ ଆକଳନରୁ ମୋଟ ୭୪ଟି ପରିବାର ଓ ବ୍ୟବସାୟୀ ଏଥିରେ ପ୍ରଭାବିତ ହେବେ। ତେଣୁ ଉକ୍ତ ପରିବାର ଓ ବ୍ୟବସାୟୀଙ୍କ ସମସ୍ୟାକୁ ଦୃଷ୍ଟି ଦେବା ସହ ଏକ୍ସପର୍ଟ କମିଟିରେ ବ୍ୟବସାୟୀ କମିଟିରୁ ଜଣଙ୍କୁ ସାମିଲ କରାଯାଉ ବୋଲି ସମ୍ପାଦକ ମିଶ୍ର ପ୍ରକାଶ କରିଛନ୍ତି। ସେହିଭଳି ବିଧାୟକ ମିଶ୍ର କହିଛନ୍ତି, ରେଳ ଓଭର ବ୍ରିଜ୍ ନିର୍ମାଣରେ ଯେଉଁମାନେ କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ ଆଗୁଆ ଥଇଥାନ କରାଯିବ, ପରେ ପ୍ରକଳ୍ପ କାର୍ଯ୍ୟ ହେବ। ଆଗକୁ ବ୍ୟବସାୟୀଙ୍କ ସହ ଆଲୋଚନା କରାଯାଇ ବଜାରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଏହି ପ୍ରତିନିଧି ଦଳରେ ବଜାର କମିଟି ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ସଭ୍ୟ ପୃଥ୍ୱୀରାଜ ସାହୁ, ଅମିୟ ସ୍ୱାଇଁ, ସଞ୍ଜୀବ ଦାସ, ପ୍ରଶାନ୍ତ ମହାପାତ୍ର, ସନ୍ତୋଷ ହୋତା ପ୍ରମୁଖ ସାମିଲ ଥିଲେ।

# ଆନ୍ତରିକତାର ସହ ଶିକ୍ଷାଦାନ କଲେ ପ୍ରାଥମିକ ଶିକ୍ଷା ଫଳପ୍ରଦ ହେବ

ଡେଲାଙ୍ଗ,୨୫।୮(ରଶ୍ମିରଞ୍ଜନ ପ୍ରଧାନ)

ପ୍ରାଥମିକ ଶିକ୍ଷା ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ କରିବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ଶିଶୁଙ୍କ ମନକୁ ଅନୁଧ୍ୟାନ କରି ଶିକ୍ଷାଦାନ କରିବା ଆବଶ୍ୟକ। ଏହା ସମେତ ଆନ୍ତରିକତା ସହିତ ଶିକ୍ଷାଦାନ କଲେ ପ୍ରାଥମିକ ଶିକ୍ଷା ଫଳପ୍ରଦ ହୋଇପାରିବ। ଧାନକେରା ପଞ୍ଚାୟତସ୍ଥିତ ନଳୀବସନ୍ତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଆୟୋଜିତ ଏଫ୍‌ଏଲ୍‌ଏନ୍ ପ୍ରଶିକ୍ଷଣ ଶିବିରରେ ବ୍ଲକ ସହଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ସହଶିକ୍ଷାଧିକାରୀ ପ୍ରଧାନ, ସିଆରସିସି ଲୋକନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଆଧାରରେ ପାଠପଢ଼ାର ନମୁନା ଓ ଯୋଜନା, ବିଲ୍ଡିଂ ଆପ୍ ମାଧ୍ୟମରେ ଶିକ୍ଷାଦାନ, ଜାତୀୟ ଉପଲବ୍ଧ ପରୀକ୍ଷଣ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷକ ନୃସିଂହନାଥ ପାଇକରାୟ ‘ଘର ଆମ ସୁନ୍ଦର’ ବିଷୟକୁ ନେଇ ଶିକ୍ଷଣୀୟ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ପ୍ରଧାନ ଶିକ୍ଷକ ଭଗବାନ ନାୟକ, ସୌଦାମିନୀ ହରିଚନ୍ଦନ, ବୀଣାପାଣି ନାୟକ, ବନ୍ଦିତା ସୁବୁଦ୍ଧି, ଶର୍ମିଷ୍ଠା ଦେବୀ, ଅଭୟ ଚରଣ ସାହୁ, ଅନ୍ନପୂର୍ଣ୍ଣା ହରିଚନ୍ଦନ, ଅଭୟ ରଥ, ତ୍ରିନାଥ ସେନାପତି, ପୁରନ୍ଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣୀଶ୍ରୀର ବାର୍ଷିକ ଉତ୍ସବ

କଣାସ, ୨୫।୮(ବିଭୂତି ଭୂଷଣ ତ୍ରିପାଠୀ)

ଯାମଳଗୋଦା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଅନୁଶିକ୍ଷଣ କେନ୍ଦ୍ର ‘ବାଣୀଶ୍ରୀ’ ପକ୍ଷରୁ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସଚ୍ଚିକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ନଗେନ୍ଦ୍ରନାଥ ସୁନ୍ଦରାୟ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ଶିଶୁଙ୍କ ସାମଗ୍ରିକ ବିକାଶ ଓ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ କପିଳ ମହାରଥୀ, ମଧୁସୂଦନ ଜେନା, ଚାରୁଲତା ପାଇକରାୟ, ବିଭୂତି ଭୂଷଣ ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଦିଲ୍ଲୀପ କୁମାର ଭୁଜବଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମଧୁଛନ୍ଦା ପରିଡା ଏବଂ ଅର୍ଚ୍ଚିତା ଶ୍ରୀଚନ୍ଦନ ସଂଯୋଜନା କରିଥିଲେ। ଏହି ଅବସରରେ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ୫୩ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ଉପହାର ପ୍ରଦାନ କରାଯାଇଥିଲା।



ଉତ୍ସବରେ ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ପିଲାମାନେ।

# ୯୩ ମହିଳାଙ୍କୁ ଲକ୍ଷପତି ଦିଦି ସମ୍ବର୍ଦ୍ଧନା

ଗୋପ,୨୫।୮(ଭାରତୀ ଭୂଷଣ ଉପାଧ୍ୟାୟ)

ମହିଳାଙ୍କୁ ସ୍ୱାବଲମ୍ବୀ କରି ଆତ୍ମନିର୍ଭରଶୀଳ କରାଇବା ସରକାରଙ୍କ ମୂଳଲକ୍ଷ୍ୟ। ଏଥିପ୍ରତି ମଧ୍ୟ ମହିଳାମାନେ ଗୁରୁତ୍ୱ ଦେଇ ତୁଳିରୁ ଦିଲ୍ଲୀ ପର୍ଯ୍ୟନ୍ତ ଯିବାକୁ ହେବ। ରବିବାର ଗୋପ ବ୍ଲକ ବୈଠକ ଗୃହରେ ଆୟୋଜିତ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ ଉପସ୍ଥିତ ମହିଳାଙ୍କୁ ଏହା କହିଥିଲେ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ଗୋପ ବ୍ଲକ ଜୀବିକା ମିଶନ ପକ୍ଷରୁ ୯୩ ମହିଳାଙ୍କୁ ଲକ୍ଷପତି ଦିଦି ସାର୍ଟିଫିକେଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। କିନ୍ତୁ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କୁ ପୂର୍ବରୁ ଡକା ନ ଯିବା ବା ତାଙ୍କ ସହିତ କୌଣସି ଆଲୋଚନା କରାଯାଇ ନ ଥିଲା। ଫଳରେ ବୈଠକ ଆରମ୍ଭ ହେବା ମାତ୍ରେ ସେ ପଳାଇ ଯିବାକୁ ନେଇ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଡଭାର ସରପଞ୍ଚ ଜଗବନ୍ଧୁ ବରାଳ ଅସନ୍ତୋଷ ପ୍ରକାଶ କରିଥିଲେ। ବିଡିଓ ଛବିରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବ୍ଲକ ଜୀବିକା ମିଶନ ଅଧିକାରିଣୀ ଦୀପାଳି ଛାଟୋଇ, ଡଭାର ସରପଞ୍ଚ ବରାଳ, ଅଣ୍ଡରା-ଇଚ୍ଛାପୁର ସରପଞ୍ଚ ମୀନା କୁମାରୀ ମହାନ୍ତି, ବଣିଆସାହି ସରପଞ୍ଚ ତପନ ବରାଳ, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ପଟ୍ଟନାୟକ, ମହିଳା ମହାସଂଘ ସମ୍ପାଦିକା ରେଣୁବାଳା ନାୟକ, ସବିତା ପୁଷ୍ଟି ପ୍ରମୁଖ ଯୋଗଦେଇ ଲକ୍ଷପତି ଦିଦିର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚିନ୍ମୟ କୋଠାରୀ, ରୁବିଲତା ଓଝା, ମଞ୍ଜୁଲତା ପ୍ରଧାନ, ଜୋତ୍ସ୍ନାରାଣୀ ପ୍ରଧାନ, ପ୍ରଭାତୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସମ୍ବର୍ଦ୍ଧିତ କରାଯାଉଛି ।

## କଣାସରେ ଲକ୍ଷପତି ଦିଦି ସମ୍ବର୍ଦ୍ଧନା ଉତ୍ସବ

କଣାସ,୨୫।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ସଭାଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିଚାଳିତ ଲକ୍ଷପତି ଦିଦି ସମ୍ବର୍ଦ୍ଧନା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ସ୍ୱୟଂ ସହାୟକ ମହାସଂଘ ସଭାପତି ଅନ୍ନପୂର୍ଣ୍ଣା ମହାପାତ୍ର, ସମ୍ପାଦକ ଉଲାସ ସାମନ୍ତରାୟ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ କିପରି ଲକ୍ଷପତି ହୋଇପାରିବେ, ସୂଚନା ଦେବାସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଲାଇଭି ଟେଲିକାଷ୍ଟ କରାଯାଇଥିଲା। ଉତ୍ସବରେ ବ୍ଲକର ୨୭ଟି ଗ୍ରାମପଞ୍ଚାୟତରେ ଗଢାଯାଇଥିବା ମହାସଂଘ ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ।

# ନୂତନ ଦଣ୍ଡବିଧି ଆଇନ ସଂକ୍ରାନ୍ତ ଆଲୋଚନାଚକ୍ର

ପୁରୀ,୨୫।୮(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଆଇନଜୀବୀ ସଂଘ, ଓଡ଼ିଶା ଶାଖାର ଆହ୍ୱାନ କ୍ରମେ ପୁରୀ ଜିଲା ସଂସ୍କୃତି ଭବନରେ ରବିବାର ନୂତନ ଦଣ୍ଡବିଧି ଆଇନ-୨୦୨୩ (ବିଏନ୍‌ଏସ୍, ବିଏନ୍‌ଏସ୍‌ଏସସ୍, ବିଏସ୍‌ଏ) ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାସ ଉଦଘାଟନ କରି ତଥ୍ୟ ସମ୍ବଳିତ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସଙ୍ଗଠନ ସମ୍ପାଦକ ଡା. ପ୍ରଶାନ୍ତ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଦେବା ପରେ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନନ୍ଦ ଆଲୋଚନାଚକ୍ରର ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ପାଟନା ହାଇକୋର୍ଟର ଯୁବ ଆଇନଜୀବୀ ଶକ୍ତି ଗାୟତ୍ରୀ ପଣ୍ଡା, ଦୀପକ କୁମାର ଦାସ, ଅମରେନ୍ଦ୍ର ମହାନ୍ତି, ଅମୀୟ ପଟ୍ଟନାୟକ, ଟୁଟୁ ପାତ୍ର, ରମଣୀ ରଞ୍ଜନ ରାଉତରାୟ, ହରପ୍ରସାଦ ରଥ, ବିଦେଶୀ ନାୟକ ପ୍ରମୁଖ ବିଷଦ ଭାବେ ଆଲୋଚନା କରି ଆଇନର ସମସ୍ତ ନକାରାତ୍ମକ ଓ ସକାରାତ୍ମକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସେମିନାର ଆୟୋଜନ କମିଟିର ଆବାହକ, ରାଉରକେଲା ବାର୍ ଆସୋସିଏଶନ ସଭାପତି ସଦାନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାଜ୍ୟର ବିଭିନ୍ନ ବାର୍ ଆସୋସିଏଶନ ପକ୍ଷରୁ ବହୁ ଆଇନଜୀବୀ, ନବାଗତ ଆଇନଜୀବୀ, ଆଇନଜ୍ଞ ଓ ଆଇନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତୁରନ୍ତ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏହି ଆଇନର ବ୍ୟାପକ ତର୍ଜମା କରାଯିବାକୁ ଆଲୋଚନାଚକ୍ରରେ ଦାବି କରାଯାଇଛି।



ଆଲୋଚନାଚକ୍ରରେ ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା, ମାନବିକ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାସ ଏବଂ ଅନ୍ୟମାନେ ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ, କୃଷ୍ଣବେଶ ପ୍ରତିଯୋଗିତା

ନିମାପଡ଼ା,୨୫।୮(ବିଚିତ୍ରାନନ୍ଦ ସାହୁ)

ବିଶ୍ୱହିନ୍ଦୁ ପରିଷଦ ନିମାପଡ଼ା ପ୍ରଖଣ୍ଡ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ସମାରୋହ ଓ ୬୦ ବର୍ଷ ପୂର୍ତ୍ତୀ ଉତ୍ସବ ସ୍ଥାନୀୟ ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ସମାରୋହ, ଜନ୍ମାଷ୍ଟମୀ ଉତ୍ସବ, କୃଷ୍ଣବେଶ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସହ ସଂଯୋଜକ ଉମାଶଙ୍କର ଆଚାର୍ଯ୍ୟ, ପୁରୀ ଜିଲା ସମ୍ପାଦକ ରଘୁନାଥ ମହାପାତ୍ର, ଉପସଭାପତି ଶରତ ସେନାପତି, ନିମାପଡ଼ା ବ୍ଲକ ସଭାପତି ସୀମନ୍ତ ଶେଖର ରଥ, ଡ. ଅମୂଲ୍ୟ ପ୍ରସାଦ ଦାଶ, ରାଧାମୋହନ ଦାସ, ବଜରଙ୍ଗ ଦଳର ଜିଲା ସହ ସଂଯୋଜକ ଅଭିଷେକ ମେକାପ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି, ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି, ବିଶ୍ୱହିନ୍ଦୁ ପରିଷଦର ପ୍ରମୁଖ କାର୍ଯ୍ୟକର୍ତ୍ତା, ପୂର୍ବତନ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସମେତ ମୋଟରେ ୭୦ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଗୀତ ଆବୃତ୍ତି, ଚିତ୍ରାଙ୍କନ, ସଙ୍ଗୀତ, କୃଷ୍ଣବେଶ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ପବିତ୍ର ଜନ୍ମାଷ୍ଟମୀ ଅବସରରେ କୁନି କୁନି ପିଲାମାନଙ୍କ ଆକର୍ଷଣୀୟ କୃଷ୍ଣବେଶ ଅତିଥି, ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର ରଞ୍ଜନ ପ୍ରଧାନ, ରଞ୍ଜନ ନାୟକ, ସୁଶାନ୍ତ ଭୂୟାଁ, ମନୋରଞ୍ଜନ ପାତ୍ର, ବାଲୁଙ୍କେଶ୍ୱର ମହାପାତ୍ର, ଜ୍ୟୋତିରଞ୍ଜନ ଛୋଟରାୟ, ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମରେ ସଂଯୋଜନା ଓ ପରିଚାଳନା କରିଥିଲେ।


ଅତିଥିମାନଙ୍କ ଗହଣରେ କୃଷ୍ଣବେଶରେ କୁନି କୁନି ପିଲାମାନେ।

## ସଂକ୍ଷେପରେ

### ସୁଧ କାରବାର ମନୋବୃତ୍ତି ଛାଡ଼ିବାକୁ ବିଧାୟକଙ୍କ ପରାମର୍ଶ

କଣ୍ଟାପଡା,୨୫।୮(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଲକ୍ଷପତି ଦିଦି ସମ୍ମାନ ପ୍ରଦାନ ଓ ପ୍ରଧାନମନ୍ତ୍ରୀଙ୍କ ସଚେତନତା ବାର୍ତ୍ତା ପ୍ରସାରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ମହିଳାମାନେ ନିଜକୁ ସ୍ୱାବଲମ୍ବୀ କରିପାରିବେ ବୋଲି କହିଥିଲେ। ସେହିପରି ମିଶନ ଶକ୍ତି ମହିଳା ଗୋଷ୍ଠୀ ଋଣନେଇ ସେଥିରେ ସୁଧ କାରବାର ନ କରି ନିଜକୁ ସ୍ୱାବଲମ୍ବି ହେବା ପାଇଁ ବିଭିନ୍ନ ପ୍ରକଳ୍ପ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ ଓ ଋଣନେଇ ଆତ୍ମ ନିର୍ଭରଶୀଳ ହୋଇଥିବା ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରାଯାଇଥିଲା। ସମିତି ଉପାଧକ୍ଷ ଯତୀନ୍ଦ୍ର ବରାଳ, ବିଡିଓ ସ୍ୱପ୍ନିତା ନାୟକ ଉପସ୍ଥିତ ଥିଲେ। ବ୍ଲକ୍ ବିପିଏମ୍ ସୋନାଲୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

କଟକ ସଦର,୨୫।୮(ସୁଶାନ୍ତ କୁମାର ଜେନା)

ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଓ ଗତିରାଉତ ପାଟଣା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଗତିରାଉତପାଟଣାଠାରେ ଚକ୍ଷୁ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ସରପଞ୍ଚ ସୋନାଲି ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୭୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କର ଚକ୍ଷୁ ଅସ୍ତ୍ରୋପଚାର କରାଯିବ। ଆୟଉପୁର ସରପଞ୍ଚ ରାକେଶ ବେହେରା, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ଉମାକାନ୍ତ ରାଉତରାୟ, ପଦ୍ମନାଭ ଗୋଛାୟତ ଓ ନିରଞ୍ଜନ ପ୍ରଧାନ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ କର୍ମଶାଳା

କଟକ ସଦର,୨୫।୮(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ କଳପଡ଼ାଠାରେ ଭାଜପା ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହାକୁ ଉଦ୍‌ଘାଟନ କରି ସଦସ୍ୟ ସଂଗ୍ରହରେ ଆଗଧାଡିର କର୍ମକର୍ତ୍ତାମାନେ ସକ୍ରିୟତା ଦେଖାଇବା ପାଇଁ କହିଥିଲେ। ମଣ୍ଡଳ ସଭାପତି ପୀୟୂଷ ପରିଡ଼ା ଅତିଥି ପରିଚୟ ଓ ବରିଷ୍ଠ ସମବାୟବିତ୍ ବିଜୟ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ମାଷ୍ଟର ଟ୍ରେନର ପ୍ରତିଭା ଶତପଥୀ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମଣ୍ଡଳ କୋର୍ କମିଟି ସଭାପତି ଇଂ. ଅଶୋକ ବିଶ୍ୱାଳ ଧାର୍ଯ୍ୟ ଲକ୍ଷ୍ୟଠାରୁ ଏହି ମଣ୍ଡଳ ଅଧିକ ସଂଖ୍ୟାରେ ସଦସ୍ୟ ସଂଗ୍ରହ କରିବ ବୋଲି ସୂଚନା ଦେଇଥିଲେ। ଦେବୀ ପ୍ରସାଦ ପତି, ଅଭିରାମ ଦଳେଇ, ପ୍ରିୟରଞ୍ଜନ ଖଟୁଆ, ସୁମିତା ଦେବତା, ସବିତା ଦାଶ, ସନ୍ତୋଷ ସାହାଣୀ ଓ ସୁବାସ ଗୋଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁଭନ୍ୟାସ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଖୋଲା ସ୍ଥାନରେ ପ୍ରେକ୍ଷାଳୟର ମଜା ନେବେ ଲୋକେ

କଟକ,୨୫।୮(ଶିଖା ପ୍ରିୟଦର୍ଶିନୀ)



ଗଣେଶ ପୂଜାଠାରୁ ଆରମ୍ଭ ହେବାକୁ ଯାଉଛି ପାର୍ବଣ ଋତୁ। ଗଣେଶ ପୂଜା, ଦୁର୍ଗାପୂଜା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜାରେ ବିଭିନ୍ନ ପ୍ରକାର ତୋରଣ, ରଙ୍ଗିନ ଆଲୋକମାଳା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍ସବମୁଖର ହେବ ରୌପ୍ୟନଗରୀ। ଲୋକମାନେ ପୂଜା ମଣ୍ଡପରେ ଦେବଦେବୀଙ୍କୁ ଦର୍ଶନ କରିବା ସହ ମେଲୋଡି ଦେଖିବାକୁ ହାତଛଡା କରି ନ ଥାନ୍ତି। କଟକରେ ହିଁ ମେଲୋଡିର ମୂଳଦୁଆ ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। କଟକର ଅନେକ ମେଲୋଡି ଗ୍ରୁପ୍‌ର କଳାକାରମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ପୂଜାପାର୍ବଣରେ ସଙ୍ଗୀତ ପରିବେଷଣ କରିଥାନ୍ତି। ତେବେ ଆସନ୍ତା ପାର୍ବଣକୁ ଦୃଷ୍ଟିରେ ରଖି ବିଭିନ୍ନ ମେଲୋଡି ଗ୍ରୁପ୍‌ର କଳାକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚଳିତବର୍ଷ ଏହି ଭିଡ଼ ଭିତରୁ ବାହାରି କିଛି ନୂଆ କରିବା ପ୍ରୟାସ କରିଛି ସାଗର ସଙ୍ଗମ ବ୍ୟାଣ୍ଡ୍। ପ୍ରାୟ ୧୫ ବର୍ଷର ପୁରୁଣା କଟକର ଏହି ସାଗର ସଙ୍ଗମ ବ୍ୟାଣ୍ଡ୍ ଚଳିତବର୍ଷ ଓଡ଼ିଶାରେ ପ୍ରଥମଥର ୮-ଡି ସରାଉଣ୍ଡିଂ କ୍ରିଷ୍ଟାଲ କ୍ଲିୟର ଡଲ୍‌ବି ଡିଜିଟାଲ ସାଉଣ୍ଡ ବ୍ୟବହାର କରିବାକୁ ଯାଉଛି। ଏହି ସାଉଣ୍ଡ ବ୍ୟବସ୍ଥା ଦ୍ୱାରା ଲୋକଙ୍କୁ ପ୍ରେକ୍ଷାଳୟର ଅନୁଭୂତି ମିଳିବ। ଉକ୍ତ ବ୍ୟାଣ୍ଡର ମୁଖ୍ୟ ମହମ୍ମଦ ଆବିଦ୍‌ଙ୍କ ସହ ରଞ୍ଜନ କୁମାର ସାହୁ, ମୃତ୍ୟୁଞ୍ଜୟ ଦାସ ଓ ଅନ୍ୟ ୧୪ ଜଣ ସଦସ୍ୟ ମୁମ୍ବାଇରେ ଏହି ସାଉଣ୍ଡ ବକ୍ସ ତିଆରି କରିଛନ୍ତି। ଏଥିପାଇଁ ୭୦ ଲକ୍ଷରୁ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ବ୍ୟାଣ୍ଡରେ ତାରିକ୍ ଅଜିଜ୍‌ଙ୍କ ସମେତ ସମ୍ମିତ କୁମାର ଦାସ, କୁନୁ ବାବା, ଅଙ୍କିତା ପାତ୍ର, ମାମୁନ ସାହୁଙ୍କ ଭଳି ଲୋକପ୍ରିୟ କଣ୍ଠଶିଳ୍ପୀ ଜଡିତ ରହିଛନ୍ତି। ଏହାଛଡ଼ା ବ୍ୟାଣ୍ଡରେ ପିଣ୍ଟୁ ରାଓଙ୍କ ଭଳି ଦକ୍ଷ କଳାକାର ଅଛନ୍ତି, ଯିଏକି ଗୋଟିଏ ଗୀତରେ ୩ଟି ବାଦ୍ୟଯନ୍ତ୍ର ବଜାଇପାରନ୍ତି।

**ପାର୍ବଣରେ ବ୍ୟବହାର ହେବ ୮-ଡି ସରାଉଣ୍ଡିଂ କ୍ରିଷ୍ଟାଲ କ୍ଲିୟର ଡଲ୍‌ବି ଡିଜିଟାଲ ସାଉଣ୍ଡ୍**



“ଶ୍ରୁତିମଧୁର ସଙ୍ଗୀତ ଶୁଣିବାକୁ ଲୋକେ ପସନ୍ଦ କରନ୍ତି। ବିଦେଶରେ ୫.୧/୮-ଡି ସାଉଣ୍ଡ ପ୍ରାୟତଃ ଦେଖିବାକୁ ମିଳେ। ଭାରତରେ ମଧ୍ୟ ଏଭଳି ବ୍ୟବସ୍ଥା ଉପଲବ୍ଧ ରହିଛି। କିନ୍ତୁ ମେଟ୍ରୋ ସିଟିଗୁଡିକରେ ବଲିଉଡ କଳାକାରଙ୍କ ଦ୍ୱାରା ଆୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ କେବଳ ଏଭଳି ବ୍ୟବସ୍ଥା ଦେଖିବାକୁ ମିଳେ। ଜଣେ କଣ୍ଠଶିଳ୍ପୀଙ୍କ ପ୍ରକୃତ ସ୍ୱର ଲୋକଙ୍କ ପାଖରେ ପହଞ୍ଚାଇବା ସହ ଏକ ନୂଆ ଅନୁଭୂତି ପ୍ରଦାନ କରିବ ଏହି ୮-ଡି ସାଉଣ୍ଡ ବ୍ୟବସ୍ଥା। ଏହାକୁ ବିଶେଷକରି ସରାଉଣ୍ଡିଂ ସାଉଣ୍ଡ୍ ବୋଲି କୁହାଯାଏ। ଅର୍ଥାତ୍ ଶ୍ରୋତାଙ୍କ ଚାରିପାର୍ଶ୍ୱରୁ ସଙ୍ଗୀତର ମୂର୍ଚ୍ଛନା ଭାସି ଆସିବା ଭଳି ଅନୁଭବ ହେବ। ପୂର୍ବରୁ ପ୍ରେକ୍ଷାଳୟଗୁଡିକରେ ଏଭଳି ଅନୁଭୂତି ଶ୍ରୋତା ପାଇଛନ୍ତି। ହେଲେ ଏବେ ଖୋଲା ସ୍ଥାନରେ ସେମାନେ ଅନୁଭୂତି ଉପଲବ୍ଧ କରିବେ। ଚଳିତବର୍ଷ ସାଗର ସଙ୍ଗମ ବ୍ୟାଣ୍ଡ୍ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ଜଣାଶୁଣା ସାଉଣ୍ଡ୍ ଇଞ୍ଜିନିୟର ରଞ୍ଜନ କୁମାର ସାହୁ ଏହାକୁ ପରିଚାଳନା କରିବେ।

**ମହମ୍ମଦ ଆବିଦ୍, ମୁଖ୍ୟ, ସାଗର ସଙ୍ଗମ ବ୍ୟାଣ୍ଡ**



କଟକ ଉପର ତେଲେଙ୍ଗା ବଜାର ଅଞ୍ଚଳରେ ରବିବାର ଯୁବତୀମାନେ ଖୁଦୁରୁକୁଣୀ ପୂଜା କରୁଛନ୍ତି।

## ବ୍ୟାଙ୍କରେ ଅଗ୍ନିକାଣ୍ଡ

କଟକ ସଦର,୨୫।୮(ସୁଶାନ୍ତ କୁମାର ଜେନା)

**ପୋଡ଼ିଗଲା କମ୍ପ୍ୟୁଟର, ଆସବାବପତ୍ର**

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁରସ୍ଥିତ ୟୁନିୟନ୍ ବ୍ୟାଙ୍କରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କମ୍ପ୍ୟୁଟର, ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସମେତ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଶନିବାର ଓ ରବିବାର ଛୁଟି ଥିବାରୁ କର୍ମଚାରୀମାନେ ବ୍ୟାଙ୍କରେ ନ ଥିଲେ। ରବିବାର ହଠାତ୍ ବ୍ୟାଙ୍କ କୋଠାରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ରଘୁନାଥପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀ ଅନୁମାନ କରିଛନ୍ତି। ଖବରପାଇ ବ୍ୟାଙ୍କ ଶାଖା ପରିଚାଳକ ଓ ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

# ‘ବସୁଧୈବ କୁଟୁମ୍ବକମ୍ ବିଚାରଧାରା ବିଶ୍ୱକୁ ଆଲୋକିତ କରିବ’




ବସୁଧୈବ କୁଟୁମ୍ବକମ ମିଶନର ଅଷ୍ଟମ ବାର୍ଷିକ ମହାମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୫।୮ (କାର୍ତ୍ତିକ ସାହୁ)

ବସୁଧୈବ କୁଟୁମ୍ବକମ ମିଶନର ଅଷ୍ଟମ ବାର୍ଷିକ ମହାମିଳନ ଓ ୧୦୦ତମ ଅଧିବେଶନ କଟକ କଳାବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭାଗୀରଥି ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ଘାଟନ କରି କହିଛନ୍ତି, ବସୁଧୈବ କୁଟୁମ୍ବକମ୍‌ର ବିଚାରଧାରାକୁ ବୁଦ୍ଧିଜୀବୀ ଗ୍ରହଣ କରି ବିଶ୍ୱକୁ ଆଲୋକିତ କରିବାର ଯଥେଷ୍ଟ ଆବଶ୍ୟକତା ଦେଖାଦେଇଛି। ପ୍ରାଧ୍ୟାପକ ଡ. ମହେଶ୍ୱର ମହାନ୍ତି ସଭିଙ୍କ ମନରେ ଭ୍ରାତୃତ୍ୱର ଭାବନା ଜାଗ୍ରତ ହେବାକୁ କହିଛନ୍ତି। ବାରିପଦା ଚିନ୍ମୟ ମିଶନର ସନ୍ଥ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ଆଧ୍ୟାତ୍ମିକ ବିଚାରକୁ ଉପସ୍ଥାପନା କରିଥିଲେ। ଡା. ସେକ୍ ଫଜଲ ଅଲ୍ଲୀ, ପାଷ୍ଟର ମାନସୀ ମହାନ୍ତି, ଡା. ଅର୍ଜୁନ ବିଶ୍ୱାଳ, ସର୍ଦ୍ଦାର ଗୁରୁଦେବ ସିଂହ ପ୍ରମୁଖ ବିଶ୍ୱପ୍ରେମ ଓ ବିଶ୍ୱ ଭ୍ରାତୃତ୍ୱ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରଥ ବିବରଣୀ ପାଠ ଓ ଆଲୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମିଶନ ପକ୍ଷରୁ ୬ ମାସ ଧରି ୧୦ ଜଣ ପିଲାଙ୍କୁ ଦିଆଯାଇଥିବା ସିଲେଇ ଟ୍ରେନିଂର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଡା. ଉତ୍ତମ ଚରଣ ସାହୁ, ଡା. ଅକ୍ଷୟ କୁମାର ମିଶ୍ର, ପ୍ରଫେସର ସୁବାସ ଦ୍ୱିବେଦୀ, ପ୍ରଫେସର ସେକ୍ କଲିମୁଲ୍ଲା, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ବିଦ୍ୟୁତ୍‌ପ୍ରଭା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## କଟକ ଜିଲାରେ ୧୫୫ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୨୫।୮(ଶିଖା ପ୍ରିୟଦର୍ଶିନୀ)

କଟକ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏବେ କଟକରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୫୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ କଟକ ସହରରୁ ୧୨୦ ଓ ଜିଲାର ଅନ୍ୟ ଅଞ୍ଚଳରୁ ୩୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା ସୂଚନା ଦେଇଛନ୍ତି।

## ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଫୁଲନଖରା,୨୫।୮(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪ ନମ୍ବର ୱାର୍ଡ ନଖରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ଉଦିଆ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏହାକୁ ଉଦ୍‌ଘାଟନ କରିଥିଲେ। ଥାଲାସେମିଆ ଶିଶୁଙ୍କର ରକ୍ତର ଆବଶ୍ୟକତା ଅଧିକ ଥିବାରୁ ଅଞ୍ଚଳର ସାମାଜିକ କର୍ମୀମାନେ ଏହି ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏଥିରେ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୀପକ ସାହୁ, ମୋହିନୀ ବେହେରା, ଦୀପକ ଭୋଳ, ରଙ୍କନିଧି ସାହୁ, ଦୀପ୍ତି ରଞ୍ଜନ ସାହୁ, ସୁକାନ୍ତ ସାହୁ, ତ୍ରିଲୋଚନ ପୃଷ୍ଟି, ପ୍ରଦୀପ ଭୋଳ, କେଦାରନାଥ ବେହେରା ସହଯୋଗ କରିଥିଲେ।

# ନାଗପୁର ଗଲା ସାଇବର ଥାନା ପୋଲିସ

**ଅନ୍‌ଲାଇନ୍ ଟ୍ରେଡିଂରେ ୨୩ ଲକ୍ଷ ଠକେଇ ଘଟଣା**

କଟକ,୨୫।୮ (କାର୍ତ୍ତିକ ସାହୁ)

କଟକ ସିଡିଏ ସେକ୍ଟର-୨ ଅଞ୍ଚଳରେ ୨୩ ଲକ୍ଷ ଟଙ୍କାର ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ମାମଲାରେ କଟକ ସାଇବର୍ ଥାନା ପୋଲିସ ମହାରାଷ୍ଟ୍ରର ନାଗପୁର ଅଭିମୁଖେ ରବିବାର ଯାଇଛି। ସେଠାକାର ସାଇବର୍ ଅପରାଧୀ ଏହି ଠକେଇ କରିଥିବା ନେଇ ସାଇବର୍ ଥାନା ପୋଲିସ ପ୍ରମାଣ ପାଇଛି। ସବ୍‌ଇନ୍ସପେକ୍ଟର ଡି. ସାହୁଙ୍କ ନେତୃତ୍ୱରେ ୪ ଜଣ ଅଧିକାରୀ ଉକ୍ତ ଟିମ୍‌ରେ ସାମିଲ ହୋଇଛନ୍ତି। ପୋଲିସ ଟିମ୍ ନାଗପୁରରେ ସୋମବାର ପହଞ୍ଚିବା ପରେ ସେଠାକାର ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରାଯିବା ଯୋଜନା ଥିବା ଆଇଆଇସି ରଶ୍ମିତା ଜେନା କହିଛନ୍ତି। ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୨ ଅଞ୍ଚଳର ଜଣେ ଠିକାଦାର ସାଇବର ଠକେଇର ଶିକାର ହୋଇଛନ୍ତି। ଅନ୍‌ଲାଇନ୍ ଟ୍ରେଡିଂରେ ଭଲ ସୁଧ ମିଳିବାର ଲୋଭ ଦେଖାଇ ସାଇବର ଅପରାଧୀ ତାଙ୍କୁ ଫସାଇ ଦେଇଛନ୍ତି। ଠିକାଦାର ଜଣକ ବିଭିନ୍ନ ପର୍ଯ୍ୟାୟରେ ୨୩ ଲକ୍ଷ ଟଙ୍କା ଅନ୍‌ଲାଇନ୍ ଟ୍ରେଡିଂରେ ନିବେଶ କରିଛନ୍ତି। ଏହାପରେ ତାଙ୍କୁ ଆଉ ଟଙ୍କା ଫେରସ୍ତ ହୋଇ ନ ଥିଲା। ଠିକାଦାର ଜଣକ ଏନେଇ ଗତ ମାର୍ଚ୍ଚ ୮ରେ କଟକ ସାଇବର ଥାନାରେ ଏତଲା ଦେବା ପରେ ଏକ ମାମଲା(ନଂ.୨୫/୨୪) ରୁଜୁ ହୋଇଛି। ପୋଲିସ ମାମଲାର ତଦନ୍ତ କରି ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚବେଳେ ନାଗପୁର୍ ଲିଙ୍କ୍ ପାଇଛି। ସେଠାକୁ ଏହି ଠକେଇ ଟଙ୍କା ଯାଇଥିବା ଜଣାଯାଇଛି।

## ଆକର୍ଷଣ ସାଜିବ ଚାଳଘର ତୋରଣ



ତୋରଣର ନକଲ।

କଟକ,୨୫।୮(ଶିଖା ପ୍ରିୟଦର୍ଶିନୀ)

**ମା’ ହସ୍ତିବାହିନୀ ପୂଜା କମିଟି**

ଆସନ୍ତା ଗଣେଶ ପୂଜା ପାଇଁ କଟକ ଜିଲା ଗତିରାଉତପାଟଣା ତନ୍ତୀସାହିର ମା’ ହସ୍ତିବାହିନୀ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର କମିଟି ପକ୍ଷରୁ ୪୦ ଫୁଟ୍‌ର ଚାଳ ଘର ତୋରଣ ନିର୍ମାଣ କରାଯିବ। ଚଳିତବର୍ଷ ପୂଜା ପାଇଁ ୨ ଲକ୍ଷ ୩୦ ହଜାର ଟଙ୍କା ବଜେଟ ରହିଛି। ଏଠାରେ ୬ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ସମେତ ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ପାଇବେ। ୨୦୦୬ରୁ ଉକ୍ତ କମିଟି ଗଣେଶ ପୂଜା ପାଳନ କରିଆସୁଛି। ସଭାପତି ସୁକାନ୍ତ କୁମାର ସିଂ, ସମ୍ପାଦକ ଶ୍ରୀଧର ଦାସଙ୍କ ସମେତ କମିଟିରେ ୨୩ ଜଣ ସଦସ୍ୟ ଅଛନ୍ତି। ଚଳିତବର୍ଷ ଏହି ପୂଜା କମିଟିର ସଦସ୍ୟମାନେ ତୋରଣ ଡିଜାଇନ କରିଥିବାବେଳେ କଟକ ପ୍ରତାପନଗରୀ ଓ କୋଲକାତାର କାରିଗର ଏହାକୁ ତିଆରି କରିବେ। ଏହି ତୋରଣ ନଡ଼ା, ବାଉଁଶରେ ତିଆରି କରାଯିବ। ସେହିପରି ଭସାଣିରେ ସାଲେପୁରର ସ୍ୱର୍ଣ୍ଣ ମ୍ୟୁଜିକାଲ ବ୍ୟାଣ୍ଡ୍, ଢ଼ୋଲ ମହୁରୀ ବାଜା, ପୁରୀର ସାହିଯାତ ନୃତ୍ୟ ଆକର୍ଷଣ ସାଜିବ ବୋଲି କମିଟିର ଯୁବସମ୍ପାଦକ ମିଟୁ ଦାସ ସୂଚନା ଦେଇଛନ୍ତି।

# ପୁସ୍ତକ ‘ଆପଣା କଲା କର୍ମମାନ’ ଉନ୍ମୋଚିତ

କଟକ,୨୫।୮(କାର୍ତ୍ତିକ ସାହୁ)

ରାଧାଶ୍ୟାମ ରାଉଳଙ୍କ ରଚିତ ବ୍ୟଙ୍ଗଗଳ୍ପ ସଂକଳନ ‘ଆପଣା କଲା କର୍ମମାନ’ ପୁସ୍ତକ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଜଗବନ୍ଧୁ ମିଶ୍ର, ମୁଖ୍ୟବକ୍ତା ବ୍ୟଙ୍ଗକବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କାଳୀପ୍ରସନ୍ନ ମହାପାତ୍ର, ବରେଣ୍ୟ ଅତିଥି ଡ. ବିଜୟ କୁମାର ଶତପଥୀ ଯୋଗଦେଇ ପୁସ୍ତକର ସମୀକ୍ଷା କରିବା ସହ ରମ୍ୟ ଓ ବ୍ୟଙ୍ଗ ସାହିତ୍ୟର ଶୈଳୀ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଶକ୍ତିପ୍ରଦା ମହାପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ସିଦ୍ଧେଶ ପବ୍ଲିଶିଙ୍ଗ୍ ହାଉସ ପକ୍ଷରୁ ପ୍ରକାଶିକା ପ୍ରୀତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଡ. ନାରାୟଣ ମହାନ୍ତି, ସୌରାଂଶୁ ପଟ୍ଟନାୟକ, ଡ. ଧର୍ମଛଡ଼ା, ଦେବାଶିଷ ସାମନ୍ତରାୟ, ପ୍ରସନ୍ନ କୁମାର ସ୍ୱାଇଁ, ଲକ୍ଷ୍ମୀଛଡ଼ା, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, କୋଷାଧକ୍ଷ ଶିବାଶିଷ କର, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ‘ଆଚରଣ-ଉଚ୍ଚାରଣ ସମାନ ହେବା ଉଚିତ୍’

କଟକ,୨୫।୮ (କାର୍ତ୍ତିକ ସାହୁ)




ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିଚାରପତି ଶଶିକାନ୍ତ ମିଶ୍ର ଓ ଅନ୍ୟ ଅତିଥିବୃନ୍ଦ।

**ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ସବ୍‌ଜୋନ୍ ପକ୍ଷରୁ ଝାଞ୍ଜିରୀମଙ୍ଗଳାସ୍ଥିତ ପ୍ରଭୁ ସମର୍ପଣ ଭବନରେ ୫୨ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ଦାଦି ପ୍ରକାଶମଣୀଙ୍କ ୧୭ତମ ସ୍ମୃତି ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ କହିଛନ୍ତି, ଆମ ଜୀବନରେ ଉଚ୍ଚାରଣ ଏବଂ ଆଚରଣ ସମାନ ହେବା ଉଚିତ୍। ଉଚ୍ଚାରଣ ଏବଂ ଆଚରଣକୁ ଏକ କରିପାରିଲେ ବିଶ୍ୱରେ ବନ୍ଧୁତ୍ୱ ସ୍ଥାପନ ହୋଇପାରିବ। ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଜୀବନରେ ଅନୁଶାସନ, ସୁଖ, ଶାନ୍ତିର ଅନୁଭବ କରିପାରିବା। ସମ୍ମାନିତ ଅତିଥି ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚର କମ୍ପ୍ଟ୍ରୋଲର ଅଫ୍ ଫାଇନାନ୍ସ ଡ. ମନ୍ମଥ ଚନ୍ଦ୍ର ଜେନା କହିଛନ୍ତି, ଶାନ୍ତି ବିନା ସୁଖ ଆସିପାରିବ ନାହିଁ। ପରମାତ୍ମାଙ୍କୁ ଧ୍ୟାନ କଲେ ଜୀବନରେ ଶାନ୍ତି ଆସିପାରିବ। ଅତିରିକ୍ତ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସୁଲୋଚନା କହିଛନ୍ତି, ଈଶ୍ୱରଙ୍କ ସହିତ ଯୋଗଯୁକ୍ତ ରହିଲେ ଆମ ଭିତରେ ଦେବତ୍ୱ ଜାଗ୍ରତ ହେବ। କଟକ ସବ୍‌ଜୋନ୍‌ର ମୁଖ୍ୟ ସଞ୍ଚାଳିକା ଡ. କମଲେଶ ଦିଦି ଜୀବନରେ ଉନ୍ନତି କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଦିବ୍ୟଗୁଣର ଧାରଣା ରଖି ମନର ବିକାରକୁ ସମାପ୍ତ କରିବାକୁ ହେବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ପ୍ରାଣୀପାଳନ ଅତିରିକ୍ତ ନିର୍ଦ୍ଦେଶକ ଡ. ସତ୍ୟ ରଞ୍ଜନ ରାଉତ, ବ୍ରହ୍ମକୁମାର ନଥମଲ ଭାଇ, ବ୍ରହ୍ମାକୁମାର ମୋହନ ଭାଇ ବକ୍ତବ୍ୟ ଜରିଆରେ ବିଶ୍ୱରେ ବନ୍ଧୁତ୍ୱ ଭାବନା ଜାଗ୍ରତ ହେବାର କାମନା କରିଥିଲେ। ବ୍ରହ୍ମାକୁମାରୀ ଉଷା ସ୍ୱାଗତ ଭାଷଣ ଓ ବ୍ରହ୍ମାକୁମାରୀ ତ୍ରିବେଣୀ ଧନ୍ୟବାଦ ଦେଇଥିଲେ। ବ୍ରହ୍ମାକୁମାରୀ ପ୍ରତିଭା ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରୁ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଭାରତମାଳା ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣକୁ ବିରୋଧ

■ ଜିଲା ପ୍ରଶାସନ, ଚାଷୀଙ୍କ ମଧ୍ୟରେ ଆଲୋଚନା ବିଫଳ
■ ପ୍ରଶାସନ ପକ୍ଷରୁ ଜବରଦସ୍ତି କରାଗଲେ ଆନ୍ଦୋଳନ ଚେତାବନୀ

ରଘୁନାଥପୁର,୨୫।୮
(ରାଜେନ୍ଦ୍ର ନାରାୟଣ ସିଂହ)


ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପକୁ ବିରୋଧ କରୁଥିବା ଚାଷୀ ଓ ଜନସାଧାରଣ ।

ବିରିଡି ତହସିଲ ଅଞ୍ଚଳର ୧୩ ଟି ମୌଜା ଦେଇ ଯାଉଥିବା ସରକାରଙ୍କ ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି । ଏହି ପ୍ରକଳ୍ପ ଯୋଗୁ ଜମି ହରାଇବାକୁ ଯାଉଥିବା ଜନସାଧାରଣ ଓ ଚାଷୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୪ ଜୁଲାଇରେ ଲିଖିତ ଅଭିଯୋଗ କରାଯାଇଥିଲା । ଏହାକୁ ଅଧାରକରି ଜାତୀୟ ରାଜପଥ ପ୍ରାଧିକାରଣ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କେ.ନାଗେଶ୍ୱର ରାଓ, ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ବିରିଡି ତହସିଲଦାର ସଞ୍ଜୟ ବେହେରା, ଅତିରିକ୍ତ ତହସିଲଦାର ତନୁଶ୍ରୀ ବେହେରା ଓ ଥାନାଧିକାରୀ ସବ୍ୟସାଚୀ ରାଉତ ପ୍ରମୁଖ ବିରିଡି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜମିହରା ଜନସାଧାରଣ ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ ।

ଏହି ଅବସରରେ ଚାଷୀ ଓ ଜନସାଧାରଣମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କୁ କହିଥିଲେ, ଭାରତମାଳା ଜାତୀୟ ରାଜପଥ ନିର୍ମାଣ କରାଗଲେ ବିରିଡି ବ୍ଲକର ୧୩ଟି ମୌଜାର ଅଲାଣ୍ଡୋ, ତେନ୍ତୁଳିଆ, ମାଣତ୍ରି, ବରହପୁର, ଅଢଙ୍ଗ ଆଦି ଅଞ୍ଚଳର ବହୁ ଜନସାଧାରଣ ଓ ଚାଷୀ ଜମି ହରାଇବେ । ତହସିଲ ମୌଜାର ସୀମା ମଧ୍ୟରେ କଟକ-ପାରାଦୀପ ରାସ୍ତା, କଟକ-ପାରାଦୀପ ରେଳପଥ, ହଂସୁଆ, ତାଳଦଣ୍ଡା କେନାଲ, ମାଛଗାଁ କେନାଲ, ବିଲୁଆଖାଇ ନଦୀବନ୍ଧ ଓ ପ୍ରଧାନମନ୍ତ୍ରୀ ସଡକ, ମୁଖ୍ୟମନ୍ତ୍ରୀ ସଡ଼କ ଓ ଅନ୍ୟାନ୍ୟ ସଡ଼କ ସବୁ ପ୍ରସ୍ତାବିତ ଭାରତମାଳା ରାଜପଥ ମଧ୍ୟରେ ଥିବାରୁ ଏହି ମୌଜାଗୁଡିକ ସଙ୍କୁଚିତ ହୋଇଯାଇ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ଫଳରେ ସ୍ଥାନୀୟ ଲୋକଙ୍କ ବଞ୍ଚିବା କଷ୍ଟସାଧ ହୋଇପଡିବ ବୋଲି ସେମାନେ ମତ ରଖିଥିଲେ । ଏଣୁ ଏହି ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପକୁ ଅନ୍ୟ ବାଟଦେଇ ନେବାକୁ ଲୋକେ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ । ଏହି ପ୍ରକଳ୍ପର ୩ଡି କାର୍ଯ୍ୟ ସରିଥିବାରୁ ଏହାକୁ ଆଉ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ଅଧିକାରୀମାନେ ସ୍ପଷ୍ଟ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏମିତିକି ଉପସ୍ଥିତ ଅଧିକାରୀ ଓ ଲୋକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା । ଫଳରେ ଏହି ଆଲୋଚନା ଏକପ୍ରକାର ବିଫଳ ହୋଇଯାଇଛି । ଚାଷୀଙ୍କ ସ୍ୱାର୍ଥକୁ ପ୍ରତିହତ କରି ଯଦି ବିରିଡି ବ୍ଲକର ଏହି ୧୩ଟି ମୌଜା ଦେଇ ରାସ୍ତା କାର୍ଯ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ଜବରଦସ୍ତି କରାଯାଏ, ତେବେ ଅଞ୍ଚଳର ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଶୁଣାଇଥିଲେ । ଏହି ଆଲୋଚନାରେ ତ୍ରୈଲୋକ୍ୟ ଜେନା, ନାରାୟଣ ଭୋଳ, ଭବାନୀ ପରିଜା, ଧରିବା ଚରଣ ସ୍ୱାଇଁ, ଅଶୋକ ପରିଜା, ପ୍ରକାଶ ବେହେରା, ରଶ୍ମୀ ରଞ୍ଜନ ପରିଜା, ସୁନୀଲ କୁମାର ଖଟେଇ, ହିତରଞ୍ଜନ ଦାସ, କ୍ଷେତ୍ର ମୋହନ ସ୍ୱାଇଁ, ଭବାନୀ ସ୍ୱାଇଁ, ଗୁରୁ ଚରଣ ବାରିକ, ଏସ.କେ. ରାଜା, ଦେବବ୍ରତ ପଟନାୟକ, ଖଗେଶ୍ୱର ପଟ୍ଟନାୟକ, ଜୟନ୍ତ ମହାରଣା, ପଟେଲ ଓଝା, ଯଶୋବନ୍ତ ସ୍ୱାଇଁ, ପ୍ରକାଶ ପାରିଜା ପ୍ରମୁଖ ଯୋଗଦେଇଥିଲେ ।

## ୨୦୫ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା



ତିଗିରିଆ, ୨୫।୮ (ଜାଫର ଖାଁ ):

ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ରାଜ୍ୟ ସରକାରଙ୍କ ଓଡ଼ିଶା ଜୀବିକା ମିଶନ(ମିଶନ ଶକ୍ତି) ବିଭାଗ ଆନୁକୂଲ୍ୟରେ ବ୍ଲକର ମୋଟ ୨୦୫ ଜଣ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଭାରପ୍ରାପ୍ତ ବିଡିଓ ଭାବେ କାର୍ଯ୍ୟରତ ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବିଧାୟକଙ୍କ ପ୍ରତିନିଧି ଚିନ୍ମୟ କୁମାର ମଲ୍ଲିକ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବ୍ଲକ ଓଡିଶା ଜୀବିକା ମିଶନ ବିଭାଗ ତିଗିରିଆ ବ୍ଲକ ବିପିଏମ ପ୍ରଦୀପ କୁମାର ସିଂହ, ସିଡିପିଓ ଟି. ଜୟଲକ୍ଷ୍ମୀ, ଯୋଗାଣ ଅଧିକାରୀ ବିଦ୍ୟୁତ୍ ଲତା ନାୟକ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ ଓ ସମିତିସଭ୍ୟ ପ୍ରକାଶ ବେହେରା, ସୋମପଡ଼ା ପଞ୍ଚାୟତ ସମିତି ସଭ୍ୟ ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉପସ୍ଥିତ ଅତିଥି ଓ ମହିଳା ସଦସ୍ୟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କୀ ବାତ୍'କାର୍ଯ୍ୟକ୍ରମ' ଶୁଣିଥିଲେ । ପରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବାର୍ଷିକ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର ଥିବା ମୋଟ ୨୦୫ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳ ମହିଳାଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ପଞ୍ଚାୟତ ସ୍ତରୀୟ ମହାସଂଘର ସଭାନେତ୍ରୀ, ସମ୍ପାଦିକା, ଦକ୍ଷ ନଥିପତ୍ର ଲେଖିକା, ଗୋଷ୍ଠୀ ସହାୟିକାମାନେ ଉପସ୍ଥିତ ଥିଲେ ।

## ଜାତୀୟ ରାଜପଥରେ ଫୁଟେ ଉଚ୍ଚର ବର୍ଷା ଜଳ

ରଘୁନାଥପୁର,୨୫।୮
(ରାଜେନ୍ଦ୍ର ନାରାୟଣ ସିଂହ)

ଲଘୁଚାପଜନିତ ଲଗାଣ ବର୍ଷାରେ ଚାରିଆଡ଼ ଜଳାର୍ଣ୍ଣବ ହୋଇଯାଇଛି । ପ୍ରବଳ ବର୍ଷାଯୋଗୁ ବିରିଡି ବ୍ଲକ ଉତ୍ତରଶାସନ କଇଜଙ୍ଗା ବଜାର ନିକଟସ୍ଥ ୫୫ନଂ. ଜାତୀୟ ରାଜପଥ ଉପରେ ଫୁଟେ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି । ଏଥିଯୋଗୁ ଜନଜୀବନ ପ୍ରଭାବିତ ହୋଇଯାଉଛି । ଏହାର ଅପରପାର୍ଶ୍ୱରେ ଥିବା ୨ ନମ୍ବର କେନାଲ ଭିତରକୁ ପ୍ରବେଶ କରୁଛି । ରାସ୍ତା ଉପରେ ପାଣି ଚାଲୁଥିବାରୁ ଜାତୀୟ ରାଜପଥ ପାର୍ଶ୍ୱ ଓ ୨ ନମ୍ବର କେନାଲ ବନ୍ଧ ପାର୍ଶ୍ୱ ଅତଡା ଖାଇବାର ସମ୍ଭାବନା ସୃଷ୍ଟି ହୋଇଛି । ଆଗକୁ ଏଭଳି ବର୍ଷା ଲାଗି ରହିଲେ ଜାତୀୟ ରାଜପଥ ନିକଟରେ ରହୁଥିବା ଲୋକଙ୍କ ଘର ଭିତରକୁ ପାଣି ପଶିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ । ଜାତୀୟ ରାଜପଥ ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଓଡ଼ିଶାର ଭୂସମ୍ପଦ, ତାପମାତ୍ରା, ଭୌଗୋଳିକ ସ୍ଥିତିକୁ ଗୁରୁତ୍ୱ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

ବାଙ୍କୀ,୨୫।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତତ୍ତ୍ୱ ଓ ଭୂଗୋଳ ବିଭାଗର ମିଳିତ ଆନୁକୂଲ୍ୟରେ 'ନାଭିଗେଟିଂ ସଷ୍ଟେନେବଲ ଫିଉଚର ଉଇଥ ଜିଓସ୍ପାଟିଆଲ ଟେକ୍ନୋଲୋଜି' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଦୃଶ୍ୟଶ୍ରାବ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଡ. ନିରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ । ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିପାରିବେ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ । ଭୂତତ୍ତ୍ୱ ବିଭାଗର ଅଧାପିକା ବିଷ୍ଣୁପ୍ରିୟା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ମଧ୍ୟପ୍ରଦେଶ ଜବଲପୁରସ୍ଥିତ ଭାରତ ସରକାରଙ୍କ ଭୂତତ୍ତ୍ୱ ଅନୁସନ୍ଧାନ ଅନୁଷ୍ଠାନର ବୈଜ୍ଞାନିକ ଡ. ପ୍ରଭାତ କୁମାର ସାହୁ ଯୋଗଦେଇ ଭାରତର ଭୂତତ୍ତ୍ୱ ଅନୁସନ୍ଧାନ, ପରିଚାଳନା ଏବଂ ଭୌଗୋଳିକ କାରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ବକ୍ତାଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରଫେସର ଡ. ଯାଜ୍ଞସେନୀ ରାଉତ ଯୋଗଦେଇ ଓଡ଼ିଶାର ଭୂସମ୍ପଦ, ତାପମାତ୍ରା ଏବଂ ଭୌଗୋଳିକ ସ୍ଥିତି ସମ୍ବନ୍ଧରେ ତଥ୍ୟଭିତ୍ତିକ ପ୍ରମାଣ ଦେବା ସହ କମ୍ପ୍ୟୁଟର ମାଧ୍ୟମରେ ଏହାର ଚିତ୍ର ଦର୍ଶାଇଥିଲେ । କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପ୍ରାଧ୍ୟାପିକା ମିନତି ଧୀର, ଅଧ୍ୟାପକ ରାକେଶ କୁମାର ସାହୁ, ବିଭୁହୋତା, ରଞ୍ଜିତ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଭୂତତ୍ତ୍ୱ ବିଭାଗର ତର୍କ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଭୂଗୋଳ ବିଭାଗର ଦିବ୍ୟା ମହାରଣା ଶ୍ରେଷ୍ଠ ସ୍ନାତକ ଭାବେ ପୁରସ୍କୃତ ହୋଇଥିଲେ ।

## କେନାଲରେ ବୁଡ଼ି ଯୁବକ ମୃତ

ସାଲେପୁର,୨୫।୮ (ଅରବିନ୍ଦ ଭୂୟାଁ)

କେନାଲରେ ବୁଡ଼ିଯିବାରୁ ରବିବାର ସାଲେପୁର ବ୍ଲକ ଶିଶୁଆ ପଞ୍ଚାୟତ ଅନ୍ତର୍ଗତ ବାହାବଳପୁର ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଏହି ଗ୍ରାମର ସୁକାନ୍ତ କୁମାର ସେଠୀ(୨୪) । ବିଲରେ ଚାଷକାମ କରୁଥିବା ଭାଇକୁ ସକାଳେ ଜଳଖିଆ ଦେବାକୁ ସୁକାନ୍ତ ଯାଇଥିଲେ । ଏହାପରେ ସେ କେନାଲ ବନ୍ଧ ରାସ୍ତା ଦେଇ ସାଇକେଲ୍‌ରେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ପାଣିକୁ ଖସି ନିଖୋଜ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଖୋଜାଖୋଜି କରି ତାଙ୍କୁ କେନାଲ ମଧ୍ୟରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ସୁକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୪) ରୁଜୁ କରିଛି । ଏହାପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି । ସୂଚନାଯୋଗ୍ୟ, ସୁକାନ୍ତ ପୂର୍ବରୁ ବାତରୋଗରେ ଆକ୍ରାନ୍ତ ଥିଲେ ।

## ନନ୍ଦନକାନନକୁ ଆସିଲା ଉଦ୍ଧାର ଚଉଶିଙ୍ଗା

ବାରଙ୍ଗ,୨୫।୮ (ଲିଙ୍ଗରାଜ ରାଉତ):

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ରବିବାର ଏକ ଚଉଶିଙ୍ଗା ଉଦ୍ଧାର ହୋଇ ଆସିଛି । ଅନ୍ୟପଟେ ନନ୍ଦନକାନନରେ ୨ ଚଉଶିଙ୍ଗାର ଜନ୍ମ ହୋଇଥିବାବେଳେ ଆଉ ଗୋଟିଏର ମୃତ୍ୟୁ ହୋଇଛି । ସୁନ୍ଦରଗଡ଼ ଡିଭିଜନରୁ ଏକ ୫ ବର୍ଷୀୟ ଅଣ୍ଡିରା ଚଉଶିଙ୍ଗାକୁ ଉଦ୍ଧାର କରି ସେଠାକାର ବନବିଭାଗ ନନ୍ଦନକାନନକୁ ହସ୍ତାନ୍ତର କରିଛି । ଲାଳନପାଳନ କେନ୍ଦ୍ରରେ ଆସି ଦୀର୍ଘଦିନ ଧରି ରହିଥିବା ଏକ ମାଇ ଚଉଶିଙ୍ଗା ରବିବାର ୨ଟି ଛୁଆକୁ ଜନ୍ମ ଦେଇଥିବା ଜଣାପଡ଼ିଛି । ଅନ୍ୟପଟେ ତୃଣଭୋଜି ସଫାରିରେ ଥିବା ୨ ଅଣ୍ଡିରା ଚଉଶିଙ୍ଗାଙ୍କ ମଧ୍ୟରେ ମାଡ଼ଗୋଳ ଘଟି ଗୋଟିଏ ଅଣ୍ଡିରା ଚଉଶିଙ୍ଗାଟି ଅସୁସ୍ଥ ହୋଇ ରବିବାର ମୃତ୍ୟୁବରଣ କରିଛି ।

ପତ୍ରସଂଖ୍ୟା ୭୫୩୪ ତା.୨୦.୦୮.୨୦୨୪

**ବିଜ୍ଞାପନ**

**No.C-479:** ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ତଳ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ୍ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ– ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

**ସ୍ୱା./- ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
OIPR-13122/11/0034/2425

## ମର୍ମଚିକିତ୍ସାରେ ବିଭିନ୍ନ ରୋଗର ଉପଶମ ସମ୍ଭବ

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

ଓଡ଼ିଶା ସ୍ୱାସ୍ଥ୍ୟସେବା ସଂଘ ଅଧୀନରେ ଥିବା ଭୁବନେଶ୍ୱରୀ ସେଣ୍ଟର ଆନୁକୂଲ୍ୟରେ 'ଗ୍ୟାଷ୍ଟ୍ରୋଇଟେଷ୍ଟୋଇନ୍' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସଂଘର ପ୍ରତିଷ୍ଠାତା ସଭ୍ୟ ଦୀନଦୟାଲ କ୍ୟାଲ୍ ଓଡ଼ିଶାରେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମର୍ମଚିକିତ୍ସା (ଆକ୍ୟୁପ୍ରେସର) ପ୍ରତିଷ୍ଠା ସହ ଏହାର ପ୍ରଚାରପ୍ରସାର କରି ଲୋକପ୍ରିୟ କରିବାରେ ନିଜ ଅଭିଜ୍ଞତା ରଖିଥିଲେ । ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ବିକାଶ ଚନ୍ଦ୍ର ସାହୁ ଓ ସ୍ମୃତି ଶେଖର ସାହୁ ମର୍ମଚିକିତ୍ସା ଦ୍ୱାରା ବିନା ଔଷଧରେ ବିଭିନ୍ନ ରୋଗର ଉପଶମ ହେବ ବୋଲି କହିବା ସହ ଏନେଇ ଆଲୋଚନା କରିଥିଲେ । ଓଡ଼ିଶା ସ୍ୱାସ୍ଥ୍ୟ ସେବା ସଂଘର ପ୍ରମୁଖ ପ୍ରଶିକ୍ଷକ ସୌମିତ୍ର ଦାସ ମର୍ମଚିକିତ୍ସାକୁ ଦେଶର କୋଣ ଅନୁକୋଣରେ ପରିଚିତ କରାଇବା ସମ୍ପର୍କରେ କହିଥିଲେ ।

## ସମବାୟ କ୍ଷେତ୍ରରେ ଡା. ଯୋଗେଶଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ

ବାଙ୍କୀ,୨୫।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ପୂର୍ବତନ କୃଷି ଓ ସମବାୟ ମନ୍ତ୍ରୀ, ସମବାୟ ସମ୍ରାଟ, ସମବାୟରତ୍ନ ଡା. ଯୋଗେଶଚନ୍ଦ୍ର ରାଉତଙ୍କ ୧୦୦ତମ ଜନ୍ମ ଦିବସ ତାଙ୍କ ଜନ୍ମମାଟି ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଜୟନ୍ତୀ କମିଟି ସଭାପତି ଗୋପବନ୍ଧୁ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱର୍ଗତ ଯୋଗେଶଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଜୟନ୍ତୀ କମିଟି ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସଚନ୍ଦ୍ର ପାଢ଼ୀ, ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ, ଉପନଗରପାଳ ସନ୍ତୋଷ କୁମାର ରଣା, ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ସାମଲ, ମନୋଜ କୁମାର ରାଉତ, ଲିଙ୍ଗରାଜ ରାଉତ, କଂଗ୍ରେସ ରଣା, ସୂର୍ଯ୍ୟମଣି ରାଉତ, ଖଗେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ସମବାୟ କ୍ଷେତ୍ରରେ ଡା. ଯୋଗେଶଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ ବୋଲି କରିଥିଲେ । ଶେଷରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡା.ଯୋଗେଶଚନ୍ଦ୍ରଙ୍କ ୧୦୦ତମ ଜନ୍ମ ଦିବସ କଲେଜ ପରିସରରେ ପାଳିତ ହୋଇଯାଇଛି । ଡା.ଯୋଗେଶଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ କଲେଜ ଅଧକ୍ଷ ଡ. ନିରଞ୍ଜନ ମହାନ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କ ଜୟନ୍ତୀ କମିଟି ସମ୍ପାଦକ ମନୋଜ କୁମାର ମହାପାତ୍ର ଏଥିରେ ଯୋଗଦେଇ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଯୁକ୍ତ୨ ଅଧକ୍ଷ ସମୀର କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପକ କେ.ଏମ୍ ଶୁବାଶିଷ ଜେନା, ଅଧ୍ୟାପିକା ବିଷ୍ଣୁ ପ୍ରିୟା ପ୍ରଧାନ, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, ସୁବ୍ରତ କୁମାର ପୃଷ୍ଟି, ଅଧ୍ୟାପକ ନରେଶ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ଏମ୍‌ପିଙ୍କ ଜନଶୁଣାଣିରେ ୭୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ

**ଅଧାରୁ କମ୍ ଅଭିଯୋଗ ଶୁଣି ଚାଲିଗଲେ**

ଆଠଗଡ଼,୨୫।୮ (ସତ୍ୟ ପ୍ରସାଦ ରଥ):



ଜନଶୁଣାଣି ଶିବିରରେ ଏମ୍‌ପି ଭର୍ତ୍ତୃହରି ମହତାବ ଅଭିଯୋଗ ଶୁଣୁଛନ୍ତି ।

ଆଠଗଡ ଏନ୍‌ଏସି ଓ ବ୍ଲକ ପାଇଁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସି ଅନ୍ତର୍ଗତ ୧ନଂ. ୱାର୍ଡ ସାପୁଆ ନଦୀ କୂଳସ୍ଥିତ ଭାଜପା କାର୍ଯ୍ୟାଳୟରେ ଏହି ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ଭାଜପା ଜିଲା ସଭାପତି ରାମନାରାୟଣ ମହାନ୍ତି, ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକ, ସଂଯୋଜକ ବିକ୍ରମ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସରୋଜ ଦାସ ପ୍ରମୁଖ ଉପସ୍ଥିତ ରହି ଏମ୍‌ପି ମହାତାବଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଏମ୍‌ପି ମହାତାବ ଏନ୍‌ଏସି ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକଙ୍କ ଅଭିଯୋଗଗୁଡ଼ିକ ଶୁଣିଥିଲେ । ପ୍ରାୟ ୨୦୦ ଅଭିଯୋଗ ଶୁଣିବା ପରେ ଏମ୍‌ପି ମହତାବଙ୍କ ଅବଶିଷ୍ଟ ଅଭିଯୋଗପତ୍ରଗୁଡ଼ିକୁ ସଂଗ୍ରହକରି ଚାଲିଯାଇଥିଲେ । ଉକ୍ତ ଜନଶୁଣାଣି ଶିବିରକୁ ଆଇନଜୀବୀ ଲଳିତ ସାହୁ, ପ୍ରକାଶ ସେଠୀ, ରତିରଞ୍ଜନ ପାଇକରାୟ, ତପନ ଲେଙ୍କା, ନୂତନ ରାଉତ, ତଥାଗତ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ ।

**Government of Odisha**
**Higher Education Department**

**Timeline for e-admission into 3 year Integrated B.Ed- M.Ed. courses in the Higher Education Institutions for the Academic Session 2024-25 under SAMS**

**No. N-86:-** It is for information of all concerned that admission into 3 year integrated B.Ed.-M.Ed. course at the below mentioned HEIs has been newly included under SAMS for the Academic Session: - 2024-25. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2024-25 are as follows.

1. The following HEIs have been included under SAMS for admission into 3 Year Integrated B.Ed.-M.Ed. Course for the academic session: - 2024-25.
   **a. Maharaja Sriram Chandra Bhanjadeo University, Baripada, Mayurbhanj – 50 seats (Regular Mode)**
   **b. Sambalpur University, Sambalpur- 50 seats (Self-Financing Mode)**
   **c. Rajendra University, Bolangir- 50 seats (Self-Financing Mode)**
   **d. Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation, details are provided in the Information Brochure. No Entrance Examination will be held for admission into the said course.
3. The applicants who have passed the **Post Graduate (P.G.) examination only in Science/ Social Science & Humanities subjects** from a recognized Institution shall be eligible for admission into this 3 year Integrated B.Ed.-M.Ed. program.

Any change in the timeline will be published on the website **https://te.samsodisha.gov.in/** . The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | 26-Aug-2024 (12:00 NOON) |
| 2 | Last date for applying online CAF through www.samsodisha.gov.in | 05-Sep-2024 (11:45 PM) |
| 3 | Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 06-Sep-2024 (10.00 AM to 11.45 PM) |
| 4 | Publication of Provisional Allotment of Seats (For First Round Selection) | 12-Sep-2024 (Thursday) (02.00 PM) |
| 5 | Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 12-Sep-2024 (04.00 PM) to 17-Sep-2024 (03.00 PM) |
| 6 | Reporting of applicants at allotted institutions for taking admission (for First Round Selection) | 13-Sep-2024, 14-Sep-2024 & 17-Sep-2024 (10.00 AM to 05.00 PM) |
| 7 | Data updation of admitted students in the e-space (for First Round Admission) by the respective Institutions | 13-Sep-2024, 14-Sep-2024 & 17-Sep-2024 (10.00 AM to 07.00 PM) |
| 8 | Publication of Provisional Allotment of Seats (for Second Round Selection) | 23-Sep-2024 (Monday) (02.00 PM) |
| 9 | Online payment of admission fees by the selected students through SAMS ( Student's login) portal | 23-Sep-2024 (04.00 PM) to 26-Sep-2024 (03.00 PM) |
| 10 | Reporting of applicant at allotted institutions for taking admission (for Second Round Selection) | 24-Sep-2024 (10.00 AM) to 26-Sep-2024 (05.00 PM) |
| 11 | Data updation of admitted students in the e-space (for Second Round Admission) by the respective Institutions | 24-Sep-2024 (10.00 AM) to 26-Sep-2024 (07.00 PM) |
| 12 | Publication of merit wise waiting list among the remaining applicants as per the actual vacancy as on 26.09.2024 in HEI's e-space as well as in the Student's login | 28-Sep-2024 (Saturday) (02.00 PM) |
| 13 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/SMS by the HEIs. | 30-Sep-2024 (Monday) (10.00 AM) |
| 14 | Reporting of selected applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode) | 30-Sep-2024, 01-Oct-2024 & 03-Oct-2024 (10.00 AM to 05.00 PM) |
| 15 | Reporting of waitlisted applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode. | 04-Oct-2024 (10.00 AM) & 05-Oct-2024 (05.00 PM) |
| 16 | Timeline for commencement of 1st year classes for 3 year Integrated B.Ed.-M.Ed. for the AY 2024-25 | 26-Sept-2024 (Thursday) |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**Sd./- Deputy Director**
**PTC Section**
OIPR-11001/11/0024/2425

## ମହମ୍ମଦ ସାଜିଦଙ୍କ ହତ୍ୟା ପରର ଦୃଶ୍ୟ...


ଅଭିଯୁକ୍ତଙ୍କ ଗିରଫ ଦାବିରେ ରବିବାର ମୁକୁନ୍ଦପ୍ରସାଦ ଛକରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।


ଜିଲାପାଳ ଚଞ୍ଚଳ ରାଣା ଏସ୍‌ପି ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।


ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ସ୍ୱାମୀଙ୍କ ପ୍ରେମିକା ଘର ଆଗରେ ସ୍ତ୍ରୀଙ୍କ ଧାରଣା

ଭୁବନେଶ୍ୱର,୨୫।୮ (ସତ୍ୟଜିତ୍ ରାଉତ)

### ଅସହ୍ୟ ହେଲା ପରକୀୟା ପ୍ରୀତି

ସ୍ତ୍ରୀ ଓ ପରିବାରକୁ ଛାଡ଼ି ସ୍ୱାମୀ ପ୍ରେମିକାଙ୍କ ପାଖରେ ରହୁଛନ୍ତି। ପ୍ରେମିକା ଜଣକ ମଧ୍ୟ ଆଗରୁ ବିବାହିତ। ତେବେ ସ୍ୱାମୀଙ୍କ ଏହି ପରକୀୟା ପ୍ରୀତିରେ ଅତିଷ୍ଠ ହୋଇପଡିଛନ୍ତି ସ୍ତ୍ରୀ। ଶେଷରେ ସ୍ୱାମୀର ପ୍ରେମିକାଙ୍କ ବାପଘର ଆଗରେ ସ୍ତ୍ରୀ ଧାରଣା ଦେଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରରେ ରବିବାର ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସ୍ୱାମୀଙ୍କୁ ନ ଛାଡିଲେ ଆତ୍ମହୂତି ଦେବେ ବୋଲି ମହିଳା ଜଣକ ଚେତାବନୀ ଦେଇଥିଲେ। ଧାରଣା ଦେଇଥିବା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ବ୍ୟବସିୟିକ ସମ୍ପର୍କ କହି ଖଣ୍ଡଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହ ବାରମ୍ବାର ମିଳାମିଶା କରୁଛନ୍ତି। ଏପରିକି ପରିବାର କଥା ମଧ୍ୟ ବୁଝୁନାହାନ୍ତି। ତେବେ ଏହି ଘଟଣା ପରେ ଘର ମାଲିକ ଥାନାକୁ ଖବର ଦେବା ସହ ଧାରଣାରୁ ଉଠିବାକୁ ସମ୍ପୃକ୍ତ ମହିଳାଙ୍କୁ କହିଥିଲେ ମଧ୍ୟ ସେ ବର୍ଷାରେ ଭିଜି ସେଠାରେ ବସି ରହିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ୪ ଘଣ୍ଟା ପରେ ମହିଳା ଜଣକ ଧାରଣାରୁ ଉଠିଥିଲେ।



## ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ଟାଙ୍ଗୀ,୨୫।୮ (ରଘୁନାଥ ସାହୁ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ରବିବାର ବଳରାମ ଦେବ ମନ୍ଦିରଠାରେ ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର ଯୋଗଦେଇ କହିଥିଲେ, ପରିବାରରେ ପୁଅବୋହୂଙ୍କ ଦ୍ୱାରା ବୃଦ୍ଧ ମା'ବାପା ନିର୍ଯାତିତ ହେଉଥିବା ଦେଖାଯାଉଛି। ମଞ୍ଚ ପକ୍ଷରୁ ଏକ ପରିବାର ଅଦାଲତ ଗଠନ କରାଯାଇ ସେହି ପରିବାର ସଦସ୍ୟମାନଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖବରଦାତା ରଘୁନାଥ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ରବୀନ୍ଦ୍ର କୁମାର ନାୟକ ଆଗାମୀ ଦିନରେ ବରିଷ୍ଠ ନାଗରିକ ମଞ୍ଚକୁ ଅଧିକ କ୍ରିୟାଶୀଳ କରିବାକୁ ସହଯୋଗ ଆବଶ୍ୟକ। ଏହି ମଞ୍ଚ ମାଧ୍ୟମରେ ସମସ୍ୟାର ସମାଧାନ କରିପାରିବା ବୋଲି କହିଥିଲେ। ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ସହଯୋଗକ୍ରମେ ମୋଟ୍ ୨୪୭ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଥାନାରେ ବରିଷ୍ଠ ନାଗରିକ ହେଲ୍ପ ଡେସ୍କ ଖୋଲିବା ପାଇଁ ଆଇଆଇସିଙ୍କୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ ବରିଷ୍ଠ ନାଗରିକ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ। ଟାଙ୍ଗୀ, ବଡ଼ପାରୀ, କୁହୁଡି, ରତନପୁର ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ପ୍ରସନ୍ନ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ବିଚ୍ଛେଦ ଜୟସିଂହ, ସୁନୀଲ ଜେନା, ରବୀନ୍ଦ୍ର ବଳିୟାରସିଂ, ଅକ୍ଷୟ ପଟ୍ଟନାୟକ, ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ବାଣପୁର,୨୫।୮ (ଦଲୀପ କୁମାର ସ୍ୱାଇଁ)

ବାଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ତୋଟା ଓ ନରେନ୍ଦ୍ରପୁର କ୍ଲଷ୍ଟରରେ ତୃତୀୟ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୋଟା କ୍ଲଷ୍ଟର ଅନ୍ତର୍ଗତ ଆୟଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧନ ସଂଯୋଜକ ମନୋରଞ୍ଜନ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୯ଟି ବିଦ୍ୟାଳୟର ୯ଜଣ ପ୍ରଧାନ ଶିକ୍ଷକଙ୍କ ସମେତ ୨୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ସେହିପରି ନରେନ୍ଦ୍ରପୁର କ୍ଲଷ୍ଟର ଅନ୍ତର୍ଗତ ସାଧନ ସଂଯୋଜକ ସମୀର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୮ଟି ବିଦ୍ୟାଳୟର ୮ଜଣ ପ୍ରଧାନ ଶିକ୍ଷକଙ୍କ ସମେତ ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ମୌଳିକ ସଂଖ୍ୟାଜ୍ଞାନ ଓ ମୌଳିକ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ସୁକାନ୍ତ ସେଠୀ, ସଞ୍ଜୟ କୁମାର ସାମନ୍ତ, ଝୁନୁ ପ୍ରଧାନ, ଗିରିଧାରୀ ସେଠୀ, ସୁମିତ୍ରା ପ୍ରଧାନ, ପ୍ରଦୀପ ନାୟକ, ବିମଳ ନାୟକ, ରାମେଶ୍ୱର ସାହୁ, କିରଣବାଳା ସେଠୀ, ନରେନ୍ଦ୍ର ସିଂଙ୍କ ସମେତ ପ୍ରମୋଦ କୁମାର ପ୍ରଧାନ, ଜଲି ସ୍ୱାଇଁ, ପ୍ରତିମା ଦାସ, ପ୍ରମୋଦ ଦାସ, ପ୍ରତାପ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା ଏବଂ ଶମ୍ଭୁନାଥ ପ୍ରଧାନ ଯୋଗଦେଇଥିଲେ।

## ଟ୍ରକ୍ ଚାଳକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୨୫।୮ (ସୂର୍ଯ୍ୟକାନ୍ତ ବେହେରା)

ଟଙ୍କା ଦେବାକୁ ମନା କରିବାରୁ ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ତାଙ୍କ ଗାଡି ଚାବି ଛଡାଇନେବା ଘଟଣାରେ ଭରତପୁର ଥାନା ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବିଶ୍ୱଜିତ ମାଳିଆ। ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ ଆଶିଷ ସାମନ୍ତରାୟ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅଭିଯୋଗ ଅନୁସାରେ, ଆକ୍ରମଣର ଶିକାର ହୋଇଥିବା ଟ୍ରକ୍ ଚାଳକ ଶୁକ୍ରବାର ରାତି ସାଢେ ୭ଟାରେ ଏହି ଥାନା ଅନ୍ତର୍ଗତ ବିଡ଼ିଏ କଲୋନୀ ଅଞ୍ଚଳରେ ଦୁଇ ଡ୍ରାଇଭର ବନ୍ଧୁଙ୍କ ସହ କଥା ହେଉଥିବା ବେଳେ ଅଭିଯୁକ୍ତ ବିଶ୍ୱଜିତ ଓ ଆଶିଷ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ମାଗିଥିଲେ। ହେଲେ ଟ୍ରକ ଚାଳକ ଟଙ୍କା ଦେବାକୁ ମନାକରିବାରୁ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଆକ୍ରମଣ କରି ଏକ ଟ୍ରକ୍ ଚାବି ଛଡ଼ାଇ ନେଇଥିଲେ।

## ୧୭୬୦ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବାଲୁଗାଁ/ବାଣପୁର,୨୫।୮ (ସଂଗ୍ରାମ ପାଇକରାୟ/ଦିଲୀପ କୁମାର ସ୍ୱାଇଁ)

### ଅବକାରୀ ମୋବାଇଲ ସ୍କ୍ୱାଡ୍‌ର ଚଢ଼ାଉ

ଗଞ୍ଜାମ ଜିଲା ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ପିଇ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ମଦ କାରବାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉକୁ ଜୋର୍‌ଦାର କରାଯାଇଛି। ଏପରିସ୍ଥଳେ ରବିବାର ଭୋରୁ ଖୋର୍ଦ୍ଧା ଅବକାରୀ ମୋବାଇଲ ସ୍କ୍ୱାଡ୍, ଟାଙ୍ଗୀ ଏବଂ ବାଲୁଗାଁ ଅବକାରୀ କର୍ମଚାରୀଙ୍କ ସମେତ ବାଣପୁର ପୋଲିସ ମିଳିତଭାବେ ଚଢ଼ାଉ କରି ସାନସିରେଇପୁର ନିକଟ ଆଦିବାସୀ ଅଧୁଷିତ ଅଞ୍ଚଳରୁ ବେଆଇନ ଭାବେ ଆସୁଥିବା ଏକ ଟାଟା ଏସିଇ (ଓଆର ୧୪ଏନ୍ ୩୮୬୯)ରୁ ୫୭ବସ୍ତା ତଥା ୧୫୦୦ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସାନ ସିରେଇପୁର ଗ୍ରାମର ପ୍ରକାଶ ମାଟି(୨୭)। ଏନେଇ ଏକ ମାମଲା (ନଂ.୬୨/୨୪) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଥାର୍ପ ମାରାଣ୍ଡି, ଖୋର୍ଦ୍ଧା ରେଞ୍ଜ ଅଧିକାରୀ ତପସ୍ୱିନୀ ବରାଳ, ଏସ୍‌ଆଇ ରୋହିତ ଦଣ୍ଡସେନା, ଟାଙ୍ଗୀ ରେଞ୍ଜ ଅଧିକାରୀ ସନ୍ତୋଷ ସାହୁ, ବାଲୁଗାଁ ଏସ୍‌ଆଇ ସ୍ମିତା ପଣ୍ଡା ଏବଂ ବାଣପୁର ପୋଲିସ ସାମିଲ ଥିଲେ। ସେହିପରି ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା ପୃଥକଭାବେ ଚଢ଼ାଉ କରି ନାରଣଦେଇପୁର ଅଞ୍ଚଳରୁ ଏକ ବାଇକ ସମେତ ୨୩୦ଲିଟର ଏବଂ ନଛିପୁର ଗ୍ରାମ ନିକଟରୁ ୩୦ଲିଟର ଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀ ଅଶୋକ ବେହେରା ଏବଂ ଗୁଣଚନ୍ଦ୍ରନ୍‌ଙ୍କୁ ଗିରଫ କରିଥିଲେ।

ପତ୍ରସଂଖ୍ୟା ୭୫୩୪ ତା.୨୦.୦୮.୨୦୨୪

**ବିଜ୍ଞାପନ**

**No.C-479:**ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ତଳ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ୍ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ– ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

**ସ୍ୱା./- ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
OIPR-13122/11/0034/2425

## ଆକ୍ରମଣ ମାମଲାରେ ୨ ଭାଇ ଗିରଫ

ଭୁବନେଶ୍ୱର,୨୫।୮ (ସୂର୍ଯ୍ୟକାନ୍ତ ବେହେରା)

ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ମାମଲାରେ ଖାରବେଳନଗର ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସେକ୍ ଚାନ୍ଦ ଓ ସେକ୍ ଇସଲାମ। ଶ୍ରୀମୟ ମିତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ଶନିବାର ଅପରାହ୍ନରେ ଭୁବନେଶ୍ୱର ଅର୍ବାନ ପାର୍କକୁ ଯାଉଥିଲେ। ଶ୍ରୀୟା ଛକ ନିକଟରେ ବଚସା ହୋଇଥିଲା।

## ସିକତା ଦାସଙ୍କୁ 'ପଦ୍ମାବତୀ ସମ୍ମାନ'



ଭୁବନେଶ୍ୱର,୨୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ସୁନୟନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତୃତୀୟ ପଦ୍ମାବତୀ ଉତ୍ସବ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତି ଓ ଡା.ନିରୋଜ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ସିକତା ଦାସଙ୍କୁ 'ପଦ୍ମାବତୀ ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ଓଡିଶୀ ନୃତ୍ୟଶିଳ୍ପୀମାନେ ସାଗରିକା ପରିଡାଙ୍କ ତତ୍ତ୍ୱାବଧାନରେ ବୃନ୍ଦ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ମୁଗ୍ଧା ସୁଦିପ୍ତା ଓ ସୁନୟନା ନୃତ୍ୟାଭିନୟ କରିଥିଲେ। ସେମାନଙ୍କ ପରେ ଶୈବାଳୀ ରାଉତ କଥକ ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ ନର୍ତ୍ତକ ଜଗତଜିତ୍ ଦାସ ଭିନ୍ନ ଏକ ନୃତ୍ୟ ଉପସ୍ଥାପନ କରିଥିଲେ। ଶ୍ରୀ ରାଧା କଳାକୁଞ୍ଜ ଅନୁଷ୍ଠାନର କଳାକାରମାନେ ଓଡିଶୀ ନୃତ୍ୟ ନାଟିକା 'ମାଣିକ ଗଉଡୁଣୀ' ବେଶ୍ ଚମତ୍କାର ଢଙ୍ଗରେ ଦର୍ଶକଙ୍କ ସମ୍ମୁଖରେ ବାଢ଼ିଥିଲେ। ବେଙ୍ଗାଲୁରୁରୁ ଆସିଥିବା ଅତିଥି କଳାକାର ଦିବ୍ୟା ପ୍ରସାଦ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଗୁରୁ ସାଗରିକା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

**Government of Odisha**
**Higher Education Department**

**Timeline for e-admission into 3 year Integrated B.Ed- M.Ed. courses in the Higher Education Institutions for the Academic Session 2024-25 under SAMS**

**No. N-86:-** It is for information of all concerned that admission into 3 year integrated B.Ed.-M.Ed. course at the below mentioned HEIs has been newly included under SAMS for the Academic Session: - 2024-25. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2024-25 are as follows.

1. The following HEIs have been included under SAMS for admission into 3 Year Integrated B.Ed.-M.Ed. Course for the academic session: - 2024-25.
   **a. Maharaja Sriram Chandra Bhanjadeo University, Baripada, Mayurbhanj – 50 seats (Regular Mode)**
   **b. Sambalpur University, Sambalpur- 50 seats (Self-Financing Mode)**
   **c. Rajendra University, Bolangir- 50 seats (Self-Financing Mode)**
   **d. Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation, details are provided in the Information Brochure. No Entrance Examination will be held for admission into the said course.
3. The applicants who have passed the **Post Graduate (P.G.) examination only in Science/ Social Science & Humanities subjects** from a recognized Institution shall be eligible for admission into this 3 year Integrated B.Ed.-M.Ed. program.

Any change in the timeline will be published on the website **https://te.samsodisha.gov.in/** . The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | 26-Aug-2024 (12:00 NOON) |
| 2 | Last date for applying online CAF through www.samsodisha.gov.in | 05-Sep-2024 (11:45 PM) |
| 3 | Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 06-Sep-2024 (10.00 AM to 11.45 PM) |
| 4 | Publication of Provisional Allotment of Seats (For First Round Selection) | 12-Sep-2024 (Thursday) (02.00 PM) |
| 5 | Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 12-Sep-2024 (04.00 PM) to 17-Sep-2024 (03.00 PM) |
| 6 | Reporting of applicants at allotted institutions for taking admission (for First Round Selection) | 13-Sep-2024, 14-Sep-2024 & 17-Sep-2024 (10.00 AM to 05.00 PM) |
| 7 | Data updation of admitted students in the e-space (for First Round Admission) by the respective Institutions | 13-Sep-2024, 14-Sep-2024 & 17-Sep-2024 (10.00 AM to 07.00 PM) |
| 8 | Publication of Provisional Allotment of Seats (for Second Round Selection) | 23-Sep-2024 (Monday) (02.00 PM) |
| 9 | Online payment of admission fees by the selected students through SAMS ( Student's login) portal | 23-Sep-2024 (04.00 PM) to 26-Sep-2024 (03.00 PM) |
| 10 | Reporting of applicant at allotted institutions for taking admission (for Second Round Selection) | 24-Sep-2024 (10.00 AM) to 26-Sep-2024 (05.00 PM) |
| 11 | Data updation of admitted students in the e-space (for Second Round Admission) by the respective Institutions | 24-Sep-2024 (10.00 AM) to 26-Sep-2024 (07.00 PM) |
| 12 | Publication of merit wise waiting list among the remaining applicants as per the actual vacancy as on 26.09.2024 in HEI's e-space as well as in the Student's login | 28-Sep-2024 (Saturday) (02.00 PM) |
| 13 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/SMS by the HEIs. | 30-Sep-2024 (Monday) (10.00 AM) |
| 14 | Reporting of selected applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode) | 30-Sep-2024, 01-Oct-2024 & 03-Oct-2024 (10.00 AM to 05.00 PM) |
| 15 | Reporting of waitlisted applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode. | 04-Oct-2024 (10.00 AM) & 05-Oct-2024 (05.00 PM) |
| 16 | Timeline for commencement of 1st year classes for 3 year Integrated B.Ed.-M.Ed. for the AY 2024-25 | 26-Sept-2024 (Thursday) |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**Sd./- Deputy Director**
**PTC Section**
OIPR-11001/11/0024/2425

# ରାଜ୍ୟରେ ବ୍ରୋଞ୍ଜ ମୂର୍ତ୍ତିର ଯୁଗ ଆରମ୍ଭ କରିଥିଲେ ବିପ୍ରଚରଣ

ଭୁବନେଶ୍ୱର,୨୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସ୍ଥପତି ବିପ୍ରଚରଣ ମହାନ୍ତିଙ୍କ ପଞ୍ଚଦଶ ବାର୍ଷିକ ସ୍ୱର୍ଗାରୋହଣ ଦିବସ ରବିବାର ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଭାସ୍କର୍ଯ୍ୟ ଶିଳ୍ପ ବିକାଶରେ ବିପ୍ରଚରଣଙ୍କ ସାମଗ୍ରୀକ ଜୀବନ ଉତ୍ସର୍ଗୀକୃତ ଥିଲା। ସେ ରାଜ୍ୟରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣର ଯୁଗ ଆରମ୍ଭ କରିଥିଲେ। ତାଙ୍କଦ୍ୱାରା ନିର୍ମିତ ପ୍ରତିମୂର୍ତ୍ତିଗୁଡ଼ିକ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇଛି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାରୁକଳା ଛାତ୍ରୀଛାତ୍ର ଉନ୍ନତମାନର ଭାସ୍କର୍ଯ୍ୟ ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର କ୍ୟାପଟେନ୍ ଧୀରେନ୍ଦ୍ର କୁମାର ମହାନ୍ତି, ପୁତ୍ରବଧୂ ରୀତା ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱରର କାର୍ଯ୍ୟକ୍ରମ ସଂଯୋଜକ ନରେନ୍ ସାହୁ, ବିଭୂତି କାନୁନ୍‌ଗୋ, ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ଅଧ୍ୟାପକ ମୀନକେତନ ପଟ୍ଟନାୟକ, ଜୟ ଓଡ଼ିଶା ପକ୍ଷରୁ ଜ୍ୟୋତିରଞ୍ଜନ ରାଉତ, ସ୍ୱରାଜ ସୂତାର, ସନ୍ତୋଷ ସେଠୀ, ହରପ୍ରିୟା ପଟ୍ଟଯୋଶୀ, ପଦ୍ମିନୀ ପଟ୍ଟଯୋଶୀ, କ୍ରୀଡ଼ାବିତ୍ ଦୀପ୍ତିରେଖା ରାୟ, ଅଶ୍ୱିନୀ ପଟ୍ଟନାୟକ, ବିଜୟ କୁମାର ସାହୁ, ସତ୍ୟବ୍ରତ ଜେନା, ଦିଲ୍ଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିପ୍ର ଚରଣ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ସତ୍ୟବାଦୀ ବାଳିକା ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ

ସାକ୍ଷୀଗୋପାଳ,୨୫।୮ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ଯୋଗଦେଇ ମହାକାଶ ସମ୍ପର୍କରେ ଛାତ୍ରୀଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଏଥିସହ ଆଗକୁ ଭଲ ପାଠ ପଢି ମହାକାଶ ବିଜ୍ଞାନ ସମ୍ପର୍କରେ ଗବେଷଣା ନିମନ୍ତେ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସୁକନ୍ୟା ସୁଭଦର୍ଶିନୀ, ସୁମିତା ପ୍ରଧାନ, ଆଞ୍ଚଲ ପରିଡ଼ା, ସ୍ୱୟଂସ୍ନିଗ୍ଧା ଜେନା, ରାଜଶ୍ରୀ ମହାରଣା, ସନ୍ତୋଷୀ ଗଡ଼ନାୟକ ପ୍ରମୁଖ ବିଦ୍ୟାଳୟ ଛାତ୍ରୀମାନେ ମହାକାଶ ଯାତ୍ରା ଓ ଚନ୍ଦ୍ରଯାନ ଉପରେ ଆଧାରିତ ଏକ ସୁନ୍ଦର ସଂଳାପ ପ୍ରସ୍ତୁତ କରି ସେଥିରେ ଅଭିନୟ କରିଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ପ୍ରକଳ୍ପ ପ୍ରତିଯୋଗିତା କରାଯାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଶିଳ୍ପୀ ରେଖା ତ୍ରିପାଠୀ ସଂଳାପର ନିର୍ଦ୍ଦେଶନା ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଗସ୍ତି ବେହେରା, ମନୋରଞ୍ଜନ ନାଥ, ସର୍ବେସ ନନ୍ଦ ଓ ଶିକ୍ଷୟିତ୍ରୀ ସବିତା ରଥ ପ୍ରମୁଖ ଏଥିରେ ପରିଚାଳନା କରିଥିଲେ।

### ପୂର୍ବତନ ପୌରସଦସ୍ୟା ରାଶନ୍ କାର୍ଡ ହାତେଇଥିବା ଅଭିଯୋଗ

ପୁରୀ,୨୫।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ପୌରସଂସ୍ଥା ଅଧୀନ ୱାର୍ଡ ନଂ-୨୨ର ଜଣେ ପୂର୍ବତନ ପୌର ସଦସ୍ୟା ଓ ତାଙ୍କ ପୁଅଙ୍କ ସମେତ ୬ଜଣ ସମ୍ପର୍କୀୟଙ୍କ ନାମରେ ରାଶନ କାର୍ଡ ରହିଥିବା ଚାଳିଶିବାଟିଆ ଗ୍ରାମବାସୀ ଅଭିଯୋଗ ଆଣି ତଦନ୍ତ ନିମନ୍ତେ ଜିଲାପାଳଙ୍କ ଜରିଆରେ ଯୋଗାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ସମ୍ପୃକ୍ତ ପୂର୍ବତନ ପୌର ସଦସ୍ୟାଙ୍କ କୋଠାଘର ଥିବାବେଳେ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଏକ ମିଲ୍ ଏବଂ ଅନ୍ତୋଦୟ କାର୍ଡ ରହିଛି। ସେହିପରି କୁମ୍ଭାରପଡା ଅଞ୍ଚଳରେ ଦୁଇଟି ସ୍ଥାନରେ ଘର ଓ ୫ଟି ଦୁଇଚକିଆ ଗାଡ଼ି ରହିଛି। ତେଣୁ ସେମାନେ ରାଶନ କାର୍ଡ ପାଇବାକୁ କିପରି ଯୋଗ୍ୟ ହେଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିବା ସହ ଡିଲର୍ ଲାଇସେନ୍ସ ରଦ୍ଦ କରିବାକୁ ଦାବି ଜଣାଇଛନ୍ତି।

### ପାଲାକାରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଡେଲାଙ୍ଗ,୨୫।୮ (ରଶ୍ମିରଞ୍ଜନ ପ୍ରଧାନ)

ପାଲାକାର ସ୍ୱର୍ଗତ ଭାସ୍କର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପାଲା ଗାୟକ ହରିହର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଗାୟକ କାଶୀନାଥ ଜେନା, ଶରତ ଚନ୍ଦ୍ର ଦାସ, କୈଳାସଚନ୍ଦ୍ର ପାଣି, ବାୟକ ଲକ୍ଷ୍ମୀଧର ସ୍ୱାଇଁ, ସାହିତ୍ୟିକ ରମେଶଚନ୍ଦ୍ର ସ୍ୱାଇଁ, ପ୍ରମୋଦ ଜେନା, ପିପିଲି କଳା ସଂସ୍କୃତି ସଂଘ ଉପସଭାପତି ପହ୍ଲାଦ ରାଉତ, ସତ୍ୟବାଦୀର ରମେଶଚନ୍ଦ୍ର ପଲେଇ, ଡେଲାଙ୍ଗ ବ୍ଲକର ସରୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଭାସ୍କର ଜଣେ ମେଳାପି, ମିଷ୍ଟଭାଷୀ, ପରପୋକାରୀ ବ୍ୟକ୍ତି ଥିବାବେଳେ ପାଲା କଳାକାର ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ପ୍ରଫୁଲ୍ଲ ପ୍ରଧାନ, ସଦାଶିବ ବରାଳ, ସାଧୁଚରଣ ନାୟକ, ଦୁର୍ଯ୍ୟୋଧନ ପ୍ରଧାନ, କାଶୀନାଥ ଜେନା, କେଶବ ପ୍ରଧାନ, ବଟକୃଷ୍ଣ ମହାପାତ୍ର, ବିଶ୍ୱମ୍ଭର ଦାସ ପ୍ରମୁଖ ଶତାଧିକ ପାଲାଗାୟକ ଓ ପାଳିଆ ସମାବେଶରେ ସାମିଲ ହୋଇଥିଲେ।

# ସତ୍ୟବାଦୀରେ କୁକୁଡ଼ା ମଡ଼କ, ଚିନ୍ତାରେ ଚାଷୀ

ସାକ୍ଷୀଗୋପାଳ,୨୫।୮ (ଭରତ ରାଉତ)

ପୁରୀ ଜିଲା ସତ୍ୟବାଦୀରେ କୁକୁଡ଼ା ମଡ଼କ ଦେଖାଦେଇଛି। ପ୍ରତିଦିନ ଶହ ଶହ କୁକୁଡ଼ା ମରୁଥିବା ଅଭିଯୋଗ ହେଉଛି। ଶତାଧିକ ବ୍ରଏଲର କୁକୁଡ଼ା ଫାର୍ମ ଭିତରେ ମରିଯାଉଥିବାରୁ କୁକୁଡ଼ା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ପୁରୀ ଜିଲାର ବିଭିନ୍ନ ବ୍ଲକରେ କିଛିଦିନ ଧରି କୁକୁଡ଼ା ମଡ଼କ ଦେଖାଯାଉଥିବାବେଳେ ପୁରୀ-ଭୁବନେଶ୍ୱର ରାସ୍ତାକଡ଼ରେ ମଧ୍ୟ କୁକୁଡ଼ା ଫୋପଡ଼ା ହେଉଥିବା ଦେଖିବାକୁ ମିଳୁଛି। ଏହି ଅଜଣା ରୋଗ କୁକୁଡ଼ା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚାଷୀ ଏବେ ସରକାରୀ ସାହାଯ୍ୟ ଅପେକ୍ଷାରେ। ଏନେଇ ପୁରୁଣା ସୋମେଶ୍ୱରପୁର ଚାଷୀ ବେବିନା ମହାନ୍ତି କୁହନ୍ତି, କୁକୁଡ଼ା ଚାଷ ବର୍ତ୍ତମାନ ସଙ୍କଟରେ। କୁକୁଡ଼ାଙ୍କ ଯେଉଁ ଭାଇରସ ଆସିଛି, ତାହା ପ୍ରାଣୀ ବିଭାଗ ମଧ୍ୟ କହିପାରୁନାହିଁ। କୁକୁଡ଼ା ଚାଷରେ ଆମ୍ଭେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଛୁ। ହେଲେ କୁକୁଡ଼ା ମଡ଼କ ଆମକୁ ସର୍ବସ୍ୱାନ୍ତ କରିଦେଇଛି। ଚାଷୀ ଚାରୁବାକ୍ୟ ପଣ୍ଡା କହିଛନ୍ତି, ସରକାର ଅଦିନିଆ ବର୍ଷା, ବନ୍ୟା, ବାତ୍ୟା ଏବଂ ମରୁଡ଼ି କଥାକୁ ନେଇ ଯେମିତି ଚାଷୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି, ସେହିଭଳି କୁକୁଡ଼ା ଚାଷୀଙ୍କୁ ମଧ୍ୟ କ୍ଷୟକ୍ଷତି ପ୍ରଦାନ କରାଯାଉ। କୁକୁଡ଼ା ମଡ଼କ ଉପରେ ସରକାର ଧ୍ୟାନ ଦିଅନ୍ତୁ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ଏମ୍‌ପି ଓ କୃଷିମନ୍ତ୍ରୀ ଏହି କୁକୁଡ଼ା ମଡ଼କ ଉପରେ ଧ୍ୟାନ ଦିଅନ୍ତୁ। ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରୀସ୍ତରରେ କ୍ଷତିପୂରଣ ଆକଳନ କରିବା ସହ ପ୍ରକୃତ କୁକୁଡ଼ା ଚାଷୀଙ୍କୁ ଚିହ୍ନଟ କରି ଏହା ଉପରେ ବିହିତ ପଦକ୍ଷେପ ନିଅନ୍ତୁ ବୋଲି ଚାଷୀ ସୁଦର୍ଶନ ବେହେରା, ପ୍ରକାଶ ବାରିକ୍, ମନୋରଞ୍ଜନ ପାଣି, ଭରତ ମହାରଣା, ରବୀନ୍ଦ୍ର ନାଥ ମହାନ୍ତି, ଭ୍ରମର ସ୍ୱାଇଁ, ପ୍ରକାଶ ବେହେରା ପ୍ରମୁଖ ଦାବି କରିଛନ୍ତି।

## ବାର୍ଡ ଫ୍ଲୁକୁ ନେଇ ନିମାପଡ଼ାରେ ବଢୁଛି ଭୟ

ନିମାପଡ଼ା,୨୫।୮ (ରଞ୍ଜନ ପଟ୍ଟନାୟକ)

ପିପିଲିରେ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଥିବାବେଳେ ନିମାପଡ଼ାରେ ବାର୍ଡ ଫ୍ଲୁକୁ ନେଇ ଭୟ ବଢୁଛି। ନିମାପଡ଼ାରେ ଛତୁ ଫୁଟିଲା ଭଳି କୁକୁଡ଼ା ଫାର୍ମ ଥିବାବେଳେ ପ୍ରାଣିଧନ ବିଭାଗ କୁକୁଡ଼ା ଫାର୍ମ ଯାଞ୍ଚ କରୁନି। ଏବେ ସ୍ଥାନୀୟ ଅଞ୍ଚଳରେ ଦୈନିକ ଶହଶହ ସଂଖ୍ୟାରେ ଥଣ୍ଡା ଜ୍ୱରରେ ପୀଡିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତୃପକ୍ଷ ରୋଗୀଙ୍କ ନମୁନା ସଂଗ୍ରହ ନ କରି ଔଷଧ ଦେଇ ବିଦା କରିଦେଉଛନ୍ତି। ବାର୍ଡ଼ ଫ୍ଲୁ ସାଧାରଣତଃ ଥଣ୍ଡା ଜନିତ ରୋଗ। ଏହି ରୋଗ ପକ୍ଷୀ ଏବଂ କୁକୁଡ଼ାଙ୍କ ସଂସ୍ପର୍ଶରେ ଆସିଲେ ସଂକ୍ରମଣ ହୋଇଥାଏ। ପ୍ରଥମରୁ ରୋଗ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ନ କଲେ ରୋଗୀ ମୃତ୍ୟୁ ମୁଖରେ ପଡିଥାଏ। ବିଭାଗ ପକ୍ଷରୁ ନିମାପଡ଼ାରେ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବାର୍ଡ ଫ୍ଲୁକୁ ନେଇ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ସରକାରୀ କାଇଦା କଟକଣାରେ କୁକୁଡ଼ା ଫାର୍ମଗୁଡିକୁ ନିୟମିତ ଯାଞ୍ଚ କରିବା ନିମନ୍ତେ ଦାବି ହେଉଛି। ନ ହେଲେ ଆଗାମୀ ଦିନରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଅଣାୟତ୍ତ ହୋଇପଡ଼ିବ ବୋଲି ଅଞ୍ଚଳ ବାସିନ୍ଦା ସୁକୁମାର ସାହୁ, ଅରକ୍ଷିତ ନ୍ୟାକ, ପ୍ରଶାନ୍ତ ମିଶ୍ର ଏବଂ ରମାକାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି। ରବିବାର ଆମ ଅଞ୍ଚଳରୁ ଶହଶହ କୁଇଣ୍ଟାଲ ବାର୍ଡ କମ୍ପାନୀ ମାନେ ଲିଫ୍ଟିଂ କରିସାରିଛନ୍ତି। ବର୍ତ୍ତମାନ ପରିସ୍ଥିତିକୁ ଦେଖି ଏବେ ଫାର୍ମଗୁଡ଼ିକ ବନ୍ଦ ରହିବ ବୋଲି ଚାଷୀ ଦ୍ୱିଜବର ପ୍ରଧାନ, ବାବୁଲି ମହାପାତ୍ର, ଦୀପକ ସାହୁ କହିଛନ୍ତି। ନିମାପଡ଼ା ପ୍ରାଣୀଧନ ଅଧିକାରୀଙ୍କୁ ଯୋଗାଯୋଗ କରି ମଧ୍ୟ ତାଙ୍କ ସହିତ ଯୋଗାଯୋଗ ହୋଇ ନ ପାରିବା କାରଣରୁ ପ୍ରତିକ୍ରିୟା ମିଳିପାରିନାହିଁ।

## କେନାଲ ଉପରେ ପୋଲ ଭୁଷୁଡ଼ି ପଡ଼ିବା ଆଶଙ୍କା



ଯୋଗେଶ୍ୱରପୁର,୨୫।୮ (ରଶ୍ମିରଞ୍ଜନ ସାହୁ)

କୁଣ୍ଢେଇ କେନାଲର ନୟାହାଟ ନାଗପୁର ରାସ୍ତାର ବରଗଡ଼ାଠାରେ ଦୀର୍ଘ ୩୦ ବର୍ଷ ତଳେ ନିର୍ମାଣ ହୋଇଥିବା ୨୬ କୋଟି ଟଙ୍କା ବ୍ୟୟରେ ନୟାହାଟ ନାଗପୁର ରାସ୍ତା ଗତ ୫ ବର୍ଷ ତଳେ କାକଟପୁର ପୂର୍ତ୍ତ ବିଭାଗ ପକ୍ଷରୁ ୧୮ କିଲୋମିଟର ପିଚୁ ଓ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତାରେ ଥିବା ସାଇଫନ ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବାକୁ ଟେଣ୍ଡରରେ ଥିଲେ ମଧ୍ୟ ଠିକାଦାର କେତେକ ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିଥିଲେ। ହେଲେ କୁଣ୍ଢେଇ କେନାଲ ଉପରେ ଥିବା ପୋଲକୁ ନୂତନ ଭାବେ ନିର୍ମାଣ କରି ନ ଥିଲେ। ଫଳରେ ଉକ୍ତ ପୋଲର ତଳ ଅଂଶ ସିମେଣ୍ଟ ଛାଡ଼ି ଲୁହାରଡ଼ ଦେଖାଯାଉଥିବାବେଳେ ଫାଟ ସୃଷ୍ଟି ହୋଇଛି। ଏହି ବିପଦପୂର୍ଣ୍ଣ ପୋଲ ଉପରେ ପ୍ରତ୍ୟେକ ଦିନ ସ୍କୁଲ ଓ କଲେଜ ପିଲା, ଯାତ୍ରୀବାହୀ ବସ୍ ଓ ମାଲ ବୋଝେଇ ଟ୍ରକ୍ ଯାତାୟାତ କରିଥାଏ। ଉକ୍ତ ପୋଲଟି କେଉଁ ମୁହୂର୍ତ୍ତରେ ଭାଙ୍ଗିପଡ଼ିବ ବୋଲି ବରଗଡ଼ା ଗ୍ରାମବାସୀ ଆଶଙ୍କା ପ୍ରକଟ କରିଛନ୍ତି। ଏ ଦିଗରେ କାକଟପୁର ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ନୂତନ ପୋଲ ନିର୍ମାଣ ପାଇଁ ଦାବି ହେଉଛି। ପୂର୍ତ୍ତ ବିଭାଗ ଜେଇଙ୍କୁ ଯୋଗାଯୋଗ କରିବାରେ ତାଙ୍କ ଫୋନ୍ ବନ୍ଦ ଥିବାରୁ ତାଙ୍କଠାରୁ କୌଣସି ସୂଚନା ମିଳିପାରିନାହିଁ।




ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟରୁ ବାହାରିଥିବା ଐତିହ୍ୟ ପଦଯାତ୍ରା । (ଫଟୋ- ଯଜ୍ଞେଶ୍ୱର ମହାନ୍ତି ।

## ଐତିହ୍ୟ ଯାତ୍ରା: ମଠ, ମନ୍ଦିର ସୁରକ୍ଷା ନେଇ ଆଲୋଚନା

ପୁରୀ,୨୫।୮ (ଅଜିତ୍ କୁମାର ମହାନ୍ତି)

ପୁରୀର କେତେଜଣ ଐତିହ୍ୟପ୍ରେମୀଙ୍କ ଉଦ୍ୟମରେ ରବିବାର ଐତିହ୍ୟ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟରୁ ଯାତ୍ରା ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ପୁରୀ, ଭୁବନେଶ୍ୱର, କଟକରୁ ପ୍ରାୟ ୫୦ ଜଣ ଐତିହ୍ୟପ୍ରେମୀ ଯୋଗଦେଇଥିଲେ। ପ୍ରଥମେ ଦକ୍ଷିଣଦ୍ୱାର ନିକଟସ୍ଥ ମହାବୀରଙ୍କ ଦର୍ଶନ କରିବା ପରେ ସେମାନେ ଶ୍ରୀରାମଦାସ ମଠ, କପାଳମୋଚନ ମନ୍ଦିରକୁ ଯାଇ ମଠ ଓ ମନ୍ଦିରର ଐତିହ୍ୟ ଉପରେ ଆଲୋଚନା କରିଥିଲେ। ପରେ ଶ୍ରୀମନ୍ଦିରକୁ ଯାଇ ଆଦି ନୃସିଂହ, ମା' ବିମଳାଙ୍କ ପୀଠ, ନିର୍ମାଲ୍ୟ ଖଳା ଦର୍ଶନ କରିବା ପରେ ଆନନ୍ଦବଜାର ଭୋଜନ ମଣ୍ଡପରେ ଐତିହ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଚୁନରା ସେବକ ନୀଳଚକ୍ର ସେବା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଦୟାନିଧି ତ୍ରିପାଠୀ ମହାପ୍ରଭୁଙ୍କ ତତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପାସନା ତଥା ମହାପ୍ରଭୁ ଏବଂ ମା' ବିମଳାଙ୍କ ସମ୍ପର୍କ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଞ୍ଜୟ ବରାଳ, ଅରୋଜ୍ୟୋତି ଓ ବିଶ୍ୱରଞ୍ଜନ ଦେହୁରୀ ଐତିହ୍ୟ ବିଷୟରେ ସୂଚନା ଦେଇଥିଲେ। ପ୍ରତି ମାସର ଦ୍ୱିତୀୟ ରବିବାର ଶ୍ରୀକ୍ଷେତ୍ରର ବିଭିନ୍ନ ଐତିହ୍ୟ ସ୍ଥଳୀରେ ଐତିହ୍ୟ ଯାତ୍ରା ଆୟୋଜନ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ହିତେଶ ସେଠ, ଡ. ବିଶ୍ୱରୂପ ସିଂ, ଜୀବନାନ୍ଦ ମିଶ୍ର, ନୀଦୟନ ଷଡଙ୍ଗୀ, ଅଶ୍ଳେଷ ପ୍ରଧାନ, ଅନୀଲ ମିଶ୍ର, ଡ. ତରଣୀସେନ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦୁର୍ଗାମାଧବ ମହାନ୍ତି, ପ୍ରିୟଙ୍କର ମହାରଣା, ଅର୍ପଣ ଗୌରବ ଦାଶ, ପ୍ରକାଶ ଚନ୍ଦ୍ର ଖଟେଇ, ରବୀନ୍ଦ୍ର ନାଥ ପ୍ରଧାନ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦେବୀପ୍ରସନ୍ନ ନନ୍ଦ ପରିଚାଳନା କରିଥିଲେ।

## କଂଗ୍ରେସ ନେତାଙ୍କ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ସାକ୍ଷୀଗୋପାଳ,୨୫।୮ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ କଂଗ୍ରେସ ନେତା ମନୋଜ ରଥ ଶନିବାର ସାକ୍ଷୀଗୋପାଳ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ପୂର୍ବ ସରକାରଙ୍କ ୫-ଟି ସ୍ୱାସ୍ଥ୍ୟକେନ୍ଦ୍ର ଯୋଜନାରେ ଗତ କିଛିମାସ ତଳେ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଥିବା ନବୀକରଣ କାର୍ଯ୍ୟ ଓ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତୀକ୍ଷାଳୟ ଛାତରୁ ସିଲିଂ ଖସି ପଡ଼ିଥିବା ସ୍ଥାନକୁ ଅନୁଧ୍ୟାନ କରିବା ସହ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏଭଳି ଅଘଟଣ ଘଟୁଥିବା କହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀ ଓ ସମ୍ପର୍କୀୟଙ୍କ ସହ ମିଶି ରୋଗୀ ସେବା ଠିକ୍ ଠାକ ଅଛି ନା ନାହିଁ ପଚାରି ବୁଝିଥିଲେ। ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଏଠାକୁ ଆସୁଥିବା ଦୁର୍ଘଟଣାଗ୍ରସ୍ତ ରୋଗୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଚିକିତ୍ସା ନିମନ୍ତେ ଏଠାରେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ଦୀର୍ଘଦିନ ହେବ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଦୁଃଖ ପ୍ରକାଶ କରିବା ସହ ଏହି ସମସ୍ୟାର ସମାଧାନ ନିମନ୍ତେ ପ୍ରୟାସ କରାଯିବ ବୋଲି କହିଥିଲେ। ବିଶ୍ୱଜିତ୍ ହୋତା, ହେମନ୍ତ ରାଉତ, ସୁଜିତ୍ ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ସୂର୍ଯ୍ୟ ବେହେରା, କାଳୁଚରଣ ପାଣି ପ୍ରମୁଖ ତାଙ୍କ ସହ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଅନ୍ତେବାସୀ ରୋଗୀଙ୍କୁ ଫଳରସ ଓ ବିସ୍କୁଟ ବାଣ୍ଟିଥିଲେ।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ

ପୁରୀ,୨୫।୮ (ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ଥାନା ଅଧୀନ ମଙ୍ଗଳାସାହିର ମକରନ୍ଦ ଷଡଙ୍ଗୀ, ଟାଉନ ଥାନା ଅଞ୍ଚଳର ଜୟଦୀପ କାଣ୍ଡି, ବାସେଳି ସାହି ଥାନା ଅଞ୍ଚଳର ବଳରାମ ବେହେରା ଓ ଆର୍ଯ୍ୟମାନ ପଲେଇ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଖଣ୍ଡା, ଭୁଜାଲି, ଲୁହା ରଡ୍ ଏବଂ ବିୟର ବୋତଲ ଜବତ କରିଛି। ଏ ନେଇ ଏକ କେସ୍ (ନଂ.୧୩୩/୨୪) ରୁଜୁ ହୋଇଛି। ଅଭିଯୁକ୍ତମାନେ କେନ୍ଦ୍ରାଞ୍ଚଳ ସ୍କୁଲ ନିକଟରେ ଏକାଠି ହୋଇ ଡକାୟତି ନିମନ୍ତେ ଯୋଜନା କରୁଥିବା ବେଳେ ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା।

ପତ୍ରସଂଖ୍ୟା ୭୫୩୪ **ବିଜ୍ଞାପନ** ତା.୨୦.୦୮.୨୦୨୪

**No.C-479:**ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ତଳ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ୍ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ- ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

**ସ୍ୱା./- ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
OIPR-13122/11/0034/2425

## ସମୁଦ୍ରରେ ଫସିଲା ୨ ମାଛଧରା ବୋଟ୍

### ବୋଟ୍ ଇଞ୍ଜିନ ଖରାପ, ଉଦ୍ଧାର ଅପେକ୍ଷାରେ ୧୨ ମତ୍ସ୍ୟଜୀବୀ

ଅସ୍ତରଙ୍ଗ,୨୫।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)



ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡ଼ ଜେଟି ନିକଟରୁ ୨ ଦିନ ତଳେ ୨ଟି ବୋଟ ମାଛ ଧରିବାକୁ ଯାଇ ଦେବୀ ମୁହାଣରେ ଇଞ୍ଜିନ ଖରାପ ହେବାରୁ ସମୁଦ୍ରରେ ବୋଟ ସହ ୧୨ ଜଣ ମତ୍ସ୍ୟଜୀବୀ ଫସି ରହିଛନ୍ତି। ସୂଚନା ମୁତାବକ, ବଙ୍ଗୋପସାଗରରେ ଲଘୁଚାପ ହେତୁ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ ରହିଛି। ଏହା ସତ୍ତ୍ୱେ ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡ଼ ଜେଟି ନିକଟରୁ ୨ ଦିନ ତଳେ ମା' କାଳୀ ଓ ମା' ପାର୍ବତୀ ନାମକ ୨ଟି ବୋଟ ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲେ। ମା' ପାର୍ବତୀ ବୋଟ ଡ୍ରାଇଭର ବସନ୍ତ ନାୟକଙ୍କ କହିବା ମୁତାବକ, ଶନିବାର ସକାଳ ୯ଟାରୁ ବୋଟ ଇଞ୍ଜିନ ଖରାପ ହେବାରୁ ଦେବୀ ମୁହାଣରୁ ୩ କିଲୋମିଟର ଦୂରରେ ରହିଛି। ଅନ୍ୟପଟେ ମା' କାଳୀ ବୋଟ ମାଲିକ ପ୍ରଶାନ୍ତ ଶୁକ୍ଲାଙ୍କ କହିବା ଅନୁଯାୟୀ, ବୋଟର ଇଞ୍ଜିନ ଖରାପ ହେତୁ ସେମାନେ ଦେବୀ ମୁହାଣଠାରୁ ୨ କିଲୋମିଟର ଦୂରରେ ଫସି ରହିଛନ୍ତି। ମା' ପାର୍ବତୀ ବୋଟ ମଧ୍ୟରେ ବସନ୍ତ ନାୟକଙ୍କ ସମେତ ଅଜୟ ମହାନ୍ତି, ରମେଶ ମହାନ୍ତି, ବୁଦ୍ଧେଶ୍ୱର ଦଳାଇ, ପ୍ରଭାସ ଚନ୍ଦ୍ର ସିଲ, ଶିବ ପରିଡ଼ା ରହିଛନ୍ତି। ମା' କାଳୀ ବୋଟରେ ଥିବା କର୍ମଚାରୀଙ୍କ ନାମ ମିଳି ପାରିନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଅସ୍ତରଙ୍ଗ ନିକଟ ନୂଆଗଡ଼ ସାମୁଦ୍ରିକ ଥାନାରେ ଥିବା ସ୍ପିଡି ବୋଟ୍‌ଟି ୨୦୦୮ମସିହାର ହୋଇଥିବାବେଳେ ତାହାର ଓଜନ ୧୨ ଟନ୍। ଯାହା ସମୁଦ୍ର ମଧ୍ୟକୁ ଯିବାର କ୍ଷମତା ୨୦ ଟନ୍‌ଠାରୁ କମ୍। ୩୦ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଫସିଥିବା ୨ ବୋଟ୍ ଉଦ୍ଧାର ହୋଇପାରି ନାହିଁ। ପାରାଦ୍ୱୀପ କୋଷ୍ଟ ଗାର୍ଡ ପହଞ୍ଚିଲେ ୨ ବୋଟ୍ ସହ କର୍ମଚାରୀ ଉଦ୍ଧାର ହେବେ ବୋଲି ସୂଚନା ମିଳିଛି।

**Government of Odisha**
**Higher Education Department**

**Timeline for e-admission into 3 year Integrated B.Ed- M.Ed. courses in the Higher Education Institutions for the Academic Session 2024-25 under SAMS**

**No. N-86:-** It is for information of all concerned that admission into 3 year integrated B.Ed.-M.Ed. course at the below mentioned HEIs has been newly included under SAMS for the Academic Session: - 2024-25. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2024-25 are as follows.

1. The following HEIs have been included under SAMS for admission into 3 Year Integrated B.Ed.-M.Ed. Course for the academic session: - 2024-25.
   a. **Maharaja Sriram Chandra Bhanjadeo University, Baripada, Mayurbhanj – 50 seats (Regular Mode)**
   b. **Sambalpur University, Sambalpur- 50 seats (Self-Financing Mode)**
   c. **Rajendra University, Bolangir- 50 seats (Self-Financing Mode)**
   d. **Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation, details are provided in the Information Brochure. No Entrance Examination will be held for admission into the said course.
3. The applicants who have passed the **Post Graduate (P.G.) examination only in Science/ Social Science & Humanities subjects** from a recognized Institution shall be eligible for admission into this 3 year Integrated B.Ed.-M.Ed. program.

Any change in the timeline will be published on the website **https://te.samsodisha.gov.in/** . The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | 26-Aug-2024 (12:00 NOON) |
| 2 | Last date for applying online CAF through www.samsodisha.gov.in | 05-Sep-2024 (11:45 PM) |
| 3 | Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 06-Sep-2024 (10.00 AM to 11.45 PM) |
| 4 | Publication of Provisional Allotment of Seats (For First Round Selection) | 12-Sep-2024 (Thursday) (02.00 PM) |
| 5 | Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 12-Sep-2024 (04.00 PM) to 17-Sep-2024 (03.00 PM) |
| 6 | Reporting of applicants at allotted institutions for taking admission (for First Round Selection) | 13-Sep-2024, 14-Sep-2024 & 17-Sep-2024 (10.00 AM to 05.00 PM) |
| 7 | Data updation of admitted students in the e-space (for First Round Admission) by the respective Institutions | 13-Sep-2024, 14-Sep-2024 & 17-Sep-2024 (10.00 AM to 07.00 PM) |
| 8 | Publication of Provisional Allotment of Seats (for Second Round Selection) | 23-Sep-2024 (Monday) (02.00 PM) |
| 9 | Online payment of admission fees by the selected students through SAMS ( Student's login) portal | 23-Sep-2024 (04.00 PM) to 26-Sep-2024 (03.00 PM) |
| 10 | Reporting of applicant at allotted institutions for taking admission (for Second Round Selection) | 24-Sep-2024 (10.00 AM) to 26-Sep-2024 (05.00 PM) |
| 11 | Data updation of admitted students in the e-space (for Second Round Admission) by the respective Institutions | 24-Sep-2024 (10.00 AM) to 26-Sep-2024 (07.00 PM) |
| 12 | Publication of merit wise waiting list among the remaining applicants as per the actual vacancy as on 26.09.2024 in HEI's e-space as well as in the Student's login | 28-Sep-2024 (Saturday) (02.00 PM) |
| 13 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/SMS by the HEIs. | 30-Sep-2024 (Monday) (10.00 AM) |
| 14 | Reporting of selected applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode) | 30-Sep-2024, 01-Oct-2024 & 03-Oct-2024 (10.00 AM to 05.00 PM) |
| 15 | Reporting of waitlisted applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode. | 04-Oct-2024 (10.00 AM) & 05-Oct-2024 (05.00 PM) |
| 16 | Timeline for commencement of 1st year classes for 3 year Integrated B.Ed.-M.Ed. for the AY 2024-25 | 26-Sept-2024 (Thursday) |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**Sd./- Deputy Director**
**PTC Section**
OIPR-11001/11/0024/2425

## ଶିକ୍ଷା କ୍ଷେତ୍ରରେ ବୈଜ୍ଞାନିକ, ବୈଷୟିକ ଉପଯୋଗିତା ଜରୁରୀ

ଡେଲାଙ୍ଗ/ପୁରୀ,୨୫।୮ (ରଶ୍ମିରଞ୍ଜନ ପ୍ରଧାନ/ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଡେଲାଙ୍ଗ ବ୍ଲକ ମୁନିଦାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟରେ ଏକ ଜାତୀୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବୈଜ୍ଞାନିକ ଓ ବୈଷୟିକ ଶବ୍ଦାବଳୀ ଆୟୋଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଷାବିତ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଭାଷା ଗୋଟିଏ ଜାତିର ପରିଚୟ ଓ ଜ୍ଞାନର ମୁଖ୍ୟ ମାଧ୍ୟମ ବୋଲି କହିଥିଲେ। ବୈଜ୍ଞାନିକ ଓ ବୈଷୟିକ ପ୍ରୟୋଗ ଏବଂ ଉପଯୋଗ ଦ୍ୱାରା ଭାଷା ସମୃଦ୍ଧ ହେବ। ସେହିପରି ଅନୁବାଦ ଦ୍ୱାରା ଭାଷାର ପ୍ରଚାର ପ୍ରସାର ସହଜ ହୋଇପାରିବ। ତେଣୁ ଶିକ୍ଷା କ୍ଷେତ୍ରରେ ବୈଜ୍ଞାନିକ ଓ ବୈଷୟିକ ଉପଯୋଗିତା ଅତ୍ୟନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଅଧ୍ୟକ୍ଷ ପ୍ରଫେସର ଗିରିଶ ନାଥ ଝା ଯୋଗଦେଇ କହିଥିଲେ, ଓଡ଼ିଆ ଏକ ପ୍ରାଚୀନ ଓ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା। ବର୍ତ୍ତମାନ ବୈଜ୍ଞାନିକ ଓ ବୈଷୟିକ ପ୍ରକ୍ରିୟାରେ ଏହାର ପରିବ୍ୟାପ୍ତ ଏବଂ ସୁରକ୍ଷିତ ପାଇଁ ଏହି ପ୍ରଶିକ୍ଷଣ ସହାୟକ ହୋଇପାରିବ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର ପରିଡ଼ା, ବ୍ଲକ ଶିକ୍ଷାଧିକାରୀ ବିନୋଦ ପରମାଣିକ, ପ୍ରଫେସର କେ.ବିଜୟ ଶଙ୍କର ଭାଷାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏଭଳି କର୍ମଶାଳା ଜରୁରୀ ବୋଲି କହିଥିଲେ। ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଫେସର ଶଶାଙ୍କ ଚୂଡ଼ାମଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ସିଏସ୍‌ଟିଟିର ସହନିର୍ଦ୍ଦେଶିକା ବିନୋଦିନୀ ଦେବୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଦ୍ୟାଳୟର ସଭାପତି ସବିତା ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ହୃଷିକେଶ ବଳିୟାରସିଂ ଧନ୍ୟବାଦ ଦେଇଥିଲେ। ଡ. ଆଭାଳୀ ଶତପଥୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପରେ ବିବର୍ତ୍ତନର ଗ୍ରହଣୀୟତା ଏବଂ ଓଡ଼ିଆରେ ବୈଜ୍ଞାନିକ ଓ ବୈଷୟିକ କମ୍ପନଗୁଡ଼ିକର ଆହ୍ୱାନ, ବିଦ୍ୟାଳୟ ଶିକ୍ଷାରେ ଭାଷାତତ୍ତ୍ୱର ପ୍ରୟୋଗ, ଏକବିଂଶ ଶତାବ୍ଦୀରେ ବିଦ୍ୟାଳୟ ଶିକ୍ଷାରେ ଜଗତୀକରଣର ପ୍ରଭାବ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଟ୍ରକ ଚାଳକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୨୫।୮(ସୂର୍ଯ୍ୟକାନ୍ତ ବେହେରା) – ଟଙ୍କା ଦେବାକୁ ମନା କରିବାରୁ ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ତାଙ୍କ ଗାଡି ଚାବି ଛଡାଇନେବା ଘଟଣାରେ ଭରତପୁର ଥାନା ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ବିଶ୍ୱଜିତ ମାଳିଆ। ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ ଆଶିଷ ସାମନ୍ତରାୟ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅଭିଯୋଗ ଅନୁସାରେ, ଆକ୍ରମଣର ଶିକାର ହୋଇଥିବା ଟ୍ରକ୍ ଚାଳକ ଶୁକ୍ରବାର ରାତି ସାଢେ ୭ଟାରେ ଏହି ଥାନା ଅନ୍ତର୍ଗତ ବିଡ଼ିଏ କଲୋନୀ ଅଞ୍ଚଳରେ ଦୁଇ ଡ୍ରାଇଭର ବନ୍ଧୁଙ୍କ ସହ କଥା ହେଉଥିବା ବେଳେ ଅଭିଯୁକ୍ତ ବିଶ୍ୱଜିତ ଓ ଆଶିଷ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ମାଗିଥିଲେ। ହେଲେ ଟ୍ରକ ଚାଳକ ଟଙ୍କା ଦେବାକୁ ମନାକରିବାରୁ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଆକ୍ରମଣ କରି ଏକ ଟ୍ରକ୍ ଚାବି ଛଡ଼ାଇ ନେଇଥିଲେ। ଏନେଇ ଆକ୍ରମଣର ଶିକାର ଚାଳକ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ଆକ୍ରମଣ ମାମଲାରେ ୨ ଭାଇ ଗିରଫ

ଭୁବନେଶ୍ୱର,୨୫।୮(ସୂର୍ଯ୍ୟକାନ୍ତ ବେହେରା) – ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ମାମଲାରେ ଖାରବେଳନଗର ଥାନା ପୋଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସେକ୍ ଚାନ୍ଦ ଓ ସେକ୍ ଇସଲାମ। ଶ୍ରୀମୟ ମିତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ପୋଲିସ ସୂଚନାନୁସାରେ, ଶ୍ରୀମୟ ଶନିବାର ଅପରାହ୍ନ ସମୟରେ ନିଜ କାର ଯୋଗେ ଭୁବନେଶ୍ୱର ଅର୍ବାନ ପାର୍କକୁ ଯାଉଥିଲେ। ଶ୍ରୀୟା ଛକ ନିକଟରେ ଏସ୍.କେ. ମଇଦୁଲ ନାମକ ଜଣେ ବ୍ୟକ୍ତି ରାସ୍ତା ଉପରେ ଠିଆ ହୋଇଥିବା ଦେଖି ସେ ପ୍ରଥମେ ହର୍ନ ମାରିଥିଲେ। କିନ୍ତୁ ମଇଦୁଲ ନ ଶୁଣିବାରୁ ଶ୍ରୀମୟ ତାଙ୍କୁ ସେଠାରୁ ଉଠିବାକୁ କହିବାରୁ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଶ୍ରୀମୟ ହୋଟେଲ ଅର୍ବାନ ପାର୍କକୁ ଯାଇଥିଲା ବେଳେ ମଇଦୁଲ ଦୁଇ ଅଭିଯୁକ୍ତ ଏସ୍.କେ ଚାନ୍ଦ ଏବଂ ଅଭିଯୁକ୍ତ ଏସ୍.କେ. ଇସଲାମଙ୍କ ସହ ଆସି ଶ୍ରୀମୟଙ୍କୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଏନେଇ ଶ୍ରୀମୟ ଥାନାରେ ଅଭିଯୋଗ କରିଥିଲେ।

### ଦେଶୀ ମଦ ଜବତ, ୬ ଗିରଫ

ଭୁବନେଶ୍ୱର,୨୫।୮(ସୂର୍ଯ୍ୟକାନ୍ତ ବେହେରା) – ଗଞ୍ଜାମ ମଦମୃତ୍ୟୁ ପରଠାରୁ ଅବକାରୀ ବିଭାଗର ନିଦ ଭାଙ୍ଗିଛି। ରାଜଧାନୀ ଭୁବନେଶ୍ୱରରେ ଲଗାତର ଚଢ଼ାଉ ଜାରି ରହିଛି। ରବିବାର ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ୬ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧୪୭ ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ୭ଟି ମାମଲା ରୁଜୁ କରାଯାଇ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଅପରାଧରେ ବ୍ୟବହୃତ ଏକ ସ୍କୁଟିକୁ ମଧ୍ୟ ଜବତ କରିଛି। ତେବେ ବେଆଇନ ନିଶା କାରବାର ରୋକିବାକୁ ଏହି ଧରପଗଡ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ୱାମୀଙ୍କ ପ୍ରେମିକା ଘର ଆଗରେ ସ୍ତ୍ରୀଙ୍କ ଧାରଣା

**ଅସହ୍ୟ ହେଲା ପରକୀୟା ପ୍ରୀତି**

ଭୁବନେଶ୍ୱର,୨୫।୮(ସତ୍ୟଜିତ୍ ରାଉତ)

ସ୍ତ୍ରୀ ଓ ପରିବାରକୁ ଛାଡ଼ି ସ୍ୱାମୀ ପ୍ରେମିକାଙ୍କ ପାଖରେ ରହୁଛନ୍ତି। ପ୍ରେମିକା ଜଣକ ମଧ୍ୟ ଆଗରୁ ବିବାହିତା। ତେବେ ସ୍ୱାମୀଙ୍କ ଏହି ପରକୀୟା ପ୍ରୀତିରେ ଅତିଷ୍ଠ ହୋଇପଡିଛନ୍ତି ସ୍ତ୍ରୀ। ଶେଷରେ ସ୍ୱାମୀର ପ୍ରେମିକାଙ୍କ ବାପଘର ଆଗରେ ସ୍ତ୍ରୀ ଧାରଣା ଦେଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରରେ ରବିବାର ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସ୍ୱାମୀଙ୍କୁ ନ ଛାଡିଲେ ଆତ୍ମାହୁତି ଦେବେ ବୋଲି ମହିଳା ଜଣକ ଚେତାବନୀ ଦେଇଥିଲେ। ଧାରଣା ଦେଇଥିବା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ବ୍ୟବସାୟିକ ସମ୍ପର୍କ କହି ଖଣ୍ଡଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହ ବାରମ୍ବାର ମିଳାମିଶା କରୁଛନ୍ତି। ଏପରିକି ପରିବାର କଥା ମଧ୍ୟ ବୁଝୁନାହାନ୍ତି। ତେବେ ଏହି ଘଟଣା ପରେ ଘର ମାଲିକ ଥାନାକୁ ଖବର ଦେବା ସହ ଧାରଣାରୁ ଉଠିବାକୁ ସମ୍ପୃକ୍ତ ମହିଳାଙ୍କୁ କହିଥିଲେ ମଧ୍ୟ ସେ ବର୍ଷାରେ ଭିଜି ସେଠାରେ ବସି ରହିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ୪ ଘଣ୍ଟା ପରେ ମହିଳା ଜଣକ ଧାରଣାରୁ ଉଠିଥିଲେ।





ସୁନୟନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ତୃତୀୟ ପଦ୍ମାବତୀ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ସିକତା ଦାସଙ୍କୁ ‘ପଦ୍ମାବତୀ ସମ୍ମାନ’


ଅତିଥିମାନେ ଗୁରୁ ସିକତା ଦାସଙ୍କୁ ‘ପଦ୍ମାବତୀ ସମ୍ମାନ ୨୦୨୪’ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୫।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସୁନୟନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତୃତୀୟ ପଦ୍ମାବତୀ ଉତ୍ସବ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତି ଓ ଡା.ନିରୋଜ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ସିକତା ଦାସଙ୍କୁ ‘ପଦ୍ମାବତୀ ସମ୍ମାନ ୨୦୨୪’ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ଓଡିଶୀ ନୃତ୍ୟଶିଳ୍ପୀମାନେ ସାଗରିକା ପରିଡାଙ୍କ ତତ୍ତ୍ୱାବଧାନରେ ବୃନ୍ଦ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ମୁଗ୍ଧା ସୁଦିପ୍ତା ଓ ସୁନୟନା ନୃତ୍ୟାଭିନୟ କରିଥିଲେ। ସେମାନଙ୍କ ପରେ ଶୈବାଳୀ ରାଉତ କଥକ ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ ନର୍ତ୍ତକ ଜଗତଜିତ୍ ଦାସ ଭିନ୍ନ ଏକ ନୃତ୍ୟ ଉପସ୍ଥାପନ କରିଥିଲେ। ଶ୍ରୀ ରାଧା କଳାକୁଞ୍ଜ ଅନୁଷ୍ଠାନର କଳାକାରମାନେ ଓଡିଶୀ ନୃତ୍ୟ ନାଟିକା ‘ମାଣିକ ଗଉଡୁଣୀ’ ବେଶ୍ ଚମତ୍କାର ଢଙ୍ଗରେ ଦର୍ଶକଙ୍କ ସମ୍ମୁଖରେ ବାଢ଼ିଥିଲେ। ବେଙ୍ଗାଲୁରୁରୁ ଆସିଥିବା ଅତିଥି କଳାକାର ଦିବ୍ୟା ପ୍ରସାଦ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଗୁରୁ ସାଗରିକା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଭିଏସ୍ଏସ୍ ନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷାଗାର ବନ୍ଦ ନ କରିବାକୁ ଦାବି

ଭୁବନେଶ୍ୱର, ୨୫।୮(ବନ୍ଦନା ସେଠୀ)

ଭିଏସ୍ଏସ୍ ନଗରରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ପରୀକ୍ଷାଗାର ବନ୍ଦ ନ କରିବାକୁ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା କହିଛନ୍ତି, ଭୁବନେଶ୍ୱରର ଏହା ହେଉଛି ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ଆଉ ରକ୍ତ ପରୀକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ପରୀକ୍ଷାନିରୀକ୍ଷା ହେବନାହିଁ। ଲାବରେଟୋରିରେ ପ୍ରାଯୁକ୍ତିକ (ଏଲ୍‌ଟି) ପୋଷ୍ଟ ରହିବ ନାହିଁ। ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍‌ରେ କମ୍ ଅର୍ଥ ଥିବାରୁ ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଲାବରେଟୋରି ଟେକ୍ନିସିଆନ ଓ ଆକାଉଣ୍ଟାଣ୍ଟ – କମ୍ପ୍ୟୁଟର ଅପରେଟରମାନଙ୍କୁ ଅଗଷ୍ଟ ୧୭ରୁ ବିଦା କରାଯାଇଛି। ଏହାଦ୍ୱାରା ଭିଏସ୍ଏସ୍ ନଗର ଏବଂ ଏହାର ଆଖପାଖ ଅଞ୍ଚଳର ଶତାଧିକ ଲୋକ ସେବାରୁ ବଞ୍ଚିତ ହେବେ। ତେଣୁ ଭିଏସ୍ଏସ୍ ନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପରୀକ୍ଷାଗାର ବନ୍ଦ ହେଲେ ଏଠାରେ ଜନ ଆନ୍ଦୋଳନ ହେବ ବୋଲି ଦାଶଶର୍ମା ଚେତାବନୀ ଦେଇଛନ୍ତି। ବହୁ ପ୍ରଚେଷ୍ଟାରେ ଭିଏସ୍ଏସ୍ ନଗରରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲାଯାଇଥିଲା। ଏଠାରେ ଦୈନିକ ୨ଶହରୁ ଅଧିକ ରୋଗୀ ହେଉଥିବାବେଳେ ୩୦୦ ପ୍ରକାରର ପରୀକ୍ଷା କରାଯାଉଛି। ଏଠାରୁ ଏଲ୍‌ଟିଙ୍କୁ ବିଦା କରି ପରୀକ୍ଷାଗାର ଉଠାଇନେଲେ ଜନ ଅସନ୍ତୋଷ ବଢ଼ିବ। ତେଣୁ ସମସ୍ତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଏଲ୍‌ଟିମାନଙ୍କୁ ବାହାର କରିବା ନିର୍ଦ୍ଦେଶକୁ ସରକାର ଫେରାଇନେବା କିମ୍ବା ଭିଏସ୍ଏସ୍ ନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତରିତ କରି ସମସ୍ତ ପରୀକ୍ଷା କରାଯାଉ ବୋଲି ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି।

# ରାଜ୍ୟରେ ବ୍ରୋଞ୍ଜ ମୂର୍ତ୍ତିର ଯୁଗ ଆରମ୍ଭ କରିଥିଲେ ବିପ୍ରଚରଣ

ଭୁବନେଶ୍ୱର,୨୫।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସ୍ଥପତି ବିପ୍ରଚରଣ ମହାନ୍ତିଙ୍କ ପଞ୍ଚଦଶ ବାର୍ଷିକ ସ୍ୱର୍ଗାରୋହଣ ଦିବସ ରବିବାର ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଭାସ୍କର୍ଯ୍ୟ ଶିଳ୍ପ ବିକାଶରେ ବିପ୍ରଚରଣଙ୍କ ସାମଗ୍ରିକ ଜୀବନ ଉତ୍ସର୍ଗୀକୃତ ଥିଲା। ସେ ରାଜ୍ୟରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣର ଯୁଗ ଆରମ୍ଭ କରିଥିଲେ। ତାଙ୍କଦ୍ୱାରା ନିର୍ମିତ ପ୍ରତିମୂର୍ତ୍ତିଗୁଡ଼ିକ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇଛି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାରୁକଳା ଛାତ୍ରୀଛାତ୍ର ଉନ୍ନତମାନର ଭାସ୍କର୍ଯ୍ୟ ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର କ୍ୟାପଟେନ୍ ଧୀରେନ୍ଦ୍ର କୁମାର ମହାନ୍ତି, ପୁତ୍ରବଧୂ ରୀତା ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱରର କାର୍ଯ୍ୟକ୍ରମ ସଂଯୋଜକ ନରେନ୍ ସାହୁ, ବିଭୂତି କାନୁନ୍‌ଗୋ, ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ଅଧ୍ୟାପକ ମୀନକେତନ ପଟ୍ଟନାୟକ, ଜୟ ଓଡ଼ିଶା ପକ୍ଷରୁ ଜ୍ୟୋତିରଞ୍ଜନ ରାଉତ, ସ୍ୱରାଜ ସୂତାର, ସନ୍ତୋଷ ସେଠୀ, ହରପ୍ରିୟା ପଟ୍ଟଯୋଶୀ, ପଦ୍ମିନୀ ପଟ୍ଟଯୋଶୀ, କ୍ରୀଡ଼ାବିତ୍ ଦୀପ୍ତିରେଖା ରାୟ, ଅଶ୍ୱିନୀ ପଟ୍ଟନାୟକ, ବିଜୟ କୁମାର ସାହୁ, ସତ୍ୟବ୍ରତ ଜେନା, ଦିଲ୍ଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଶିଷ୍ଟ ସ୍ଥପତି ବିପ୍ରଚରଣ ମହାନ୍ତିଙ୍କ ପଞ୍ଚଦଶ ବାର୍ଷିକ ସ୍ୱର୍ଗାରୋହଣ ଦିବସ ଅବସରରେ ରବିବାର ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ମର୍ମଚିକିତ୍ସା ଦ୍ୱାରା ବିଭିନ୍ନ ରୋଗର ଉପଶମ ସମ୍ଭବ

ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)

ଓଡ଼ିଶା ସ୍ୱାସ୍ଥ୍ୟସେବା ସଂଘ ଅଧୀନରେ ଥିବା ଭୁବନେଶ୍ୱରୀ ସେଣ୍ଟର ଆନୁକୂଲ୍ୟରେ ‘ଗ୍ୟାଷ୍ଟ୍ରୋଇଟେଷ୍ଟୋଇନ୍’ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଘର ପ୍ରତିଷ୍ଠାତା ସଭ୍ୟ ଦୀନଦୟାଲ କ୍ୟାଲ୍ ଓଡ଼ିଶାରେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମର୍ମଚିକିତ୍ସା (ଆକ୍ୟୁପ୍ରେସର) ପ୍ରତିଷ୍ଠା ସହ ଏହାର ପ୍ରଚାରପ୍ରସାର କରି ଲୋକପ୍ରିୟ କରିବାରେ ନିଜ ଅଭିଜ୍ଞତା ରଖିଥିଲେ। ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ବିକାଶ ଚନ୍ଦ୍ର ସାହୁ ଓ ସ୍ମୃତି ଶେଖର ସାହୁ ମର୍ମଚିକିତ୍ସା ଦ୍ୱାରା ବିନା ଔଷଧରେ ବିଭିନ୍ନ ରୋଗର ଉପଶମ ହେବ ବୋଲି କହିବା ସହ ଏନେଇ ଆଲୋଚନା କରିଥିଲେ। ଓଡ଼ିଶା ସ୍ୱାସ୍ଥ୍ୟ ସେବା ସଂଘର ପ୍ରମୁଖ ପ୍ରଶିକ୍ଷକ ସୌମିତ୍ର ଦାସ ମର୍ମଚିକିତ୍ସାକୁ ଦେଶର କୋଣ ଅନୁକୋଣରେ ପରିଚିତ କରାଇବା ସମ୍ପର୍କରେ କହିଥିଲେ। ସେଣ୍ଟରର ପ୍ରମୁଖ ଥେରାପିଷ୍ଟ ମମତା ବିଶ୍ୱାଳ ସ୍ୱାଗତଭାଷଣ ଦେଇଥିବାବେଳେ ସୁରଭି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୨୦୦ଜଣ ଥେରାପିଷ୍ଟ ଭାଗ ନେଇଥିଲେ।

# ବର୍ଷାଋତୁରେ ପିଲାଙ୍କ ଅଧିକ ଯତ୍ନ ଆବଶ୍ୟକ

ଭୁବନେଶ୍ୱର,୨୫।୮ (ଅଭୟ ଦାସ): ବର୍ଷା ଋତୁରେ ଛୋଟ ପିଲାଙ୍କଠାରେ ବିଭିନ୍ନ ପ୍ରକାର ରୋଗର ଲକ୍ଷଣ ଦେଖାଦେଇଥାଏ। ତେଣୁ ଅଭିଭାବକମାନେ ପିଲାଙ୍କର ଅଧିକ ଯତ୍ନ ନେବା ଉଚିତ ବୋଲି ଅଙ୍କୁରା ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା.କଳ୍ପନା ପଣ୍ଡା ପରାମର୍ଶ ଦେଇଛନ୍ତି। ବିଶେଷକରି ବର୍ଷା ଦିନରେ ୩ ରୁ ୧୦ବର୍ଷ ବୟସର ପିଲାଙ୍କ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ୪୦% ବୃଦ୍ଧି ପାଇଥାଏ। ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ (ଷ୍ଟୋମାକ ଫ୍ଲୁ), କଲେରା ଓ ଭାଇରାଲ ହେପାଟାଇଟିଜ କାରଣରୁ ଜଣ୍ଡିସ ଓ ଟାଇଫଏଡ ଭଳି ସମସ୍ୟା ଖାଦ୍ୟ ଓ ଜଳ ପ୍ରଦୂଷଣ ଯୋଗୁ ଦେଖାଦିଏ। ତେଣୁ ଆକ୍ରାନ୍ତ ପିଲାଙ୍କର ତୁରନ୍ତ ଚିକିତ୍ସା ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏଥିସହ ମାତାପିତା ସେମାନଙ୍କ ଶିଶୁଙ୍କୁ ଉପଯୁକ୍ତ ପରିଚ୍ଛନ୍ନତା ଅଭ୍ୟାସ କରାଇବା ଦରକାର। ପିଲାଙ୍କୁ ବାହାର ଖାଦ୍ୟଠାରୁ ଦୂରେଇ ରଖିବା, ଘରୋଇ ସୁଷମ ଖାଦ୍ୟ ଦେବା, ପ୍ରୋବାୟୋଟିକ୍ସକୁ ଖାଦ୍ୟରେ ମିଶାଇବା ଓ ସେମାନଙ୍କ ଶରୀରରେ ଉପଯୁକ୍ତ ଜଳୀୟ ଅଂଶ ବଜାୟ ରଖିବା ଆବଶ୍ୟକ ରହିଛି।

# ‘ଆଚରଣ–ଉଚ୍ଚାରଣ ସମାନ ହେବା ଉଚିତ୍’

**ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

କଟକ,୨୫।୮ (କାର୍ତ୍ତିକ ସାହୁ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ସବ୍‌ଜୋନ୍ ପକ୍ଷରୁ ଖାଣ୍ଡିରୀମଙ୍ଗଳାସ୍ଥିତ ପ୍ରଭୁ ସମର୍ପଣ ଭବନରେ ୫୨ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ଦାଦି ପ୍ରକାଶମଣୀଙ୍କ ୧୭ତମ ସ୍ମୃତି ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ କହିଛନ୍ତି, ଆମ ଜୀବନରେ ଉଚ୍ଚାରଣ ଏବଂ ଆଚରଣ ସମାନ ହେବା ଉଚିତ୍। ଉଚ୍ଚାରଣ ଏବଂ ଆଚରଣକୁ ଏକ କରିପାରିଲେ ବିଶ୍ୱରେ ବନ୍ଧୁତ୍ୱ ସ୍ଥାପନ ହୋଇପାରିବ। ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଜୀବନରେ ଅନୁଶାସନ, ସୁଖ, ଶାନ୍ତିର ଅନୁଭବ କରିପାରିବା। ସମ୍ମାନିତ ଅତିଥି ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚର କମ୍ପ୍ଟ୍ରୋଲର ଅଫ୍ ଫାଇନାନ୍ସ ଡ. ମନ୍ମଥ ଚନ୍ଦ୍ର ଜେନା କହିଛନ୍ତି, ଶାନ୍ତି ବିନା ସୁଖ ଆସିପାରିବ ନାହିଁ। ପରମାତ୍ମାଙ୍କୁ ଧ୍ୟାନ କଲେ ଜୀବନରେ ଶାନ୍ତି ଆସିପାରିବ। ଅତିରିକ୍ତ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସୁଲୋଚନା କହିଛନ୍ତି, ଈଶ୍ୱରଙ୍କ ସହିତ ଯୋଗଯୁକ୍ତ ରହିଲେ ଆମ ଭିତରେ ଦେବତ୍ୱ ଜାଗ୍ରତ ହେବ। କଟକ ସବ୍‌ଜୋନ୍‌ର ମୁଖ୍ୟ ସଞ୍ଚାଳିକା ଡ. କମଲେଶ ଦିଦି ଜୀବନରେ ଉନ୍ନତି କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଦିବ୍ୟଗୁଣର ଧାରଣା ରଖି ମନର ବିକାରକୁ ସମାପ୍ତ କରିବାକୁ ହେବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ପ୍ରାଣୀପାଳନ ଅତିରିକ୍ତ ନିର୍ଦ୍ଦେଶକ ଡ. ସତ୍ୟ ରଞ୍ଜନ ରାଉତ, ବ୍ରହ୍ମକୁମାର ନଥମଲ ଭାଇ, ବ୍ରହ୍ମାକୁମାର ମୋହନ ଭାଇ ଯୋଗଦେଇଥିଲେ।

ପତ୍ରସଂଖ୍ୟା ୭୫୩୪ ତା.୨୦.୦୮.୨୦୨୪

**ବିଜ୍ଞାପନ**

**No.C-479:** ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହିଳା ପୁଲିସ ଥାନାରୁ ଶକ୍ତି ଚୌକ (ପିରବାବା ଚୌକ) ପର୍ଯ୍ୟନ୍ତ ଥିବା **Over Bridge** ତଳ (ଲକ୍ଷ୍ମୀ **talkies** ଟ୍ରାଫିକ ଛକ ଓ ଗୋଲ ବଜାର ଟ୍ରାଫିକ ଛକ ବ୍ୟତୀତ) ଯାନବାହନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ପାଇଁ ଉଦ୍ଦିଷ୍ଟ ଅଟେ ।

ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (**www.smcsambalpur.nic.in**) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ତା.୨୧.୦୮.୨୦୨୪ ରିଖଠାରୁ ତା.୨୯.୦୮.୨୦୨୪ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ– ୩୦.୦୮.୨୦୨୪ ପୂର୍ବାହ୍ନ ୧୧.୩୦ମି. ।

**ସ୍ୱା./- ଆୟୁକ୍ତ**
**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
OIPR-13122/11/0034/2425

## Government of Odisha
## Higher Education Department

**Timeline for e-admission into 3 year Integrated B.Ed- M.Ed. courses in the Higher Education Institutions for the Academic Session 2024-25 under SAMS**

**No. N-86:-** It is for information of all concerned that admission into 3 year integrated B.Ed.-M.Ed. course at the below mentioned HEIs has been newly included under SAMS for the Academic Session: - 2024-25. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2024-25 are as follows.

1. The following HEIs have been included under SAMS for admission into 3 Year Integrated B.Ed.-M.Ed. Course for the academic session: - 2024-25.
   - **a. Maharaja Sriram Chandra Bhanjadeo University, Baripada, Mayurbhanj – 50 seats (Regular Mode)**
   - **b. Sambalpur University, Sambalpur- 50 seats (Self-Financing Mode)**
   - **c. Rajendra University, Bolangir- 50 seats (Self-Financing Mode)**
   - **d. Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation, details are provided in the Information Brochure. No Entrance Examination will be held for admission into the said course.
3. The applicants who have passed the **Post Graduate (P.G.) examination only in Science/ Social Science & Humanities subjects** from a recognized Institution shall be eligible for admission into this 3 year Integrated B.Ed.-M.Ed. program.

Any change in the timeline will be published on the website **https://te.samsodisha.gov.in/** . The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | 26-Aug-2024 (12:00 NOON) |
| 2 | Last date for applying online CAF through www.samsodisha.gov.in | 05-Sep-2024 (11:45 PM) |
| 3 | Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 06-Sep-2024 (10.00 AM to 11.45 PM) |
| 4 | Publication of Provisional Allotment of Seats (For First Round Selection) | 12-Sep-2024 (Thursday) (02.00 PM) |
| 5 | Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 12-Sep-2024 (04.00 PM) to 17-Sep-2024 (03.00 PM) |
| 6 | Reporting of applicants at allotted institutions for taking admission (for First Round Selection) | 13-Sep-2024, 14-Sep-2024 & 17-Sep-2024 (10.00 AM to 05.00 PM) |
| 7 | Data updation of admitted students in the e-space (for First Round Admission) by the respective Institutions | 13-Sep-2024, 14-Sep-2024 & 17-Sep-2024 (10.00 AM to 07.00 PM) |
| 8 | Publication of Provisional Allotment of Seats (for Second Round Selection) | 23-Sep-2024 (Monday) (02.00 PM) |
| 9 | Online payment of admission fees by the selected students through SAMS ( Student's login) portal | 23-Sep-2024 (04.00 PM) to 26-Sep-2024 (03.00 PM) |
| 10 | Reporting of applicant at allotted institutions for taking admission (for Second Round Selection) | 24-Sep-2024 (10.00 AM) to 26-Sep-2024 (05.00 PM) |
| 11 | Data updation of admitted students in the e-space (for Second Round Admission) by the respective Institutions | 24-Sep-2024 (10.00 AM) to 26-Sep-2024 (07.00 PM) |
| 12 | Publication of merit wise waiting list among the remaining applicants as per the actual vacancy as on 26.09.2024 in HEI's e-space as well as in the Student's login | 28-Sep-2024 (Saturday) (02.00 PM) |
| 13 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/SMS by the HEIs. | 30-Sep-2024 (Monday) (10.00 AM) |
| 14 | Reporting of selected applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode) | 30-Sep-2024, 01-Oct-2024 & 03-Oct-2024 (10.00 AM to 05.00 PM) |
| 15 | Reporting of waitlisted applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode. | 04-Oct-2024 (10.00 AM) & 05-Oct-2024 (05.00 PM) |
| 16 | Timeline for commencement of 1st year classes for 3 year Integrated B.Ed.-M.Ed. for the AY 2024-25 | 26-Sept-2024 (Thursday) |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**Sd./- Deputy Director**
**PTC Section**

OIPR-11001/11/0024/2425

# ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରୁଛି ବର୍ଷା ମହୋତ୍ସବ

■ସମ୍ବର୍ଦ୍ଧିତ ହେଲେ ୪ ବ୍ୟକ୍ତିତ୍ୱ

■ଚିନ୍ତା ଓ ଚେତନାର ୪୭ତମ ବର୍ଷା ମହୋତ୍ସବ ଆରମ୍ଭ

## ରାଜ୍ୟପାଳ, ବାଚସ୍ପତିଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର ସମ୍ମାନ'



ବର୍ଷା ମହୋତ୍ସବରେ ରାଜ୍ୟପାଳ ରଘୁବର ଦାସଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର ସମ୍ମାନ' ପ୍ରଦାନ କରାଯାଉଛି। ନିକଟରେ ଅଛନ୍ତି ଏହି ସମ୍ମାନ ପାଇଥିବା ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରକୃତି ଓ ଋତୁକୁ ନେଇ ଆୟୋଜିତ ହେଉଥିବା ବର୍ଷା ମହୋତ୍ସବ ଏକ ଅନନ୍ୟ କାର୍ଯ୍ୟକ୍ରମ। ଏହା ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରୁଛି। ଓଡ଼ିଶାର ଅସ୍ମିତାକୁ ବଜାୟ ରଖିବାରେ ଏହି କାର୍ଯ୍ୟକ୍ରମ ସହଯୋଗ କରୁଛି ବୋଲି ଚିନ୍ତା ଓ ଚେତନାର ୪୭ତମ ବର୍ଷା ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରବିବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟପାଳ ଦାସ ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ 'ରାଷ୍ଟ୍ରୀୟ ନୀଳଚକ୍ର ସମ୍ମାନ' ସହ ଅଷ୍ଟଧାତୁରେ ନିର୍ମିତ ନୀଳଚକ୍ର ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ଏହି ସମ୍ମାନ ଗ୍ରହଣ କରି ନିଜକୁ ଗୌରବାନ୍ୱିତ ମନେ କରୁଥିବା ପ୍ରକାଶ କରିଥିଲେ। ସେ କହିଲେ, ବର୍ଷା କଥା ଆସିଲେ ଆମର ପିଲାଦିନ ମନେପଡ଼େ। ବର୍ଷା ଆମ ସଂସ୍କୃତି, ପରମ୍ପରା ସହ ଜଡ଼ିତ। ବର୍ଷା ସମୟରେ କୃଷି ଆରମ୍ଭ ହୋଇଥାଏ। କୃଷି ସଂସ୍କୃତି ଓ ପରମ୍ପରାର ଆଧାର। ଅର୍ଥ ବ୍ୟବସ୍ଥାର ମୂଳ ସ୍ତମ୍ଭ କୃଷି। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯେଭଳି ଉତ୍କଟ ସମସ୍ୟା ସାଜିଲାଣି ସମସ୍ତେ ଏ ନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ବାଚସ୍ପତି କହିଲେ, ଆମର ସର୍ବଶ୍ରେଷ୍ଠ ପରିଚୟ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ସେ ବିଶ୍ୱର କଳାକାର। ତାଙ୍କ ଆଶିଷ ସମସ୍ତଙ୍କ ଉପରେ ଥାଉ। ଏଥିସହ ସେ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଗଛ ଲଗାଇବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମସ୍ତେ ଅତ୍ୟନ୍ତ ପକ୍ଷେ ଗୋଟିଏ ହେଲେ ଗଛ ଲଗାନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଅତିଥି ଭାବେ ସଦ୍‌ଗୁରୁ ରାମନାରାୟଣ ମହାରାଜ, ଅନୁଷ୍ଠାନର ସାଂସ୍କୃତିକ ସଂଯୋଜକ ତଥା ଗୁରୁ ରତିକାନ୍ତ ମହାପାତ୍ର, ରାଜ୍ୟ ସଭାପତି ସହଦେବ ସାହୁ ଉପସ୍ଥିତ ଥିଲେ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣରେ କହିଲେ, ବର୍ଷା ଯେଭଳି ଧରିତ୍ରୀକୁ ଶାନ୍ତ କରିଥାଏ, ସେହିଭଳି ପରିବାର, ସମାଜ ଓ ଦେଶରେ ଶାନ୍ତି ବଜାୟ ରହୁ। ଏମ୍‌ପି ଭର୍ତ୍ତୃହରି ମହତାବ ନୂତନ ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ନେଇଥିବା ନେଇ ସେ ସୂଚନା ଦେଇଥିଲେ। ଏହି ଅବସରରେ ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ନିରଞ୍ଜନ ରାଉତ ଓ ବିଦ୍ଧାଣି ଜିତେନ୍ଦ୍ର କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ପ୍ରଦୀପ କୁମାର ଚୌଧୁରୀଙ୍କ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ସଭାପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମହୋତ୍ସବ ୩ଦିନ ଧରି ଚାଲିବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ବର୍ଷା ମହୋତ୍ସବର ମିଡିଆ ପାର୍ଟନର ରହିଛି।



ମହୋତ୍ସବରେ ସୃଜନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ନୀଳଚକ୍ର ପହଣ୍ଡିରୁ ସୃଷ୍ଟି ହେଲା ଆଧ୍ୟାତ୍ମିକ ପରିବେଶ

ମହୋତ୍ସବ ଆରମ୍ଭରୁ ସୃଷ୍ଟି ହୋଇଥିଲା ଏକ ଆଧ୍ୟାତ୍ମିକ ପରିବେଶ। ଘଣ୍ଟଘଣ୍ଟା ଓ ଆଧ୍ୟାତ୍ମିକ ଶୋଭାଯାତ୍ରା ମାଧ୍ୟମରେ ବୃହତ୍ ନୀଳଚକ୍ରକୁ ରବୀନ୍ଦ୍ର ମଣ୍ଡପ ମଞ୍ଚକୁ ପହଣ୍ଡି କରି ନିଆଯାଇଥିଲା। ଏଥିସହ ନୃତ୍ୟାଙ୍ଗନାମାନେ ନୃତ୍ୟ କରି ମଞ୍ଚ ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ନୀଳଚକ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ମହୋତ୍ସବ ସନ୍ଧ୍ୟାର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୃଜନ ଅନୁଷ୍ଠାନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂରଚନାରେ ଶିଳ୍ପୀମାନେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ସରିବା ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ନିଆରା ଆଧ୍ୟାତ୍ମିକ ପରିବେଶ ଲାଗି ରହିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରମେଶ



@ ରାଜା



@ ଜ୍ୟୋତିପ୍ରକାଶ



@ ମାନସ



@ ଦୀନ୍‌ଦୟାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କୁ ଲାଗିହେଲା ଯେଉଟ ଭୋଗ

### ଆଜି ଜନ୍ମାଷ୍ଟମୀ ନୀତି ସମୟରେ ବନ୍ଦ ରହିବ ଦର୍ଶନ

ପୁରୀ,୨୫।୮
(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ସୋମବାର ଶ୍ରୀମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଯେଉଟ ଭୋଗ ଲାଗିହେବା ସହ ଗର୍ଭଉଦକ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଛି। ଏହି ଅବସରରେ ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଧୋପଖାଳ ହୋଇ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଟେରା ବନ୍ଧାଯିବା ପରେ ଯେଉଟ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ପରେ ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ୩ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା କରିବା ସହ ଭୋଗ ଲାଗି କରିଥିଲେ। ଧୋପଖାଳ ପରେ ତିନିବାଡ଼ରେ ପାଳିଆ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଯେଉଟ ଭୋଗ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତ ଅନୁଯାୟୀ ଗର୍ଭବତୀ ନାରୀମାନେ ସୁଖଦ ପ୍ରସବ ଲାଗି ଯେଉଟ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀ ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଯେଉଟ ଭୋଗ ଖାଇଥିଲେ। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା କରାଯାଏ। ଲୀଳାମୟ ଠାକୁରଙ୍କର ଏହା ଏକ ଅଲୌକିକ ଲୀଳା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତେଣୁ ତାଙ୍କଠାରୁ ଶ୍ରୀକୃଷ୍ଣ ସୃଷ୍ଟି ହୋଇଥିଲେ। ସୋମବାର ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ଜନ୍ମାଷ୍ଟମୀ ନୀତି ହେବ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।





ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଅକ୍ଟୋବର ୨୭ରେ ଚତୁର୍ଥ ସିଲ୍‌ଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ

କଟକ,୨୫।୮ (କାର୍ତ୍ତିକ ସାହୁ)

ଚତୁର୍ଥ ସିଲ୍‌ଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅକ୍ଟୋବର ୨୭ରେ କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ହେବ। ଏଥିପାଇଁ ଆୟୋଜକଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ କ୍ଷୁଦ୍ର ଚଳଚ୍ଚିତ୍ର, ଆନିମେଶନ୍ ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର, ମୋବାଇଲ ଚଳଚ୍ଚିତ୍ର, ବିଦ୍ୟାର୍ଥୀ ଚଳଚ୍ଚିତ୍ର ସହ ମ୍ୟୁଜିକ ଭିଡିଓ ଏବଂ ରିଲ୍ ଗ୍ରହଣୀୟ ହେବ। ଶେଷ ତାରିଖ ରହିଛି ସେପ୍ଟେମ୍ବର ୨୦। ସମସ୍ତ ବର୍ଗ ନିମନ୍ତେ ପୁରସ୍କାର ରଖାଯାଇଛି। କଟକରେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ହାତରୁ ଟଙ୍କା ଖର୍ଚ୍ଚ କରାଯାଇ ପ୍ରାୟୋଜକଙ୍କ ବିନା ସହାୟତାରେ ଗତ ୩ ବର୍ଷ ଧରି ଏଭଳି ଫେଷ୍ଟିଭାଲ ଆୟୋଜିତ ହୋଇଆସୁଛି ବୋଲି ଫେଷ୍ଟିଭାଲ ନିର୍ଦ୍ଦେଶକ ନବକିଶୋର ଦାସ କହିଛନ୍ତି। ୨୦୨୩ ଫେଷ୍ଟିଭାଲରେ ଭାରତୀୟ ଚଳଚ୍ଚିତ୍ର ୨୮ଟି, ବିଦେଶୀ ୧୫, ମ୍ୟୁଜିକ ଭିଡିଓ ୧୨ ଭାଗ ନେଇଥିବାବେଳେ 'ହାଓ୍ୱାସ' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଥିଲା। ୨୦୨୨ରେ ଭାରତୀୟ ଚଳଚ୍ଚିତ୍ର ୨୮ଟି, ବିଦେଶୀ ୧୨, ମ୍ୟୁଜିକ ଭିଡିଓ ୧୧ ଏବଂ ୨୦୨୧ରେ ଭାରତୀୟ ଚଳଚ୍ଚିତ୍ର ୧୪, ମ୍ୟୁଜିକ ଭିଡିଓ ୧୦ଟି ଅଂଶଗ୍ରହଣ କରିଥିଲା।

## ବିଲକୁ ଖସିଲା ବସ୍, ୧୫ ଆହତ

କୃଷ୍ଣପ୍ରସାଦ,୨୫।୮
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମା' ମଳିକାଶୁଣୀଙ୍କ ମନ୍ଦିର ନିକଟରେ ରବିବାର ଏକ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ବିଲକୁ ଖସିପଡ଼ିଥିଲା। ଫଳରେ ଏଥିରେ ଥିବା ୧୫ଜଣ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟଲୋକେ ଯାତ୍ରୀମାନଙ୍କୁ ଉଦ୍ଧାର କରି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଘରୋଇ କ୍ଲିନିକରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡଛି। ସୂଚନା ମୁତାବକ, ଟିଛିଣିଠାରୁ ମୋରଡା ଦେଇ ମାଲୁଦ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରବିବାର ସକାଳେ ଫାଇଭଷ୍ଟାର ନାମକ ଏକ ବସ୍ ପୁରୀରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ରାସ୍ତା ଖାଲଖମା ହୋଇଥିବାରୁ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ବିଲ ଭିତରକୁ ଖସିପଡ଼ିଥିଲା। ଫଳରେ ବସରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ତେବେ ଚିକିତ୍ସା ପରେ ଘରକୁ ଫେରିଥିଲେ।



ଦୁର୍ଘଟଣାଗ୍ରସ୍ତ ବସ୍।

# ପର୍ଯ୍ୟଟନ ଶିଳ୍ପ ବିକାଶକୁ ଗୁରୁତ୍ୱ ଦିଆଯାଉଛି: ଧର୍ମେନ୍ଦ୍ର

ପୁରୀ,୨୫।୮ (ଅଜିତ୍ କୁମାର ମହାନ୍ତି)

ସ୍ୱସ୍ତି ଗ୍ରୁପ୍ ଦ୍ୱାରା ପୁରୀରେ ନିର୍ମିତ ପଞ୍ଚତାରକା ହୋଟେଲ 'ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ'ର ଉଦ୍‌ଘାଟନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ 'ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ'କୁ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, କେନ୍ଦ୍ର ସରକାର ପୂର୍ବୋଦୟ ସ୍କିମ୍‌ରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏ କ୍ଷେତ୍ରରେ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିଲେ ଓଡ଼ିଶାର ଯୁବପିଢ଼ି ବ୍ୟାପକ କର୍ମନିଯୁକ୍ତି ପାଇବା ସହ ଅର୍ଥନୀତିର ମଧ୍ୟ ସୁଦୃଢ଼ ହେବ। ଏଣୁ ଓଡ଼ିଶାରେ କିଭଳି ଅଧିକରୁ ଅଧିକ ହୋଟେଲ ଶିଳ୍ପ ପ୍ରତିଷ୍ଠା ସହ ପର୍ଯ୍ୟଟନର ବ୍ୟାପକ ବିକାଶ ହୋଇପାରିବ ସେ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। କୋଷ୍ଟାଲ ହାଇୱେ ନୂଆ ଓଡ଼ିଶାର ଜୀବନରେଖା ହେବ। ରାଜପଥ, ଜଳପଥ, ବନ୍ଦର, ବିମାନବନ୍ଦର ଭିତ୍ତିଭୂମିକୁ ବଢ଼ାଇ ନିଯୁକ୍ତି ଓ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ପଡ଼ିବ। ଆତିଥେୟତା ଓ ସେବା ଶିଳ୍ପ ମାଧ୍ୟମରେ ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ପ୍ରଧାନ କହିଥିଲେ। ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱସ୍ତି ପ୍ରିମିୟମ ଗ୍ରୁପ୍ ଅଧ୍ୟକ୍ଷ ତଥା ଶିଳ୍ପପତି ଜେ.କେ. ମହାନ୍ତି କହିଛନ୍ତି, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ ନିର୍ମିତ ହୋଇଛି।



ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥି।

### ପୁରୀରେ ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ ଉଦ୍‌ଘାଟିତ

ଶକ୍ତି ସଂରକ୍ଷଣଠାରୁ ଆରମ୍ଭକରି ଜଳ ସଂରକ୍ଷଣ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି। ରିସୋର୍ଟରେ ସ୍ଥାନୀୟ ଉତ୍ପାଦନ ତଥା ଖାଦ୍ୟକୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି, ଚିଲିକା ଭଳି ପ୍ରସିଦ୍ଧ ହ୍ରଦ, ଜଙ୍ଗଲ ସମ୍ପଦ, ଶ୍ରୀଜଗନ୍ନାଥ ଧାମ ଭଳି ତୀର୍ଥକ୍ଷେତ୍ର ଥିବାବେଳେ ତାହାର ପ୍ରଚାର ପ୍ରସାର ଠିକ୍ ଭାବେ ହୋଇପାରୁନାହିଁ। ତେଣୁ ଓଡ଼ିଶାକୁ ପର୍ଯ୍ୟଟନ ମାନଚିତ୍ରରେ ଏକ ନମ୍ବର କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବା ଉଚିତ। ଏହାଦ୍ୱାରା ଓଡ଼ିଶାରେ କର୍ମନିଯୁକ୍ତି ସୃଷ୍ଟି ସହ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ଓଡ଼ିଆ ପୁଅ ଭାବେ ଜେ.କେ. ମହାନ୍ତି ହୋଟେଲ ଶିଳ୍ପକ୍ଷେତ୍ରରେ ଯେପରି ପାରଦର୍ଶିତା ଦେଖାଇଛନ୍ତି, ତାହାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଛନ୍ତି। ହୋଟେଲର ଏକ ଗୃହରେ କେବଳ ଜଗନ୍ନାଥ ସଂସ୍କୃତିର ପ୍ରଚାର ସମ୍ବଳିତ ଭିଡିଓ ପ୍ରଦର୍ଶନ ପାଇଁ ରଖିବାକୁ ଏମ୍‌ପି ପାତ୍ର ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଆମ ସଂସ୍କୃତି ବିଷୟରେ ଜାଣିପାରିବେ। ଶ୍ରୀକ୍ଷେତ୍ରରେ ପୂର୍ବ ସରକାରରେ ଅଧାପନ୍ତରିଆ ପଡ଼ିଥିବା ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟର କାମ ସାରିବାକୁ ବର୍ତ୍ତମାନର ଭାଜପା ସରକାର ପ୍ରସ୍ତୁତ ଅଛନ୍ତି ଏବଂ ଏହାଦ୍ୱାରା ପର୍ଯ୍ୟଟନ ଆହୁରି ବଢ଼ିବ ବୋଲି ପାତ୍ର କହିଛନ୍ତି।

## ଜେଲ୍‌ରେ ଦର୍ଶନଙ୍କୁ ଭିଆଇପି ଟ୍ରିଟ୍‌ମେଣ୍ଟ

ବେଙ୍ଗାଲୁରୁ,୨୫।୮: କର୍ନାଟକର ବହୁଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପାଙ୍କୁ ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲ୍‌ରେ ଭିଆଇପି ଟ୍ରିଟ୍‌ମେଣ୍ଟ ମିଳୁଥିବା ନେଇ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦର୍ଶନ ଜେଲ୍ ମଧ୍ୟରେ କିଛି ଉପଦ୍ରବୀ କଏଦୀଙ୍କ ସହ ଚେୟାରରେ ଏକାଠି ବସି ମଜା କରୁଥିବା ନଜର ଆସିଛନ୍ତି। ସେ ସିଗାରେଟ୍ ଟାଣିବା ସହ ଚା' ପିଉଥିଲେ ଏବଂ ଆରାମରେ ସାଥୀ କଏଦୀଙ୍କ ସହ ହସମଜା କରୁଥିଲେ।



ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପାଖାପାଖି ୩ ମାସ ହେଲା ଫସିରହିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲ୍‌ମୋରଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଅହମଦାବାଦରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଜଣେ ଶିଶୁ ସୁନୀତାଙ୍କ ପୋଷ୍ଟର ଧରିଛନ୍ତି।

# ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛେ, ବାଇଡେନ୍ ଶୋଇଛନ୍ତି: ଟ୍ରମ୍ପ


ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ,୨୫।୮

ଆମେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶୋଇପଡ଼ିଛନ୍ତି ବୋଲି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନା କରିଛନ୍ତି। ଇସ୍ରାଏଲ୍ ଉପରକୁ ହେଜ୍‌ବୋଲ୍ଲା ୩୨୦ ରକେଟ ମାଡ଼ କରିବା ପୂର୍ବରୁ ଆଇଡିଏଫ୍‌ର ଲେବାନନ୍ ଆକ୍ରମଣ ପରିପ୍ରେକ୍ଷୀରେ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି।

ଟ୍ରମ୍ପ ରବିବାର ନିଜ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଲେଖିଛନ୍ତି, କାଲିଫର୍ନିଆ ବେଳାଭୂମିରେ ନିଦୁଆ ଜୋ ଶୋଇଛନ୍ତି। ଏପଟେ ଆମେ ଆଉ ଏକ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛେ। ମଧ୍ୟପ୍ରାଚ୍ୟ କଥା କିଏ ବୁଝୁଛି। ଚାରିଆଡ଼େ ବୋମା ନିକ୍ଷେପ କରାଯାଉଛି। କମଳା ହାରିସ୍ ବସ୍‌ରେ ନିର୍ବାଚନ ପ୍ରଚାର କରିବାରେ ବ୍ୟସ୍ତ ବୋଲି ସେ ସମାଲୋଚନା କରିଛନ୍ତି। ଆମେରିକା ବାୟୁସେନା ମୁଖ୍ୟ ସିକ୍ୟୁ. ବ୍ରାଉନ୍ ଶନିବାର ଅଘୋଷିତ ଭାବେ ମଧ୍ୟପାଚ୍ୟକୁ ଗସ୍ତ କରିଛନ୍ତି। ଏହାର ଦିନକ ପରେ ସୋସିଆଲ ମିଡିଆରେ ଟ୍ରମ୍ପଙ୍କ ସଦ୍ୟ ପୋଷ୍ଟ ଆମେରିକା ରାଷ୍ଟ୍ରପତିଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୫୪୦ ନିୟୁତ ଡଲାର ଚାନ୍ଦା ପାଇଲେଣି ହାରିସ୍

ଡେମୋକ୍ରାଟିକ୍ ପାର୍ଟିରୁ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ଉପରାଷ୍ଟ୍ରପତି କମଳା ହାରିସ୍ ବର୍ତ୍ତମାନ ସୁଦ୍ଧା ୫୪୦ ନିୟୁତ ଡଲାର ଚାନ୍ଦା ସଂଗ୍ରହ କଲେଣି। ତାଙ୍କ କ୍ୟାମ୍ପେନ୍ ଅଫିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୨୧ରେ ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପାଇଁ ଘୋଷଣା କରିବା ପରେ ଏହି ରାଶି ମିଳିଛି। ବିଶେଷ କରି ଗତ ସପ୍ତାହରେ ଶିକାଗୋରେ ଡେମୋକ୍ରାଟିକ୍


କମଳା ହାରିସ୍

ନ୍ୟାଶନାଲ କନ୍‌ଭେନଶନ ଅନୁଷ୍ଠିତ ହେବା ପରେ ହାରିସ୍‌ଙ୍କ ପ୍ରଚାର ପାଣ୍ଠିକୁ ଅଧିକ ଅର୍ଥ ଆସିଛି। ଗୁରୁବାର ରାତିରେ ହାରିସ୍ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଆସେପ୍ଟାନ୍ସ ସ୍ପିଚ୍ ପୂର୍ବରୁ ଦାନ ଅର୍ଥ ୫୦୦ ନିୟୁତ ଡଲାର ଟପିଥିଲା। ଅନ୍ୟପକ୍ଷେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ଚ୍ୟାଲେଞ୍ଜର ଡୋନାଲ୍ଡ ଟ୍ରମ୍ପଙ୍କ କ୍ୟାମ୍ପେନ୍‌କୁ ଗତ ଜୁଲାଇ ସୁଦ୍ଧା ୧୩୮.୭ ନିୟୁତ ଡଲାର ଚାନ୍ଦା ମିଳିଥିଲା। ଅଗଷ୍ଟ ପ୍ରାରମ୍ଭରେ ଟ୍ରମ୍ପଙ୍କ କ୍ୟାମ୍ପେନ୍ ନିକଟରେ ୩୨୭ ନିୟୁତ ଡଲାର ନଗଦ ରାଶି ଥିବା କୁହାଯାଇଥିଲା।

## ୱାୟନାଡ୍‌ରୁ ବ୍ରହ୍ମପୁର ଫେରିଲା 'ଷ୍ଟର୍ମ'

ବ୍ରହ୍ମପୁର,୨୫।୮(ସୁବାସ ଚନ୍ଦ୍ର ପାଢ଼ୀ)

କେରଳର ୱାୟନାଡ୍ ଜିଲାରେ ଗତ ଜୁଲାଇ ୩୦ ତାରିଖରେ ହୋଇଥିବା ପ୍ରଳୟଙ୍କରୀ ଭୂସ୍ଖଳନରେ ନିଖୋଜଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ଯାଇଥିବା ବ୍ରହ୍ମପୁର ପୋଲିସର ସନ୍ଧାନୀ କୁକୁର 'ଷ୍ଟର୍ମ' ଫେରିଛି। ସେଠାରେ ସର୍ଚ୍ଚ ଅପରେଶନ ସମୟରେ ଷ୍ଟର୍ମ ୧୨ରୁ ୧୫ ମୃତଦେହ ଠାବ କରିଥିବା ହେଡ୍ କନଷ୍ଟେବଲ ପ୍ରହଲ୍ଲାଦ ନାୟକ କହିଛନ୍ତି। ଷ୍ଟର୍ମର ଏହି କାର୍ଯ୍ୟକୁ ସେଠାକାର ଆଇଜି ପ୍ରଶଂସା କରିଥିବା ସେ କହିଛନ୍ତି।

ୱାୟନାଡ୍ ଭୂସ୍ଖଳନ ପରେ ମାଟି ତଳେ ପୋତି ହୋଇଥିବା ମୃତଦେହ ଠାବ କରିବା ପାଇଁ ଗତ ୪ତାରିଖରେ ବ୍ରହ୍ମପୁର ପୋଲିସ ଜିଲାର ହେଡ୍ କନଷ୍ଟେବଲ ନାୟକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଷ୍ଟର୍ମ ସହିତ ସେଠାକୁ ଯାଇଥିଲେ। ଭୂସ୍ଖଳନ


ସନ୍ଧାନୀ କୁକୁର 'ଷ୍ଟର୍ମ'

ସ୍ଥାନରେ ରହି ସେମାନେ ନିଖୋଜଙ୍କୁ ଠାବ କରିବା ଆରମ୍ଭ କରିଥିଲେ। ଷ୍ଟର୍ମ ଚିହ୍ନଟ କରୁଥିବା ସ୍ଥାନକୁ ଏନ୍‌ଡିଆର୍‌ଏଫ ତରଫରୁ ଜେସିବି ଲଗାଇ ଖୋଳା ଯାଉଥିଲା। ଏଭଳି ଭାବେ ସେଠାରେ କାମ କରାଯାଇ ବିଭିନ୍ନ ଦିନରେ ମୃତଦେହ ଠାବ ହୋଇଥିଲା। ମୃତଦେହ ଠାବ କରିବାରେ ଷ୍ଟର୍ମ ଏକ ପ୍ରମୁଖ ଭୂମିକା ନେଇଥିଲା। ଷ୍ଟର୍ମର କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ବୋଲି ହେଡ କନଷ୍ଟେବଲ୍ ନାୟକ କହିଛନ୍ତି।

## ବସ୍ ଦୁର୍ଘଟଣାରେ ୪୦ ମୃତ

କରାଚି,୨୫।୮

ପାକିସ୍ତାନରେ ରବିବାର ୨ଟି ପୃଥକ୍ ବସ୍ ଦୁର୍ଘଟଣା ଘଟି ୪୦ ଜଣଙ୍କର ମୃତ୍ୟୁ ଘଟିଛି। କରାଚିଠାରୁ ୧୦୦ କି.ମି. ଦୂର ମାକ୍ରନ କୋଷ୍ଟାଲ ହାଇୱେରେ ୭୦ ଜଣ ତୀର୍ଥଯାତ୍ରୀଙ୍କୁ ଧରି ଇରାକ୍‌ରୁ ଇରାନ୍ ଯାଉଥିବା ଏକ ବସ୍ ଭାରସାମ୍ୟ ହରାଇ ଖାଲରେ ଓଲଟି ପଡ଼ିଥିଲା। ଉକ୍ତ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଲାହୋରଠାରୁ ୪୦୦ କି.ମି ଦୂର କହୁଟାସ୍ଥିତ ଗିରାରୀ ବ୍ରିଜ୍‌ରେ ଏକ ଯାତ୍ରୀବାହୀ ବସ୍‌ର ବ୍ରେକ୍ ଫେଲ ହେବାରୁ ଦୁର୍ଘଟଣା ଘଟିଛି। ଉକ୍ତ ଦୁର୍ଘଟଣାରେ ୫ ମହିଳା ଓ ଜଣେ ଶିଶୁଙ୍କୁ ମିଶାଇ ୨୯ ଜଣଙ୍କର ମୃତ୍ୟୁ ଘଟିଛି।

## ଜିପିଏସ୍ ସିଗ୍‌ନାଲ ହରାଇ ସାଉଦି ମରୁଭୂମିରେ ଭାରତୀୟ ମୃତ

ରିୟାଧ, ୨୫।୮

ସାଉଦିଆରବର ରବ୍' ଅଲ୍ ଖଲି ମରୁଭୂମିରେ ଜଳ ଅଭାବ ଏବଂ ଥକାପଣ ଯୋଗୁ ତେଲଙ୍ଗାନାର ଜଣେ ୨୭ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ତେଲଙ୍ଗାନା କରିମ ନଗର ଜିଲାର ମହମ୍ମଦ ଶେହଜାଦ ବୋଲି ଜଣାପଡ଼ିଛି। ସେ ସାଉଦିଆରବର ଏକ ଟେଲି କମ୍ୟୁନିକେଶନ୍ କମ୍ପାନୀରେ ଗତ ୩ ବର୍ଷ ଧରି ଚାକିରି କରୁଥିଲେ। ଶେହଜାଦ ଜଣେ ସହ କର୍ମୀଙ୍କ ସହ ରବ୍' ଅଲ୍ ଖଲି ମରୁଭୂମିରେ ଯାଉଥିବାବେଳେ ତାଙ୍କର ଜିପିଏସ୍ ସିଗ୍‌ନାଲ କଟିଯାଇଥିଲା। ଫଳରେ ସେ ମରୁଭୂମିରୁ ବାହାରକୁ ଆସିବାର ବାଟ ପାଇ ନ ଥିଲେ। ଉଭୟ ଶେହଜାଦ ଓ ତାଙ୍କ ସହଯୋଗୀ ବିନା ଖାଦ୍ୟ ଏବଂ ଜଳରେ ଉକ୍ତ ମରୁଭୂମି ମଧ୍ୟରେ ଫସି ରହି ମୃତ୍ୟୁବରଣ କରିଥିଲେ। ମୃତ୍ୟୁର ୪ ଦିନ ପରେ ରବିବାର ଉଭୟଙ୍କ ମୃତଦେହ ହସ୍ତଗତ ହୋଇଥିବା ସ୍ଥାନୀୟ ପ୍ରଶାସନ ସୂଚନା ଦେଉଛି। ଶେହଜାଦଙ୍କ ସହକର୍ମୀ ସୁଦାନର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରବ୍' ଅଲ୍ ଖଲି ମରୁଭୂମିକୁ ବିଶ୍ୱର ସବୁଠୁ ବିପଜ୍ଜନକ ଅଞ୍ଚଳ ଭାବେ ଧରାଯାଏ।

# ମିସ୍ ଇଣ୍ଡିଆରେ ସଂରକ୍ଷଣ ଦାବି ପିଲାଳିଆମି

ନୂଆଦିଲ୍ଲୀ,୨୫।୮

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଦଳିତ, ଆଦିବାସୀ ଏବଂ ଓବିସିଙ୍କୁ ଉପେକ୍ଷା କରାଯାଉଛି ବୋଲି କହିବାର ଦିନକ ପରେ ଭାଜପା ତାଙ୍କୁ ଜବାବ ଦେଇଛି। କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ରାହୁଲଙ୍କ ଏଭଳି ମନ୍ତବ୍ୟକୁ 'ବାଲ୍ ବୁଦ୍ଧି' କହି କଟାକ୍ଷ କରିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ୟୁପିର ପ୍ରୟାଗରାଜରେ ସମ୍ବିଧାନ ସମ୍ମାନ ସମ୍ମିଳନୀରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରି କହିଥିଲେ, ମିସ୍ ଇଣ୍ଡିଆ ଭଳି ସୁନ୍ଦରୀ ପ୍ରତିଯୋଗିତାରେ ଦଳିତ, ଆଦିବାସୀ କିମ୍ବା ଓବିସି ବର୍ଗର ଜଣେ ହେଲେ ମହିଳାଙ୍କୁ ସୁଯୋଗ ମିଳୁନାହିଁ। ମିସ୍ ଇଣ୍ଡିଆ ପ୍ରତିଯୋଗୀଙ୍କ ତାଲିକା ସେ ବ୍ୟକ୍ତିଗତ ଭବେ ଯାଞ୍ଚ କରିଥିଲେ, କିନ୍ତୁ ବଞ୍ଚିତ ବର୍ଗର ଜଣକର ମଧ୍ୟ ନାମ ସେଥିରେ ନ ଥିଲା। ଏହା ସତ୍ତ୍ୱେ ଗଣମାଧ୍ୟମ ନୃତ୍ୟ, ଗୀତ, କ୍ରିକେଟ, ବଲିଉଡ୍ କଥା କହୁଛି, କିନ୍ତୁ କୃଷକ ଓ ଶ୍ରମିକଙ୍କ ଉପରେ ଚୁପ୍ ରହୁଛି। ଏସ୍‌ଟି/ଏସ୍‌ସିଙ୍କ ସଂରକ୍ଷଣ,

### ରାହୁଲଙ୍କ ମନ୍ତବ୍ୟର ଜବାବ ରଖିଲେ ରିଜିଜୁ



ଓବିସିଙ୍କୁ ଅଧିକ ସୁଯୋଗ ପ୍ରଦାନ ଏବଂ ସଂଖ୍ୟାଲଘୁଙ୍କ ଦାବି ପୂରଣ ଭଳି ପ୍ରସଙ୍ଗ ଉଠାଇ ରାହୁଲ କେନ୍ଦ୍ରକୁ ସମାଲୋଚନା କରିଥିବାବେଳେ କେନ୍ଦ୍ରମନ୍ତ୍ରୀ ରିଜିଜୁ ଏକ୍ସ'ରେ କହିଛନ୍ତି। ଏବେ ମିସ୍ ଇଣ୍ଡିଆ ପ୍ରତିଯୋଗିତା, ଫିଲ୍ମ ଓ କ୍ରୀଡ଼ା କ୍ଷେତ୍ରରେ ରାହୁଲ ସଂରକ୍ଷଣ ଚାହୁଁଛନ୍ତି। ଏହା କେବଳ ଏକ ପିଲାଳିଆ ମାନସିକତାର ପ୍ରସଙ୍ଗ ନୁହେଁ, ବରଂ ଯେଉଁମାନେ ତାଙ୍କୁ ଉତ୍ସାହିତ କରୁଛନ୍ତି, ସେମାନେ ମଧ୍ୟ ସମାନ ଭାବେ ଦାୟୀ। କେନ୍ଦ୍ରମନ୍ତ୍ରୀ ଆହୁରି ଲେଖିଛନ୍ତି, ବାଲ୍ ବୁଦ୍ଧି ମନୋରଞ୍ଜନ ପାଇଁ ଭଲ ହୋଇପାରେ। କିନ୍ତୁ ନିଜ ବିଭାଜନକାରୀ କୌଶଳ ପ୍ରୟୋଗ କରି ପଛୁଆ ବର୍ଗର ଲୋକଙ୍କୁ ରାହୁଲ ଉପହାସ କରନ୍ତୁ ନାହିଁ।

## ପାଲେଷ୍ଟିନୀୟଙ୍କ ସମର୍ଥନରେ ବିଭିନ୍ନ ଦଳ

ନୂଆଦିଲ୍ଲୀ,୨୫।୮(ପି.ଟି.)

ହମାସ୍ ବିରୋଧୀ ଯୁଦ୍ଧରେ ପାଲେଷ୍ଟିନୀୟଙ୍କ ଉପରେ ହେଉଥିବା ଆକ୍ରମଣକୁ କଂଗ୍ରେସ, ସମାଜବାଦୀ ପାର୍ଟି, ଜେଡିୟୁ, ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମେତ ବିଭିନ୍ନ ଦଳର ସଦସ୍ୟମାନେ ରବିବାର ନିନ୍ଦା କରିଛନ୍ତି। ସେମାନଙ୍କ ପାଇଁ ନ୍ୟାୟ ଓ ଶାନ୍ତି ସୁନିଶ୍ଚିତ କରିବା ନିମନ୍ତେ ନେତାମାନେ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ସମାଜବାଦୀ ପାର୍ଟି ଏମ୍‌ପି ଜାଭେଦ ଅଲି ଏବଂ ମୋହିବୁଲ୍ଲା, ଆପ୍ ଏମ୍‌ପି ସଞ୍ଜୟ ରାଉତ, ଜେଡିୟୁ ନେତା କେ.ସି. ତ୍ୟାଗୀ ଏବଂ କଂଗ୍ରେସର ଡାନିସ୍ ଅଲି ପ୍ରମୁଖ ପାଲେଷ୍ଟିନୀୟ ସପକ୍ଷବାଦୀ ସଂଗଠନ ଲିଗ୍ ଅଫ୍ ପାର୍ଲିଆମେଣ୍ଟାରିଆନ୍ ଫର୍ ଅଲ୍-କୁଦ୍‌ସର ମହାସଚିବ ମହମ୍ମଦ ମକ୍ରମ ବାଲାୱିଙ୍କ ସହ ଏକ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ସେମାନେ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇଛନ୍ତି।

## ସୋମାଲିଆ, ତାଞ୍ଜାନିଆରୁ ଚିତା ଆଣିବାକୁ ଯୋଜନା

ନୂଆଦିଲ୍ଲୀ,୨୫।୮(ପି.ଟି.)

ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟା ଭଳି ଦକ୍ଷିଣ ଗୋଲାର୍ଦ୍ଧ ଦେଶରୁ ଅଣାଯାଉଥିବା ଚିତାଠାରେ ଜୀବନଶୈଳୀ ପରିବର୍ତ୍ତନଜନିତ ସମସ୍ୟା ଦେଖାଦେଉଥିବାରୁ ସୋମାଲିଆ, ତାଞ୍ଜାନିଆ, ସୁଦାନ ଭଳି ବିଷୁବ ଅଞ୍ଚଳ କିମ୍ବା ଉତ୍ତର ଗୋଲାର୍ଦ୍ଧ ଦେଶରୁ ଚିତା ଆଣିବା ପାଇଁ ଭାରତ ବିଚାର କରୁଛି। ଉତ୍ତର ଏବଂ ଦକ୍ଷିଣ ଗୋଲାର୍ଦ୍ଧ ମଧ୍ୟରେ ଜୈବିକ ପ୍ରକ୍ରିୟାଗତ



ପରିବର୍ତ୍ତନ ଯୋଗୁ ଗତବର୍ଷ ଗ୍ରୀଷ୍ମ ଓ ବର୍ଷାଋତୁରେ ଭାରତରେ ଚିତାମାନଙ୍କ ଶରୀରରେ ବହଳ ଲୋମ ସୃଷ୍ଟି ହୋଇଥିଲା। ଏହା ତଳେ ସୃଷ୍ଟ କ୍ଷତ ଯୋଗୁ ନାମିଆରୁ ଆସିଥିବା ଗୋଟିଏ ଏବଂ ଦକ୍ଷିଣ ଆଫ୍ରିକାର ୨ଟି ଚିତାଙ୍କ ମୃତ୍ୟୁ ଘଟିଥିଲା। ପ୍ରତିକୂଳ ଜଳବାୟୁ କାରଣରୁ କୁନୋ ନ୍ୟାଶନାଲ ପାର୍କରେ ୧୦ ଚିତା ପ୍ରାଣ ହରାଇଲେଣି। ଆଫ୍ରିକା ଓ ନାମିବ୍ୟା ଚିତାଗୁଡ଼ିକ ପାଇଁ ଭାରତୀୟ ଜଳବାୟୁ ଉପଯୁକ୍ତ ହେଉ ନ ଥିବାରୁ ଏବେ ବିଷୁବ ମଣ୍ଡଳ ଏବଂ ଉତ୍ତର ଗୋଲାର୍ଦ୍ଧ ଦେଶଗୁଡ଼ିକରୁ ଚିତା ଆଣିବା ପାଇଁ ଚିନ୍ତା କରାଯାଉଥିବା ବ୍ୟାଘ୍ର ପ୍ରକଳ୍ପଗୁଡ଼ିକ ସହ ଦୀର୍ଘବର୍ଷ ଧରି ଜଡ଼ିତ ରାଜେଶ ଗୋପାଲ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଦିନେ ପଣସ,**
**କଥା ନ କହନ୍ତି ମଣିଷ।**

ସାଧାରଣତଃ ଅର୍ଥ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡ଼ିରହିଥିବା ବ୍ୟକ୍ତି ଜଣକ ନିଜ ହିତାହିତ ଜ୍ଞାନ ଭୁଲି କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଧନକୁ ନେଇ ଏମାନଙ୍କ ମନରେ ଗର୍ବ ଆସିବା ସହ ଅନ୍ୟମାନଙ୍କ ପ୍ରତି ଏମାନେ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ସୁଖ ସନ୍ତୋଷରେ ଥିବାବେଳେ ମଣିଷ କାହାକୁ ଆଡ଼ଆଖିରେ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ବୁଦ୍ଧିରେ ଡର,**
**ପର ବୁଦ୍ଧିରେ ମର।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡେ। ନିଜ ବୁଦ୍ଧି ବିବେକକୁ ପାଥେୟ କରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡି ବାଟ ଚାଲିବା ଉଚିତ ନୁହେଁ। କାରଣ ପର ବୁଦ୍ଧିରେ ପରିଚାଳିତ ହେଲେ ପଛରେ ହୀନସ୍ତା ଭୋଗିବାକୁ ପଡ଼ିପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଯୁବକଙ୍କୁ ଗୋଡ଼ାଇ ...

ଯୁଗଳ କିଶୋର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଜିଲା ମୁଖ୍ୟାଳୟରେ ଡିଜିପି ଆଇନଶୃଙ୍ଖଳା ସମ୍ପର୍କରେ ସମୀକ୍ଷା କରି ସ୍ଥିତି ଉପରେ ନଜର ରଖିବା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁକୁନ୍ଦପ୍ରସାଦର ସମସ୍ତ ଛକରେ ପୋଲିସ ମୁତୟନ ରହିବେ। ଛକରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟିବ, ସେଥିପ୍ରତି ସଜାଗ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ମୁତାବକ, ସାଜୁ ବେପାର କାମରେ ବାହାରକୁ ଯାଉଛି କହି ବାଇକ୍ ନେଇ ଘରୁ ଯାଇଥିଲେ। ମଧ୍ୟାହ୍ନରେ ଜଟଣୀ ବାଇପାସ୍ ନିକଟ ଚାଚରା ଶବରସାହି ଛକରେ ୨୦ରୁ ୩୦ଜଣ ଖଣ୍ଡା, କାତି ଧରି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସାଜୁ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିଥିଲେ। ତେବେ ଯୁବକମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡା, ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ, ହାତରେ ଏକାଧିକ ଚୋଟ ବାଜିଛି। ପରେ ସମ୍ପୃକ୍ତ ଯୁବକମାନେ ମୁକୁନ୍ଦପ୍ରସାଦ ଛକ ନିକଟରେ ଜାହିରଙ୍କୁ ହାଣି ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ଖବରପାଇ ସାଜୁଙ୍କ ପରିବାରଲୋକେ ପହଞ୍ଚି ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଅଟୋରେ ମେଡିକାଲ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର ବେଳେ ସାଜୁଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ପରିବାରଲୋକେ ମୃତଦେହକୁ ନେଇ ମୁକୁନ୍ଦପ୍ରସାଦ ଛକରେ ପହଞ୍ଚି ଧାରଣା ଦେଇଥିଲେ। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ପରିସ୍ଥିତି ଉପରେ ଜିଲା ପ୍ରଶାସନ ପକ୍ଷରୁ ନଜର ରଖାଯାଇଛି। ସମସ୍ତ ଜିଲାସ୍ତରୀୟ ଅଧିକାରୀ ଘଟଣା ସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ଦୁଇ ଗୋଷ୍ଠୀଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇ ଆଲୋଚନା କରାଯିବ। ସେହିପରି ଏସ୍‌ପି ଅବିନାଶ କୁମାର କହିଛନ୍ତି, ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନକୁ କେହି ହାତକୁ ନ ନେବା ପାଇଁ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧାରେ ଗୋ'ଚାଲାଣକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଏନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ସହ ହାତାହାତି ମଧ୍ୟ ହୋଇଛନ୍ତି। ଏପରିକି କି ଶିଳ୍ପାଞ୍ଚଳ ଏବଂ ଟାଉନ ଥାନାରେ ଏକାଧିକ ଅଭିଯୋଗ ହୋଇଛି। ନିକଟରେ ପୋଡ଼ାସାହିର ଦୁଇଜଣ ପିଲାଙ୍କୁ ଅପରଗୋଷ୍ଠୀର କେତେଜଣ ଯୁବକ ନୂଆ ବସ୍‌ଷ୍ଟାଣ୍ଡରୁ ଟେକି ନେଇ ତୋଟାପଡ଼ା କ୍ଲବ ଘରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସେବେଠୁ ଛକାପଞ୍ଝା ରହିଛି। ତେବେ ମୁକୁନ୍ଦପ୍ରସାଦରେ ପୂର୍ବରୁ ମଧ୍ୟ ଜଣକ ଘରୁ ବିପୁଳ ପରିମାଣର ଗୋମାଂସ ଜବତ ଏବଂ ଗୋମାଂସ ନେଇଯିବାବେଳେ ଧରାପଡ଼ିବାକୁ କେନ୍ଦ୍ରକରି ବିବାଦ ହୋଇଥିଲା।

## ମଧ୍ୟପ୍ରାଚ୍ୟରେ ଘମାଘୋଟ...

ଚଳାଇଥିବା ହେଜବୋଲ୍ଲା ରବିବାର ଇସ୍ରାଏଲସ୍ଥିତ ମେରୋନ୍ ଏବଂ ଅଧିକୃତ ଗୋଲାନ୍ ହାଇଟ୍ସ ସମେତ ୧୧ ସେନା ଶିବିରକୁ ଟାର୍ଗେଟ କରି ୩୨୦ରୁ ଅଧିକ ରକେଟ ମାଡ଼ କରିଥିଲା। ଏଥିସହ ଇସ୍ରାଏଲ୍‌ର ଅନେକ ଆଇରନ୍ ଡୋମ୍ ପ୍ଲାଟ୍‌ଫର୍ମକୁ ମଧ୍ୟ ଟାର୍ଗେଟ କରିଥିଲା। ଇସ୍ରାଏଲୀ ସେନା ଆକ୍ରମଣରେ ଗତ କିଛି ସପ୍ତାହ ମଧ୍ୟରେ ହେଜ୍‌ବୋଲ୍ଲା ଓ ଏହାର ସହଯୋଗୀ ହମାସ୍‌ର ଅନେକ ବରିଷ୍ଠ କମାଣ୍ଡରଙ୍କ ମୃତ୍ୟୁ ଘଟିଥିବାରୁ ଇସ୍ରାଏଲ୍ ଉପରେ ଏହି ସଶସ୍ତ୍ର ଗୋଷ୍ଠୀ ଏଭଳି କିଛି ବଡ଼ ଆକ୍ରମଣ କରିପାରେ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା। ଇସ୍ରାଏଲ୍ ଏଥିପାଇଁ ଆଗୁଆ ପ୍ରସ୍ତୁତ ହୋଇ ରହିଥିଲା। ରବିବାର ହେଜବୋଲ୍ଲା ପକ୍ଷରୁ ଆକ୍ରମଣ କରାଯିବାର କିଛି ସମୟ ପୂର୍ବରୁ ଆଇଡିଏଫ୍ ପ୍ରାୟ ୧୦୦ ଫାଇଟର ଜେଟ୍‌ରୁ ହେଜବୋଲ୍ଲାର ଅନେକ ହଜାର ଲଞ୍ଚ୍ ସାଇଟ୍‌କୁ ଟାର୍ଗେଟ କରିଥିଲା। ଏଥିରେ ହେଜ୍‌ବୋଲ୍ଲା ସହ ଅନୁବନ୍ଧିତ ଅମଲ ଗ୍ରୁପ୍‌ର ଜଣେ ଫାଇଟରଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ କେତେଜଣ ମଧ୍ୟ ଆହତ ହୋଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପରାମର୍ଶ କ୍ରମେ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ୪୮ ଘଣ୍ଟିଆ 'ସ୍ପେଶାଲ ସିଚୁଏଶନ୍' ବା ଜରୁରୀ ପରିସ୍ଥିତି ଘୋଷଣା କରିଛନ୍ତି। ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ନିଜ ଆତ୍ମରକ୍ଷା ପାଇଁ ଯାହା ପାରିବ ସବୁ କରିବ। ଯିଏ ଆମର କ୍ଷତି କରିବ, ଆମେ ତା'ର କ୍ଷତି କରିବୁ ବୋଲି ଜରୁରୀ ବୈଠକରେ ସେ କହିଛନ୍ତି।

୨୦୨୩ରୁ ତେଲ୍‌ଆଭିଭ ପକ୍ଷରୁ ଗାଜା ଆକ୍ରମଣ ଜାରି ରହିଥିବାବେଳେ ଏହି ଆକ୍ରମଣ ଓ ପ୍ରତିଆକ୍ରମଣ ଆଗକୁ ଯୁଦ୍ଧ ସଙ୍କଟ ବଢ଼ାଇପାରେ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ହମାସ୍‌ର ରାଜନୈତିକ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ତେହରାନ୍‌ରେ ଏବଂ ହେଜବୋଲ୍ଲା କମାଣ୍ଡର ଫୁଆଦ୍ ଶୁକ୍‌ରଙ୍କୁ ବିରୁଟ୍‌ରେ ହତ୍ୟା କରାଯିବା ପରେ ଏଭଳି ଆଶଙ୍କା ଦୃଢ଼ୀଭୂତ ହୋଇଥିଲା। ଏହି ଦୁଇଜଣଙ୍କ ମୃତ୍ୟୁ ପାଇଁ ଇସ୍ରାଏଲ୍‌କୁ ଦାୟୀ କରାଯାଉଛି। ଆମେରିକା ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ସେଆନ୍ ସଭେଟ୍ଟ ଏକ ବିବୃତିରେ କହିଛନ୍ତି, ୱାଶିଂଟନ୍ ଇସ୍ରାଏଲ୍‌କୁ ଆତ୍ମରକ୍ଷା କ୍ଷେତ୍ରରେ ସମର୍ଥନ ଜାରି ରଖିବ। ରାଷ୍ଟ୍ରପତି ବାଇଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀମାନେ ଇସ୍ରାଏଲୀ ପ୍ରତିପକ୍ଷଙ୍କ ସହ ଲଗାତର ଯୋଗାଯୋଗ କରୁଛନ୍ତି। ଇସ୍ରାଏଲ୍-ହମାସ୍ ଯୁଦ୍ଧ ବନ୍ଦ ପାଇଁ ଇଜିପ୍ଟ ମଧ୍ୟସ୍ଥତାରେ ଆଉ ଏକ ପର୍ଯ୍ୟାୟରେ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଲେ ନିଜେ ଆକ୍ରମଣରୁ ଓହରିଯିବ ବୋଲି ହେଜ୍‌ବୋଲ୍ଲା କହିଛି। ଲେବାନନ୍‌ରେ ଥିବା ଜାତିସଂଘର ଅନ୍ତରୀଣ ବଳ (ୟୁଏନ୍‌ଆଇଏଫ୍‌ଆଇଏଲ୍) ଉଭୟ ପକ୍ଷକୁ ଉତ୍ତେଜନା ବୃଦ୍ଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ସଂଯମ ରହିବାକୁ ପରାମର୍ଶ ଦେଇଛି। ଜାତିସଂଘ ଏବଂ ଲେବାନନ୍ ପ୍ରଧାନମନ୍ତ୍ରୀ ସାଦ୍ ହାରିରି ଏହି ଆକ୍ରମଣକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି ଅଭିହିତ କରିଛନ୍ତି।

ଇତିମଧ୍ୟରେ ହେଜବୋଲ୍ଲା ପକ୍ଷରୁ ଇସ୍ରାଏଲ୍ ଉପରେ ଅଧିକ ଆକ୍ରମଣ ଆଶଙ୍କା କରି ବେନ୍ ଗୁରିଓନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅନେକ ବିମାନ ବିଳମ୍ବିତ ଉଡ଼ାଣ କରିଛି। ଏହାବାଦ୍ ଅନେକ ବିମାନର ରୁଟ୍ ମଧ୍ୟ ପରିବର୍ତ୍ତନ କରାଯାଇଛି। ଜରୁରୀ ସେବାଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ଅନେକ ହଜାର ଲୋକଙ୍କ ପ୍ରାଣହାନି ଘଟିଲାଣି। ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ପ୍ରାୟ ୧,୨୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଗାଜା ଉପରେ ଆଇଡିଏଫ୍‌ର ପ୍ରତିଆକ୍ରମଣରେ ୪୦,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ୍ ଅନେକ ଲକ୍ଷ ପାଲେଷ୍ଟିନୀୟ ବାସଚ୍ୟୁତ ହୋଇ ଇଜିପ୍ଟ ସୀମାରେ ଆଶ୍ରୟ ନେଇଛନ୍ତି। ସେହିପରି ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ର ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହେଜବୋଲ୍ଲା ପାଖରେ ବର୍ତ୍ତମାନ ପ୍ରାୟ ଦେଢ଼ ଲକ୍ଷ ରକେଟ ରହିଛି, ଯାହାକି ଇସ୍ରାଏଲକୁ ଧ୍ୱଂସ କରିବା ପାଇଁ ପର୍ଯ୍ୟାପ୍ତ ବୋଲି ଏହି ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଓଡ଼ିଶାର ତନ୍‌ଭିଙ୍କୁ ...

କରିଥିଲେ ହେଁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲେ। ନେଦରଲାଣ୍ଡ୍ସରେ ସେ ଦ୍ୱିତୀୟ ରାଉଣ୍ଡ ଏବଂ ଜର୍ମାନୀରେ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲେ। ମାତ୍ର ଚାଇନା ଟୁର୍ନାମେଣ୍ଟରେ ସର୍ବୋତ୍ତମ ସଫଳତା ପାଇ ସେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ପ୍ରକାଶ ପାଦୁକୋନ ଏକାଡେମୀର ମୁଖ୍ୟ କୋଚ୍ ତଥା ନିର୍ଦ୍ଦେଶକ ୟୁ. ବିମଲ କୁମାରଙ୍କ କହିବା ଅନୁସାରେ ତନଭି ହେଉଛନ୍ତି ନିର୍ଭୀକ, ଉଚ୍ଚ ପ୍ରତିଭାସମ୍ପନ୍ନ, ଉତ୍ତମ ଟେକ୍ନିକସମ୍ପନ୍ନ ଏବଂ ଖୁବ୍‌ଶୀଘ୍ର ଶିଖିପାରୁଥିବା ଜଣେ ଖେଳାଳି। ୨୦୨୨ରେ ଝିଅ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ ବୋଲି ରବିନାରାୟଣ ବେଙ୍ଗାଲୁରୁରୁ ବଲାଙ୍ଗୀର ୧୪୦୦ କିଲୋମିଟର ଗାଡ଼ି ଡ୍ରାଇଭ୍ କରି ତନଭିଙ୍କୁ ନେଇ ଆସିଥିଲେ। ଏହା ସେତେବେଳେ ଚର୍ଚ୍ଚାରେ ରହିଥିଲା।

## ୧୭ରେ ମୋଦି ବାଣ୍ଟିବେ ...

ରାଶି ଦିଆଯିବ। 'ସୁଭଦ୍ରା' ଯୋଜନାକୁ ଚଳିତ ୨୦୨୪-୨୫ ଆର୍ଥିକବର୍ଷରୁ ୨୦୨୮-୨୯ ଆର୍ଥିକବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ମୋଟ ୫୫ ହଜାର ୮୨୫ କୋଟିର ବଜେଟ ଧାର୍ଯ୍ୟ ହୋଇଛି। ଏହି ଯୋଜନାରେ ସାମିଲ ହେବା ପାଇଁ ମହିଳାମାନେ ଅଙ୍ଗନୱାଡି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ। ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଣ୍ଟର ମଧ୍ୟ କାର୍ଯ୍ୟକ୍ଷମ ହେବ। ଏହି ଯୋଜନାକୁ କାର୍ଯ୍ୟକାରୀ ଓ ତଦାରଖ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଏକ 'ସୁଭଦ୍ରା ସୋସାଇଟି' ଗଠନ କରାଯିବ। ପ୍ରଥମେ ୮୦ ଲକ୍ଷରୁ ଅଧିକ ମହିଳା ହିତାଧିକାରୀ ଉପକୃତ ହେବେ। ଜୁଲାଇ ୧ ସୁଦ୍ଧା ୨୧ ବର୍ଷ ହୋଇଥିଲେ 'ସୁଭଦ୍ରା' ଯୋଜନାର ଲାଭ ମିଳିପାରିବ। ଏହି ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଭାଜପା ରାଜ୍ୟରେ କ୍ଷମତାକୁ ଆସିଲେ ମହିଳାଙ୍କୁ ୨ ବର୍ଷରେ ୫୦ହଜାର ଟଙ୍କା ଖର୍ଚ୍ଚ କରିବା ପାଇଁ ଭାଉଚର ଯୋଗାଇ ଦେବ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା।

## ବରିଷ୍ଠ ବୈଜ୍ଞାନିକ ...

ପୂର୍ବାହ୍ନରେ ସନ୍ଦୀପ ଅସୁସ୍ଥ ଅନୁଭବ କରିଥିଲେ। ସ୍ତ୍ରୀ ଶୁଭଲକ୍ଷ୍ମୀ ଓ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ମେଡିସିନ୍ ମଧ୍ୟ ଦେଇଥିଲେ। ସେଠାରେ ସନ୍ଦୀପ ସୁସ୍ଥ ଅନୁଭବ କରିବା ପରେ ଘରକୁ ଫେରି ଆସିଥିଲେ। ତେବେ ରାତି ପ୍ରାୟ ୧୦ଟା ବେଳେ ସନ୍ଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡି ଯାଇଥିଲା। ସନ୍ଦୀପ ବାରମ୍ବାର ବାନ୍ତି କରିବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅକ୍ଷମ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପୁଣି କ୍ୟାପିଟାଲ ହସ୍ପିଟାଲ ନେବା ପରେ ଡାକ୍ତର ସେଠାରେ ସନ୍ଦୀପଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଦୀପ ସ୍ତନ କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଆଇଏଲ୍‌ଏସ୍ ବ୍ରେଷ୍ଟ କ୍ୟାନ୍‌ସର ବାୟୋଲୋଜି ବିଭାଗର ମୁଖ୍ୟ ଥିଲେ। ଏଥିସହ ସେ ବିଭିନ୍ନ ସମୟରେ ସ୍ତନ କର୍କଟ ଉପରେ ନୂଆ ନୂଆ ଉଦ୍ଭାବନ କରି ଦେଶର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାର ସୁନାମ ଆଣିଥିଲେ।

**ବିଜେଡିକୁ ଫେରିଲେ ୨ ସମିତିସଭ୍ୟ**

**ବରୀ, ମହେନ୍ଦ୍ର ସ୍ୱାଇଁ):** ଯାଜପୁର ଜିଲା ବରୀ ବ୍ଲକ୍‌ର ବିଜେଡି ଭାଜପା ମଧ୍ୟରେ ଦଳ ଡିଆଁ ଚାଲିଛି। ଗତ ୧୬ ତାରିଖରେ ଭାଜପା ନେତା ଉମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ବିଜେଡି ସମର୍ଥକ ୧୨ ସମିତିସଭ୍ୟାସଭ୍ୟ, ୭ ଜଣ ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଭାଜପାରେ ଯୋଗ ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ସମିତି ସଭ୍ୟାସଭ୍ୟ ରବିବାର ପୁଣି ବିଜେଡିକୁ ଫେରିଛନ୍ତି। ସେମାନେ ହେଲେ ଅନ୍ୟାସୀପୁର ପଞ୍ଚାୟତର ସମିତିସଭ୍ୟ ରମେଶ କୁମାର ସାହୁ ଓ ବାଲିଆ ପଞ୍ଚାୟତର ସମିତି ସଭ୍ୟା ମାନସୀ ଦାସ।




ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ରବିବାର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ୧କୋଟି ସଦସ୍ୟତା ସଂଗ୍ରହ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଛି।

## ପୌର ଉପାଧ୍ୟକ୍ଷାଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ପାରାଦୀପ,୨୫।୮
(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକପଡ଼ାରେ ଅଗଷ୍ଟ ୧୪ ରାତିରେ ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ତାଙ୍କ ସ୍ୱାମୀ ନରେନ୍ଦ୍ର ରାଉତଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଉକ୍ତ ଘଟଣାରେ ରବିବାର ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଂଗ୍ରାମ ସାମନ୍ତରାୟ, ପୃଥ୍ୱୀରାଜ ସାମନ୍ତରାୟ ଓ ଆଶୁତୋଷ ମଲ୍ଲ। ଏମାନଙ୍କ ବ୍ୟତୀତ ଆଉ ୪ ଜଣ ଅଭିଯୁକ୍ତ ଅଛନ୍ତି। ସେମାନେ ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପାରାଦୀପ ବିଜେଡିର ଆଗଧାଡ଼ିର କର୍ମୀଙ୍କ ପୁଅ ରହିଛନ୍ତି। ଏହି ଘଟଣାରେ ପାରାଦୀପ ବିଜେଡି ପକ୍ଷରୁ ପୋଲିସ ବିରୋଧରେ ରାଲି ଓ ଥାନା ଘେରାଉ କରାଯାଇଥିଲା। ସେହି ଘେରାଉ ସମୟରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ଆଗଧାଡ଼ିର ନେତା ସାମିଲ ହୋଇଥିଲେ। ଅପରପକ୍ଷେ ଅଗଷ୍ଟ ୨୧ ରାତିରେ ଲକ୍‌ଥାନା ଅନ୍ତର୍ଗତ ପିପିଏଲ୍ ଛକ ପାଖରେ ଥିବା ଏକ ହୋଟେଲରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ଭାଜପା କର୍ମୀ ବୋଲି ସୂଚନା ମିଳିଛି। ଉଭୟ ଘଟଣାକୁ ନେଇ ଏବେ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି।

# କ୍ଷୋଭ ଝାଡ଼ି ବଖାଣିଲେ ବ୍ୟଥା

### ବିଜେଡି ବନ୍ଧୁମିଳନ

ଭୁବନେଶ୍ୱର,୨୫।୮(ଅନିଲଦାସ)

ଦୀର୍ଘ ୨୦ରୁ ୨୫ ବର୍ଷ ଧରି ଦଳକୁ ଛିଡ଼ା କରିବାରେ ପ୍ରମୁଖ ଭୂମିକା ନେଇଥିବା ଯୁବ ନେତାଙ୍କୁ ଅବହେଳା କରାଗଲା। ଦଳ ପ୍ରତି ଆନୁଗତ୍ୟ ନ ଥିବା ଅଯୋଗ୍ୟ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବାରୁ ଦଳକୁ ଏଭଳି ପରାଜୟର ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ନିର୍ବାଚନର ୨ ମାସ ପରେ ରାଜ୍ୟର ବିଭିନ୍ନ ଜିଲାରୁ ଭୁବନେଶ୍ୱରରେ ଏକାଠି ହୋଇଥିବା ବିଜେଡି ଯୁବ, ଛାତ୍ର ସଙ୍ଗଠକ ଓ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିବା ସହ କଳଙ୍କିତ ନେତାଙ୍କୁ ନିଜ ପାଖ ମଡ଼ାଇ ନ ଦେବାକୁ ସଙ୍କଳ୍ପ ନେଇଛନ୍ତି।

ନବୀନ ନିବାସ କିମ୍ବା ଶଙ୍ଖ ଭବନରେ ସଙ୍ଗଠନ କଥା କହିବାକୁ ସୁଯୋଗ ମିଳି ନ ଥିଲା। ତେଣୁ କର୍ମକର୍ତ୍ତାମାନେ ରବିବାର ଭୁବନେଶ୍ୱର ସ୍ଥିତ ବ୍ଲାଇଣ୍ଡ ଆସୋସିଏଶନ ସଭାଗୃହରେ ଏକ ବନ୍ଧୁମିଳନରେ ଏକାଠି ହୋଇ ମନର ବ୍ୟଥାକୁ ଖୋଲାଖୋଲି ପ୍ରକାଶ କରିଛନ୍ତି। କାହା ଜିଲାରେ କିଏ ପଶିଯାଉଥିଲା । ନିର୍ଦ୍ଦିଷ୍ଟ କେତେଜଣ ନେତାଙ୍କ ନାଁ ନେଇ କିଛି ଲୋକ ରାଜନୀତି କରୁଥିଲେ। ଆମକୁ ଅଣଦେଖା କରାଯାଉଥିଲା। ଜିଲା ନେତା ହୋଇ ବିଡିଓ ସହିତ କଥା ହେବାର ସାହସ ଜୁଟାଇ ପାରୁ ନ ଥିଲୁ। ଜଗନ୍ନାଥଙ୍କ ଇଚ୍ଛା ଥିଲା, ଦଳରୁ କଳଙ୍କିତ ନେତା ବାହାରି ଯାଆନ୍ତୁ, ଆଗକୁ ଭଲ ନେତା ବାହାରନ୍ତୁ ଏବଂ ସେମାନେ ଓଡ଼ିଶାକୁ ରକ୍ଷା କରନ୍ତୁ। ଆଜି ତାହା ହୋଇଛି। ବିଜେଡି କର୍ମକର୍ତ୍ତାମାନେ ଆହୁରି କହିଛନ୍ତି, ଦଳ ପାଇଁ ଆମର ରକ୍ତ ବୋହିଛି। ସାଇକେଲ ଧରି ସଙ୍ଗଠନ କରି ଦଳକୁ ଗଢ଼ିଛୁ। ଆମ ନେତାଙ୍କୁ ଦେଖା କରିବାକୁ ହେଲେ ୪ଟା ଦ୍ୱାର ଡେଇଁବାକୁ ପଡୁଥିଲା। ବିଜେଡିକୁ ଭଲ ପାଉ ନ ଥିବା ଏବଂ ସଙ୍ଗଠନ କରି ନ ଥିବା ଲୋକ ଦଳକୁ ମାଡି ବସିବାରୁ ଆଜି ପରିସ୍ଥିତି ଏଭଳି ହୋଇଛି। ଆମେ ସମସ୍ତେ ଏକଠି ହୋଇ ନବୀନ ନିବାସ ଯିବା । ଦଳର ସଭାପତିଙ୍କୁ ସବୁ ଦୁଃଖ ଜଣାଇବା। ଆମେ ସମସ୍ତେ ସମ୍ପର୍କରେ ରହିଲେ ଆସନ୍ତାକାଲି ପରିଚୟ ମିଳିବ। ନବୀନବାବୁ ପୁଣି କ୍ଷମତାକୁ ଫେରିବେ। ଆମ ସମସ୍ତଙ୍କୁ ଏକ ହେବାକୁ ପଡ଼ିବ। ଆମେ ଜଣେ ଜଣେ ଲଢୁଆ ସୈନିକ। ଦୀର୍ଘବର୍ଷ ଧରି ସଙ୍ଗଠନକୁ ମଜଭୁତ କରି ଦଳକୁ ଛିଡ଼ାକରିଛୁ। ନିର୍ବାଚନରେ ପରାଜିତ ଆମ ମନୋବଳ ଭାଙ୍ଗି ପାରିବ ନାହିଁ । ଦଳୀୟ ସଙ୍ଗଠନ ମଜଭୁତ କରିବା ସହ ଓଡ଼ିଶାବାସୀଙ୍କ ପାଇଁ କାମକରିବୁ। ଆଗାମୀ ଦିନରେ ଏକାଠି ରହି ଆମ ନେତା ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବୁ ବୋଲି ବକ୍ତାମାନେ ମତ ଦେଇଛନ୍ତି।

ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଦଳର ସଭାପତିଙ୍କ ନେତୃତ୍ୱ ପ୍ରତି ଦୃଢ଼ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ରାଜ୍ୟର ୩୦ ଜିଲାରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଜେଡି ସଙ୍ଗଠନକୁ ତୃଣମୂଳସ୍ତରରେ ମଜଭୁତ କରାଯିବା ପାଇଁ ସମସ୍ତ କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି । ବର୍ତ୍ତମାନର ରାଜ୍ୟ ଭାଜପା ସରକାର ପୂର୍ବରୁ ଥିବା ବିଜେଡି ସରକାରଙ୍କ ସମୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ନାମ ଏବଂ ରଙ୍ଗ ପରିବର୍ତ୍ତନ କରୁଥିବାରୁ ସମସ୍ତ କର୍ମୀ ଏହାକୁ ଦୃଢ଼ ନିନ୍ଦା କରିଥିଲେ। ଏଥିସହ ବିଭିନ୍ନ ପ୍ରସ୍ତାବ ବିଷୟରେ କର୍ମୀମାନେ ଆଲୋଚନା କରିଥିଲେ। ବିଜେଡିର ସମସ୍ତ କର୍ମୀ ଦଳର ସଭାପତିଙ୍କ ନେତୃତ୍ୱରେ ଜନସାଧାରଣଙ୍କ ପାଇଁ ସେବା ଏବଂ ସମର୍ପିତ ମନୋଭାବ ରଖି କାର୍ଯ୍ୟ କରିବେ ବୋଲି ଶପଥ ନେଇଛନ୍ତି। ଦଳରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ମତ ପ୍ରକାଶ ପାଇଛି।

ବନ୍ଧୁମିଳନ ସଭାକୁ ଶିଶିର କୁମାର ପରିଜା ପରିଚାଳନା କରିଥିବା ବେଳେ ରଞ୍ଜିତ ରାୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ବହୁ ବରିଷ୍ଠ, ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ।



ଭୁବନେଶ୍ୱର ସ୍ଥିତ ବ୍ଲାଇଣ୍ଡ ଆସୋସିଏଶନ ସଭା ଗୃହରେ ବିଜେଡିର ଏକ ବନ୍ଧୁମିଳନରେ ବିଜେଡି ଯୁବ, ଛାତ୍ର ସଙ୍ଗଠକ ଓ କର୍ମକର୍ତ୍ତାମାନେ।

## ଜୁନାଗଡ଼ ଏନ୍‌ଏସି: ୨୭ରେ ଅନାସ୍ଥା ଭୋଟ

### ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭବାନୀପାଟଣା,୨୫।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସିରେ ଆସନ୍ତା ୨୭ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନାସ୍ଥା ଭୋଟ ହେବ। ଏନେଇ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ସ୍ଥାନୀୟ ୯ ଜଣ ବିଜେଡି କାଉନସିଲର ଓ ଉପାଧ୍ୟକ୍ଷା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଜିଲାପାଳ ୨ଥର ତାରିଖ ମଧ୍ୟ ଘୋଷଣା କରିଥିଲେ। ହେଲେ ଉକ୍ତ ତାରିଖଗୁଡ଼ିକରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଆସୁ ନ ଥିବାରୁ ଅନାସ୍ଥା ଭୋଟ ଘୁଞ୍ଚି ଚାଲିଛି। ତାହାକୁ ନେଇ ସ୍ଥାନୀୟ ବିଜେଡି କାଉନସିଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୧୨ ୱାର୍ଡବିଶିଷ୍ଟ ଜୁନାଗଡ଼ ଏନ୍‌ଏସିରେ ବିଜେଡିର ୧୦ ଜଣ କାଉନସିଲର ରହିଛନ୍ତି। ଭାଜପାର ମୁକେଶ ଅଗ୍ରୱାଲ ଏଠାରେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏନ୍‌ଏସି ଅଧ୍ୟକ୍ଷଙ୍କ ମନମୁଖି କାମ ଅଭିଯୋଗ କରି ଜୁଲାଇ ୧୬ରେ ଜିଲାପାଳଙ୍କୁ ଭେଟି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ବିଜେଡି କାଉନସିଲର। ପ୍ରଥମେ ଅଗଷ୍ଟ ୧ରେ ଅନାସ୍ଥା ଭୋଟ କରିବାକୁ ଜିଲାପାଳ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଦିନ ୧୧ଟାବେଳେ ସବୁ ପ୍ରସ୍ତୁତି ହୋଇଥିବାବେଳେ ନିର୍ବାଚନ ଅଧିକାରୀ ଆସି ନ ଥିଲେ। ପରେ ଅଗଷ୍ଟ ୯ରେ ଅନାସ୍ଥା ହେବାକୁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଉକ୍ତ ଦିନ ନିର୍ବାଚନ ଅଧିକାରୀ ଆସି ନ ଥିଲେ। ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାର କରି ଆସନ୍ତା ୨୭ରେ ଅନାସ୍ଥା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଜେଡି କାଉନସିଲରମାନେ ଜିଲାପାଳଙ୍କୁ ସାକ୍ଷାତକରି ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ଏହା ସହ ଗଣମାଧ୍ୟମକୁ ନିର୍ଦ୍ଦେଶନାମା ଦେଖାଇଛନ୍ତି।

## ବ୍ଲକ ଅଧ୍ୟକ୍ଷାଙ୍କୁ ଅନାସ୍ଥା ଡ଼ର

### ଆଲୋଚନା ହେଲାନି, ଫେରିଲେ ସମିତି ସଭ୍ୟାସଭ୍ୟ

ଗୋପ,୨୫।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ବିରୋଧରେ ଅନାସ୍ଥା ଆସିବା ନେଇ ଆଲୋଚନା ହେଉଛି। ରବିବାର ଅଧ୍ୟକ୍ଷା କୋଣାର୍କ ନିକଟ ଭଗବତୀ ପୀଠ ସମିତି ସଭ୍ୟାସଭ୍ୟଙ୍କୁ ଭୋଜିଭାତ ଦେଇଥିଲେ। ଏଥିରେ କେତେଜଣ ମଧ୍ୟ ଅନୁପସ୍ଥିତ ଥିଲେ। ତେବେ କେତେକ ସଭ୍ୟାସଭ୍ୟ ହେହଲ୍ଲା କରିବାରୁ ଆଲୋଚନା ନ ହେବାରୁ ଆଗକୁ ଅନାସ୍ଥା ହୋଇପାରେ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ବ୍ଲକରେ ରାଜନୈତିକ ଉଷ୍ମତା ନେଇ ଦୀର୍ଘ ଦେଢ ବର୍ଷ ଧରି ସମିତି ବୈଠକ ବସିପାରି ନ ଥିଲା। ଗତ ମାର୍ଚ୍ଚରେ ବିଡିଓ ଛବିରାଣୀ ସାହୁଙ୍କ ସହିତ କେତେକ ସଭ୍ୟାସଭ୍ୟ ଗୁପ୍ତ ସମିତି ବୈଠକ କରାଇବା ନେଇ ଅସନ୍ତୋଷ ଦେଖାଦେଇଥିଲା। ଗତ ସପ୍ତାହରେ ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆସିବା ପରେ ଏବେ ଅଧ୍ୟକ୍ଷା ମଲ୍ଲିକ ଅନାସ୍ଥା ଡରରେ ରବିବାର ସମସ୍ତ ସମିତି ସଭ୍ୟାସଭ୍ୟଙ୍କୁ ଏକାଠି କରି ଭୋଜି ଭାତର ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ମଲ୍ଲିକଙ୍କୁ ପଚାରିବାରେ, ସେମିତି କିଛି ଉଦ୍ଦେଶ୍ୟ ନ ଥିଲା। ସେ ଖୁସିରେ ସମସ୍ତ ସମିତି ସଭ୍ୟାସଭ୍ୟଙ୍କୁ ଭୋଜିଭାତର ଆୟୋଜନ କରି ଡାକିଥିଲେ ବୋଲି କହିବା ସହ ଅନ୍ୟ ପ୍ରଶ୍ନ ସମ୍ପର୍କରେ କିଛି ନ କହି ସବୁ ଠିକ୍‌ଠାକ୍ ଅଛି ବୋଲି କହିଥିଲେ।

## ଭାଇରାଲ ଅଡିଓକୁ ନେଇ ରାଜନୈତିକ ଉଷ୍ମତା

ଆସିକା,୨୫।୮(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଧାୟକ ସରୋଜ ପାଢୀଙ୍କ ଆସିକା ଅଞ୍ଚଳର ୨ଜଣ ବାଲିଘାଟ ଲିଜଧାରୀଙ୍କ ସହ ବାର୍ତ୍ତାଳାପର ଏକ ଅଡିଓ ଦୁଇଦିନ ହେଲା ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହାକୁ ନେଇ ବିରୋଧୀ ବିଜେଡି ଓ ଶାସକ ଦଳ ମଧ୍ୟରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଉଭୟ ଦଳ ପକ୍ଷରୁ ରବିବାର ପୃଥକ ଭାବେ ଖବରଦାତା ସମ୍ମିଳନୀ କରାଯାଇଛି ।

ପୂର୍ବାହ୍ନରେ ଆସିକା ନିର୍ବାଚନମଣ୍ଡଳୀ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଖବରଦାତା ସମ୍ମିଳନୀ କରି ଭାଜପା ବିଧାୟକଙ୍କ ପକ୍ଷରୁ ବାଲି ଲିଜଧାରୀଙ୍କୁ ଟଙ୍କା ଦାବି କରାଯାଉଥିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଘଟଣା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ଏହି ଅଡିଓର ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମଞ୍ଜୁଳା ଦାବି କରିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ବରିଷ୍ଠ ନେତା ନନ୍ଦ ବିଷୋୟୀ, ଅନିଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅପରାହ୍ନରେ ବିଧାୟକ ପାଢୀ ନିଜ ବାସଭବନରେ ଖବରଦାତା ସମ୍ମିଳନୀ କରି ଅଡିଓ ତାଙ୍କୁ ବଦନାମ କରିବା ଲାଗି ଏକ ହିନ ଚକ୍ରାନ୍ତ ବୋଲି ପ୍ରକାଶ କରିଛନ୍ତି। ଲିଜ୍‌ଧାରୀଦ୍ୱୟ ବାଲିଘାଟ ଦେବାକୁ ନିର୍ବାଚନମଣ୍ଡଳୀର ଲୋକଙ୍କଠାରୁ ଅନେକ ଲକ୍ଷ ଟଙ୍କା ନେଇ ପରେ ସେମାନଙ୍କୁ ବିଜେଡି ନାଁ ନେଇ ହଇରାଣ କରୁଥିବା ଅଭିଯୋଗ ଆସିଥିଲା। ସେମାନଙ୍କ ପଇସା ତୁରନ୍ତ ଫେରାଇବା ଲାଗି ଲିଜଧାରୀଙ୍କୁ ଫୋନ କରି କହିଥିବା ଘଟଣାକୁ ଏଭଳି ରୂପ ଦିଆଯାଉଥିବା ବିଧାୟକ ପାଢ଼ୀ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ତାଙ୍କ ପ୍ରତି ଯେଉଁ ଆସ୍ଥା ରହିଛି ତାକୁ କେହି କ୍ଷୁର୍ଣ୍ଣ କରିପାରିବେ ନାହିଁ। ପୂର୍ବତନ ବିଧାୟିକା ତାଙ୍କ ବୋହୂଙ୍କ ନାମରେ ବାଲିଘାଟ ଲିଜ ନେଇଛନ୍ତି । ମୋ ପରିବାରର କାହା ନାମରେ ସେମିତି ଲିଜ ତାଲିକା ନାହିଁ । ଭାଇରାଲ ଅଡିଓ ସମ୍ମାନହାନୀ କରିଥିବା ନେଇ ଆବଶ୍ୟକ ପଡିଲେ ଆଇନର ଆଶ୍ରୟ ନେବେ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

## ଆଦିବାସୀ ନେତାଙ୍କ ନାମରେ ମିଥ୍ୟା ମାମଲା: ସିପିଆଇ(ଏମ୍‌ଏଲ୍)




ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

ବିଭିନ୍ନ ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ଆହ୍ୱାନରେ ଫେବୃଆରୀରେ ହୋଇଥିବା ଆନ୍ଦୋଳନରେ ସାମିଲ ଆନ୍ଦୋଳନକାରୀଙ୍କ ବିରୋଧରେ ପୋଲିସ୍ ମିଥ୍ୟା କେସ୍ କରିଥିବା ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଅଭିଯୋଗ ହୋଇଛି। ରାୟଗଡ଼ା ଜିଲାର ରାମନାଗୁଡ଼ା ଥାନା ପୋଲିସ୍ ଆଦିବାସୀ ନେତା ତ୍ରିପତି ଗମାଙ୍ଗଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଥିବାବେଳେ ତୁରନ୍ତ ଏହାକୁ ପ୍ରତ୍ୟାହାର ପାଇଁ ଦାବି ଉଠିଛି। ସେହିପରି ଅଗଷ୍ଟରେ ହୋଇଥିବା ଆନ୍ଦୋଳନରେ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫ ଜଣଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କହି ସଂଘ କ୍ଷୋଭ ପ୍ରକାଶ କରିଛି। ତୁରନ୍ତ ଘଟଣାର ତଦନ୍ତ କରି ଆଦିବାସୀଙ୍କୁ ନ୍ୟାୟ ଦିଆଯାଉ ବୋଲି ସିପିଆଇ(ଏମ୍‌ଏଲ) ଲିବରେଶନ ଓଡ଼ିଶା ରାଜ୍ୟ କମିଟିରୁ ଯୁଧିଷ୍ଠିର ମହାପାତ୍ର, ତ୍ରିପତି ଗମାଙ୍ଗ, ମହେନ୍ଦ୍ର ପରିଡ଼ା ଓ ରାଧାକାନ୍ତ ସେଠୀ ପ୍ରମୁଖ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

## ଗଣତନ୍ତ୍ରର ସୁରକ୍ଷାକାରୀ ସକ୍ରିୟ ବିରୋଧୀ ଦଳ: ନବୀନ

### ବିଜେଡିର ନବନିର୍ବାଚିତ ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୮(ଅନିଲ ଦାସ)

ବିଜେଡିର ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ରବିବାର ଶଙ୍ଖ ଭବନରେ ଆରମ୍ଭ ହୋଇଛି। ପୂର୍ବାହ୍ନରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢ଼େଇ ଜାରିରଖିବାକୁ ଦଳର ବିଧାୟକମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି, ଗଣତନ୍ତ୍ରରେ ସରକାରଙ୍କ ଯେତିକି ଦାୟିତ୍ୱ ରହିଛି ବିରୋଧୀ ଦଳର ତା'ଠାରୁ ଅଧିକ ଦାୟିତ୍ୱ ରହିଛି। ବିରୋଧୀ ଦଳ ହିଁ ଗଣତନ୍ତ୍ରର ଶ୍ରେଷ୍ଠ ସୁରକ୍ଷାକାରୀ। ଲୋକଙ୍କ ସ୍ୱାର୍ଥଜଡ଼ିତ ବିଷୟକୁ ପ୍ରାଥମିକତା ଦେଇ ବିଧାନସଭାରେ ଉଠାଇବାକୁ ବିଧାୟକମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ନୂଆ ବିଧାୟକମାନଙ୍କୁ ବିଧାନସଭାର ନୀତିନିୟମ ଏବଂ କାର୍ଯ୍ୟ ପରିଚାଳନା ବିଷୟରେ ସମ୍ୟକ୍ ଜ୍ଞାନ ଦେବା ଏ ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। କେବଳ ଗୃହ ପରିଚାଳନା ନୁହେଁ, ସରକାରଙ୍କୁ ଉତ୍ତରଦାୟୀ କରିବାରେ ମଧ୍ୟ ଗୃହର ନୀତି ନିୟମ ହେଉଛି ଅସ୍ତ୍ର। ବିଧାୟକ ଭାବରେ ନିଜ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଗୃହର ନୀତି ନିୟମ ସହ ବିଭିନ୍ନ ସଂସଦୀୟ ପରମ୍ପରା ଆଦି ଉପରେ ବିଶେଷ ଧ୍ୟାନଦେବାକୁ ନବୀନ ଗୁରୁତ୍ୱାରୋପ କରିଛନ୍ତି। ମୁଲତବୀ ପ୍ରସ୍ତାବ, ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ, ପ୍ରଶ୍ନୋତ୍ତର, ଶୂନ୍ୟକାଳ ଆଦି ଜରିଆରେ ସରକାରଙ୍କୁ ଉତ୍ତରଦାୟୀ କରିବା ସହ ବିଭିନ୍ନ କମିଟି କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଉପରେ ନବୀନ ଗୁରୁତ୍ୱାରୋପ କରିଛନ୍ତି। ନୂଆ ବିଧାୟକମାନଙ୍କୁ ମାର୍ଗଦର୍ଶନ ଦେବା ପାଇଁ ନବୀନ ବରିଷ୍ଠ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ସଂସଦୀୟ ଶାସନ ବ୍ୟବସ୍ଥା ସମ୍ପର୍କରେ ଭାରତୀୟ ସମ୍ବିଧାନର ଜନକ ଡ. ବି.ଆର. ଆମ୍ବେଦକରଙ୍କ ମତ ଉଦ୍ଧୃତ କରି ବିରୋଧୀ ଦଳନେତା କହିଛନ୍ତି, ସଂସଦୀୟ ଶାସନ ବ୍ୟବସ୍ଥା ଉତ୍ତରଦାୟୀ ହୋଇଥିବାରୁ ରାଷ୍ଟ୍ରପତି ଶାସନ ବ୍ୟବସ୍ଥାଠାରୁ ଏହା ଉତ୍ତମ। ବିଧାନସଭା ଦ୍ୱାରା ଆୟୋଜିତ ତାଲିମ ଶିବିର ଆୟୋଜନରେ ରାଜନୈତିକ ଅଭିସନ୍ଧି ଥିଲା। ଏହି କାର୍ଯ୍ୟକ୍ରମରେ ଆମ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ଓ ମର୍ଯ୍ୟାଦା ନିଜ ରାଜ୍ୟରେ କ୍ଷୁଣ୍ଣ ହୋଇଥିବା ଅନୁଭବ କରି ବିଜେଡି ସେ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲା ବୋଲି ନବୀନ କହିଛନ୍ତି । ୫୧ ବିଧାୟକଙ୍କୁ ନେଇ ବିଜେଡି ଆଜି ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବରେ କାର୍ଯ୍ୟ କରୁଛି । ସରକାରଙ୍କୁ ଉତ୍ତରଦାୟୀ କରିବା ପାଇଁ କୌଣସି ସୁଯୋଗ ଆମେ ହାତଛଡ଼ା ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟସ୍ତରୀୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ପ୍ରମୁଖ ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଧନ୍ୟବାଦ ଦେଇଥିଲେ। ନବନିର୍ବାଚିତ ବିଧାୟକମାନଙ୍କ ତାଲିମ ପାଇଁ ୧୦ଟି ବୈଷୟିକ ସେସନ୍‌ର ଆୟୋଜନ କରାଯାଇଛି। ନବନିର୍ବାଚିତ ବିଧାୟକଙ୍କ ସହ ବିଜେଡିର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ, ଏମ୍‌ପିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।




ଶଙ୍ଖଭବନଠାରେ ରବିବାର ବିଜେଡିର ନବନିର୍ବାଚିତ ବିଧାୟକଙ୍କ ପ୍ରଶିକ୍ଷଣ ଶିବିରରେ ଦଳର ନେତା ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

# ଅଭିବୃଦ୍ଧି କରାଇବ ବାଣିଜ୍ୟିକ କାରବାର

## ନଭେମ୍ବରରେ ବାଣିଜ୍ୟ ଚୁକ୍ତି ଉପରେ ଭାରତ ଏବଂ ଅଷ୍ଟ୍ରେଲିଆ ଆଲୋଚନା



ଭୁବନେଶ୍ୱର,୨୫।୮ (ଅନୁରାଧା ମହାରଣା)

ଏକ ବ୍ୟାପକ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଭାରତ ଏବଂ ଅଷ୍ଟ୍ରେଲିଆର ଅଧିକାରୀମାନେ ନଭେମ୍ବରରେ ଆଲୋଚନା କରିବାର ସମ୍ଭାବନା ରହିଛି। ବାଣିଜ୍ୟ ମନ୍ତ୍ରଣାଳୟ ରବିବାର ଏହି ସୂଚନା ଦେଇଛି। ୨୦୨୨ ଡିସେମ୍ବରରେ ଦୁଇ ଦେଶ ମଧ୍ୟରେ ମଧ୍ୟବର୍ତ୍ତୀ ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ବର୍ତ୍ତମାନ ଏହାର ପରିସର ବିସ୍ତାର କରିବାକୁ ସେମାନେ ଆଲୋଚନା କରୁଛନ୍ତି । ମନ୍ତ୍ରଣାଳୟ କହିଛି ଯେ, ଭାରତ-ଅଷ୍ଟ୍ରେଲିଆ ସିଇସିଏର ଦଶମ ରାଉଣ୍ଡ ଆଲୋଚନା ସିଡ୍‌ନୀରେ ଅଗଷ୍ଟ ୧୯-୨୨ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମଗ୍ରୀ, ସେବା, ଡିଜିଟାଲ ବାଣିଜ୍ୟ, ସରକାରୀ କ୍ରୟ, ଦ୍ରବ୍ୟର ଉତ୍ପତ୍ତି ନିୟମ ଏବଂ ଏଗ୍ରୋ-ଟେକ୍ନୋଲୋଜି ଉପରେ ଆଲୋଚନା କରାଯାଇଥିଲା। ସିଏସିଏର ପରବର୍ତ୍ତୀ ରାଉଣ୍ଡ ନଭେମ୍ବରରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି । ଭାରତୀୟ ପ୍ରତିନିଧି ଦଳ ମୁଖ୍ୟ ବୁଝାମଣାକାରୀ ତଥା ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏହା କରିଥିଲେ। ଅଷ୍ଟ୍ରେଲୀୟ ପ୍ରତିନିଧି ଦଳ ମୁଖ୍ୟ ବୁଝାମଣାକାରୀ ତଥା ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ବିଭାଗର ପ୍ରଥମ ସହକାରୀ ସଚିବ ରବି କେୱାଲ୍ରାମଙ୍କ ନେତୃତ୍ୱରେ ନେତୃତ୍ୱ ନେଇଥିଲେ। ମନ୍ତ୍ରଣାଳୟ କହିଛି ଯେ ପରସ୍ପରର ପ୍ରସ୍ତାବକୁ ଭଲଭାବେ ବୁଝାମଣା ଏବଂ ମତଭେଦ ଦୂର କରିବା ପାଇଁ ବୈଠକ ଗଭୀର ଆଲୋଚନା ଏବଂ ବୁଝାମଣା ହୋଇଥିଲା। ଘରୋଇସ୍ତରରେ ବିଭିନ୍ନ ପ୍ରସଙ୍ଗରେ ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଫଳାଫଳକୁ ପହଞ୍ଚାଇବା ପାଇଁ ଉଭୟ ପକ୍ଷ ଉଦ୍ୟମ କରିଥିଲେ।

ବିବୃତି ଅନୁଯାୟୀ ସେପ୍ଟେମ୍ବର ୨୩ରେ ଭାରତ-ଅଷ୍ଟ୍ରେଲିଆ କୃଷି ପ୍ରଯୁକ୍ତିବିଦ୍ୟା ଫୋରମ (ଆଇଏଏଟିଏଫ୍)ର ପ୍ରଥମ ବୈଠକ କରିବାକୁ ଅଷ୍ଟ୍ରେଲିଆ ପକ୍ଷ ପ୍ରସ୍ତାବ ଦେଇଛି। ଏହି ନୂତନ ପ୍ଲାଟଫର୍ମ ଅଷ୍ଟ୍ରେଲିଆ ଦ୍ୱାରା ଗଠିତ ହୋଇଛି। ବୈଷୟିକ ଜ୍ଞାନକୌଶଳ ଏବଂ ଜ୍ଞାନ ବଣ୍ଟନ ମାଧ୍ୟମରେ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ସୁଯୋଗ ଅନ୍ୱେଷଣ କରିବା ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କକୁ ମଜଭୁତ କରିବା ଏହି ବୈଠକର ଉଦ୍ଦେଶ୍ୟ ରହିଛି। ଓସନିଆ ଅଞ୍ଚଳରେ ଅଷ୍ଟ୍ରେଲିଆ ହେଉଛି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଭାଗୀଦାରି। ୨୦୨୩-୨୪ ମସିହାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବାଣିଜ୍ୟ ପ୍ରାୟ ୨୪ ବିଲିୟନ ଡ଼ଲାର ହେବ। ଗତ ଆର୍ଥିକ ବର୍ଷରେ ଅଷ୍ଟ୍ରେଲିଆକୁ ଭାରତର ରପ୍ତାନି ୭.୯୪ ବିଲିୟନ ଡଲାର ହୋଇଥିବାବେଳେ ଆମଦାନୀ ୧୬.୧୫ ବିଲିୟନ ଡଲାର ଥିଲା। ୨୦୨୧-୨୨ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ପ୍ରାୟ ୨୫ ବିଲିୟନ ଡଲାରରେ ପହଞ୍ଚିପାରେ।

## ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ନୂଆଦିଲ୍ଲୀ,୨୫।୮ (ଅଭୟ ଦାଶ)

ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ଦୁଇଟି ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଞ୍ଚୟ ଖାତା 'ଅବ୍ନି'ର ଶୁଭାରମ୍ଭ କରାଯାଇଥିବା ବେଳେ ବ୍ୟାଙ୍କର ଏଣ୍ଟରପ୍ରାଇଜ୍ ଲୟାଲ୍‌ଟି କାର୍ଯ୍ୟକ୍ରମ 'ବନ୍ଧନ ବ୍ୟାଙ୍କ ଡିଲାଇଟ୍'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ (ଅନ୍ତରୀଣ) ରତନ କେଶ କହିଛନ୍ତି, ଆମେ ଆମର ପ୍ରତିଷ୍ଠା ଦିବସ ପାଳନ ସହିତ ନୂତନ ସେବାର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗତ ୯ ବର୍ଷ ମଧ୍ୟରେ ଏକ ସାର୍ବଜନୀନ ବ୍ୟାଙ୍କ ଭାବେ ଆମେ ବିଭିନ୍ନ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଆମର ଉତ୍ପାଦ ବର୍ଗମାଳାକୁ ସୁଦୃଢ଼ କରିଛୁ। ସେହିଭଳି ବନ୍ଧନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ବ୍ୟବସାୟ ଅଧିକାରୀ ରାଜିନ୍ଦର ବବର୍ କହିଛନ୍ତି, ଆମର ବୃହତ୍ତର ରଣନୀତି ଯାହା ଦୀର୍ଘକାଳୀନ ବିଶ୍ୱସନୀୟତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ବଢ଼ାଇବ।

## ଅନିଲ ଏନ୍‌ଟିପିସିର ଏଚ୍‌ଆର୍ ଡାଇରେକ୍ଟର

କଣିହାଁ,୨୫।୮: (ସଚ୍ଚିଦାନନ୍ଦ ପ୍ରଧାନ)



ଅନିଲ କୁମାର ଜଦ୍‌ଲି

ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି ଲିମିଟେଡ) ର ନୂତନ ମାନବ ସମ୍ବଳ ନିର୍ଦ୍ଦେଶକ ବା ଏଚ୍‌ଆର୍ ଡାଇରେକ୍ଟର ଭାବେ ଅନିଲ କୁମାର ଜଦ୍‌ଲି ନିକଟରେ ଯୋଗ (ଦାୟିତ୍ୱ ଗ୍ରହଣ) ଦେଇଛନ୍ତି। ଏହା ପୂର୍ବରୁ ସେ କମ୍ପାନୀର କର୍ପୋରେଟ ଏଚ୍‌ଆର୍ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏପରିକି ସେ ୨୦୨୦ରୁ ଏହି ପଦବୀରେ ରହି କାର୍ଯ୍ୟ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ୧୮୯୩ରେ ଅନିଲ କୁମାର ଜଦ୍‌ଲି ଏନ୍‌ଟିପିସିର କାର୍ଯ୍ୟନିର୍ବାହୀ ଟ୍ରେନି ଭାବେ ଯୋଗ ଦେଇଥିଲେ। ଏପରିକି ସେ ନିଜର ଦକ୍ଷତା ଓ କଠିନ ପରିଶ୍ରମ ପାଇଁ ବେଶ୍ ପରିଚିତ ଥିଲାବେଳେ ଦୀର୍ଘ ୩୦ବର୍ଷର ଅଭିଜ୍ଞତାକୁ ଠିକ୍ ଭାବେ କାର୍ଯ୍ୟରେ ଲଗାଇଛନ୍ତି। ସେହିଭଳି ୨୦୦୪ରୁ ସେ କମ୍ପାନୀର ମାନବ ସମ୍ବଳ ବିଭାଗରେ କାର୍ଯ୍ୟ କରିଆସୁଥିଲେ। ଏପରିକି କମ୍ପାନୀର ବିଭିନ୍ନ ପ୍ରକଳ୍ପରେ ସେ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଅପରପକ୍ଷରେ ସେ ଗଢ଼ୱାଲ ବିଶ୍ୱବିଦ୍ୟାଳୟରୁ ଅର୍ଗାନିକ କେମିଷ୍ଟ୍ରିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲାବେଳେ ଏମ୍‌ଡିଆଇ ଗୁରୁଗାଓଁରୁ ବିଜ୍‌ନେସ ମ୍ୟାନେଜମେଣ୍ଟ, ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟରେ ମଧ୍ୟ ସ୍ନାତକୋତ୍ତର ଡିପ୍ଲୋମା ହାସଲ କରିଛନ୍ତି। ଏଥିସହିତ ସେ ପ୍ୟାରିସ, ବର୍ଲିନ ଭଳି ଦେଶର ମ୍ୟାନେଜମେଣ୍ଟ ଏବଂ ଲିଡରଶିପ ଟ୍ରେନିଂ ମଧ୍ୟ ଲାଭ କରିଛନ୍ତି।

## ଆରୋହଣ ଜରିଆରେ ନେଟ୍‌ୱର୍କ ବିସ୍ତାର

ନୂଆଦିଲ୍ଲୀ,୨୫।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ମ୍ୟାକ୍ସ ଲାଇଫ୍‌ର ନୂତନ ଅଭିଯାନ ବା ପଦକ୍ଷେପ 'ଆରୋହଣ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନ ଜରିଆରେ କମ୍ପାନୀ ପୂର୍ବ ଭାରତର ଟିୟର ୩ ଓ ୪ ସହରଗୁଡିକରେ ୨୧ଟି ନୂତନ କାର୍ଯ୍ୟାଳୟର ଆନୁଷ୍ଠାନିକ ଶୁଭାରମ୍ଭ କରିଛି। କମ୍ପାନୀର ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କକୁ ବିସ୍ତାର କରିବା ପାଇଁ 'ଆରୋହଣ' ପଦକ୍ଷେପର ଶୁଭାରମ୍ଭ ନିକଟରେ ହୋଇଯାଇଛି। ମ୍ୟାକ୍ସ ଲାଇଫ୍‌ର ମୁଖ୍ୟ ବିତରଣ ଅଧିକାରୀ ସୁମିତ ମଦନ କହିଛନ୍ତି, ମ୍ୟାକ୍ସ ଲାଇଫ୍‌ର ଆରୋହଣ ଅଭିଯାନ ଆଇଆର୍‌ଡିଏଆଇର 'ଇନ୍ସ୍ୟୁରାନ୍ସ ଫର୍ ଅଲ୍ ବାଏ ୨୦୪୭' ଲକ୍ଷ୍ୟ ସହ ଜଡିତ ରହିଛି, ଯାହା ତୃଣମୂଳସ୍ତରର ସମୁଦାୟଗୁଡିକୁ ସଶକ୍ତ କରୁଛି। ଏହା ଭାରତର ସୁଦୂର ଅଞ୍ଚଳଗୁଡିକରେ ବୀମା ଉପଲବ୍ଧ କରାଇବା ସହିତ ଉଦୀୟମାନ ବଜାରଗୁଡିକ ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି।

## ଏକ୍ସପ୍ଲାନେଡ୍ ମଲ୍‌ରେ 'କେ ସେ କୁଲ୍‌ଚା'ଆଉଟଲେଟ୍

ଭୁବନେଶ୍ୱର,୨୫।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଉତ୍ତର ଭାରତର ଲୋକପ୍ରିୟ ଫୁଡ୍ ପ୍ଲାଟଫର୍ମ 'କେ ସେ କୁଲ୍‌ଚା'ର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଭୁବନେଶ୍ୱରର ନେକ୍ସସ୍ ଏକ୍ସପ୍ଲାନେଡ୍ ମଲରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ ସେ କୁଲଚାର ଗ୍ରୁପ ଡାଇରେକ୍ଟର ଆର୍ତ୍ତ ପାଢ଼ୀ ଓ ଅବଦେଶ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କେ ସେ କୁଲଚାର ଗ୍ରୁପ ଡାଇରେକ୍ଟର ଆର୍ତ୍ତ ପାଢ଼ୀ କହିଥିଲେ, ଆମେ ଆମର ପ୍ରଥମ ଆଉଟଲେଟର ଆନୁଷ୍ଠାନିକ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ସବୁ ବର୍ଗର ଖାଦ୍ୟପ୍ରେମୀଙ୍କୁ ସ୍ୱାଦିଷ୍ଟ ଖାଦ୍ୟର ବ୍ୟାପକ ସମ୍ଭାର ସହିତ ଘିଅ ରୋଷ୍ଟ କୁଲଚା ଛୋଲେ, ମାଟିହାଣ୍ଡି ବିରିୟାନୀ, ଦିଲ୍ଲୀର ସୁସ୍ୱାଦୁ ଚାଟ, ବଟର ଚିକେନ୍ କୁଲଚା ଓ ମନକୁ ମୋହିତ କରିବା ପରି କମ୍ବୋ ଫୁଡସ ଉପଲବ୍ଧ। ଏହି ଆଉଟଲେଟ୍‌ରେ ନିଜକୁ ହଜାଇବାକୁ ଅନୁଭବ କରନ୍ତୁ, ଯାହାକୁ ସମ୍ପୂର୍ଣ୍ଣ ଭାବେ ମସଲାରେ ରୋଷ୍ଟ ସହ ସୁନ୍ଦର ଭାବେ ପରଷାଯାଇଛି, ଯାହାର କ୍ରିମି ଟଙ୍ଗିକି ସସ୍, କ୍ରି ସବଜି ଏବଂ ସୁମାକରର ସ୍ପର୍ଶ ଦିଆଯାଇଛି। ପ୍ରତ୍ୟେକ ଥରରେ ମଧ୍ୟପ୍ରାଚ୍ୟର ସ୍ୱାଦକୁ ଅନୁଭବ କରନ୍ତୁ।

## ୧୮ତମ ସୁରକ୍ଷା ସମ୍ମିଳନୀରେ ଟାଟା ଷ୍ଟିଲ୍ ପୁରସ୍କୃତ

ଭୁବନେଶ୍ୱର,୨୫।୮ (ଅଭୟ ଦାଶ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ପୂର୍ବାଞ୍ଚଳ ଶାଖା ପକ୍ଷରୁ କୋଲକାତାଠାରେ ଆୟୋଜିତ ୧୮ତମ ସୁରକ୍ଷା ସମ୍ମିଳନୀରେ ଟାଟା ଷ୍ଟିଲ୍ ପୁରସ୍କୃତ ହୋଇଛି। ଏପରିକି କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) କୁ ତିନୋଟି ପୁରସ୍କାର ପ୍ରଦାନ କରାଯାଇଛି। ଖଣି ବର୍ଗରେ କମ୍ପାନୀର କେନ୍ଦୁଝର ଜିଲା ଯୋଡ଼ାଠାରେ ଥିବା ଯୋଡ଼ା ୱେଷ୍ଟ ଆଇରନ୍ ଆଣ୍ଡ ମାଙ୍ଗାନିଜ ମାଇନ୍ ଆଞ୍ଚଳିକ ଫାଇନାଲ ବିଜେତା ହୋଇଥିବାବେଳେ ଗଞ୍ଜାମ ଜିଲାର ଗୋପାଳପୁରଠାରେ ଥିବା ଫେରୋ ଆଲଏଜ୍ ପ୍ଲାଣ୍ଟକୁ ଲାର୍ଜ-ସ୍କେଲ୍ ମାନୁଫାକ୍ଚରିଂ ବର୍ଗରେ ପ୍ରଥମ ରନର୍ସ ଅପ୍ ଏବଂ ଯାଜପୁର ଜିଲା ସୁକିନ୍ଦାଠାରେ ଥିବା ସାରୁଆବିଲ କ୍ରୋମାଇଟ୍ ଖଣି ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ହାସଲ କରିଛି। ଏହି ଜାତୀୟ ସମ୍ମିଳନୀରେ କମ୍ପାନୀର ଫେରୋ ଆଲଏଜ୍ ଓ ମିନେରାଲ୍ ଡିଭିଜନ ଦ୍ୱାରା ପରିଚାଳିତ ଖଣି ଓ ଫେରୋ ଆଲଏଜ୍ କାରଖାନାକୁ ମିଳିଥିବା ସଫଳତା ଅତ୍ୟାଧୁନିକ ଡିଜିଟାଲ୍ ସମାଧାନ କାର୍ଯ୍ୟକାରୀ କରିବା ଓ ନିଜ ପରିଚାଳନା କ୍ଷେତ୍ରରେ ସୁରକ୍ଷାର ସର୍ବୋଚ୍ଚ ମାନକ ବଜାୟ ରଖିବା ପାଇଁ ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ମେସର୍ସ ଉତ୍କଳ ଅଟୋମୋବାଇଲ୍‌ସର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ପୁରସ୍କୃତ ହୋଇଥିବା କର୍ମଚାରୀ।

ଫୁଲନଖରା,୨୫।୮ (ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱରର ପାହାଳସ୍ଥିତ ମହିନ୍ଦ୍ରା ୱାର୍କଶପ୍‌ରେ ମେସର୍ସ ଉତ୍କଳ ଅଟୋ ମୋବାଇଲ୍‌ସର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍କଳ ଅଟୋ ମୋବାଇଲସ୍‌ର ନିର୍ଦ୍ଦେଶକ ସୌନକ ଆର. ପାରିଖ୍, ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ୍ ଓ ଆର୍‌ଏସ୍‌ଏମ୍ ସୁମିତ୍ ଆରୋରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ୭୫୦ କର୍ମଚାରୀ ଯୋଗଦେଇଥିଲେ। ମହିନ୍ଦ୍ରା ଓ ହୋଣ୍ଡା କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ୩୫୬ ଜଣ କାର୍ଯ୍ୟରତ କର୍ମଚାରୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ଡିଜିଏମ୍ (ଏଚ୍‌ଆର୍) ପ୍ରତାପ କୁମାର ଧଳସାମନ୍ତ, ଜିଏମ୍ (ସେଲ୍ସ) ଶୁଭେନ୍ଦୁ ପଟ୍ଟନାୟକ, ଜିଏମ୍ (ସର୍ଭିସ) ହେମନ୍ତ କୁମାର ସାହୁ, ପରିଚାଳକ ପିଡିଆଇ ସତ୍ୟନାରାୟଣ ରାୟଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲିପ୍ ସିରିଜ ଜରିଆରେ ଛାତ୍ରୀଛାତ୍ରଙ୍କ ସାମୂହିକ ବିକାଶ

ଭୁବନେଶ୍ୱର,୨୫।୮ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଓଡିଏମ୍ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପର ବହୁ ପ୍ରତୀକ୍ଷିତ 'ଲିପ୍' (ଲର୍ଣ୍ଣ-ଏନଗେଜ-ଆସ୍ପାୟାର-ପ୍ରସ୍ପର) ସିରିଜ ଗ୍ରୁପର ପଟିଆ ସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଓଡିଏମ୍ ପବ୍ଲିକ୍ ସ୍କୁଲରେ ଆୟୋଜିତ ଲିପ୍ ସିରିଜ କାର୍ଯ୍ୟକ୍ରମରେ ଏନ୍‌ସିସି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ସାଗର କୁମାର ମହାନ୍ତି, କୃପାଜଳ ଇଞ୍ଜିନିୟରିଂ କଲେଜ (କେଇସି)ର ପ୍ରଫେସର ରାଜେଶ କୁମାର ବେହେରା, ଭୁବନେଶ୍ୱର ଏମ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡା. କିଶୋର କୁମାର ବେହେରା, ଆଇଏମ୍‌ଏମ୍‌ଟି ଅଧ୍ୟକ୍ଷ ବୈଜ୍ଞାନିକ ଉମାକାନ୍ତ ସୁବୁଦ୍ଧି ଏବଂ ଯୁବ ଉଦ୍ୟୋଗୀ ପ୍ରଫେସର ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ମୂଲ୍ୟବାନ ଜ୍ଞାନ ଓ ଜୀବନ ଯାତ୍ରାର ଅନୁଭବ ଉପସ୍ଥାପନ କରିଥିଲେ।

ଏ ସମ୍ପର୍କରେ ଓଡିଏମ୍ ସମୂହର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ କହିଥିଲେ, ଲିପ୍ ସିରିଜ ଜରିଆରେ ଛାତ୍ରୀଛାତ୍ରଙ୍କର ସାମୂହିକ ବିକାଶ ହୋଇପାରିବ। ଏପରିକି ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ, ଶାରିରୀକ, ମାନସିକ, ଚାରିତ୍ରିକ ଓ ବୈଷୟିକ ବିକାଶରେ ମଧ୍ୟ ଏହା ବେଶ୍ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ପରିଶେଷରେ ବିଦ୍ୟାଳୟର ଅର୍ଥ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟଂ ସତ୍ୟେନ୍ଦୁ, ଉପାଧକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର ଓ ଉପାଧକ୍ଷ ଡ.ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଓଡିଏମ୍ ଗ୍ଲୋବାଲ ସ୍କୁଲଠାରେ ମଧ୍ୟ ୫ଟି କର୍ମଶାଳାର ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ଅଭିନେତା ତଥା ଚିତରଞ୍ଜନ ସେବା ସଦନର ସିଇଓ ପ୍ରଫେସର ସୌମ୍ୟ ରଞ୍ଜନ ମିଶ୍ର, କେଇସିର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. ରାଜେଶ କୁମାର ବେହେରା, ବୈଜ୍ଞାନିକ ଡ. ସତ୍ୟ ତାପସଙ୍କ ସମେତ ପ୍ରଶିକ୍ଷକ କପିଳ ନାଗ ପାଳ ଓ ଅବସରପ୍ରାପ୍ତ ସେନା ଅଧିକାରୀ ବ୍ରିଗେଡିୟର କ୍ଷୀରୋଦ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାର ଶୁଭାରମ୍ଭରେ ଓଡିଏମ୍ ଶିକ୍ଷା ସମୂହର ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ନିଜ ଜୀବନୀ ସହିତ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଠିକ୍ ମାର୍ଗରେ ଯାଇ କିଭଳି ନିଜ ଜୀବନ ଲକ୍ଷ୍ୟ ହାସଲ କରିହେବ, ସେମାନେ ତାହା ବିସ୍ତୃତ ଭାବେ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶୈଳେନ୍ଦ୍ର କୁମାରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଫୁର୍‌ସତ୍

## ୨୦ ବର୍ଷ ପରେ ପଞ୍ଜାବୀ ବାପା, ଜାପାନୀ ପୁଅଙ୍କ ମିଳନ

ଅମୃତସର



ପଞ୍ଜାବର ଅମୃତସର ଜିଲାରେ ସୁଖପାଲ ସିଂ ନାମକ ଜଣେ ବ୍ୟକ୍ତି ଦୀର୍ଘ ୨୦ ବର୍ଷ ପରେ ନିଜ ପୁଅ ରିନ୍ ତକାହାତା(୨୧)ଙ୍କୁ ଭେଟିଛନ୍ତି। ସେ ୨୦ ବର୍ଷ ପୂର୍ବେ ନିଜ ପ୍ରଥମ ସ୍ତ୍ରୀ ସାଚି ତକାହାତା ଓ ତାଙ୍କ ପୁଅ ରିନ୍‌ଙ୍କୁ ଜାପାନରେ ଛାଡି ଚାଲିଆସିଥିଲେ। ଜାପାନର ଓସାକା ବିଶ୍ୱବିଦ୍ୟାଳୟର ଛାତ୍ର ରିନ୍ ନିଜର ଏକ ଆସାଇନ୍‌ମେଣ୍ଟ ଯୋଗୁ ଅମୃତସରରେ ତାଙ୍କ ବାପାଙ୍କୁ ଭେଟିବାକୁ ଆସିଥିଲେ। ସେ ଚଳିତ ବର୍ଷ ରାଖୀ ପୂର୍ଣ୍ଣିମାର ଗୋଟିଏ ଦିନ ପୂର୍ବରୁ ଅମୃତସରରେ ପହଞ୍ଚିଥିଲେ। ତେବେ ତାଙ୍କ ନିକଟରେ ବାପାଙ୍କ ନାମ ଏବଂ ପୁରୁଣା ଠିକଣା ଥିଲା। ବାପାଙ୍କୁ ଖୋଜିବା ପାଇଁ ମା' ସାଚି ପୁଅ ରିନ୍‌ଙ୍କୁ କିଛି ପୁରୁଣା ଫଟୋ ମଧ୍ୟ ଦେଇଥିଲେ।

ଏତେ ବର୍ଷ ପରେ ନିଜ ପୁଅ ରିନ୍‌ଙ୍କୁ ନିକଟରେ ପାଇ ସୁଖପାଲ ଖୁସିରେ ବିଭୋର ହୋଇପଡିଥିଲେ। ବାପାଙ୍କୁ ଖୋଜିବା ନିଷ୍ପତ୍ତି ନେଇ ରିନ୍ କହିଛନ୍ତି, ବିଶ୍ୱବିଦ୍ୟାଳୟରେ ତାଙ୍କୁ ଏକ ଫ୍ୟାମିଲି ଟ୍ରି ପ୍ରସ୍ତୁତ କରିବା ପାଇଁ ଆସାଇନ୍‌ମେଣ୍ଟ ଦିଆଯାଇଥିଲା। କିନ୍ତୁ ସେ ତାଙ୍କ ମା' ସାଚିଙ୍କ ପରିବାରର ସମସ୍ତଙ୍କୁ ଚିହ୍ନିଥିବାବେଳେ ବାପା ସୁଖପାଲଙ୍କ ପରିବାରର କାହାକୁ ଚିହ୍ନି ନ ଥିଲେ। ତେଣୁ ସେ ବାପା ଓ ତାଙ୍କ ପରିବାର ବିଷୟରେ ଅଧିକ ଜାଣିବାକୁ ଏହି ଲମ୍ବାଯାତ୍ରା କରିଥିବା ରିନ୍ କହିଛନ୍ତି।

ସୁଖପାଲ ଥାଇଲାଣ୍ଡରେ ସାଚି ତକାହାତା ନାମ୍ନୀ ଜଣେ ଜାପାନୀ ମହିଳାଙ୍କ ପ୍ରେମରେ ପଡ଼ିଥିଲେ। ୨୦୦୨ରେ ଉଭୟ ସୁଖପାଲ ଓ ସାଚି ପରସ୍ପରକୁ ବିବାହ କରି ଟୋକିଓରେ ରହୁଥିଲେ। ରିନ୍ ୨୦୦୩ରେ ଜନ୍ମ ହୋଇଥିଲେ। ତେବେ ୨୦୦୪ରେ ସୁଖପାଲ ଏବଂ ସାଚିଙ୍କ ମଧ୍ୟରେ ପାରିବାରିକ ଅସନ୍ତୋଷ ଦେଖାଦେଇଥିଲା। ସେତେବେଳେ ଭୁଲ୍ ବୁଝାମଣା ଯୋଗୁ ଉଭୟ ଅଲଗା ହୋଇଯାଇଥିଲେ। ସୁଖପାଲ ଭାରତ ଆସିଯାଇଥିବାବେଳେ ସାଚି ପୁଅ ରିନ୍‌ଙ୍କ ସହ ଜାପାନରେ ରହିଲେ। ପରେ ସୁଖପାଲ ୨୦୦୭ରେ ପଞ୍ଜାବର ଅମୃତସର ନିବାସୀ ଗୁରୁବିନ୍ଦରଜିତ୍ କୌରଙ୍କୁ ବିବାହ କରିଥିଲେ। ସୁଖପାଲ ଏବଂ ଗୁରୁବିନ୍ଦରଜିତଙ୍କ ଅଭ୍‌ଲିନ ନାମ୍ନୀ ଜଣେ ଝିଅ ମଧ୍ୟ ଅଛନ୍ତି। ଚଳିତ ରାଖୀ ପୂର୍ଣ୍ଣିମାରେ ଅଭ୍‌ଲିନ୍ ତାଙ୍କ ଜାପାନୀ ଭାଇ ରିନ୍‌ଙ୍କୁ ରାଖୀ ବାନ୍ଧିଥିଲେ ଏବଂ ଗୁରୁବିନ୍ଦରଜିତ୍ ରିନ୍‌ଙ୍କୁ ନିଜର ପୁଅ ଭାବେ ସ୍ୱାଗତ କରିଥିଲେ। ରିନ୍ କହିଛନ୍ତି, ସେ ତାଙ୍କ ବାପା ଓ ପରିବାରକୁ ଭେଟିବା ପାଇଁ ନିୟମିତ ଭାବେ ଭାରତ ଆସିବେ।

## ୫୦୦ କୋଟି କ୍ଲବରେ 'ସ୍ତ୍ରୀ ୨'



ଶ୍ରଦ୍ଧା କପୁର

ମୁମ୍ବାଇ

ଅଭିନେତ୍ରୀ ଶ୍ରଦ୍ଧା କପୁର ଓ ଅଭିନେତା ରାଜକୁମାର ରାଓଙ୍କ 'ସ୍ତ୍ରୀ ୨' ଚଳଚ୍ଚିତ୍ର ଶନିବାର ସୁଦ୍ଧା ବିଶ୍ୱବ୍ୟାପୀ ୫୦୫ କୋଟିର ବ୍ୟବସାୟ କରିଛି। ଏନେଇ ରବିବାର 'ସ୍ତ୍ରୀ ୨' ଫିଲ୍ମର ନିର୍ମାତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଶନିବାର ସୁଦ୍ଧା 'ସ୍ତ୍ରୀ ୨' ଫିଲ୍ମ ଭାରତରେ ୪୨୬ କୋଟିର ବ୍ୟବସାୟ କରିଥିବାବେଳେ ବିଦେଶରେ ୭୮.୫ କୋଟିର ବ୍ୟବସାୟ କରିଛି। ୨୦୧୮ ମସିହାରେ ରିଲିଜ୍ ହୋଇଥିବା ସ୍ତ୍ରୀ ଚଳଚ୍ଚିତ୍ରର ଏହି ସ୍ୱିକେଲ ଗତ ୧୫ ତାରିଖରେ ରିଲିଜ ହୋଇଥିଲା। ଅମର କୌଶିକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନା ଦିନେଶ ଭିଜାନ ଓ ଜ୍ୟୋତି ଦେଶପାଣ୍ଡେ ଦେଇଛନ୍ତି। ନିରେନ ଭଟ୍ଟଙ୍କ ଲିଖିତ ଏହି ଫିଲ୍ମରେ ଶ୍ରଦ୍ଧା ଓ ରାଜକୁମାରଙ୍କ ବ୍ୟତୀତ ଅପାରଶକ୍ତି ଖୁରାନା, ପଙ୍କଜ ତ୍ରିପାଠୀ, ଅଭିଷେକ ବାନାର୍ଜୀ ପ୍ରମୁଖ ଅଭିନେତା ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି।

## ୧୩ ମିନିଟ୍‌ରେ ପହଞ୍ଚିଲା ଲାପ୍‌ଟପ୍

ବେଙ୍ଗାଲୁରୁ



ବେଙ୍ଗାଲୁରୁର କେତେକ ଅଞ୍ଚଳରେ ଇ-କମର୍ସ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟ ନିଜର 'ଫ୍ଲିପ୍‌କାର୍ଟ ମିନିଟ୍ସ' ନାମରେ ଇନ୍‌ଷ୍ଟାଣ୍ଟ ସର୍ଭିସ୍ ସେବା ଆରମ୍ଭ କରିଛି। ବେଙ୍ଗାଲୁରୁର ସନ୍ନି ଗୁପ୍ତା ନାମକ ଜଣେ ଯୁବକ ଶନିବାର 'ଫ୍ଲିପ୍‌କାର୍ଟ ମିନିଟ୍ସ'ରୁ ଏକ ଲାପ୍‌ଟପ୍ ଅର୍ଡର କରିଥିଲେ। ତେବେ ଉକ୍ତ ଲାପ୍‌ଟପ୍‌ଟି ଫ୍ଲିପ୍‌କାର୍ଟ କର୍ମଚାରୀଙ୍କ ଦ୍ୱାରା ମାତ୍ର ୧୩ ମିନିଟ୍ ମଧ୍ୟରେ ସନ୍ନୀଙ୍କୁ ଡେଲିଭରି ହୋଇଥିଲା। ସନ୍ନି ନିଜର ଏହି ଅଭିଜ୍ଞତାକୁ ରବିବାର ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ'ରେ ଶେୟାର କରିଛନ୍ତି। ତେବେ ଫ୍ଲିପ୍‌କାର୍ଟର ଏହି ନୂତନ ସେବାକୁ ନେଇ ସୋସିଆଲ ମିଡିଆ ୟୁଜର୍ସଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେହି କେହି ଏହାକୁ ପ୍ରଭାବଶାଳୀ କହୁଥିବା ବେଳେ ଅନ୍ୟମାନଙ୍କ ହିସାବରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକର ଶୀଘ୍ର ବିତରଣର ଆବଶ୍ୟକତା ନାହିଁ। ଯେକୌଣସି ବ୍ୟକ୍ତି ନିକଟସ୍ଥ ଦୋକାନକୁ ଯାଇ ଉକ୍ତ ସାମଗ୍ରୀ କିଣିପାରିବେ ବୋଲି ସେମାନେ କହିଛନ୍ତି।

## ୨ ଫୁଟ ଚଉଡ଼ା, ୫୦ ଫୁଟ ଉଚ୍ଚର କୋଠା

ନୂଆଦିଲ୍ଲୀ



ମାତ୍ର ଦେଢ଼ରୁ ୨ ଫୁଟ ଚଉଡ଼ାବିଶିଷ୍ଟ ସ୍ଥାନରେ ୫୦ ଫୁଟରୁ ଅଧିକ ଉଚ୍ଚର ଏକ କୋଠା ନିର୍ମାଣ ହୋଇଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏତେ ସଂକୀର୍ଣ୍ଣ ଜାଗାରେ ନିର୍ମାଣ ହୋଇଥିବା ଉକ୍ତ କୋଠାର ବ୍ୟବହାରିକତାକୁ ନେଇ ପ୍ରଶ୍ନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଆନ୍‌ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ୮୪ ପ୍ରତିଯୋଗୀ, ୯୫ ଅଫିସିଆଲ

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ହେବାକୁଥିବା ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତରୁ ୮୪ ଆଥ୍‌ଲେଟ ୧୨ଟି ଖେଳରେ ଭାଗନେବେ। ସେମାନଙ୍କ ସହିତ ୯୫ ଅଫିସିଆଲ ଗସ୍ତ କରୁଛନ୍ତି। ସେମାନଙ୍କ ମଧ୍ୟରେ ତାଙ୍କ ବ୍ୟକ୍ତିଗତ କୋଚ୍ ଏବଂ ଏସ୍କର୍ଟ ରହିଛନ୍ତି, ଯେଉଁମାନେ ସେମାନଙ୍କ ବିଶେଷ ଆବଶ୍ୟକତାର ଯତ୍ନ ନେବେ। ଭାରତର ମୋଟ ପ୍ରତିନିଧି ଦଳ ସଂଖ୍ୟା ୧୭୯ ରହିଛି। ପ୍ୟାରିସ୍ ଅଲିମ୍ପିକ୍ସକୁ ଏହାର ସର୍ବବୃହତ୍ ଦଳ ପଠାଉଛି। ପୂର୍ବରୁ ୨୦୨୧ ଟୋକିଓ ପାରାଲିମ୍ପିକ୍ସରେ ଭାରତର ୫୪ ଆଥ୍‌ଲେଟ ୯ଟି କ୍ରୀଡ଼ାରେ ଭାଗ ନେଇଥିଲେ। କେତେଜଣ ପାରା ଆଥ୍‌ଲେଟ୍‌ଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଦଳରେ ବ୍ୟକ୍ତିଗତ କୋଚ୍ ସାମିଲ କରାଯାଇଛି। ତେବେ ସେମାନେ ଚିଫ୍ ଡି' ମିଶନ/ଟିମ୍ ମୁଖ୍ୟ କୋଚ୍‌ଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ଖେଳାଳିମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ କହିଛି। ଯେଉଁ



ପ୍ୟାରିସ ଯାତ୍ରା ଅବସରରେ ଭାରତୀୟ ଆଥଲେଟ୍ ଓ ଅଫିସିଆଲ।

### ପ୍ୟାରିସ୍ ପାରାଲିମ୍ପିକ୍ସ

ଆଥ୍‌ଲେଟମାନଙ୍କୁ ବ୍ୟକ୍ତିଗତ କୋଚ୍ ଯୋଗାଇ ଦିଆଯାଇଛି ସେମାନଙ୍କ ମଧ୍ୟରେ ଜାଭେଲିନ୍ ଥ୍ରୋୟର ସୁମିତ ଅଣ୍ଟିଲ ଓ ଶୁଟର ଆଭାନୀ ଲେଖରା ରହିଛନ୍ତି। ଉଭୟେ ସେମାନଙ୍କ ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବଜାୟ ରଖିପାରିବେ। ଏଥର ୩୮ ପାରା-ଆଥ୍‌ଲେଟଙ୍କୁ ବ୍ୟକ୍ତିଗତ କୋଚ୍ ଓ ଏସ୍କର୍ଟ ଯୋଗାଇ ଦିଆଯାଇଛି। ଚିଫ୍ ଡି' ମିଶନ ଓ ପାରା ବ୍ୟାଡ୍‌ମିଣ୍ଟନ ଟିମ୍ ମ୍ୟାନେଜରଙ୍କୁ ଛାଡ଼ିଦେଲେ ପ୍ରତିନିଧି ଦଳର ସମସ୍ତ ସଦସ୍ୟଙ୍କୁ ଦୈନିକ ୫୦ ଡଲାର ପକେଟ ଖର୍ଚ୍ଚ ମିଳିବ। କେତେଜଣ ଅଫିସିଆଲ ଗେମ୍ସ ଭିଲେଜ ବାହାରେ ରହିବେ। ରବିବାର ଏକ ବୃହତ୍ ଦଳ ସହିତ ପ୍ୟାରିସ୍ ଯାତ୍ରା କରିଥିବା ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝାଝାରିଆ ଏବଂ ସତ୍ୟ ପ୍ରକାଶ ସାଙ୍ଗୱାନ କହିଛନ୍ତି, ସେମାନେ ଗେମ୍ସ ଭିଲେଜ ବାହାରେ ଅବସ୍ଥାନ କରିବେ। କେତୋଟି ପ୍ରତିଯୋଗିତା ପ୍ୟାରିସ୍ ବାହାରେ ଅନୁଷ୍ଠିତ ହେଉଛି। ଝାଝାରିଆ କହିଛନ୍ତି, ଭାରତ ୧୦ରୁ ଅଧିକ ସ୍ୱର୍ଣ୍ଣ ସମେତ ୨୫ରୁ ଊର୍ଦ୍ଧ୍ୱ ପଦକ ଆଶା କରୁଛି। ୨୦୨୧ ଟୋକିଓ ପାରାଲିମ୍ପିକ୍ସରେ ଭାରତ ୧୯ ପଦକ (୫ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ) ପାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆର୍ଯ୍ୟନ ସମ୍ବର୍ଦ୍ଧିତ



ଆର୍ଯ୍ୟନ ବ୍ରାହ୍ମିନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ପକ୍ଷରୁ ପ୍ରଣୟ ପାଣିଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ଏହି ଖେଳର ବିକାଶ ପାଇଁ ଆଲୋଚନା କରିଛନ୍ତି। ଏହି ଅବସରରେ ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଓଡ଼ିଶାରେ ଜାତୀୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ପ୍ରତିଶ୍ରୁତି

### ହ୍ୟାଣ୍ଡବଲ ଖେଳର ବିକାଶ ପାଇଁ ଆଲୋଚନା

ଦେଇଛନ୍ତି। ଆଲୋଚନା ଅବସରରେ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଉପ ସଭାପତି ସୁରେଶ ଚନ୍ଦ୍ର ପାଢ଼ୀ, ରୀତିକ ଅଧିକାରୀ, ଯୁଗ୍ମ ସମ୍ପାଦକ ସୁଶାନ୍ତ ମହାରଣା, ଗୀତାଞ୍ଜଳି ଦାଶ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମିଶ୍ର, ରଞ୍ଜିତ ମହାନ୍ତି, ଭବାନୀ ଶଙ୍କର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ନୋରିସ ଜିତିଲେ ଡଚ୍ ଗ୍ରାଁ ପ୍ରି

**କାଣ୍ଡଭୁର୍ଟ, ୨୫।୮**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନଙ୍କୁ ପଛରେ ପକାଇ ମ୍ୟାକଲରେନର ଲାଣ୍ଡୋ ନୋରିସ ଏଠାରେ ରବିବାର ଅନୁଷ୍ଠିତ ଡଚ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଶନିବାର ପୋଲ୍ ପୋଜିଶନ ହାସଲ କରିଥିବା ନୋରିସ ଆରମ୍ଭରେ ପଛରେ ପଡ଼ିଯାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଡଚ୍ ଡ୍ରାଇଭରଙ୍କୁ ୨୦ ସେକେଣ୍ଡ ପଛରେ ପକାଇ ରେସ ଜିତି ନେଇଥିଲେ। ଏଥିସହିତ ସେ ଦ୍ରୁତତମ ଲାପ୍ ବୋନସ ପଏଣ୍ଟ ଲାଭ କରିଛନ୍ତି। ୨୦୨୪ରେ ନୋରିସଙ୍କର ଏହା ଦ୍ୱିତୀୟ ରେସ୍ ବିଜୟ ଏବଂ ୯ମ ପୋଡିୟମ ଫିନିଶ। ସେହିପରି ସିଜନରେ ଭର୍ଷ୍ଟାପେନ୍‌ଙ୍କ ପାଇଁ ୭ମ ରେସ୍ ବିଜୟ ସହ ଏହା ହେଉଛି ୧୦ମ ପୋଡିୟମ ଫିନିଶ। ଓଭରଅଲ ଭର୍ଷ୍ଟାପେନ୍‌ଙ୍କର ଏହା ୧୦୮ତମ ପୋଡିୟମ ଫିନିଶ ହୋଇଥିବା ବେଳେ ୨୦୨୨ ପରେ ଏହା ହେଉଛି ତାଙ୍କର ୪୮ତମ ପୋଡିୟମ ଫିନିଶ। ରବିବାର ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ ଫେରାରିର ଚାର୍ଲ୍ସ ଲେକ୍‌ରେକ। ରେସ୍‌ରେ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଚାର୍ଲ୍ସ ସେଞ୍ଜ୍ ଜୁନିୟର (ଫେରାରି), ସର୍ଗିଓ ପେରେଜ (ରେଡ୍‌ବୁଲ), ଜର୍ଜ ରସେଲ (ମର୍ସିଡିଜ୍), ଲୁଇସ୍ ହାମିଲଟନ (ମର୍ସିଡିଜ୍), ପିଏରେ ଗାସ୍‌ଲି (ଅଲପାଇନ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ)।

# ପାକିସ୍ତାନକୁ ହରାଇଲା ବାଂଲାଦେଶ



ମ୍ୟାଚ ଜିତିବାପରେ ଉଲ୍ଲସିତ ବାଂଲାଦେଶ ଖେଳାଳି।

**ରାୱଲପିଣ୍ଡି, ୨୫।୮ (ଏପି)**

ରବିବାର ଅନ୍ତିମ ଦିବସ ଖେଳରେ ପାକିସ୍ତାନର ଦ୍ୱିତୀୟ ଇନିଂସକୁ ୧୪୬ରନରେ ସୀମିତ କରିଦେବା ଦ୍ୱାରା ବାଂଲାଦେଶ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ପାକିସ୍ତାନକୁ ୧୦ ଉଇକେଟରେ ପରାସ୍ତ କରି ଏକ ଐତିହାସିକ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷରେ ଖେଳିଥିବା ୧୪ଟି ଟେଷ୍ଟ ମ୍ୟାଚରେ ବାଂଲାଦେଶର ଏହା ହେଉଛି ପ୍ରଥମ ବିଜୟ। ଟପ୍ ଅର୍ଡରରେ ପେସ୍ ବୋଲରଙ୍କ ସଫଳତା ପରେ ଅଫ୍ ସ୍ପିନର ହସନ ମିରାଜ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସରକାର ସମୟରେ ଏମ୍‌ପି ଥିବା ବାମହାତୀ ସ୍ପିନର ଶକିବ ଅଲ ହସନ ମିଳିତ ଭାବେ ୭ଉଇକେଟ ଦଖଲ କରି ଘରୋଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସରେ ବିନା କୌଣସି ଉଇକେଟରେ ୩୦ରନ କରି

### ପ୍ରଥମ କ୍ରିକେଟ ଟେଷ୍ଟ

ମ୍ୟାଚ ଜିତିନେଇଥିଲା। ଜାକିର ହସନ ୧୫ ଓ ଶାଦମନ ଇସ୍‌ଲାମ ୯ ରନ କରି ଅପରାଜିତ ରହିଥିଲେ। ଜାନୁଆରୀ ୨୦୨୨ରେ ମାଉଣ୍ଟ ମଙ୍ଗାନୁଇରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ବିଜୟ ପରେ ବିଦେଶରେ ଦଳର ଏହା ୭ମ ସଫଳତା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୪୪୮/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ବାଂଲାଦେଶ ୫୬୫ ରନ କରିଥିଲା। ପ୍ରଥମ ଇନିଂସରେ ୧୧୭ ରନରେ ପଛୁଆ ଥିବା ପାକିସ୍ତାନ ଶନିବାର ୪ର୍ଥ ଦିବସ ଖେଳ ଶେଷ ସୁଦ୍ଧା ଏକ ଉଇକେଟ ବିନିମୟରେ ୨୩ ରନ କରିଥିଲା। ରବିବାର ୫ମ ତଥା ଅନ୍ତିମ ଦିବସରେ ବାଂଲାଦେଶର ପେସ୍ ଓ ସ୍ପିନ ବାହିନୀ ବୋଲିଂ ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ଦଳ ମାତ୍ର ୧୪୬ ରନରେ ଅଲଆଉଟ ହୋଇଯାଇଥିଲା। ଦଳର ପ୍ରଥମ ଇନିଂସରେ କ୍ୟାରିୟର ଶ୍ରେଷ୍ଠ ଅପରାଜିତ ୧୭୧ ରନ କରିଥିବା ମହମ୍ମଦ ରିଜୱାନ ପୁଣି ଟପ୍ ସ୍କୋରର ରହିଥିଲେ। ସେ ୫୧ ରନ କରିଥିବା ବେଳେ ଅନ୍ୟ ବ୍ୟାଟରମାନେ ବାଜେ ଶଟ୍ ଖେଳି ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ବାଂଲାଦେଶ ପ୍ରଥମ ଇନିଂସରେ ୧୯୧ ରନ କରିଥିବା ମୁଶଫିକର ରହିମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୪୪୮/୬, ଘୋଷଣା। ବାଂଲାଦେଶ ପ୍ରଥମ ଇନିଂସ : ୫୬୫। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୪୬ (ମହମ୍ମଦ ରିଜୱାନ-୫୧ ; ମେହିଦି ହସନ ମିରାଜ-୪/୨୧, ଶକିବ ଅଲ୍ ହସନ-୩/୪୪)। ବାଂଲାଦେଶ ଦ୍ୱିତୀୟ ଇନିଂସ: ୩୦/୦ (ଜାକିର ହସନ-୧୫, ଶଦମାନ ଇସ୍‌ଲାମ-୯)।

# ରାଜ୍ୟ ୧୪ ବର୍ଷରୁ କମ୍ ଚେସ୍: ଆଦିତ୍ୟ ପ୍ରଧାନ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଏଠାରେ ଅନୁଷ୍ଠିତ ରାଜ୍ୟ ୧୪ ବର୍ଷରୁ କମ୍ ଚେସ୍‌ରେ କେଭି-୧ର ଆଦିତ୍ୟ ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ସନ୍ନିଧି ଦାସ, ଉଦୟକାନ୍ତ ନାୟକ, ଭାର୍ଗବ ପ୍ରିୟଦର୍ଶନ ୪ ପଏଣ୍ଟ ଲେଖାଏ ଏବଂ ସାତ୍ତ୍ୱିକ ତ୍ରିପାଠୀ ୩.୫ ପଏଣ୍ଟ ପାଇ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ।


# Classified Everyday
**0674-2580101, 2549949**



REAL ESTATE

**SALE**

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1133

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1134

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**38000sqft. Open Space Available for Rent at Backside of Audi Workshop near Pahala. Contact- 7008398175.** D-1129



Newly open health benefits SPA by expert therapist. Contact- 6371861658. D-76146

**AFFIDAVIT**

I Sudarshan Biswal, S/o-Guru Biswal wrongly named in my Service Book and other documents as Ramesh Chandra Swain, S/o- P.Ch.Swain, known everywhere as Sudarshan Biswal, S/o-Guru Biswal, resident Address-At-TANRA, P.O.-Tulang, Dist.-Jagatsinghpur, Odisha, PIN-754138 declare by this affidavit (Before the Ld. Metropolitan Magistrate (1st class) No.- 3797, Date-19.05.2022,That Now onwards I shall be known as Sudarshan Biswal for all future purpsoes. D-1131

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



ଆରାଧ୍ୟା (ଆନ୍‌ଭି)
ବାଲିଅନ୍ତା, ଭୁବନେଶ୍ୱର
ତା ୨୬ ଅଗଷ୍ଟ, ୨୦୨୪
ଶୁଭେଚ୍ଛା ସହ- ଜେଜେ: ଅଭିମନ୍ୟୁ ସାହୁ, ଜେଜେମା: ସ୍ୱର୍ଣ୍ଣଲତା, ବାପା: ଅଶ୍ୱିନୀ, ମାଆ: ପ୍ରୀତିଦର୍ଶିନୀ, ଦାଦା: ଇଲୁ, ଟିଲୁ, ଖୁଡ଼ୀ: ନମିତା
ଧ-୭୧୨୩୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ, କର୍ମଶାଳା ଆୟୋଜନ ନିଷ୍ପତ୍ତି



ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

**ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ, କୁଇଜ୍ ଏବଂ ଫୁଟ୍‌ବଲ କର୍ମଶାଳା ଆଦି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପୂର୍ବତନ

### ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ବୈଠକ

ମନ୍ତ୍ରୀ ପଦ୍ମନାଭ ବେହେରା ଓ କ୍ରୀଡ଼ା ସଙ୍ଗଠକ ଦିଲୀପ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଆଗତ କରିଥିବା ବାର୍ଷିକ ଖର୍ଚ୍ଚ ଅଟକଳ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା। ଉପ-ସଭାପତି ପ୍ରଦୀପ କୁମାର ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ 'ଏ'କୁ ହରାଇଲା ଅଷ୍ଟ୍ରେଲିଆ 'ଏ'

**ଗୋଲ୍ଡକୋଷ୍ଟ, ୨୫।୮ (ପି.ଟି.)**

ଟେସ୍ ଫ୍ଲିଣ୍ଟଫ (୩/୩୯) ଓ ଚାର୍ଲି ନଟ୍ (୩/୩୪)ଙ୍କ ଚମତ୍କାର ବୋଲିଂ ସହାୟତାରେ ଅଷ୍ଟ୍ରେଲିଆ 'ଏ' ଏଠାରେ ରବିବାର ଶେଷ ହୋଇଥିବା ଏକମାତ୍ର ମହିଳା ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତ 'ଏ'କୁ ୪୫ରନରେ ପରାସ୍ତ କରିଛି। ଏହି ୪ଦିନିଆ ମୁକାବିଲାରେ ୨୮୯ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ଯାଇ ଭାରତ 'ଏ' ୨୪୩ ରନରେ ଅଲଆଉଟ ହୋଇଯାଇଥିଲା। ପୂର୍ବଦିନର ଅସମାପ୍ତ ସ୍କୋର ୧୪୯/୬ରେ ଦଳ ଆଉ ମାତ୍ର ୯୪ ରନ ଯୋଗକରିବାରେ ସମର୍ଥ ହୋଇଥିଲା। ଶନିବାର ଅପରାଜିତ ରହିଥିବା ରାଘବୀ ବିସ୍ତ (୨୬) ଓ ଉମା ଚେତ୍ରୀ (୪୭) ସତର୍କତାର ସହ ଖେଳି ମହତ୍ତ୍ୱପୂର୍ଣ୍ଣ ୬୧ରନ ଯୋଗ କରିଥିଲେ। ଫ୍ଲିଣ୍ଟଫଙ୍କ ବୋଲିଂରେ ଚେତ୍ରୀ ଆଉଟ ହେବାପରେ ଭାରତ 'ଏ' ପରାଜୟ ସ୍ପଷ୍ଟ ହୋଇଯାଇଥିଲା।

# ମନୋଦଶା ନିୟନ୍ତ୍ରକ ରସାୟନ



ଡ. ଦେବାଶିଷ ମହାନ୍ତି

''ହରମୋନ ଆମ ଶରୀରରେ ବିଭିନ୍ନ ଗ୍ରନ୍ଥି ଦ୍ୱାରା ପ୍ରସ୍ତୁତ ରସାୟନ ଓ ଏମାନେ ରକ୍ତ କଣିକା ମଧ୍ୟରେ ବାର୍ତ୍ତାବାହକ ଭାବରେ ପ୍ରବାହିତ ହୁଅନ୍ତି ଏବଂ ଆମ ଶରୀରର ବିଭିନ୍ନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି। ଆମ ମନରେ ଆନନ୍ଦ ସୃଷ୍ଟି ବା ମନର ସୃଷ୍ଟି ମସ୍ତିଷ୍କର ଚାରୋଟି ରସାୟନ ଦ୍ୱାରା ନିୟନ୍ତ୍ରିତ। ସେହି ରାସାୟନିକଗୁଡ଼ିକ ହେଲେ ଡୋପାମିନ୍, ସେରୋଟନିନ, ଅକ୍ସିଟୋସିନ ଓ ଏଣ୍ଡୋର୍ଫିନ୍ସ। ଏହି ରସାୟନଗୁଡ଼ିକ ଆମ ଶରୀରରେ ସୃଷ୍ଟି ଏକାଧିକ ଜୀବରସ ବା ହରମୋନ ମଧ୍ୟରୁ ଅନ୍ୟତମ।''



ଦିନେ ଅପରାହ୍ନରେ ମୁଁ ମୋ ଅଫିସରେ ବସିଥିବା ବେଳେ ମୋର ଜଣେ ଘନିଷ୍ଠ ବନ୍ଧୁ ବିଷାଦଗ୍ରସ୍ତ ଅବସ୍ଥାରେ ମୋ କୋଠରିକୁ ଆସିଲେ। କିଛି ପାରିବାରିକ ସମସ୍ୟା ତାଙ୍କ ଅବସାଦର କାରଣ ବୋଲି ଜାଣିଲି। ତାଙ୍କରି ଦକ୍ଷିଣ ହସ୍ତର ପାପୁଲିକୁ ମୋ ଦୁଇ ପାପୁଲି ମଧ୍ୟରେ ରଖି ତାଙ୍କୁ ସାନ୍ତ୍ୱନା ଦେଲି। ତାଙ୍କୁ ଆଲିଙ୍ଗନ କରି ଏହିପରି ପାରିବାରିକ ସମସ୍ୟା ସମସ୍ତଙ୍କ ଘରେ ଥାଏ ଓ ଏଥିରେ ବିବ୍ରତ ନ ହୋଇ ଏହାର ସମାଧାନର ବାଟ କାଢ଼ିବା ପାଇଁ ଉପଦେଶ ଦେଲି। ମୋର ଆଶ୍ୱାସନା ପରେ ହଠାତ୍ ତାଙ୍କ ମନୋଦଶାରେ ପରିବର୍ତ୍ତନ ଘଟିଲା ଓ ତାଙ୍କ ବିଷାଦ ମୁଖମଣ୍ଡଳରେ ସ୍ମିତହାସ୍ୟ ପ୍ରସ୍ଫୁଟିତ ହେଲା। ଏପରି ତାଙ୍କ ମନୋଦଶାର ଆକସ୍ମିକ ପରିବର୍ତ୍ତନ ଦେଖି ସେ କୌତୂହଳରେ କହିଲେ, ଏହା ରସାୟନ ବିଜ୍ଞାନ ପ୍ରଫେସରଙ୍କ ଯାଦୁର କରାମତି। ମୁଁ ଟିକେ ସ୍ମିତହାସ୍ୟ ଦେଇ କହିଲି, ନା ଏହା ରସାୟନ ବିଜ୍ଞାନୀର ନୁହେଁ, ଆମ ଶରୀରରେ ଥିବା ଆନନ୍ଦ ସୃଷ୍ଟିକାରୀ ରସାୟନର କରାମତି। ସେ ଏକ କୌତୂହଳୀ ନୟନରେ ମୋ ଆଡ଼କୁ ଅନାଇଲେ। ତାଙ୍କ ଜିଜ୍ଞାସାକୁ ତୃପ୍ତ କରିବାକୁ ଯାଇ ମୁଁ ଏହି ଶରୀରରେ ଥିବା ଆନନ୍ଦ ସୃଷ୍ଟି ରସାୟନ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଆରମ୍ଭ କଲି। ଆମ ଶରୀର ଏକ ରାସାୟନିକ ଛାଞ୍ଚ। ଆମ ଶରୀରର ପ୍ରତ୍ୟେକ ଗତିବିଧି ବିଭିନ୍ନ ରସାୟନ ଓ ରାସାୟନିକ ପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ। ହରମୋନ ଆମ ଶରୀରରେ ବିଭିନ୍ନ ଗ୍ରନ୍ଥି ଦ୍ୱାରା ପ୍ରସ୍ତୁତ ରସାୟନ ଓ ଏମାନେ ରକ୍ତକଣିକା ମଧ୍ୟରେ ବାର୍ତ୍ତାବାହକ ଭାବରେ ପ୍ରବାହିତ ହୁଅନ୍ତି ଏବଂ ଆମ ଶରୀରର ବିଭିନ୍ନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି। ଆମ ମନରେ ଆନନ୍ଦ ସୃଷ୍ଟି ବା ମନର ସୃଷ୍ଟି ମସ୍ତିଷ୍କର ଚାରୋଟି ରସାୟନ ଦ୍ୱାରା ନିୟନ୍ତ୍ରିତ। ସେହି ରାସାୟନିକଗୁଡ଼ିକ ହେଲେ ଡୋପାମିନ୍, ସେରୋଟନିନ, ଅକ୍ସିଟୋସିନ ଓ ଏଣ୍ଡୋର୍ଫିନ୍ସ। ଏହି ରସାୟନଗୁଡ଼ିକ ଆମ ଶରୀରରେ ସୃଷ୍ଟି ଏକାଧିକ ଜୀବରସ ବା ହରମୋନ ମଧ୍ୟରୁ ଅନ୍ୟତମ। ଏହି ଆନନ୍ଦ ସୃଷ୍ଟିକାରୀ ରସାୟନ ଆମ ମନରେ ସନ୍ତୋଷ, ତୃପ୍ତି, ଆନନ୍ଦ ତଥା ସାମଗ୍ରିକ ଭାବରେ ମନର ସୃଷ୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ଡୋପାମିନକୁ ଉତ୍ତମ ଅନୁଭବ ହରମୋନ ବୋଲି ମଧ୍ୟ କୁହାଯାଏ। ନୀରଜ ଚୋପ୍ରାଙ୍କ ମନରେ ଅଲିମ୍ପିକ୍ସ ପଦକ ଗ୍ରହଣ ସମୟରେ ସୃଷ୍ଟି ହେଉଥିବା ଉଲ୍ଲାସ କିମ୍ବା ମୋର ପ୍ରବନ୍ଧ ପାଠକମାନଙ୍କ ଦ୍ୱାରା ଆଦୃତ ହେବାରୁ ମୋତେ ମିଳୁଥିବା ଆତ୍ମସନ୍ତୋଷ ବା ଆଣ୍ଡାମାନ ବେଳାଭୂମିରେ ପତ୍ନୀଙ୍କ ସହ ବୁଲିଲା ବେଳେ ମିଳୁଥିବା ମାନସିକ ତୃପ୍ତି, ଏହି ଡୋପାମିନର ନିର୍ଗମନ ଯୋଗୁ ସମ୍ଭବ। ଲକ୍ଷ୍ୟ ହାସଲ କରିବା ସମୟରେ ବା କୌଣସି ଆନନ୍ଦପ୍ରଦ ଅନୁଭୂତି ସାଉଁଟିବା ସମୟରେ ଏହି ହରମୋନ ନିର୍ଗତ ହୁଏ।

ସେରୋଟନିନ ଏକ ସ୍ନାୟୁ ହରମୋନ, ଯାହା ମନୋଦଶା ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ନିଦ୍ରା, କ୍ଷୁଧା, ହଜମ ପ୍ରକ୍ରିୟା, ସ୍ମରଣ ଶକ୍ତି ବୃଦ୍ଧି ତଥା ଅଧ୍ୟୟନ ଦକ୍ଷତା ଆଦିକୁ ନିୟନ୍ତ୍ରଣ କରେ। ରାତ୍ରିରେ ପୂରା ୮ ଘଣ୍ଟା ନିଘୋଡ଼ ନିଦରେ ଶୋଇ ସକାଳୁ ଉଠିବା ଅକ୍ସିଟୋସିନ୍ ପ୍ରୀତି ରସାୟନ ବା ପ୍ରେମ ହରମୋନ ନାମରେ ମଧ୍ୟ ଜଣାଶୁଣା। ଏହା ମନରେ ଭଲ ପାଇବା, ସମ୍ବେଦନା, ଆକର୍ଷଣ ଓ ବାତ୍ସଲ୍ୟ ମମତା ସୃଷ୍ଟି କରେ। ପ୍ରେମିକର ନେତ୍ର ପ୍ରେମିକା ନେତ୍ର ସହିତ ମିଶିଗଲା ବେଳେ କିମ୍ବା ମା' ତା'ର ନବଜାତ ଶିଶୁକୁ ସ୍ତନ୍ୟପାନ କରାଇଲା ବେଳେ ମସ୍ତିଷ୍କରୁ ଅତ୍ୟଧିକ ଅକ୍ସିଟୋସିନ ନିର୍ଗମନ ଯୋଗୁ ମନ ଆହ୍ଲାଦିତ ହୋଇଉଠେ। ପିଲାଜନ୍ମ, ସ୍ତନ୍ୟପାନ ଓ ସନ୍ତାନ ସନ୍ତତିଙ୍କ ପାଇଁ ମାତାପିତାଙ୍କ ବାତ୍ସଲ୍ୟ ମମତା ସୃଷ୍ଟିରେ ଅକ୍ସିଟୋସିନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣ୍ଡୋର୍ଫିନ୍ସ ଆମ ଶରୀରର ପ୍ରାକୃତିକ ଯନ୍ତ୍ରଣା ଉପଶମକାରୀ। ଆମ ଶରୀର ଯେତେବେଳେ ଚାପ କିମ୍ବା ମାନସିକ ଉତ୍ତେଜନାର ବଶବର୍ତ୍ତୀ ହୁଏ, ତା'ର ପ୍ରତିକ୍ରିୟାରେ ଆମ ଶରୀର ସେଥିରୁ ମୁକ୍ତି ପାଇବା ପାଇଁ ଏହି ରସାୟନକୁ ନିର୍ଗତ କରେ, ଯାହା ଆମ ଶରୀରରେ ଉଲ୍ଲାସବୋଧ ସୃଷ୍ଟି କରେ।

ବିଷାଦ ଓ ମାନସିକ ଉତ୍ତେଜନା ଅନେକ ରୋଗର କାରଣ। ଚାପମୁକ୍ତ ତଥା ଆନନ୍ଦମୟ ଜୀବନଯାପନ ପାଇଁ ଉପରୋକ୍ତ ୪ଟି ରସାୟନ ବା ହରମୋନର ପ୍ରଚୁର ନିର୍ଗମନ ଅତି ଆବଶ୍ୟକ। ତେଣୁ ଏହି ରସାୟନମାନେ ମନୁଷ୍ୟକୁ ସୁସ୍ଥ, ନିରୋଗୀ ତଥା ଦୀର୍ଘାୟୁ କରିଥାନ୍ତି। ଆମ୍ଭେମାନେ ଏହି ଆନନ୍ଦ ବର୍ଦ୍ଧକ ହରମୋନମାନଙ୍କ ପ୍ରାକୃତିକ କ୍ଷରଣ କେତେକ ସରଳ ଉପାୟରେ ବୃଦ୍ଧି କରି ପାରିବା।

ଡୋପାମିନ ବା ଆତ୍ମତୃପ୍ତି ରସାୟନ ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ସଫଳତାର ସହିତ ସମାପ୍ତ କରିବା, ନିଜ ଲକ୍ଷ୍ୟ ହାସଲ କରିବା, ନିଜକୁ ଭଲ ପାଇବା ଓ ନିଜର ଯତ୍ନ ନେବା ତଥା ନିଜର ମନ ପସନ୍ଦର ଖାଦ୍ୟ ଖାଇବା ଯୋଗୁ ନିର୍ଗତ ହୁଏ। ସେରୋଟନିନ ବା ମନୋଦଶା ନିୟନ୍ତ୍ରକ ରସାୟନର କ୍ଷରଣ ପ୍ରାତଃ ସୂର୍ଯ୍ୟକିରଣରେ ଭ୍ରମଣ, ଧ୍ୟାନ, ପ୍ରକୃତି ସହିତ କିଛି ସମୟ ଅତିବାହିତ କରିବା ଦ୍ୱାରା ବୃଦ୍ଧିପାଏ। ଅକ୍ସିଟୋସିନ ବା ପ୍ରୀତି ରସାୟନ ଆଲିଙ୍ଗନ ଓ ଚୁମ୍ବନ ପରି ଶାରୀରିକ ସ୍ପର୍ଶ, ଶାରୀରିକ ନିବିଡ଼ତା ପ୍ରିୟଜନ ବା ସାଙ୍ଗସାଥୀଙ୍କ ସହିତ ଗୁଣାତ୍ମକ ସମୟ ବିତାଇବା, ଅନ୍ୟକୁ ନିଃସ୍ୱାର୍ଥପର ଭାବରେ ସାହାଯ୍ୟ କରିବା, ଗୃହପାଳିତ ପଶୁପକ୍ଷୀ ରଖିବା ଓ ସାମାଜିକ ହେବା ଦ୍ୱାରା ପ୍ରଚୁର ନିର୍ଗତ ହୁଏ। ଏଣ୍ଡୋର୍ଫିନ୍ସ ବା ଯନ୍ତ୍ରଣା ମୁକ୍ତକାରୀ ହର୍ମୋନ ସାଙ୍ଗମାନଙ୍କ ସହିତ ହସିବା, ସଙ୍ଗୀତ ଶୁଣିବା, ଚଳଚ୍ଚିତ୍ର ଦେଖିବା ଓ ବ୍ୟାୟାମ କରିବା ଦ୍ୱାରା ସୃଷ୍ଟିହୁଏ।

ଆଜିର ଏହି ବ୍ୟସ୍ତ, ବିଷାଦପୂର୍ଣ୍ଣ ତଥା ଚାପଗ୍ରସ୍ତ ସମାଜରେ ସୁସ୍ଥ, ନିରୋଗୀ ତଥା ଦୀର୍ଘାୟୁ ହେବା ପାଇଁ ଏହି ସୁଖ ପ୍ରଦାନକାରୀ ରସାୟନର ନିର୍ଗମନ ଅତ୍ୟନ୍ତ ଆବଶ୍ୟକ। ସେଥିପାଇଁ କର୍ମମୟ ଜୀବନରୁ କିଛି ସମୟ ନିଜ ପାଇଁ ବାହାର କରୁଛନ୍ତି। ପ୍ରାତଃ ଭ୍ରମଣ, ଧ୍ୟାନ, ବ୍ୟାୟାମ କରୁଛନ୍ତି, ପ୍ରକୃତି ସହିତ କିଛି ସମୟ ଅତିବାହିତ କରୁଛନ୍ତି, ସାଙ୍ଗସାଥୀମାନଙ୍କ ସହିତ ଖୁସି ମଜା କରୁଛନ୍ତି, ନିଜ ପତ୍ନୀ ବା ପତି, ପ୍ରେମିକ ବା ପ୍ରେମିକା, ପିତା ମାତା ଓ ସନ୍ତାନ ସନ୍ତତିଙ୍କ ସହିତ ସମୟ ବିତାଉଛନ୍ତି, ଏକାନ୍ତରେ ସଙ୍ଗୀତ ଶୁଣୁଛନ୍ତି, ନାଚ କରୁଛନ୍ତି, ମନ ପସନ୍ଦର ଖାଦ୍ୟ ଖାଉଛନ୍ତି ଓ ମନକୁ ପ୍ରଫୁଲ୍ଲ ରଖୁଛନ୍ତି। ଏହି ପ୍ରବନ୍ଧରୁ ଆମେ ଏତିକି ଶିକ୍ଷା ଲାଭ କରିପାରିବା ଯେ, ଏହି ରସାୟନମାନଙ୍କ ପ୍ରକୃତିକୁ ଭଲ ଭାବରେ ବୁଝି ଏମାନଙ୍କ କ୍ଷରଣକୁ ବୃଦ୍ଧି କରିପାରିଲେ, ଆମେ ଅଧିକ ପରିପୂର୍ଣ୍ଣ ଓ ସୁଖମୟ ଜୀବନଯାପନ କରିପାରିବା।

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ: ୯୮୬୧୩୯୧୧୯୦

## ବିଳମ୍ବରେ ଉଠିବା ଓ ମସ୍ତିଷ୍କ କାର୍ଯ୍ୟଧାରା



କେତେକ ବ୍ୟକ୍ତିଙ୍କର ଏକ ଅଭ୍ୟାସ ରହିଛି। ସେମାନେ ପ୍ରାୟ ବିଳମ୍ବରେ ଶୁଅନ୍ତି ଏବଂ ବିଳମ୍ବରେ ଉଠନ୍ତି। ତେଣୁ ଏହାଦ୍ୱାରା ଶାରୀରିକ ପ୍ରକ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଳମ୍ବରେ ବିଛଣା ଛାଡୁଥିବା ବ୍ୟକ୍ତିଙ୍କ ଉପରେ ନିକଟରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ସର୍ଭେରେ ପ୍ରତିଦିନ ବିଳମ୍ବରେ ଉଠୁଥିବା ବ୍ୟକ୍ତିଙ୍କର ଶାରୀରିକ ପ୍ରକ୍ରିୟାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ବିଳମ୍ବରେ ଉଠିବାକୁ ଏକ ଅଭ୍ୟାସରେ ପରିଣତ କରିଥିବା ଅଧିକାଂଶ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଥିଲା। ବିଳମ୍ବରେ ଉଠିବା ଯୋଗୁ ମସ୍ତିଷ୍କରେ 'ଆମ୍‌ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଏ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ହାର୍ଟ ପାଇଁ ଉପକାରୀ ଅମୃତଭଣ୍ଡା



ଅମୃତଭଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଏହାର ଭଲ ଗୁଣ ତାଲିକାରେ ଆଉ ଏକ କଥାକୁ ନିକଟରେ ଯୋଡ଼ାଯାଇଛି। ଏହାକୁ ଖାଇବା ଦ୍ୱାରା ହାର୍ଟ ବା ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ଠିକ୍ ଭାବରେ କାର୍ଯ୍ୟ କରିଥାଏ। ବର୍ତ୍ତମାନ ମେଦବହୁଳତା ବା ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ଅମୃତଭଣ୍ଡାରେ ପପେନ୍ ନାମକ ତତ୍ତ୍ୱ ରହିଛି, ଯାହା ଓଜନକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ଏଥିରେ ଜଳୀୟ ଅଂଶ ମଧ୍ୟ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ସବୁବେଳେ ଅମୃତଭଣ୍ଡା ଖାଇଲେ ତାହାର ସୁପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଏଥିରେ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ଏହା କୋଷ (ସେଲ୍)କୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିଥାଏ।

## ନିୟମିତ ଯୋଗ କରୁଥିଲେ...



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାକୁ କିଏ ବା ନ ଚାହେଁ? ଏଥିପାଇଁ ନିୟମିତ ବ୍ୟାୟାମ ନିଶ୍ଚୟ କରୁଥିବେ। ତେବେ ନିଜର ଦୈନନ୍ଦିନ ଜୀବନରେ ଯୋଗକୁ ମଧ୍ୟ ସାମିଲ କରନ୍ତୁ। କାରଣ ଶରୀରକୁ ଫିଟ୍ ରଖିବା ପାଇଁ ଯୋଗକୁ ହିଁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଏହାଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବରେ ହେବା ସହ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଦୃଢ଼ ହୋଇଥାଏ। ରକ୍ତଚାପ ବା ବ୍ଲଡ୍‌ପ୍ରେସର ସନ୍ତୁଳିତ ରହିଥାଏ। ଯଦି ଜଣେ ବ୍ୟକ୍ତି ଚାପଗ୍ରସ୍ତ ଅଛନ୍ତି ଏଥିରୁ ସହଜରେ ମଧ୍ୟ ରକ୍ଷା ପାଇପାରିବେ। ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ। ତା'ସହ ଚାପ, ଅବସାଦ ପରି ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ।

## ଜାଣି ରଖନ୍ତୁ



- ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ। କେବଳ ସେତିକି ନୁହେଁ, ଏହାର ପ୍ରଭାବ ମଧ୍ୟ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ।
- ଆପଣ ଜଣେ ଡାଇବେଟିସ୍ ରୋଗୀ କି? ଯଦି ହଁ, ତେବେ ଖାଦ୍ୟ ଖାଇବାର ଠିକ୍ ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ମେଦବୃଦ୍ଧିର ଯଥେଷ୍ଟ ଆଶଙ୍କା ରହିଛି। ତା'ସହ ପ୍ରତି ମାସରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି (ଖାଇବା ପୂର୍ବରୁ, ଖାଇବା ପରେ) ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- କେବଳ ସକାଳେ ନୁହେଁ, ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ। ଯଦି କିଛି ଦାନ୍ତଜନିତ ସମସ୍ୟା ରହୁଛି ତେବେ ତାହାକୁ ଅବହେଳା ନ କରି ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସକାଳୁ ବିଛଣା ଛାଡ଼ିବା ପୂର୍ବରୁ ତା'ଉପରେ ବସିରହି କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏଭଳି ଏକ୍ସରସାଇଜ୍ କରିବା ଦ୍ୱାରା ଶୋଇବା ବେଳେ ଟିକେ ଶୀଥିଳ ହୋଇପଡିଥିବା ରକ୍ତ ସଞ୍ଚାଳନ ସାଧାରଣ ଅବସ୍ଥାକୁ ଚାଲିଆସେ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।

## ସ୍ୱା ସ୍ଥ୍ୟ ସୂ ଚ ନା

- ➢କମ୍ପ୍ୟୁଟର କିମ୍ବା ଲାପଟପ୍ ସାମ୍ନାରେ ବସି କାମ କରୁଥିଲେ ସବୁବେଳେ ସିଧା (୯୦ ଡିଗ୍ରୀ) ବସନ୍ତୁ। କାରଣ ଏହାଦ୍ୱାରା ଅଣ୍ଟା ପ୍ରଭାବିତ ହୋଇ ନ ଥାଏ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ।



- ➢ସକାଳୁ ତେଲଜାତୀୟ ଖାଦ୍ୟ ଏବଂ ଫାଷ୍ଟ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ଗ୍ୟାଷ୍ଟ୍ରିକ ଆଶଙ୍କା ଅଧିକ ରହିଥାଏ।
- ➢ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୁରୁଣା ପ୍ରେସକ୍ରିପଶନଗୁଡ଼ିକୁ ଏକ ଫାଇଲ୍‌ରେ ରଖନ୍ତୁ। ହୁଏତ ଏହା ପରବର୍ତ୍ତୀ ସମୟରେ କାମରେ ଆସିବ।
- ➢ବ୍ୟାୟାମ କରି ଯଦି ଅଧିକ ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। କାରଣ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇ ବ୍ୟାୟାମ କରନ୍ତୁ ନାହିଁ।
- ➢ଅଧିକ ମସଲା ଏବଂ ତେଲଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ➢ଖାଦ୍ୟ ଖାଇବା ପରେ ପରେ କଦାପି ଫଳମୂଳ ଖାଆନ୍ତୁ ନାହିଁ।
- ➢ରାତିରେ ବିଛଣାକୁ ଯିବା ପୂର୍ବରୁ ଦୁଇ ପାଦକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

# ହାଇ ହିଲ୍‌ସ ଓ ସ୍ୱାସ୍ଥ୍ୟ ସମସ୍ୟା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କଥାରେ ଅଛି- 'ପ୍ରତି ଅବାଗିଆ ଢଙ୍ଗ ହେଉଛି ଗୋଟିଏ ଫେଶନ'। ନିଜକୁ ସାଧାରଣ ଲୋକଙ୍କଠାରୁ ଅଲଗା ବୋଲି ଦେଖାଇହେବା ପାଇଁ ଲୋକେ ଏହାକୁ ଆପଣେଇ ଥାଆନ୍ତି, ବିଶେଷକରି ବେଶଭୂଷାରେ। ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ କରୁଥିବା ଯୁବକ-ଯୁବତୀମାନେ ଏଥିରେ ସବୁଠାରୁ ଆଗୁଆ। ମୁଖ୍ୟତଃ ସେମାନେ ହିଁ ହେଲେ ନୂଆ ଫେଶନର ପ୍ରବର୍ତ୍ତକ। ଆମେ ତାଙ୍କୁ 'ସେଲିବ୍ରିଟି' ବୋଲି ସମ୍ମାନ ଦେଉ। ଏଣୁ ସେମାନଙ୍କୁ ଅନୁସରଣ କରି ନିଜକୁ ସଜାଇ ଏବଂ ପୋଷାକ ପତ୍ର ପିନ୍ଧୁ। ତେବେ ଅନେକ ସ୍ଥଳେ ଏହା କିପରି ଆମ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ ତାହାର ଏକ ଉଦାହରଣ ହେଲା 'ହାଇ ହିଲ୍‌ସ' ବା ଉଚ୍ଚ ଗୋଇଠିଯୁକ୍ତ ଜୋତା। ସାଧାଣତଃ ଆଧୁନିକ ଝିଅମାନେ ଏହାକୁ ଆପଣେଇ ଥାଆନ୍ତି। ତେବେ ଶରୀରବିଜ୍ଞାନୀମାନଙ୍କ ମତରେ ପାଦ ଏବଂ ଅସ୍ଥି ଉପରେ ଏହାର ଅନେକ କୁପ୍ରଭାବ ପଡ଼ିଥାଏ।

ଏହି ଅନୁଯାୟୀ ଏ ଜୋତା ପିନ୍ଧିଲେ ଶରୀର ଓଜନ ପାଦ ଓ ଏହାର ହାଡ଼ଗଣ୍ଠି ତଥା ମାଂସପେଶୀ ରଜ୍ଜୁ ଉପରେ ଅସମତୁଲ ଭାବରେ ପଡ଼େ। ଏହି ଚାପ ବିଶେଷକରି ବୁଢ଼ା ଆଙ୍ଗୁଠି ଗଣ୍ଠିକୁ ଅସ୍ଥିର କରେ। ଫଳରେ ଏହାର କେତେକ ଅଂଶର କଠିନ ଗୋବମାନ ସୃଷ୍ଟି ହୁଏ। ଏହାକୁ 'ବୁନିଅନ୍' ବୋଲି କୁହାଯାଏ। ଏହା ପାଦକୁ ଅସ୍ଥିର କରେ ଏବଂ ଯନ୍ତ୍ରଣା ସୃଷ୍ଟି କରେ।

'ହାଇ ହିଲ୍' ବ୍ୟତୀତ ଅଧିକ ଚିପା ଜୋତା ପିନ୍ଧିବା ବଂଶଗତ ଭାବେ ପ୍ରାପ୍ତ ପାଦର ଗାଠନିକ ତ୍ରୁଟି କିମ୍ବା ତା' ଉପରେ ଅଧିକ ଚାପ ନତୁବା ଆଣ୍ଠୁଗଣ୍ଠି ରୋଗ ମଧ୍ୟ ଏହା ସୃଷ୍ଟି କରିପାରେ। ସାଧାରଣଭାବେ ଏହାର ଲକ୍ଷଣଗୁଡ଼ିକ ହେଲା- ପାଦର ବୁଢ଼ାଆଙ୍ଗୁଠି କଡ଼ରେ ଫୁଲା ସୃଷ୍ଟି, ବୁଢ଼ା ଆଙ୍ଗୁଠିର ଗଣ୍ଠି ଫୁଲିବା, ଲାଲ ପଡ଼ିବା ଏବଂ ଯନ୍ତ୍ରଣା ଦେବା, ଏହାର ତଳ ଭାଗର ଚମଡ଼ା ମୋଟା ହୋଇଯିବା, ଆଙ୍ଗୁଠିଗୁଡ଼ିକର ସନ୍ଧି ସ୍ଥାନରେ ବିଣ୍ଡି ହେବା, ଆଙ୍ଗୁଠି ଓ ପାଦରେ କ୍ରମାଗତ ଯନ୍ତ୍ରଣା ହେବା, ବୁଢ଼ାଆଙ୍ଗୁଠିର ଓଜନ ବାଧାପ୍ରାପ୍ତ ହେବା ଇତ୍ୟାଦି। ବେଳେବେଳେ ଏହାର ଯନ୍ତ୍ରଣା ଏତେ ହୋଇପାରେ ଯେ, ସାଦା ଜୋତା ମଧ୍ୟ ପିନ୍ଧି ଚାଲିବା କଷ୍ଟକର ହୁଏ। ପୁନଶ୍ଚ ପାଦକୁ ଜୋତା ମଧ୍ୟ ଖାପଖାଏ ନାହିଁ।

ଏହାବ୍ୟତୀତ 'ହାଇ ହିଲ୍' ଜୋତା ହାଡ଼ ପାପରା ଏବଂ ସ୍ଥାୟୀ ରୂପେ ଅଣ୍ଟା ବିନ୍ଧାର କାରଣ ମଧ୍ୟ ହୋଇପାରେ। ପୁନଶ୍ଚ ତଦ୍ଦ୍ୱାରା ମେରୁଦଣ୍ଡ ଉପରେ ଅତ୍ୟଧିକ ଚାପ ପଡ଼େ, ଯାହାକି କାଳକ୍ରମେ ସାମଗ୍ରିକ ଶରୀରର ଅସ୍ଥି ବ୍ୟବସ୍ଥାର ଗଠନ ଏବଂ ଅବସ୍ଥାକୁ କ୍ଷତିଗ୍ରସ୍ତ କରେ। ଏପରି କି ଏହା ରକ୍ତ ସଞ୍ଚାଳନରେ ମଧ୍ୟ ବାଧା ସୃଷ୍ଟି କରିପାରେ।



ଗୁରୁଗ୍ରାମସ୍ଥିତ ମାକ୍ସ ହେଲ୍‌ଥ କେୟାର ଦ୍ୱାରା ହୋଇଥିବା ସର୍ବେକ୍ଷଣ ଅନୁସାରେ ବିଶେଷଭାବରେ କର୍ମଜୀବୀ ମହିଳାମାନଙ୍କ ମଧ୍ୟରେ ୪୩.୭ ପ୍ରତିଶତ ମହିଳା ସୁବଦିନେ ଏବଂ ପ୍ରାୟ ୨୧.୩ ପ୍ରତିଶତ ମହିଳା କେବେ କେମିତି ହାଇହିଲ୍‌ସ ପିନ୍ଧିଥାଆନ୍ତି। ତେବେ ସବୁବର୍ଗର ମହିଳାଙ୍କ କଥା ବିଚାରକୁ ନେଲେ ମୋଟାମୋଟି ଭାବେ ପ୍ରାୟ ୪୮.୫ ପ୍ରତିଶତ ମହିଳା ପ୍ରତ୍ୟେକ ଦିନ କିମ୍ବା ସାମୟିକ ଭାବେ ଏଭଳି ଜୋତା ପିନ୍ଧିଥାଆନ୍ତି। ଏହି ଅନୁଷ୍ଠାନର ଅସ୍ଥିଶଲ୍ୟ ଚିକିତ୍ସା ବିଭାଗର ମୁଖ୍ୟ ଡା. ଏସ୍.କେ.ଏସ୍. ମୌଯବ 'ହାଇ ହିଲ୍' ପିନ୍ଧୁଥିବା ୫୦୦ ଜଣ ମହିଳାଙ୍କୁ ନେଇ ଏକ ସର୍ଭେ କରିଥିଲେ। ଏଥିରୁ ଜଣାପଡ଼ିଛି ଯେ, ଏମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳାଙ୍କର ଏଥିଯୋଗୁ କିଛି ନା କିଛି ଅସ୍ଥିଜନିତ ସମସ୍ୟା ରହିଛି। ବିଶେଷଭାବରେ ପାଦ ଓ ମେରୁଦଣ୍ଡ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ଏପରିସ୍ଥଳେ ମହିଳାମାନେ ଯଥାସମ୍ଭବ ଏଥିରୁ ନିବୃତ୍ତ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

-ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ: ୯୯୩୭୩୦୧୪୬୦

# ରାଜ୍ୟ ଓପନ ଚେସ୍ ଉଦ୍‌ଘାଟିତ



ପ୍ରଥମ ଦିବସ ମ୍ୟାଚ ଅବସରରେ ପ୍ରତିଯୋଗୀମାନେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)**

ଶ୍ରୀଜଗନ୍ନାଥ ଧାମ ରୋଟାରୀ କ୍ଲବ ଓ କେଟି ଗ୍ଲୋବାଲ ସ୍କୁଲ ଆନୁକୂଲ୍ୟରେ ୮ମ ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ପୁରୀର ହୋଟେଲ ହଲିଡେ ରିସର୍ଟରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ମୋଟ ୪ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ରୋଟାରୀ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ରୋଟାରିଆନ କେ.ପି. ନରେଶ ମୁଖ୍ୟ ଅତିଥି ଏବଂ ରୋଟାରିଆନ ରାଜକିଶୋର ପାତ୍ର, ପ୍ରଦୀପ କୁମାର ନାୟକ, ଚେୟାରମ୍ୟାନ (ପବ୍ଲିକ ଇମେଜ), ୨୦୨୫-୨୬ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଆଇଆଇଜିଏସ୍ କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ଏବଂ ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ରୋଟାରିଆନ କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ସୁଷମା ମିଶ୍ର, ସନ୍ମୋହନ ପ୍ରଧାନ, ପୀତାମ୍ବର ମହାପାତ୍ର, ବନ୍ଦିତା ସାହୁ, ପୂର୍ବତନ ସଭାପତି ଦେବରାଜ ପ୍ରଧାନ, ଦେବଦତ୍ତ ଷଡ଼ଙ୍ଗୀ ପ୍ରମୁଖଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ପ୍ରତିଯୋଗିତାରେ ୧୭ ଜିଲାରୁ ରେକର୍ଡ ସଂଖ୍ୟକ ୨୦୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୮୨ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ। ଏହା ବ୍ୟତୀତ ୫ ରାଜ୍ୟ ଚାମ୍ପିୟନ ଏବଂ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନେକ ଜାତୀୟ ସ୍ତରର ଖେଳାଳି ରହିଛନ୍ତି। ଚାମ୍ପିୟନଶିପ୍ ପାଇଁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ଏଜ୍ ଗ୍ରୁପ୍ ଏବଂ ଲୋକାଲ ପ୍ରାଇଜ୍‌କୁ ମିଶାଇ ମୋଟ ୪୮ଟି ପ୍ରଦାନ କରାଯିବ।

**ଭାଗନେଲେ ୨୦୭ ପ୍ରତିଯୋଗୀ**

# ସର୍ଫିଙ୍ଗ୍‌ରେ ଭାରତକୁ ରୌପ୍ୟ ପଦକ

**ଥୁଲୁସଧୁ (ମାଲଦ୍ୱିପ୍), ୨୫।୮**

ସର୍ଫିଙ୍ଗ୍‌ରେ ପ୍ରଥମଥରପାଇଁ ଏସିଆନ ଗେମ୍ସ କୋଟା ହାସଲ କରି ଇତିହାସ ରଚିବାର ଗୋଟିଏ ଦିନପରେ ଭାରତୀୟ ସର୍ଫିଙ୍ଗ୍ ଟିମ୍ ଆଉଏକ ସଫଳତା ଲାଭ କରିଛନ୍ତି। ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍ ଅନ୍ତର୍ଗତ ମାରୁହବା କପ୍‌ରେ ଚାଇନାକୁ ହରାଇ ଭାରତ ରୌପ୍ୟ ପଦକ ହାସଲ କରିଛି। ମାରୁହବା କପ୍ ହେଉଛି ସମ୍ମାନଜନକ ଟିମ୍ ଇଭେଣ୍ଟ। ଏହି ପ୍ରତିଯୋଗିତା କେବଳ ଯେ ଭାରତକୁ ସର୍ଫିଙ୍ଗ୍‌ର ଏକ ପାୱାର ହାଉସଭାବେ ପରିଚିତ କରିଛି ତା ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ କ୍ରୀଡ଼ାରେ ସ୍ମରଣୀୟ ସ୍ମୃତି ମଧ୍ୟ ଯୋଡ଼ିଛି। ଦଳଗତ ପ୍ରତିଯୋଗିତା ମାରୁହବା କପ୍‌ରେ ଏସିଆର ଏଲିଟ୍ ସର୍ଫର ମାନେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ଭାରତୀୟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ଚାଇନାର ଅନେକ ଦୃଢ଼ ଦାବିଦାରଙ୍କୁ ହରାଇ ରୌପ୍ୟ ପଦକ ହାସଲ କରିଛନ୍ତି। ପି. କାମାଲି, ଅଜେଶ ଅଲୀ, ଡି. ଶ୍ରୀକାନ୍ତ ଓ ସଞ୍ଜୟ ସେଲଭାମନିଙ୍କ ନେଇ ଗଠିତ ଭାରତୀୟ ଦଳ ହିଟ୍-୨ ସେମିଫାଇନାଲରେ ପ୍ରଥମସ୍ଥାନ ହାସଲ କରିଥିଲେ। ଭାରତୀୟ ଦଳ ମୋଟ ୩୨.୧୬ ପଏଣ୍ଟ ହାସଲ କରିଥିଲେ। ଚାଇନିଜ୍ ତାଇପେ ଦଳ ୨୯.୭୦ ଓ ଦକ୍ଷିଣ କୋରିଆ ୨୭.୭୪ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲା। ଫାଇନାଲରେ ଭାରତୀୟ ଦଳ ୨୪.୧୩ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଜାପାନ ୫୮.୪୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଥିଲା। ଚାଇନିଜ ତାଇପେ ୨୪.୧୩ ଓ ଚାଇନା ୨୨.୧୦ ପଏଣ୍ଟ ସହିତ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିଲା। ଭାରତୀୟ ସର୍ଫରଙ୍କ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକତା ଯୋଗୁ ଏହି ସଫଳତା ହାସଲ କରିଛି ବୋଲି ଭାରତୀୟ ସର୍ଫିଙ୍ଗ ଫେଡେରେଶନ ସଭାପତି ଅରୁଣ ଭାସୁ ପ୍ରକାଶ କରିଛନ୍ତି।

**ମାରୁହବା କପ୍**



ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ।

# ଅଷ୍ଟ୍ରିଆ ଗଲେ ଲକ୍ଷ୍ୟ ସେନ୍

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ଭାରତର ଅନ୍ୟତମ ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ନିଜ ସ୍ୱାସ୍ଥ୍ୟାବସ୍ଥାର ମୂଲ୍ୟାୟନ ପାଇଁ ସେ ରବିବାର ଅଷ୍ଟ୍ରିଆ ଗସ୍ତ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସର୍କିଟରେ ଖେଳାଯିବାକୁ ଥିବା ଆଗାମୀ ଟୁର୍ନାମେଣ୍ଟଗୁଡ଼ିକ ଲାଗି ସେ ଶାରୀରିକ ଭାବେ ସୁସ୍ଥ ଓ ଫିଟ୍ ରହିବାକୁ ଚାହୁଁଛନ୍ତି। ଆଲମୋରାରେ ଜନ୍ମଗ୍ରହଣ କରିଥିବା ଏହି ୨୨ ବର୍ଷୀୟ ଖେଳାଳି ପ୍ୟାରିସ୍‌ରେ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଥିଲେ। ସେ ୪ର୍ଥ ସ୍ଥାନରେ ରହି ତାଙ୍କ ଅଭିଯାନ ଶେଷ କରିଥିଲେ। ସଲ୍‌ଜବର୍ଗସ୍ଥିତ ରେଡ୍‌ବୁଲ୍ ଆଥ୍‌ଲେଟ ପର୍‌ଫର୍ମାନ୍ସ ସେଣ୍ଟରଠାରେ ସେ ତାଙ୍କର ଏକ ସିରିଜ ଟେଷ୍ଟ କରାଇବେ। ଅଷ୍ଟ୍ରିଆରେ ଏକ ଭଲ ସ୍ପୋର୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ରହିଛି। ସେଠାରେ ସେ କିଛି ଫିଜିକାଲ ଏକ୍ସରସାଇଜ୍ କରିବାକୁ ଚାହୁଁଛନ୍ତି। ଲକ୍ଷ୍ୟଙ୍କ ସହିତ ତାଙ୍କ ଟ୍ରେନର ଗୌରବ ଓ ଉତ୍ତରାଖଣ୍ଡର ୧୫ ବର୍ଷୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଖେଳାଳି ନିଶ୍ଚଲ ଚାନ୍ଦ ମଧ୍ୟ ଯାଇଛନ୍ତି। ସେଠାରେ ଏକ ସପ୍ତାହ ରହଣି ବେଳେ ସେ ଚାନ୍ଦଙ୍କ ସହିତ ଖେଳ ଅଭ୍ୟାସ କରିବେ। ଶାରୀରିକ ଦୃଷ୍ଟିକୋଣରୁ ଜଣେ କେତେ ଶକ୍ତିଶାଳୀ ତାହା ମୂଲ୍ୟାୟନ କରିବା ଲାଗି ବହୁ ଏଲିଟ୍ ଆଥ୍‌ଲେଟ ଅଷ୍ଟ୍ରିଆ ଗସ୍ତ କରିଥାନ୍ତି। ପୂର୍ବରୁ ସେ ଭାରତରେ ତାଙ୍କ ଇଞ୍ଜୁରୀ ସମସ୍ୟା ନେଇ ଡାକ୍ତର ଦିନେଶ ପର୍ଡିୱାଲାଙ୍କ ସହ ପରାମର୍ଶ କରିଥିଲେ।

# ରାଧାଗୋବିନ୍ଦ, ରୋଭର୍ସ ବିଜୟୀ

**ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ପ୍ରଥମ ଡିଭିଜନ ଲିଗ୍‌ର ୨ଟି ମ୍ୟାଚ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ରାଧାଗୋବିନ୍ଦ ଓ ରୋଭର୍ସ କ୍ଲବ ବିଜୟ ହାସଲ କରିଛି। ରାଧାଗୋବିନ୍ଦ ୫-୧ ଗୋଲରେ ଆଜାଦ ହିନ୍ଦ୍ କ୍ଲବକୁ ପରାସ୍ତ କରିଛି। ରାଧାଗୋବିନ୍ଦ ପକ୍ଷରୁ ଅନିଲ ସ୍ୱାଇଁ ୨ଟି ଏବଂ ପ୍ରତ୍ୟୁଷ ଡିଗଲ ଓ ଶୁଭ୍ରଜିତ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିପକ୍ଷ ଦଳର ବଦଳ ଖେଳାଳି ପପୁ କୁମୁରା ଗୋଟିଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଆଜାଦ ହିନ୍ଦ୍ ପକ୍ଷରୁ ସଦାନନ୍ଦ କୁମୁରା ୫ମ ମିନିଟରେ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଅନ୍ୟଏକ ମ୍ୟାଚରେ ରୋଭର୍ସ କ୍ଲବ ୨-୦ରେ ରାଇଜିଂ ଷ୍ଟାର କ୍ଲବକୁ ହରାଇ ଦେଇଛି। ରାଇଜିଂ ଷ୍ଟାର ପକ୍ଷରୁ ସେକ୍ ଇଞ୍ଜାମୁଲ୍ ହକ୍ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିବାବେଳେ ମିଡ୍‌ଫିଲ୍‌ଡର ସୁବି ଗୋଟିଏ ଗୋଲ ସ୍କୋର କରିଥିଲେ। ୟଙ୍ଗ ଉତ୍କଳ କ୍ଲବ ଅନୁପସ୍ଥିତ ରହିବାରୁ ରାଧାରମଣ କ୍ଲବ ୱାକ୍‌ଓଭର ପାଇଥିଲା। ଫଳରେ ରାଧାରମଣକୁ ୩ ପଏଣ୍ଟ ଓ ୩ ଗୋଲ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଡିଭିଜନ୍ ଲିଗ୍‌ରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାଏଏଫ୍‌ସି ୬-୦ ଗୋଲରେ ସର୍ଭୋଳ କ୍ଲବକୁ ଏବଂ ଉଦୟ କ୍ଲବ ୨-୧ରେ ଓଜିପି କ୍ଲବକୁ ହରାଇ ଦେଇଛି।

**ଫାଓ ଲିଗ୍**

# 'ସିନ୍ଧୁଙ୍କ ଭଳି ତନ୍‌ଭି ପ୍ରତିଭାବାନ୍'

**ନୂଆଦିଲ୍ଲୀ, ୨୫।୮ (ପି.ଟି.)**

ଚାଇନାର ଚେଙ୍ଗଡୁଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ବାଳିକା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ଭାରତରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ତନଭି ପତ୍ରୀ। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ସଂଘର୍ଷ କରିଥିବାବେଳେ ତନଭିଙ୍କ ଏହି ସଫଳତା ଅନେକ ସମ୍ଭାବନା ସୃଷ୍ଟି କରିଛି। ସବୁଠାରୁ ବଡ଼କଥା ହେଲା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ସେ ଗୋଟିଏ ହେଲେ ଗେମ୍ ହାରି ନ ଥିଲେ। ତନଭି ଜଣେ ଉଚ୍ଚ ପ୍ରତିଭାସମ୍ପନ୍ନ ଖେଳାଳି ବୋଲି ପିପିବିଏ ନିର୍ଦ୍ଦେଶକ ବିମଲ କୁମାର ଅନୁଭବ କରୁଛନ୍ତି। ଏପରି କି ତାଙ୍କଠାରେ ପି.ଭି. ସିନ୍ଧୁଙ୍କ ଭଳି ପ୍ରତିଭା ରହିଥିବା ସେ ପ୍ରକାଶ କରିଛନ୍ତି। ''ତନଭି ୮ କିମ୍ବା ୯ ବର୍ଷର ହୋଇଥିବାବେଳେ ଭାରତ ଆସି ଏକାଡେମୀରେ ଯୋଗଦେଇଥିଲେ। ସିନ୍ଧୁ ଯୁବାବସ୍ଥାରେ ଯେପରି ଖେଳୁଥିଲେ ତନଭି ସେପରି ପ୍ରଦର୍ଶନ କରୁଛନ୍ତି। ତେଣୁ ସେ ମୋତେ ସିନ୍ଧୁଙ୍କୁ ମନେପକାଇ ଦେଇଛନ୍ତି। ଯୁବ ବୟସରୁ ମ୍ୟାଚ୍ ଜିତିବାର ଅଭିଳାଷ ବହୁତ ଭଲ ସଙ୍କେତ। ତେବେ ସେ ବହୁ ବାଟ ଯିବାର ଅଛି। ତାଙ୍କ ନିକଟରେ ସେଭଳି ଟେମ୍ପରାମେଣ୍ଟ ଓ ପ୍ରତିଭା ରହିଛି'' ବୋଲି ବିମଲ ପ୍ରକାଶ କରିଛନ୍ତି। ନିଜ ଏଜ୍ ଗ୍ରୁପ୍‌ଠାରୁ ସେ ବହୁ ଆଗକୁ ଯାଇଛନ୍ତି। ଗତ ୬ ମାସ ମଧ୍ୟରେ ସେ ୧୭ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ଜାତୀୟ ଚାମ୍ପିୟନଶିପ୍ ଫାଇନାଲିଷ୍ଟ ତନଭି ଶର୍ମାଙ୍କ ପରି ଅନେକ ସିନିୟର ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ସେ ଯଦି ନିଜ ଶକ୍ତିରେ ଉନ୍ନତି ଆଣି କ୍ରମାଗତ ଭଲ ପ୍ରଦର୍ଶନ କରିଚାଲିବେ ତେବେ ୨୦୨୮ କିମ୍ବା ୨୦୩୨ ଅଲିମ୍ପିକ୍ସ ପାଇଁ ପ୍ରବଳ ଦାବିଦାର ହୋଇପାରିବେ ବୋଲି ବିମଲ କହିଛନ୍ତି। ''ଟାଇଟଲ ଜିତିବା ପରେ ମୁଁ ଖୁବ୍ ଖୁସି ଅନୁଭବ କରୁଛି। ଚାମ୍ପିୟନ ହେବାପାଇଁ ମୁଁ ଆଶାବାଦୀ ଥିଲି। ତାହା କରିପାରିଥିବାରୁ ଖୁବ୍ ଖୁସୀ। ଗତ ୨ ବର୍ଷ ଧରି ମୁଁ ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମୀ (ପିପିବିଏ)ରେ ଟ୍ରେନିଂ ନେଉଛି'' ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ତନଭି।ତନଭି ବ୍ୟାଡ୍‌ମିଣ୍ଟନ ସହ ସ୍କେଟିଂକୁ ମଧ୍ୟ ଉପଭୋଗ କରିଥାନ୍ତି। ଚାଇନିଜ୍ କୋଚ୍ ଜିଆଙ୍ଗ ୟଙ୍ଗ୍ ଯି'ଙ୍କଠାରୁ ଟ୍ରେନିଂ ନେଇ ସେ ଚାଇନାରେ ୯ଟି ଟାଇଟଲ ହାସଲ କରିଛନ୍ତି। ଭାରତ ଫେରିବାପରେ ସେ ପିପିବିଏ ପକ୍ଷରୁ ଆୟୋଜିତ ଏକ କ୍ୟାମ୍ପରେ ଭଲ ପ୍ରଦର୍ଶନ କରି ଏକାଡେମୀ ପାଇଁ ଚୟନ ହୋଇଥିଲେ। ୨୦୨୨ ମାର୍ଚ୍ଚଠାରୁ ସେ ସେଠାରେ ଟ୍ରେନିଂ ନେଇ ଆସୁଛନ୍ତି।




ପୋଡିୟମରେ ସ୍ୱର୍ଣ୍ଣ ପଦକ ସହ ଓଡ଼ିଶାର ତନଭି ପତ୍ରୀ (ବାମରୁ ଦ୍ୱିତୀୟ)।

# ସୁନ୍ଦରଗଡ଼, ମୟୂରଭଞ୍ଜ ବିଜୟୀ

**ବରଗଡ଼/ସୋହେଲା ୨୫।୮, (ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ ପାତ୍ର)**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ପି.ସି. ବେହେରା ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତାର ରବିବାର ସୁନ୍ଦରଗଡ ଓ ରାଉରକେଲା ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ ଦଳ ୩-୦ ଗୋଲରେ ବିଜୟୀ ହୋଇଛି। ଦଳର ୧୦ ନମ୍ବର ଖେଳାଳି ସୋନିଆ ଏକ୍କା ଓ ୫ ନମ୍ବର ଖେଳାଳି ଜ୍ୟୋତ୍ସ୍ନା ଲାକ୍ରାଙ୍କ ଗୋଟିଏ ଲେଖାଏ ଗୋଲ ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲରେ ଆଗୁଆ ରହିଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ଦଳର ୨୦ ନମ୍ବର ଖେଳାଳି ରୂପଶ୍ରୀ ମୁଣ୍ଡାଙ୍କ ଗୋଲ ଫଳରେ ଦଳ ୩-୦ରେ ବିଜୟୀ ହୋଇଥିଲା। ଏହି ଖେଳକୁ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଞ୍ଜନ କୁଦେଇ ଓ ଶୁଭମ ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପିଙ୍କି ହଂସ। ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ଯୁଗ୍ମ ସମ୍ପାଦକ ତଥା ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଓଡ଼ିଶା କ୍ରୀଡ଼ା ସଂସଦ ଉପ ସଭାପତି ତଥା ସମ୍ବଲପୁର ଜିଲା କ୍ରୀଡ଼ା ସଂସଦ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଦଳର ୭ ନମ୍ବର ଖେଳାଳି ତୁଳସୀ ଟପ୍ପୋଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପ ସଭାପତି ରବି ପଣ୍ଡା, ଜିଲା କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, କାଉନ୍‌ସିଲ ସଦସ୍ୟ ପ୍ରଦୀପ ସାହୁ, ପ୍ରାକ୍ତନ ସମ୍ପାଦକ ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ବରଗଡ ଜୋନରେ ପ୍ରଥମ ମ୍ୟାଚ ଅପରାହ୍ନ ୨ଟା ସମୟରେ ଝାରସୁଗୁଡା ଓ ଭଦ୍ରକ ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚ୍ କେନ୍ଦ୍ରାପଡ଼ା ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ବରଗଡ଼ ଜିଲା ସୋହେଲା ଖେଳ ପଡିଆରେ ଚାଲିଥିବା ପି.ସି ବେହେରା ସିନିୟର ଆନ୍ତଃ ଜିଲା ଫୁଟବଲ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍‌ରେ ରବିବାର ମୟୂରଭଞ୍ଜ ଜିଲା ଏକାଦଶ ନବରଙ୍ଗପୁର ଏକାଦଶକୁ ୬-୦ ଗୋଲରେ ପରାଜିତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ମୟୂରଭଞ୍ଜ ଦଳ ୫ଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲା। ବିଜୟୀ ଦଳ ପକ୍ଷରୁ ଜବାମଣି ସୋରେନ ୪ଟି ଗୋଲ କରିଥିବା ବେଳେ ଡିଗି ମାଝୀ ଦୁଇଟି ଗୋଲ ଦେଇଥିଲେ। ମୟୂରଭଞ୍ଜ ଦଳର କୁଇଲୁ ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ ପ୍ରାରମ୍ଭରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ସମ୍ପାଦକ ସତ୍ୟନାରାୟଣ ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଫରି ବବଲି ଗଡ଼ନାୟକ, ଶୀତଳ ଗୁରୁଙ୍ଗ, ବୀଣାପାଣି ବିରୁଆ ଓ ଅଜୟ ପଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱରେ ଥିଲେ। ସୋମବାର ଓଡ଼ିଶା ପୋଲିସ ଏବଂ ନବରଙ୍ଗପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ସୋହେଲାରେ ମୁଖ୍ୟ ଅତିଥି ଖେଳାଳିଙ୍କ ସହିତ ପରିଚିତ ହେଉଛନ୍ତି।

**ଆନ୍ତଃ ଜିଲା ସିନିୟର ମହିଳା ପି.ସି ବେହେରା ଟ୍ରଫି ଫୁଟବଲ**



ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ରବିବାର ସୁନ୍ଦରଗଡ-ରାଉରକେଲା ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିମାନେ।

# ଭିଜାକୁ ନେଇ ଅଭିଯୋଗ କଲା ପାକିସ୍ତାନ

**କରାଚୀ, ୨୫।୮ (ପି.ଟି.)**

ଟେସ୍ ଶନିବାର ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ୧୮ ବର୍ଷରୁ କମ୍ ଓ ୨୧ ବର୍ଷରୁ କମ୍ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ପାକିସ୍ତାନ ଦଳକୁ ଭାରତୀୟ ହାଇକମିଶନ ଭିଜା ପ୍ରଦାନ କରୁନାହିଁ। ପାକିସ୍ତାନ ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏଶନ (ପିବିଏସ୍‌ଏ) ଏନେଇ ଖେଳର ବିଶ୍ୱ ପରିଚାଳନା ପରିଷଦ ଆଇବିଏସ୍‌ଏଫ୍ (ଇଣ୍ଟରନ୍ୟାଶନାଲ ବିଲିୟାର୍ଡ୍ସ ଓ ସ୍ନୁକର ମହାସଂଘ) ଏବଂ ଆୟୋଜକଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ କରିଛି। ପିବିଏସ୍‌ଏର ଜଣେ ଟପ୍ ଅଫିସିଆଲଙ୍କ କହିବା ଅନୁସାରେ ସେମାନଙ୍କର ୩ଜଣ ଖେଳାଳି ଏହସାନ ରମଜାନ, ହସନେନ୍ ଅଖତର ଓ ହାମଜା ଇଲିଆନଙ୍କୁ ଭିଜା ମିଳି ନାହିଁ। ଆମ ସରକାର ଏବଂ ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ପାଇବା ପରେ ଆମେ ଇଣ୍ଡିଆନ ହାଇକମିଶନରଙ୍କ ନିକଟରେ ଭିଜା ପାଇଁ ଆବେଦନ କରିଥିଲୁ। କିନ୍ତୁ ସେମାନେ ଭିଜା ପ୍ରଦାନ କରୁ ନ ଥିବାରୁ ଆମ ଖେଳାଳିମାନେ ବେଙ୍ଗାଲୁରୁ ଯାଇପାରୁ ନାହାନ୍ତି ବୋଲି ଆଲମଗିରି ଶେଖ ପ୍ରକାଶ କରିଛନ୍ତି। ଏହି ୩ ଜଣ ଖେଳାଳି ନିକଟରେ ଭଲ ଖେଳିଛନ୍ତି। ବିଶ୍ୱ ଇଭେଣ୍ଟଗୁଡ଼ିକରେ ସେମାନଙ୍କ ପାଇଁ ଭଲ ସୁଯୋଗ ରହିଛି। ଆଇବିଏସ୍‌ଏଫ୍ ଦ୍ୱାରା ମନୋନୀତ ଆମର ଜଣେ ରେଫରି ନାଭିଦ କାପାଡ଼ିଆ ଭିଜା ପାଇ ନ ଥିବାରୁ ବେଙ୍ଗାଲୁରୁ ଯାଇ ପାରି ନାହାନ୍ତି ବୋଲି ଶେଖ କହିଛନ୍ତି। ପିବିଏସ୍‌ଏ ଏହି ବିଷୟରେ ଆଇବିଏସ୍‌ଏଫ୍ ଏବଂ ଭାରତୀୟ ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏଶନର ଦୃଷ୍ଟି ଆକର୍ଷଣ କରିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ